(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୩୦/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 30/2023 | Page 20 | ₹ 7.00

୪୯ଶ ଭାଗ ୧୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 155 | ମୂଲ୍ୟ₹୭/-



## ସଂକ୍ଷେପରେ

### ପଡ଼ୋଶୀଙ୍କ ଗୁଳିମାଡ଼: ପରିବାରର ୫ ନିହତ

**ଅଷ୍ଟିନ୍,୨୯।୪:** ଆମେରିକାର ଟେକ୍ସାସ୍‌ରେ ଶନିବାର ଜଣେ ବନ୍ଧୁକଧାରୀ ନିଜ ପଡ଼ୋଶୀଙ୍କ ଘରକୁ ଯାଇ ଆଖିବୁଜା ଗୁଳି ଚଳାଇଛନ୍ତି। ଏଥିରେ ଜଣେ ୮ ବର୍ଷର ପିଲା ଓ ପରିବାରର ଅନ୍ୟ ୪ ଜଣଙ୍କ ମୃତ୍ୟୁ ଘଟିଛି। କ୍ଲିଭ୍‌ଲାଣ୍ଡର ୩୯ ବର୍ଷୀୟ ବନ୍ଧୁକଧାରୀ ଫ୍ରାନ୍ସିସ୍କୋ ଓରୋପେଜା ନିଜ ଅଗଣାରେ ରାତିସାରା ଗୁଳି ଚଳାଇଥିବାରୁ ପଡ଼ୋଶୀ ଶୋଇପାରି ନ ଥିଲେ। ତେଣୁ ଏଥିରୁ କ୍ଷାନ୍ତ ରହିବାକୁ ତାଙ୍କୁ କହିଥିଲେ। ଫ୍ରାନ୍ସିସ୍କୋ ଏଥିରେ ଉତ୍ୟକ୍ତ ହୋଇ ଏକ ଏଆର୍-ଷ୍ଟାଇଲ୍ ରାଇଫଲରେ ପଡ଼ୋଶୀ ଘରର ୫ ଜଣଙ୍କୁ ହତ୍ୟା କରିଛନ୍ତି। ସେ ଗୁଳି ଚଳାଇବାବେଳେ ଘରେ ୧୦ ଜଣ ଥିଲେ। ତେବେ ଏହି ଆକ୍ରମଣରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି।

### ସେନା ଆମ୍ବୁଲାନ୍ସ ଖାତକୁ ଖସି ୨ ଯବାନ ମୃତ

**ରାଜୌରୀ,୨୯।୪:** ଜମ୍ମୁ-କଶ୍ମୀରରେ ଗତ ୨୦ ତାରିଖରେ ଆତଙ୍କବାଦୀ ଆକ୍ରମଣରେ ୫ ଯବାନ ଶହୀଦ ହୋଇଥିଲେ। ଶନିବାର ରାଜୌରୀରେ ସେନାର ଏକ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଖାତକୁ ଖସିପଡ଼ିବାରୁ ୨ ଯବାନ ପ୍ରାଣ ହରାଇଛନ୍ତି। ନିୟନ୍ତ୍ରଣ ରେଖା ନିକଟ ଡୁଙ୍ଗି ଗାଲାଠାରେ ଏହି ଦୁର୍ଘଟଣା ଘଟିଛି। ଏକ ତୀଖ ବୁଲାଣିକୁ ଅତିକ୍ରମ କରୁଥିବାବେଳେ ଡ୍ରାଇଭର ଆମ୍ବୁଲାନ୍ସ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଏହି ଦୁର୍ଘଟଣାରେ ଡ୍ରାଇଭର ଓ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମୃତଦେହ ଖାତରୁ ମିଳିଛି।

### ମଣିପୁର ଚୁରାଚାନ୍ଦପୁରରେ ଲାଗିଲା ରାତ୍ରି କର୍ଫ୍ୟୁ

**ଇମ୍ଫାଲ,୨୯।୪(ପି.ଟି.):** ମଣିପୁରର ଚୁରାଚାନ୍ଦପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ଭଙ୍ଗାରୁଜା ଓ ମଞ୍ଚ ପୋଡ଼ିଦେବା ଘଟଣାରେ ଉତ୍ତେଜନା ଲାଗି ରହିଛି। ଦୁର୍ବୃତ୍ତମାନେ ବନ ବିଭାଗ ବିଲ୍ଡିଂରେ ନିଆଁ ଲଗାଇଦେଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଶନିବାରଠାରୁ ଜିଲାରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହୋଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସନ୍ଧ୍ୟା ୫ରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ। ଏଥିସହିତ ପୂର୍ବରୁ ଲାଗୁ ହୋଇଥିବା ୧୪୪ ଧାରା ବଳବତ୍ତର ରହିବା ସହ ଇଣ୍ଟରନେଟ୍ ସେବା ବନ୍ଦ ରହିବ। ଉତ୍ୟକ୍ତ ଲୋକେ ଶୁକ୍ରବାର ମଧରାତ୍ରରେ ତୁଇବୋଙ୍ଗ ଅଞ୍ଚଳରେ ଥିବା ରେଞ୍ଜ୍ ଫରେଷ୍ଟ ଅଫିସରଙ୍କ ଅଫିସ ବିଲ୍ଡିଂକୁ ଜାଳିଦେଇଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତି ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜଳିଯାଇ ନଷ୍ଟ ହୋଇଛି। ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଗ୍ରାମବାସୀଙ୍କୁ ଉଚ୍ଛେଦ ଅଭିଯାନକୁ ବିରୋଧ କରି କିଛି ମାସ ହେଲା ସ୍ଥାନୀୟ ଆଦିବାସୀ ଆନ୍ଦୋଳନ ଚଳାଇଛନ୍ତି।

### ଦାନ୍ତେୱାଡ଼ାରେ ୨ ମାସ ପୂର୍ବରୁ ବିସ୍ଫୋରକ ଖଞ୍ଜା ହୋଇଥିଲା

**ରାୟପୁର,୨୯।୪:** ଛତିଶଗଡ଼ର ଦାନ୍ତେୱାଡ଼ାରେ ଗତ ୨୬ ତାରିଖରେ ମାଓବାଦୀଙ୍କ ବିସ୍ଫୋରଣରେ ୧୦ ଯବାନ ଶହୀଦ ହୋଇଥିଲେ। ଆରନପୁର-ଦାନ୍ତେୱାଡ଼ା ରାସ୍ତାର ଆରନପୁରଠାରେ ଦୁଇମାସ ପୂର୍ବରୁ ବିସ୍ଫୋରକ (ଆଇଇଡି) ଖଞ୍ଜା ହୋଇଥିଲା ବୋଲି ଛତିଶଗଡ଼ ପୋଲିସ କହିଛି। ତେବେ ରାସ୍ତା ସଫା କରିବା ପାଇଁ ଡିମାଇନିଂ ବେଳେ ଏହାକୁ ଚିହ୍ନଟ କରାଯାଇପାରି ନ ଥିଲା। ଦୁଇ ବର୍ଷ ମଧରେ ଏହା ସବୁଠୁ ଭୟାବହ ବିସ୍ଫୋରଣ। ତେବେ ଡିମାଇନିଂ ବେଳେ ବିସ୍ଫୋରକ କିପରି ଚିହ୍ନଟ ହୋଇପାରିଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ୪୦ରୁ ୫୦ କେ.ଜି.ର ଆଇଇଡି ଅଧିକ ଗଭୀରରେ ପୋତା ହୋଇଥିବାରୁ ଚିହ୍ନଟ ହୋଇପାରି ନ ଥିଲା ବୋଲି ବସ୍ତର ପୋଲିସ ଆଇଜି ପି. ସୁନ୍ଦରରାଜ କହିଛନ୍ତି।


ମିଶନ ସୁଦାନରେ ନିୟୋଜିତ ଜର୍ମାନୀ ଏୟାରଫୋର୍ସର ୪ ଏୟାରବସ୍ ଏ୪୦୦ଏମ୍ ପରିବହନ ବିମାନ ଜର୍ମାନୀର ୱୁନ୍‌ଷ୍ଟୋର୍ଫ ବାୟୁସେନା ଘାଟିରେ ରହିଛି।

## ସୁଦାନରେ ସଂଘର୍ଷ ଜାରି

# ଫେରିଲେଣି ୨,୪୦୦ ଭାରତୀୟ

**ନୂଆଦିଲ୍ଲୀ,୨୯।୪**

ସୁଦାନରେ ସୈନ୍ୟବାହିନୀ ଓ ବିଦ୍ରୋହୀ ଅର୍ଦ୍ଧସାମରିକ ବାହିନୀ ମଧରେ ସଂଘର୍ଷ ଥମିବାର ନାଁ ନେଉନାହିଁ। ଶନିବାର ରାଜଧାନୀ ଖାର୍ତୁମ୍ ଓ ଅନ୍ୟ ସ୍ଥାନରେ ବିସ୍ଫୋରଣ ଓ ଗୁଳିଗୋଳା ମାଡ଼ ହୋଇଛି। ସଂଘର୍ଷ ମଧରେ ଭାରତ ସମେତ ବିଭିନ୍ନ ଦେଶ ସେମାନଙ୍କ ନାଗରିକମାନଙ୍କୁ ଉକ୍ତ ଆଫ୍ରିକୀୟ ଦେଶରୁ ଫେରାଇ ନେବାରେ ଲାଗିଛନ୍ତି। ଶନିବାର ସୁଦ୍ଧା ୨,୪୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଫେରାଇ ଅଣାଗଲାଣି। ବିଦେଶୀମାନଙ୍କୁ ଫେରାଇ ନେବା ଲାଗି ଅସ୍ତ୍ରବିରତି ରାଜିନାମାକୁ ଆଉ ୩ ଦିନ ବଢ଼ାଇବାକୁ ନିଷ୍ପତ୍ତି ହୋଇଥିଲେ ମଧ ପୁଣି ସଂଘର୍ଷ ଆରମ୍ଭ ହୋଇଛି। ତୁର୍କୀର ଏକ ଉଦ୍ଧାରକାରୀ ବିମାନ ୱାଡ଼ିସିଡ୍‌ନା ଏୟାରବେସ୍‌ରେ ଅବତରଣ ଉଦ୍ୟମ କରୁଥିବାବେଳେ ଏହାକୁ ଗୁଳି କରାଯାଇଛି। ଏହି ଗୁଳିକାଣ୍ଡ ପାଇଁ ସୁଦାନ ସେନା ଏବଂ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ପରସ୍ପରକୁ ଦାୟୀ କରିଛନ୍ତି। ସୁଦାନକୁ ନିୟନ୍ତ୍ରଣ କରିବା ଲାଗି ସୈନ୍ୟବାହିନୀର ଦୁଇଗୋଷ୍ଠୀ ମଧରେ ଗତ ୧୫ ତାରିଖରୁ ସଂଘର୍ଷ ଜାରି ରହିଛି। ଏହା ପଶ୍ଚିମରେ ଥିବା ଡାର୍‌ଫୁର ଅଞ୍ଚଳକୁ ବ୍ୟାପିଲାଣି। ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ୫୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜାତିସଂଘ କହିଛି।

# ମୁଖ୍‌ତାରଙ୍କୁ ୧୦, ଅଫ୍‌ଜଲଙ୍କୁ ୪ ବର୍ଷ ଜେଲ

## ୨୦୦୭ ଗ୍ୟାଙ୍ଗ୍‌ଷ୍ଟର ଆଇନ ମାମଲାରେ ଅନ୍‌ସାରି ଭ୍ରାତା ଦୋଷୀ

**ଲକ୍ଷ୍ନୌ,୨୯।୪**

ଉତ୍ତର ପ୍ରଦେଶର ଯୋଗୀ ଶାସନରେ ଗ୍ୟାଙ୍ଗ୍‌ଷ୍ଟରଙ୍କ ସୁଦିନ ଶେଷ ହୋଇଆସୁଛି। ଗ୍ୟାଙ୍ଗ୍‌ଷ୍ଟରରୁ ରାଜନେତା ସାଜିଥିବା ମୁଖ୍‌ତାର ଅନ୍‌ସାରି(୫୯) ଏକ ଅପହରଣ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲ ଦଣ୍ଡାଦେଶ ପାଇବା ପରେ ତାଙ୍କ ଭାଇ ତଥା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି ଅଫ୍‌ଜଲ ଅନ୍‌ସାରି(୬୯)ଙ୍କୁ ମଧ ୨୦୦୭ ଗ୍ୟାଙ୍ଗ୍‌ଷ୍ଟର ଆକ୍ଟ ମାମଲାରେ ୪ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି।

୨୦୦୫ ନଭେମ୍ବର ୨୯ରେ ଗାଜିପୁରରେ ଭାଜପା ବିଧାୟକ କ୍ରିଷ୍ଣାନନ୍ଦ ରାଏଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିଲା। ଏହି ଅଭିଯୋଗରେ ୨୦୦୭ ନଭେମ୍ବର ୨୨ରେ ମହମ୍ମଦାବାଦର କୋଟ୍‌ୱାଲି ଥାନାରେ ଗ୍ୟାଙ୍ଗ୍‌ଷ୍ଟର ଆଇନ ବଳରେ ମାମଲା ରୁଜୁ କରାଯାଇଥିଲା। ୨୦୨୨ ସେପ୍ଟେମ୍ବର ୨୩ରେ ଦୁଇଭାଇଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯାଇଥିଲା। ଫାଷ୍ଟ ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି କରିଥିବା ଅତିରିକ୍ତ ସେସନ୍ସ ଜଜ୍ ଦୁର୍ଗେଶ ଶନିବାର ମୁଖ୍‌ତାରଙ୍କୁ ୫ ଲକ୍ଷ ଓ ଅଫ୍‌ଜଲଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ମଧ ଦେଇଛନ୍ତି। ଗାଜିପୁର ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ଅଫ୍‌ଜଲଙ୍କୁ କୋର୍ଟରେ ହାଜର କରାଯାଇଥିବାବେଳେ ମୁଖ୍‌ତାର ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହୋଇଥିଲେ। ପରେ ଅଫ୍‌ଜଲଙ୍କୁ ହାଜତକୁ ନେଇ ଜେଲକୁ ପଠାଇ ଦିଆଯାଇଥିଲା। ମଉ ସଦର ନିର୍ବାଚନମଣ୍ଡଳୀରୁ ଲଗାତର ୫ ଥର ବିଧାୟକ ହୋଇଥିବା ମୁଖ୍‌ତାର ସମ୍ପ୍ରତି ବନ୍ଦା ଜେଲରେ ଅଛନ୍ତି। ସେ ୨୦୨୨ ବିଧାନସଭା ନିର୍ବାଚନ ଲଢ଼ି ନ ଥିଲେ। ତାଙ୍କ ପୁଅ ଅବ୍ବାସ୍ ଅନ୍‌ସାରି ସୁହେଲଦେବ ଭାରତୀୟ ସମାଜପାର୍ଟି ଟିକେଟରେ ଏହି ଆସନରେ ବିଜୟୀ ହୋଇଛନ୍ତି। ଅନ୍‌ସାରି ଭ୍ରାତା ଦୋଷୀ ସାବ୍ୟସ୍ତ ହେବା ପରେ କ୍ରିଷ୍ଣାନନ୍ଦଙ୍କ ସ୍ତ୍ରୀ ଅଲକା ରାଏ କହିଛନ୍ତି, ୟୁପିରେ ଗୁଣ୍ଡା ଓ ମାଫିଆଙ୍କ ଶାସନ ଶେଷ ହୋଇଛି। ନ୍ୟାୟପାଳିକା ଉପରେ ତାଙ୍କ ଆସ୍ଥା ରହିଛି। କ୍ରିଷ୍ଣାନନ୍ଦଙ୍କ ପୁତୁରା ଆନନ୍ଦ ରାଏ କୋର୍ଟ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ କୃତଜ୍ଞତା ଜଣାଇଛନ୍ତି।


ମୁଖ୍‌ତାର ଅନ୍‌ସାରି


ଅଫ୍‌ଜଲ ଅନ୍‌ସାରି

### ଅଫ୍‌ଜଲ ଅନ୍‌ସାରିଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହେବ

**ନୂଆଦିଲ୍ଲୀ,୨୯।୪:** ଭାଜପା ବିଧାୟକ କ୍ରିଷ୍ଣାନନ୍ଦ ରାଏଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୪ ବର୍ଷ ଜେଲ ଦଣ୍ଡାଦେଶ ପାଇବା ପରେ ବିଏସ୍‌ପି ଏମ୍‌ପି ଅଫ୍‌ଜଲ ଅନ୍‌ସାରି ଲୋକ ସଭା ସଦସ୍ୟତା ହରାଇବା ନିଶ୍ଚିତ ହୋଇଛି। ଜନ ପ୍ରତିନିଧି ଆଇନ ଅନୁସାରେ ସଂସଦ/ବିଧାନସଭାର କୌଣସି ସଦସ୍ୟ ୨ କିମ୍ବା ତଦୂର୍ଦ୍ଧ୍ୱ ବର୍ଷ ଜେଲ ଦଣ୍ଡାଦେଶ ପାଇଲେ ତାଙ୍କ ସଦସ୍ୟତା ସ୍ୱତଃ ରଦ୍ଦ ହୋଇଥାଏ। ୨୦୧୯ର 'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ଆପରାଧିକ ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ (କେରଳର ୱାୟନାଡ୍) ନିକଟରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇବା ପରେ ଏହି ଆଇନ ବଳରେ ଲୋକ ସଭାରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହା ପୂର୍ବରୁ ସମାଜବାଦୀ ପାର୍ଟିର ଆଜମ୍ ଖାନ୍ (ରାମପୁର) ଓ ତାଙ୍କ ପୁଅ ଅବ୍‌ଦୁଲ୍ଲା ଆଜମ୍ (ସୁଆର), ଭାଜପାର ବିକ୍ରମ ସାଇନି (ଖଟୌଲି-ମୁଜାଫରନଗର) ମଧ ଏହିଆଇନ ବଳରେ ଉତ୍ତରପ୍ରଦେଶ ବିଧାନସଭା ସଦସ୍ୟତା ହରାଇଥିଲେ।

### ଗଲ୍‌ୱାନ ଶହୀଦଙ୍କ ସ୍ତ୍ରୀ ହେଲେ ସେନା ଅଫିସର

**ଆର୍ଟିଲେରି ରେଜିମେଣ୍ଟରେ ୫ ମହିଳା ସେନା ଅଫିସର ସାମିଲ**

**ନୂଆଦିଲ୍ଲୀ,୨୯।୪**


ଲ୍ୟୁଟ୍‌ନାଣ୍ଟ ରେଖା ସିଂ

ଗଲ୍‌ୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହ ରକ୍ତାକ୍ତ ସଂଘର୍ଷ ବେଳେ ବୀରତ୍ୱର ସହ ଲଢ଼େଇ କରି ଜୀବନ ଦେଇଥିବା ନାଏକ୍ ଦୀପକ ସିଂଙ୍କ ସ୍ତ୍ରୀ ଲ୍ୟୁଟ୍‌ନାଣ୍ଟ ରେଖା ସିଂଙ୍କୁ ଶନିବାର ଭାରତୀୟ ସେନାରେ ସାମିଲ କରାଯାଇଛି। ଚେନ୍ନାଇର ଅଫସର୍ସ ଟ୍ରେନିଂ ଏକାଡେମୀ (ଓଟିଏ)ରେ ପ୍ରଶିକ୍ଷଣ ଶେଷ କରିବା ପରେ ସେ ସେନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ସେ ପୂର୍ବ ଲଦାଖର ପ୍ରକୃତି ନିୟନ୍ତ୍ରଣ ରେଖା (ଏଲ୍‌ଏସି)ର ଫ୍ରଣ୍ଟ ଲାଇନରେ ପୋଷ୍ଟିଂ ହୋଇଛନ୍ତି। ଏକ ଐତିହାସିକ ଘଟଣାକ୍ରମେ ଭାରତୀୟ ସେନା ଏହାର ଆର୍ଟିଲେରି ରେଜିମେଣ୍ଟରେ ୫ ମହିଳା ସେନା ଅଫିସରଙ୍କୁ ସାମିଲ କରିଛି। ସେମାନଙ୍କ ମଧ୍ୟରୁ ୩ ଜଣ ଚାଇନା ସୀମାବର୍ତ୍ତୀ ପ୍ରକୃତ ନିୟନ୍ତ୍ରଣ ରେଖାରେ ପୋଷ୍ଟିଂ ହୋଇଛନ୍ତି। ଓଟିଏରେ ତାଲିମ ଶେଷ କରିବା ପରେ ଲ୍ୟୁଟ୍‌ନାଣ୍ଟ ମେହକ ସାଇନି, ଲ୍ୟୁଟନାଣ୍ଟ ସାକ୍ଷୀ ଦୁବେ, ଲ୍ୟୁଟ୍‌ନାଣ୍ଟ ଅଦିତି ଯାଦବ, ଲ୍ୟୁଟ୍‌ନାଣ୍ଟ ପିଅସ୍ ମୁଦଗିଲ୍ ଏବଂ ଲ୍ୟୁଟ୍‌ନାଣ୍ଟ ଆକାଂକ୍ଷା ସୈନ୍ୟବାହିନୀର ଆର୍ଟିଲେରି ୟୁନିଟ୍‌ରେ ଯୋଗ ଦେଇଛନ୍ତି।

## ମାନହାନି ମାମଲା: ହାଇକୋର୍ଟରେ ରାହୁଲଙ୍କ ଆବେଦନର ଶୁଣାଣି

**ଅହମଦାବାଦ,୨୯।୪**

ମୋଦି ସାଙ୍ଗିଆ ମନ୍ତବ୍ୟକୁ ନେଇ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ରାହୁଲ ଗାନ୍ଧୀ ସୁରଟ ସେସନ୍ସ କୋର୍ଟଙ୍କ ରାୟକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶନିବାର ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି ଆରମ୍ଭ କରିଛନ୍ତି। ଯେଉଁ ଅଭିଯୋଗ ଆଧାରରେ ରାହୁଲଙ୍କୁ ସର୍ବାଧିକ ୨ ବର୍ଷ ଜେଲଦଣ୍ଡ ହୋଇଛି, ତାହା ଗୁରୁତର ଅଭିଯୋଗ ନୁହେଁ କି ଏହାକୁ ନୈତିକ ଅଧମତା କୁହାଯାଇପାରିବ ନାହିଁ ବୋଲି ତାଙ୍କ ଓକିଲ ଅଭିଷେକ ମନୁ ସିଂଘଭି ହାଇକୋର୍ଟଙ୍କୁ କହିବା ସହ ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ନିବେଦନ କରିଥିଲେ। ସିଂଘଭିଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ମେ' ୨କୁ ଧାର୍ଯ୍ୟ କରିଛନ୍ତି। ୨୬ ତାରିଖରେ ରାହୁଲଙ୍କ ଓକିଲ ଜଷ୍ଟିସ୍ ଗୀତା ଗୋପୀଙ୍କ ଖଣ୍ଡପୀଠରେ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ କରାଇଥିଲେ। ସେ ଶୁଣାଣିରୁ ଓହରିଯିବାରୁ ଜଷ୍ଟିସ୍ ହେମନ୍ତ ପ୍ରଚ୍ଛକଙ୍କ ଖଣ୍ଡପୀଠରେ ଶୁଣାଣି ହେଉଛି। ସୂଚନାଯୋଗ୍ୟ, ୨୦୧୯ର ମାନହାନି ମାମଲାରେ ସୁରଟର ମାଜିଷ୍ଟ୍ରେଟ୍ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡାଦେଶ ଦେବାରୁ ତାଙ୍କର ଲୋକ ସଭା ସଦସ୍ୟତା ରଦ୍ଦ ହୋଇଛି। ଏହାକୁ ସେ ସୁରଟ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ହେଁ ଅଦାଲତ ତଳକୋର୍ଟ ରାୟକୁ କାଏମ ରଖିଥିଲେ।



## ଗୋଦାମ ଭୁଶୁଡ଼ି ୨ ମୃତ

**ଠାଣେ,୨୯।୪**

ମହାରାଷ୍ଟ୍ରର ଠାଣେ ଜିଲା ଅନ୍ତର୍ଗତ ଭିୱନ୍ଦି ସହରରେ ଶନିବାର ଦୁଇମହଲା ଗୋଦାମ ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଅନ୍ୟୂନ ୧୦ରୁ ୧୫ ଜଣ ଗୋଦାମ ଭଗ୍ନାବଶେଷ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଅପରାହ୍ନ ୧ଟା ୪୫ରେ ଗୋଦାମଟି ଭୁଶୁଡ଼ି ପଡ଼ିଥିଲା। ଦୁଇ ମୃତଦେହକୁ ଭଗ୍ନାବଶେଷ ତଳୁ ବାହାର କରାଯାଇଛି। ମୃତକଙ୍କ ମଧରେ ଜଣେ ୪୦ ବର୍ଷୀୟ ପୁରୁଷ ଓ ଜଣେ ୨୬ ବର୍ଷୀୟା ମହିଳା ଅଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗୋଦାମ ଉପର ମହଲାରେ ୪ଟି ପରିବାର ରହୁଥିବାବେଳେ ତଳ ମହଲାରେ କେତେଜଣ ଶ୍ରମିକ କାର୍ଯ୍ୟ କରୁଥିଲେ ବୋଲି ଆଞ୍ଚଳିକ ବିପର୍ଯ୍ୟୟ ପରିଚାଳନା ସେଲ୍ ମୁଖ୍ୟ ଅବିନାଶ ସାୱନ୍ତ କହିଛନ୍ତି।

## 'ମନ୍ କୀ ବାତ୍'ର ୧୦୦ତମ ଅଧ୍ୟାୟ | ଜାତିସଂଘ ମୁଖ୍ୟାଳୟରେ ସିଧା ପ୍ରସାରଣ ହେବ

**ନୂଆଦିଲ୍ଲୀ,୨୯।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୦୦ତମ ଅଧ୍ୟାୟ ରବିବାର ପୂର୍ବାହ୍ନ ୧୧ଟାରେ ସାରା ଦେଶରେ ପ୍ରସାରିତ ହେବାକୁ ଯାଉଛି। କେବଳ ଭାରତରେ ନୁହେଁ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ମଧ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ, ଯାହା ଏକ ଐତିହାସିକ ଓ ଅଭୂତପୂର୍ବ ଘଟଣା। ଏହା ଜାତିସଂଘ ଟ୍ରଷ୍ଟିଶିପ୍ କାଉନସିଲ୍ ଚାମ୍ବରରେ ପ୍ରସାରିତ ହେବ। ନ୍ୟୁୟର୍କରେ ଥିବା ଭାରତର କନ୍‌ସୁଲେଟ୍ ଜେନେରାଲ ଏବଂ କମ୍ୟୁନିଟି ସଂଗଠନଗୁଡ଼ିକ ମଧ ଭାରତୀୟ ଆମେରିକୀୟମାନଙ୍କ ପାଇଁ 'ମନ୍ କୀ ବାତ୍'ର ୧୦୦ତମ ଅଧ୍ୟାୟର ପ୍ରସାରଣ କରିବେ।


ନରେନ୍ଦ୍ର ମୋଦି


ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭରତ କୁସ୍ତିଯୋଦ୍ଧାମାନଙ୍କ ଗହଣରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ।

## ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ଜଳିଗଲା କ୍ରିମିଆ ତୈଳ ଡିପୋ

**ମସ୍କୋ/କିଭ୍,୨୯।୪**

ରୁଷିଆ ଦଖଲରେ ଥିବା କ୍ରିମିଆର ଏକ ତୈଳ ଡିପୋରେ ଶନିବାର ୨ଟି ଡ୍ରୋନ୍ ଆକ୍ରମଣ ହୋଇଛି। ଡିପୋଟି ସମ୍ପୂର୍ଣ୍ଣ ଜଳିଯାଇଛି। ୟୁକ୍ରେନ୍ ପକ୍ଷରୁ ଏହି ଆକ୍ରମଣ କରାଯାଇଥିବା ରୁଷିଆ କହିଛି। ସେଭାଷ୍ଟୋପୋଲ୍‌ରେ ମସ୍କୋ ଦ୍ୱାରା ଅବସ୍ଥାପିତ ଗଭର୍ଣ୍ଣର ମିଖାଇଲ୍ ରାଜଭୋଜହାୟେଭ୍ ତୈଳ ଡିପୋ ଜଳୁଥିବାବେଳର ଭିଡିଓ ଏବଂ ଫଟୋକୁ ନିଜ ଟେଲିଗ୍ରାମ୍ ଚ୍ୟାନେଲରେ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ଶତ୍ରୁ ପକ୍ଷର ଦୁଇଟି ଡ୍ରୋନ୍ ଆକ୍ରମଣରେ ୪ଟି ତୈଳ ଟ୍ୟାଙ୍କ ଜଳିଯାଇଛି। ତୃତୀୟ ଡ୍ରୋନ୍‌କୁ ଆକାଶରୁ ଖସାଇ ଦିଆଯାଇଛି। ଆଉ ଏକ ଡ୍ରୋନ୍‌କୁ ରେଡିଓ-ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଡିଆକ୍ଟିଭେଟ୍ କରାଯାଇଥିବା ନେଇ କ୍ରିମିଆରେ ମସ୍କୋ ଦ୍ୱାରା ନିଯୁକ୍ତ ଗଭର୍ଣ୍ଣର ସର୍ଗେଇ ଆକ୍ସୟୋନୋଭ୍ ସୂଚନା ଦେଇଛନ୍ତି। ରୁଷୀୟ ସୈନ୍ୟମାନେ ୨୦ରୁ ଊର୍ଦ୍ଧ୍ୱ କ୍ରୁଜ୍ ମିଶାଇଲ ଓ ୨ଟି ଡ୍ରୋନ୍ ଆକ୍ରମଣ କରି ୨୩ ୟୁକ୍ରେନୀୟଙ୍କ ଜୀବନ ନେବା ପରେ ତୈଳ ଡିପୋକୁ ଟାର୍ଗେଟ କରାଯାଇଥିବାରୁ ଏଥିରେ କିଭ୍‌ର ହାତ ଥିବା ସନ୍ଦେହ କରାଯାଉଛି।

୨୦୧୪ରେ ରୁଷିଆ କ୍ରିମିଆକୁ ଦଖଲ କରିଥିଲା। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଚଳିତ ସପ୍ତାହରେ ଏକ ସାକ୍ଷାତ୍କାର ବେଳେ କ୍ରିମିଆ ଉପଦ୍ୱୀପକୁ ନିଜ ଦେଶ ଦଖଲକୁ ପୁଣି ଫେରାଇ ଅଣାଯିବ ବୋଲି କହିଥିଲେ।


ଡ୍ରୋନ୍ ଆକ୍ରମଣରେ ତୈଳ ଡିପୋ ଜଳୁଥିବାବେଳେ ଜଣେ ଅଗ୍ନିଶମ କର୍ମଚାରୀ ୱାକି ଟକିରେ କଥା ହେଉଛନ୍ତି।

# ପାଟନାରେ ବିରୋଧୀ ନେତାଙ୍କୁ ଏକାଠି କରିବେ ନୀତୀଶ

**ପାଟନା,୨୯।୪**

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ବିହାରରେ ବିରୋଧୀ ନେତାମାନଙ୍କ ବୈଠକ କରିବେ ବୋଲି ଶନିବାର ସୂଚନା ଦେଇଛନ୍ତି। କର୍ନାଟକ ବିଧାନସଭା ନିର୍ବାଚନ ଲାଗି ବହୁ ନେତା ସେଠାରେ ବ୍ୟସ୍ତ ଅଛନ୍ତି। ଉକ୍ତ ନିର୍ବାଚନ ଶେଷ ହେବା ପରେ ବିରୋଧୀ ନେତାମାନଙ୍କ ବୈଠକ ବସିବ। ବିରୋଧୀ ଦଳଗୁଡ଼ିକ ଏକତାକୁ ନେଇ ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ପାଇଁ ବିରୋଧୀ ଦଳଗୁଡ଼ିକର ମେଣ୍ଟ ଜରୁରୀ। ଏଥିପାଇଁ ସମସ୍ତ ବିରୋଧୀ ଦଳ ନେତା ଏକାଠି ବସି ଆଲୋଚନା କରିବାକୁ ହେବ ବୋଲି ନୀତୀଶ କହିଛନ୍ତି। ବୈଠକ କେଉଁଠି ହେବ ତାହା କର୍ନାଟକ ନିର୍ବାଚନ ପରେ ସ୍ଥିର ହେବ। ପାଟନାରେ ବୈଠକ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହେଲେ ସେଠାରେ ଆୟୋଜନ କରାଯିବ ବୋଲି ଜେଡିୟୁ ମୁଖ୍ୟ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ନୀତୀଶ ଓ ତାଙ୍କ ଡେପୁଟୀ ତେଜସ୍ୱୀ ଯାଦବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କୋଲକାତାରେ ଭେଟି ବିରୋଧୀ ଏକତା ସମ୍ପର୍କରେ ଆଲୋଚନା କରିଥିଲେ। ଲୋକ ସଭା ନିର୍ବାଚନ ପୂର୍ବରୁ ପାଟନାରେ ସବୁ ବିରୋଧୀ ନେତାଙ୍କୁ ଏକାଠି କରିବା ଲାଗି ମମତା ସେମାନଙ୍କୁ କହିଥିଲେ। ପରେ ନୀତୀଶ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଲକ୍ଷ୍ନୌରେ ଭେଟି ମେଣ୍ଟ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପୂର୍ବରୁ ନୀତୀଶ ଓ ତେଜସ୍ୱୀ ଏପ୍ରିଲ ୧୨ରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରିବିନ୍ଦ କେଜ୍‌ରିୱାଲଙ୍କ ସହ ମଧ୍ୟ ନୀତୀଶଙ୍କର ଆଲୋଚନା ହୋଇଥିଲା।


ନୀତୀଶ କୁମାର

### କର୍ନାଟକ ନିର୍ବାଚନ ପରେ ବୈଠକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୩୦/୨୦୨୩ | Bhubaneswar, Sunday, April 30/2023 | ପୃଷ୍ଠା-୧

# ଡାକ୍ତର ଅଭାବରୁ ଅବ୍ୟବସ୍ଥା

ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଉତ୍ତର ଓଡ଼ିଶାରେ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଅଧାରୁ ଅଧିକ ଡାକ୍ତର ଏବଂ ମେଡିକାଲ କର୍ମଚାରୀ ପଦବୀ ଖାଲିପଡ଼ିଛି। ଏହାର ଫାଇଦା ଉଠାଉଛନ୍ତି ଘରୋଇ ହସ୍ପିଟାଲ। ରୋଗୀ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଡାକ୍ତର ପଦବୀ ପୂରଣ ହୋଇପାରୁନାହିଁ। ସରକାରଙ୍କ ପକ୍ଷରୁ ନିଃଶୁଳ୍କ ସେବା ଓ ନିରାମୟ ଔଷଧ ଯୋଗାଇ ଦିଆଯାଉଥିଲେ ମଧ ଡାକ୍ତର ଅଭାବରୁ ରୋଗୀ ଉପକାର ପାଇପାରୁ ନାହାନ୍ତି। ଫଳରେ ସାମାନ୍ୟ ରୋଗ ହେଲେ ରୋଗୀଙ୍କୁ କଟକ, ଭୁବନେଶ୍ୱର କିମ୍ବା ଅନ୍ୟ ଘରୋଇ ହସ୍ପିଟାଲ ଯିବାକୁ ପଡ଼ୁଛି।

## ଉତ୍ତର ଓଡ଼ିଶା: ଲମ୍ବା ଛୁଟିରେ ଚିକିତ୍ସକ

**ଭଦ୍ରକ ଅଫିସ/ବାରିପଦା ଅଫିସ/ବାଲେଶ୍ୱର ଅଫିସ/କେନ୍ଦୁଝର(ସ୍ୱ.ପ୍ର.),୨୯।୪**

ଭଦ୍ରକ ଜିଲାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀର ୭୦ ପ୍ରତିଶତ ପଦବୀ ଖାଲି ପଡ଼ିଛି। ଯେଉଁମାନେ ଅଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ଲମ୍ବା ଛୁଟିରେ ଯାଇଥିବା ବେଳେ କେତେଜଣ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟସେବା। ଜିଲାର ଅଧିକାଂଶ ଡାକ୍ତରଖାନାରେ ମେଡିକାଲ ଇନ୍‌ଚାର୍ଜ ନାହାନ୍ତି।

ବିଜୟ କୁମାର ପ୍ରଧାନ ନାମକ ଜଣେ ରୋଗୀ କହିଛନ୍ତି ଯେ, ତାଙ୍କର ପେଟ ଯନ୍ତ୍ରଣା ହେଉଥିଲା। ସେ ଗତ ୨୫ ତାରିଖ ରାତିରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ନ ଥିବା ଜାଣିବାକୁ ପାଇଥିଲେ। ଏଥିପାଇଁ ସେ ଦୀର୍ଘ ସମୟ ଅପେକ୍ଷା କରିଥିଲେ, ଯାହାକି ତାଙ୍କର ରୋଗ ଯନ୍ତ୍ରଣାକୁ ବଢ଼ାଇ ଦେଇଥିଲା। ☞ପୃଷ୍ଠା-୨

# ପ୍ରିୟଙ୍କା ସର ଓଡ଼ିଶା ଟପ୍ପର

### ଜେଇଇ ମେନ୍-୨ ଫଳ ପ୍ରକାଶ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ସେସନ-୨ ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ସର୍ବଭାରତୀୟ ସ୍ତରରେ ୪୩ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୯୯.୯୮ ପର୍ସେଣ୍ଟାଇଲ୍ ସହ ପ୍ରିୟଙ୍କା ସର ଓଡ଼ିଶା ଟପ୍ପର ହୋଇଛନ୍ତି। ତାଙ୍କର ସର୍ବଭାରତୀୟ ର୍ୟାଙ୍କ୍ ୨୪୩ ରହିଛି। ପଦାର୍ଥ ବିଜ୍ଞାନ ଓ ଗଣିତରେ ସେ ୧୦୦ ପର୍ସେଣ୍ଟାଇଲ୍ ରଖିଛନ୍ତି। ☞ପୃଷ୍ଠା-୨


ପ୍ରିୟଙ୍କା ସର

**ଆଜିର ସମ୍ପାଦକୀୟ** ଛଳନାତ୍ମକ ସ୍ୱଭାବ









**ଆଜିର ମନ୍ତବ୍ୟ**

ମହିଳା କୁସ୍ତିଯୋଦ୍ଧାମାନେ ମେଡାଲ ଆଣି ଭାରତକୁ ଗୌରବାନ୍ୱିତ କରିଛନ୍ତି। ଅଭିଯୁକ୍ତ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ସେ ଦଣ୍ଡିତ ହେବା ଏବଂ ଆମ ଝିଅମାନେ ନ୍ୟାୟ ପାଇବା ଜରୁରୀ। **-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ମୁଣ୍ଡେ ପାଟ ଫୁଲି**
**ଘୋଡ଼ା ଯାଇଥିଲା ବଜାର ବୁଲି**
**ଆସୁଥିଲା ଝୁଲି ଝୁଲି।**

ରାଜା ଘରର ଘୋଡାର ଠାଣି ମାଣି ନ କହିଲେ ନ ସରେ। ରାଜାଙ୍କ ଘୋଡା ବୋଲି ମନରେ ଗର୍ବ କାହିଁରେ କେତେ। ପରୋକ୍ଷରେ ଅୟସରେ ଦିନ ବିତାଉଥିବା ବେପରୁଆ ଯୁବକ ପ୍ରତି ଏଭଳି ଆକ୍ଷେପ ଭରା ଉକ୍ତି ପ୍ରକାଶ କରାଯାଇଛି।

**ଘୋଡା ଛଅ ଟଙ୍କାକୁ**
**ଦାନା ନଅ ଟଙ୍କା।**

ଜିନିଷର ଦାମ ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକ। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଳିଯିବା ବା ଢେର ଅଧିକ ହୋଇଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



କନ୍ଧମାଳ ଜିଲା ଜି.ଉଦୟଗିରିରେ ଶନିବାର ଦୁଇ ଘଣ୍ଟା ଧରି ହୋଇଥିବା କୁଆପଥର ବର୍ଷା।

# ଅବସରର ଦିନକ ପୂର୍ବରୁ ନିଲମ୍ବିତ

**କୁଜଙ୍ଗ,୨୯।୪(ଡି.ଏନ୍.ଏ)**

■ **ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ମହଙ୍ଗା ପଡ଼ିଲା**
■ **ପ୍ରଧାନ ଶିକ୍ଷକ, ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ କରିବା ପ୍ରଧାନ ଶିକ୍ଷକ ଓ ପ୍ରାଥମିକ ଶିକ୍ଷକଙ୍କ ପାଇଁ ମହାଙ୍ଗା ସାବ୍ୟସ୍ତ ହୋଇଛି। ଏହି ଅଭିଯୋଗରେ ଉଭୟ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦ ଓ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ପ୍ରାଥମିକ ଶିକ୍ଷକ ଶତ୍ରୁଘନ ପ୍ରଧାନ। ଚାକିରିରୁ ଅବସର ନେବାର ଦିନକ ପୂର୍ବରୁ ନନ୍ଦଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣା ଜଗତ୍‌ସିଂହପୁର ଜିଲା କୁଜଙ୍ଗସ୍ଥିତ ବିବି ହାଇସ୍କୁଲରେ ଘଟିଛି। ଗତ ୨୭ ତାରିଖରେ ବିଦ୍ୟାଳୟ ଛୁଟିଥିବାବେଳେ ଉଭୟ ଶିକ୍ଷକ ବିଦ୍ୟାଳୟରେ ଗଚ୍ଛିତ ଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ଅନ୍ୟତ୍ର ପଠାଉଥିଲେ। ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷୟିତ୍ରୀ ଏହା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ନନ୍ଦ ଓ ପ୍ରଧାନଙ୍କୁ ଥାନାକୁ ନେଇ ପଚରାଉଚରା କରି ଗିରଫ କରିବା ପରେ ଜାମିନରେ ଛାଡ଼ିଥିଲା। ଶନିବାର ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଉଭୟ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ୩୦ ତାରିଖ ରବିବାର ନନ୍ଦ ଚାକିରୀରୁ ଅବସର ନେଇଥାନ୍ତେ। ଏହାର ଦିନକ ପୂର୍ବରୁ ନିଲମ୍ବନ କରାଯିବା ଚର୍ଚ୍ଚାର ବିଷୟ ପାଲଟିଛି।

# ଇଭି ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ ରାଶି ୨୦୨୧ ସେପ୍ଟେମ୍ବର ୨ରୁ ଲାଗୁହେବ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ଇଲେକ୍ଟ୍ରିକ୍ ଯାନ ନିର୍ମାତା, ଗ୍ରାହକ ଏବଂ ଚାର୍ଜିଂ ସୁବିଧା ପ୍ରଦାନ କରୁଥିବା ବିଭିନ୍ନ ଅଂଶୀଦାରମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଇଲେକ୍ଟ୍ରିକ୍ ଯାନ ନୀତି-୨୦୨୧ କାର୍ଯ୍ୟକାରୀ କରିଛନ୍ତି । ଏହି ନୀତି ୨୦୨୧ ସେପ୍ଟେମ୍ବର ୨ରୁ କାର୍ଯ୍ୟକାରୀ ହେଉଛି। ଏହି ନୀତିରେ ୨୦୨୫ ଡିସେମ୍ବର ସୁଦ୍ଧା ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ହାଲୁକା ଇଲେକ୍ଟ୍ରିକ୍ ଯାନକୁ ପ୍ରୋତ୍ସାହନ ଦେଇ ରାଜ୍ୟରେ ବ୍ୟବହୃତ ସମୁଦାୟ ଯାନର ୨୦% ଇଲେକ୍ଟ୍ରିକ୍ ଯାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରୋତ୍ସାହନ ରାଶିକୁ ଦୁଇଚକିଆ ଯାନ ପାଇଁ ୫ ହଜାର ଟଙ୍କାରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ସେହିପରି ତିନିଚକିଆ ଯାନ ନିମନ୍ତେ ପୂର୍ବରୁ ଥିବା ୧୦ ହଜାର ଟଙ୍କାରୁ ୩୦ହଜାର ଟଙ୍କା ଏବଂ ଚାରିଚକିଆ ହାଲୁକା ଯାନ ନିମନ୍ତେ ପ୍ରୋତ୍ସାହନ ରାଶି ୫୦ ହଜାର ଟଙ୍କାରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ପ୍ରୋତ୍ସାହନ ସୁବିଧା ନୀତି ବିଜ୍ଞପିତ ହେବା ଦିନ ଅର୍ଥାତ୍ ୨୦୨୧ ସେପ୍ଟେମ୍ବର ୨ ତାରିଖଠାରୁ ଲାଗୁ କରାଯାଇଛି ଏବଂ ଏହା ୨୦୨୫ ଡିସେମ୍ବର ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ନୀତି ବିଜ୍ଞପିତ ହେବାଠାରୁ ଇଲେକ୍ଟ୍ରିକ୍ ଯାନ କ୍ରୟ କରିଥିବା ସମସ୍ତ ଗ୍ରାହକ ଏହି ବର୍ଦ୍ଧିତ ପ୍ରୋତ୍ସାହନର ସୁବିଧା ପାଇପାରିବେ। ଏହି ନୀତି ସଂଶୋଧନ ହେବା ପୂର୍ବରୁ ଯେଉଁମାନେ ଇଲେକ୍ଟ୍ରିକ୍ ଯାନ କ୍ରୟ କରିଛନ୍ତି, ସେମାନେ https://odtransport-mis.nic.in/EVCell ପୋର୍ଟାଲରେ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କଲେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରୋତ୍ସାହନ ରାଶି ପଠାଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଚାର୍ଜିଂସେଣ୍ଟରଗୁଡ଼ିକୁ ଅଣପାରମ୍ପରିକ ଶକ୍ତି ଦ୍ୱାରା ପରିଚାଳିତ କରିବା ନିମନ୍ତେ ଶକ୍ତି ବିଭାଗ ଏବଂ ଓରେଡା ସହ ଆଲୋଚନା ଜାରି ରହିଛି।

# ୪ଜଣଙ୍କୁ ଆଜୀବନ କାରାଦଣ୍ଡ

**ନୟାଗଡ଼ ଅଫିସ,୨୯।୪**

**ପ୍ରଫୁଲ୍ଲ ହତ୍ୟା ମାମଲା**

ନୟାଗଡ଼ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଇଟାମାଟି ଥାନା ପୁରୁଷୋତ୍ତମପୁରର ପ୍ରଫୁଲ୍ଲ ମହାନ୍ତି ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଜଜ ଲିଲି ସେନାପତି ଏହାର ବିଚାର କରି ପ୍ରଶାନ୍ତ ମଣ୍ଡଳ, ନିତ୍ୟାନନ୍ଦ ସାହୁ, ଶିବ କର, ଆନନ୍ଦ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ବସନ୍ତ ସାହୁ, ନିରଞ୍ଜନ ମଣ୍ଡଳ ଓ ରମାମଣି ଜେନା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୩ ଫେବୃୟାରୀ ୪ରେ ପୁରୁଷୋତ୍ତମପୁରରେ ପ୍ରଫୁଲ୍ଲ ମହାନ୍ତିଙ୍କୁ ହତ୍ୟା କରାଯାଇଥିଲା। ପ୍ରଫୁଲ୍ଲ ସ୍ଥାନୀୟ ମନ୍ଦିରରୁ ମିଲ୍‌କୁ ଫେରୁଥିବାବେଳେ ଖଣ୍ଡା, ବନ୍ଧୁକ, ଫାର୍ସା ଆଦି ମାରଣାସ୍ତ୍ର ଧରି ପୁରୁଷୋତ୍ତମପୁର ଗାଁର ସହଦେବ ମଣ୍ଡଳ, ନିରଞ୍ଜନ ଜେନା, ପ୍ରଶାନ୍ତ ମଣ୍ଡଳ, ନିତ୍ୟାନନ୍ଦ ସାହୁ, ଶିବ କର, ଆନନ୍ଦ ସାହୁ, ବସନ୍ତ ସାହୁ, ନିରଞ୍ଜନ ମଣ୍ଡଳ ଓ ରମାମଣି ଜେନା ମିଳିତ ଭାବେ ଆକ୍ରମଣ କରିଥିଲେ । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯାଇଥିଲେ । ସେ ମରିଯାଇଥିବା ଭାବି ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ପ୍ରଫୁଲ୍ଲଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ସେଦିନ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିଲା। ଅଭିଯୋଗ ପରେ ଇଟାମାଟି ଥାନା ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତମାନେ ଜାମିନରେ ଆସିଥିଲେ। ମାମଲା ବିଚାର ସମୟରେ ମୁଖ୍ୟ ଅଭିଯୁକ୍ତ ସହଦେବ ମଣ୍ଡଳ ଓ ନିରଞ୍ଜନ ଜେନାଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଓକିଲ ଅନୱର ମଲ୍ଲିକ ସୂଚନା ଦେଇଛନ୍ତି।

# ରେଳ ସାଇଡିଂରେ ପଡ଼ିଛି ଲକ୍ଷେରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଖଣିଜ

**ଯୋଡ଼ା,୨୯।୪(ଡି.ଏନ.ଏ.)**

■ **ବର୍ଷାରେ ଅଧା ନଷ୍ଟ ହୋଇଗଲାଣି**
■ **ଦିନ ହିସାବରେ ଭଡ଼ା ମାଗୁଛି ରେଳ ମନ୍ତ୍ରଣାଳୟ**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ବିଭିନ୍ନ ରେଳ ସାଇଡିଂରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ୍ ଲୁହାପଥର ପଡ଼ିରହିଛି। ଏହା ପଡ଼ି ପଡ଼ି ନଷ୍ଟ ହେଉଥିବା ବେଳେ ରେଳ ମନ୍ତ୍ରଣାଳୟ ଦିନ ହିସାବରେ ଭଡ଼ା ମାଗୁଛି। ଫଳରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦିନର ଭଡ଼ା ପ୍ରଦାନ କରି ଖଣିଜ ଉଠାଇବା ପାଇଁ ବ୍ୟାପକ ଅର୍ଥ ଲାଗିବ। ତେଣୁ ଖଣିଜ ପରିବହନ କିପରି ହେବ, ଖଣି ବିଭାଗ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୯-୧୦ଆର୍ଥିକ ବର୍ଷରେ ବିପୁଳ ପରିମାଣର ଲୁହାପଥର ବିଭିନ୍ନ ରେଳ ସାଇଡ଼ିଂରେ ପରିବହନ ପାଇଁ ଗଚ୍ଛିତ ଥିଲା। ଜଷ୍ଟିସ ଏମ୍‌ବି ଶାହା କମିଶନ ଓ ପରବର୍ତ୍ତୀ ସମୟରେ ସେଣ୍ଟ୍ରାଲ ଏମ୍‌ପାୱାର୍ଡ କମିଟିର ଗସ୍ତ ବେଳେ ବିଭିନ୍ନ ନଥିପତ୍ର ଯାଞ୍ଚ ହୋଇଥିଲା। ଆବଶ୍ୟକ ଦସ୍ତାବିଜ ତୁରନ୍ତ ଦର୍ଶାଇବାରେ ବ୍ୟବସାୟୀମାନେ ଅସମର୍ଥ ହେବାରୁ ଏହା ପଡ଼ିରହିଥିଲା। ଏବେ ଏହି ଲୁହାପଥର ଦାବିଦାର ଆବଶ୍ୟକ ନଥିପତ୍ର ନେଇ ଉକ୍ତ ଖଣିଜକୁ ପରିବହନ କରିବା ପାଇଁ ଖଣି ବିଭାଗ ପାଖକୁ ଆସୁଥିଲେ ହେଁ ସମ୍ଭବ ହୋଇପାରୁନାହିଁ। ଏନେଇ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେଶ ଅଗ୍ରୱାଲା କହିଛନ୍ତି, ଯୋଡ଼ା ଖଣିମଣ୍ଡଳର ଅନେକ ରେଳସାଇଡିଂରେ ପ୍ରାୟ ଏକ ଲକ୍ଷ ମେଟ୍ରିକ୍ ଟନରୁ ଊର୍ଦ୍ଧ୍ୱ ଲୁହାପଥର ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ରେଳ ମନ୍ତ୍ରଣାଳୟ ଏଥିପାଇଁ ସ୍ଥାନର ଭଡ଼ା ଦାବି କରୁଛି। ଯାହାକି ବ୍ୟୟବହୁଳ ହେଉଥିବାରୁ ଉକ୍ତ ଖଣିଜ ପରିବହନ କରାଯାଇପାରୁନାହିଁ। ବର୍ଷା ଜଳରେ ବହୁ ପରିମାଣର ଲୁହା ପଥର ଭାସିଗଲାଣି। ଯାହାକି କେନ୍ଦ୍ର ସରକାରଙ୍କ ଆଇବିଏମ୍(ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ )ମିନେରାଲ କଞ୍ଜରଭେଶନ ଓ ଡେଭଲପମେଣ୍ଟ ନୀତିରେ ଅନିୟମିତତା ହେଉଛି। ଏହା ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ହରାଇବା ସହିତ ମୂଲ୍ୟବାନ ଖଣିଜ ନଷ୍ଟ ହେଉଛି। କିଛିକାଂଶରେ ଏହା ଚୋରି ହୋଇଯାଉଥିବା ମଧ୍ୟ ସୂଚନା ମିଳିଛି। ଖଣି ବିଷାରଦ ଜ୍ୟୋତି ରାଉତ କହିଛନ୍ତି, ରେଳ ମନ୍ତ୍ରଣାଳୟ, ଆଇବିଏମ୍ ଏବଂ ଖଣି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଖଣିଜ କିପରି ପରିବହନ ହୋଇପାରିବ, ଏ ନେଇ ଖଣି ବିଭାଗ ଉଦ୍ୟମ କରିବା ଉଚିତ। ଏ ସମ୍ପର୍କରେ ବାଂଶପାଣି ଷ୍ଟେଶନ ମ୍ୟାନେଜର ଦିବାକର ଚନ୍ଦ୍ର ମିଶ୍ର କହିଛନ୍ତି, ରେଳସାଇଡିଂରେ ଯେହେତୁ ଡମ୍ପ ଆଣ୍ଡ ଲୋଡିଂ ଅର୍ଥାତ ଖଣିରୁ ଟ୍ରକ୍‌ରେ ଖଣିଜ ରେଳ ସାଇଡିଂରେ ପଡ଼ିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ରେଳଡବାରେ ବୋଝେଇ କରିବାର ନିୟମ ରହିଛି, ଏଣୁ ରେଳସାଇଡିଂରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଖଣିଜ ଗଚ୍ଛିତ ହୋଇରହିଲେ ରେଳ ବିଭାଗ ପକ୍ଷରୁ ହୱାରଫେଜ ଲାଗିଥାଏ। ପ୍ରତିଦିନ ୱାଗନ ପିଛା ୧୭୫ଟଙ୍କା ହିସାବରେ ଦେବାକୁ ପଡ଼ିବ। ପ୍ରତି ୱାଗନରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ ଖଣିଜ ବୋଝେଇ ହୋଇଥାଏ। ଏଣୁ ରେଳସାଇଡିଂରେ ବର୍ଷ ବର୍ଷ ଧରି ଖଣିଜ ପଡ଼ିଥିବାରୁ ରେଳ ମନ୍ତ୍ରଣାଳୟକୁ ଜରିମାନା ଦେଇ ଖଣିଜ ପରିବହନ କରିବା ବ୍ୟୟସାପେକ୍ଷ ହେବ ବୋଲି ସେ କହିଥିଲେ।



ରେଳ ସାଇଡିଂରେ ପରିତ୍ୟକ୍ତ ହୋଇ ପଡ଼ିଥିବା ଖଣିଜ।

## ପ୍ରଥମ ପୃଷ୍ଠାରୁ...

### ପ୍ରିୟଙ୍କା ସର ...

ପ୍ରିୟଙ୍କା ଭୁବନେଶ୍ୱରର ଶୈଳଶ୍ରୀବିହାରରେ ପରିବାର ସହ ରୁହନ୍ତି। କିଟ୍‌ରେ ଅଧ୍ୟୟନରତା ଏହି ଛାତ୍ରୀ କଠିନ ପରିଶ୍ରମ ଓ ପରିବାର ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗ ଫଳରେ ଏହି ସଫଳତା ହାସଲ କରିପାରିଥିବା କହିଛନ୍ତି। ବାପା ଜଣେ ବ୍ୟବସାୟୀ ହୋଇଥିବାବେଳେ ମା' ଗୃହିଣୀ। ପ୍ରିୟଙ୍କାଙ୍କ ଏପରି କୃତିତ୍ୱରେ ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଡାକ୍ତର ଅଭାବରୁ ...

ବିଳମ୍ବିତ ରାତିରେ ଜଣେ ଡାକ୍ତର ଆସି ତାଙ୍କୁ ଚିକିତ୍ସା କରିଥିଲେ ମଧ୍ୟ ଯନ୍ତ୍ରଣା କମି ନ ଥିଲା। ପରଦିନ ସକାଳେ ଅନ୍ୟ ଜଣେ ଡାକ୍ତର ଆସି ଚିକିତ୍ସା କରିବା ପରେ ସାମାନ୍ୟ ଉପଶମ ହୋଇଥିଲା। ଏଥିପାଇଁ ସେ ଦୁଇଦିନ ଡାକ୍ତରଖାନାରେ ରହିଥିବା ବେଳେ ଚିକିତ୍ସାରେ ଏଭଳି ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସକାଳେ ଓ ସନ୍ଧ୍ୟାରେ ଥରେ ଲେଖାଏ ଡାକ୍ତର ୱାର୍ଡକୁ ଆସୁଥିବା ବେଳେ ଅନ୍ୟ ସମୟରେ ଯନ୍ତ୍ରଣା ହେଲେ ପରାମର୍ଶ ପାଇଁ ଖୋଜିଲେ ମିଳନ୍ତି ନାହିଁ। ସେହିପରି ବନ୍ତ ଅଞ୍ଚଳର ଜଣେ ରୋଗୀଙ୍କ ସମ୍ପର୍କୀୟ ଜୟନ୍ତ ଦାସ କହିଛନ୍ତି, ଦୁଇଦିନ ତଳେ ସେ ତାଙ୍କ ବଡ଼ଭାଇଙ୍କର ଛାତି ଯନ୍ତ୍ରଣା ସହ ବାନ୍ତି ହେଉଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଆଉଟଡୋର ସମୟ ପରେ ଆସିଥିବାରୁ ତାଙ୍କୁ ଦିନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଥିଲା। ଫଳରେ ସେ ଏକ ଘରୋଇ ଡାକ୍ତରଖାନାକୁ ନେଇ ତାଙ୍କୁ ଭାଇଙ୍କର ଚିକିତ୍ସା କରାଇଥିଲେ। ଯେଉଁଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଲା।

ଭଦ୍ରକ ମେଡିକାଲ କଲେଜ ସଂଗ୍ରାମୀ ସେନାର ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ କହିଛନ୍ତି, ଜିଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସମସ୍ତ ପଡ଼ୋଶୀ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦିଆଯାଉଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଭଦ୍ରକ ଅବହେଳାର ଶିକାର ହେଉଛି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ଭଦ୍ରକ ଜିଲାରେ ମୋଟ ୨୬୫ ଡାକ୍ତର ପଦବୀ ମଞ୍ଜୁର ହୋଇଥିବା ବେଳେ ୧୬ଜଣ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ମିଶାଇ ମାତ୍ର ୧୧୦ଜଣ କାର୍ଯ୍ୟରତ ଅଛନ୍ତି। ୩୦୦ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୨୬ ଡାକ୍ତର ପଦ ମଞ୍ଜୁର ଥିବାବେଳେ ମୋଟ ୪୦ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଶଯ୍ୟା ଅଭାବରୁ ରୋଗୀମାନଙ୍କୁ ବାରଣ୍ଡାରେ ଚିକିତ୍ସିତ ହେବାକୁ ପଡୁଛି। ୧୩ ଶହରୁ ଊର୍ଦ୍ଧ୍ୱ ରୋଗୀ ପ୍ରତ୍ୟହ ଆସୁଥିବା ବେଳେ ଡାକ୍ତର ଓ ଅନ୍ୟାନ୍ୟ ଜରୁରୀ ସେବା ଅଭାବରୁ ଅଧିକାଂଶ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପଦ ଖାଲି ରହିଛି। ସେହିପରି ଜିଲାରେ ଥିବା ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ଚାନ୍ଦବାଲି, ଆଗରପଡ଼ା ଓ ବାସୁଦେବପୁରରେ ସ୍ଥାୟୀ ଇନ୍‌ଚାର୍ଜ ନାହାନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କୁହନ୍ତି, ଅଧିକ ଡାକ୍ତର ଯୋଗାଇବା ଓ ଖାଲିଥିବା ପଦବୀ ପୂରଣ ପାଇଁ ବାରମ୍ବାର ଜିଲାପାଳଙ୍କ ଜରିଆରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଛି। ୩୨ଜଣ ଡାକ୍ତରଙ୍କୁ ନିକଟରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ଦେଇଛନ୍ତି। ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ସନ୍ତୋଷ କୁମାର ଦାସ କୁହନ୍ତି, ଯେତିକି ଡାକ୍ତର ଅଛନ୍ତି ସେତିକିରେ ସ୍ୱାସ୍ଥ୍ୟସେବା ଚାଲିଛି। ଅଧିକ ଡାକ୍ତର ଯୋଗାଇଦେଲେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରନ୍ତା। ଉନ୍ନତ ଚିକିତ୍ସା ଯନ୍ତ୍ରପାତିର ସୁବିଧା ନ ଥିବାରୁ ଆବଶ୍ୟକ ସ୍ଥଳେ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।

ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲାର ଜନସଂଖ୍ୟା ପାଖାପାଖି ୩୦ଲକ୍ଷରୁ ଊର୍ଦ୍ଧ୍ୱ। ଜିଲାବାସୀଙ୍କୁ ଚିକିତ୍ସା ସେବା ଯୋଗାଇବା ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ରହିଛି। ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆଠାରେ ୩ଟି ଉପଖଣ୍ଡସ୍ତରୀୟ ଡାକ୍ତରଖାନା ରହିଛି। ଏହାବ୍ୟତୀତ ୮୬ଟି ପିଏଚ୍‌ସି, ୨୬ଟି ସିଏଚ୍‌ସି ଓ ୨ଟି ଏରିଆ ହସ୍ପିଟାଲ ସହ ୫୮୯ଟି ସବ୍ ସେଣ୍ଟର ରହିଛି। ତେବେ ଜିଲାରେ ମୋଟ ଡାକ୍ତର ପଦବୀ ସଂଖ୍ୟା ୫୪୭ ଥିବାବେଳେ ୨୮୫ ପଦବୀ ଖାଲିପଡ଼ିଛି। ସେହିଭଳି ନର୍ସିଂ ଅଫିସର ୨୨୬ ଓ ଫାର୍ମାସିଷ୍ଟ ୫୦ ପଦବୀ ଖାଲିପଡ଼ିଛି। ୩୮ ଲାବରେଟାରୀ ଟେକ୍ନିସିଆନ, ୨୪ ରେଡିଓ ଗ୍ରାଫର ଓ ୨୫୧ଟି ହେଲ୍‌ଥ ୱାର୍କର ପଦବୀ ଜିଲାରେ ଖାଲିପଡ଼ିଛି।

ମେଡିକାଲ କଲେଜର ଅନେକ ବିଭାଗରେ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବାରୁ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ଫଳରେ ଗୁରୁତର ଆହତ କିମ୍ବା ଜରୁରିକାଳୀନ ସ୍ୱାସ୍ଥ୍ୟସେବା ନ ପାଇ ବାଟରେ ରୋଗୀଙ୍କ ଜୀବନ ଯାଉଛି। ଡାକ୍ତର ଅଭାବ କାରଣରୁ ଜିଲାର ବିଭିନ୍ନ ପିଏଚ୍‌ସି ଓ ସିଏଚ୍‌ସିରେ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ବିଭିନ୍ନ ସମୟରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଓ ଖଣ୍ଡଯୁଦ୍ଧ ଭଳି ଘଟଣା ଘଟୁଥିବା ନଜିର ରହିଛି। ପିଆର୍‌ଏମ୍ ମେଡିକାଲ ଉପରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ଜନସାଧାରଣ ନିର୍ଭର କରିଥାନ୍ତି। ବାରିପଦାରେ ସୁପର ସ୍ପେଶାଲିଟି ହସ୍ପିଟାଲର ଆବଶ୍ୟକତା ରହିଥିବା ବେଳେ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲାବାସୀ ଦାବି କରିଛନ୍ତି।

କେନ୍ଦୁଝର ଜିଲାରେ ମୋଟ ଡାକ୍ତର ପଦବୀ ୩୫୯ ରହିଥିବା ବେଳେ ୧୮୨ ପଦବୀ ଖାଲିପଡ଼ିଛି। ୧୩୬ ଫାର୍ମାସିଷ୍ଟ ପଦବୀରୁ ୩୬ ପଦବୀ ଶୂନ। ସେହିପରି ପାଥୋଲୋଜି ବିଭାଗରେ ୪ଟି ଯାକ ବରିଷ୍ଠ ଲାବରୋଟୋରୀ ଟେକ୍ନିସିଆନ ପଦବୀ ଖାଲି ପଡ଼ିଛି। ଉକ୍ତ ବିଭାଗର ୬୩ ଜଣ ଜୁନିୟର ଲାବରୋଟୋରୀ ଟେକ୍ନିସିଆନ ପଦବୀ ମଧ୍ୟରୁ ଏବେ ବି ୨୧ ପଦବୀ ପୂରଣ ହୋଇନି। ଷ୍ଟାଫ ନର୍ସ ୫୮୭ ପଦବୀରୁ ୧୭୧ ପଦବୀ ଖାଲିପଡ଼ିଛି। ମ୍ୟାଲେରିଆ ପ୍ରବଣ ଜିଲା ଭାବେ କେନ୍ଦୁଝର ପରିଗଣିତ ହେଉଥିବା ବେଳେ ୧୪ ଲାବରୋଟୋରୀ ଟେକ୍ନିସିଆନ (ମ୍ୟାଲେରିଆ) ମଧ୍ୟରୁ ୯ ପଦବୀ ଖାଲିପଡ଼ିଛି। ଏହାଛଡ଼ା ସମୁଦାୟ ୨୫ ଜୁନିୟର ରେଡିଓଗ୍ରାଫର ପଦବୀରୁ ୧୪ ପଦବୀ ଖାଲିପଡ଼ିଛି। ସମୁଦାୟ ୧୨ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ୧୧୮ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲି ପଡ଼ିଥିବାରୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଶୋଚନୀୟ ହୋଇପଡୁଛି। ସେହିପରି ୧୩ ଡ୍ରାଇଭର, ୩୦ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ପୁରୁଷ), ୧୬ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦବୀ ଖାଲିପଡ଼ିଛି। ଏଥିସହ ସମୁଦାୟ ୧୯ରୁ ୧୫ କିରାଣି ପଦବୀ ଫାଙ୍କା ରହିଛି।

ବାଲେଶ୍ୱର ଜିଲାରେ ମୋଟ ଡାକ୍ତରଙ୍କ ପଦବୀ ୩୭୩। ସେଥିମଧ୍ୟରୁ ୧୭୨ ପଦବୀ ଖାଲିପଡ଼ିଛି। ଫାର୍ମାସିଷ୍ଟ ୧୩୭ ପଦବୀରୁ ୨୭ ପଦବୀ ଫାଙ୍କା ପଡ଼ିଛି। ସରକାରୀ ଚୁକ୍ତିଭିତ୍ତିକ ୨୯ ଜଣ କାର୍ଯ୍ୟରତ। ଆର୍‌ବିଏସ୍‌କେ ଏବଂ ଏମ୍‌ଏଚ୍‌ୟୁରେ ୨୨ଜଣ ନିଯୁକ୍ତି ପାଇଛନ୍ତି। ଏଏନ୍‌ଏମ୍ ୪୦୪ ପଦବୀରୁ ୮୫ ପଦବୀ ଫାଙ୍କା ପଡ଼ିଛି। ଏନ୍‌ଏଚ୍‌ଏମ୍‌ରେ ୧ ଏବଂ ସରକାରୀ ଚୁକ୍ତିଭିତ୍ତିକ ୭୭ଜଣ କାର୍ଯ୍ୟରତ। ଷ୍ଟାଫନର୍ସ ୫୦୩ ପଦବୀରୁ ୧୫୮ ପଦବୀ ଫାଙ୍କା ପଡ଼ିଛି। ସରକାରୀ ଚୁକ୍ତିଭିତ୍ତିକ ୧୧୯ଜଣ କାର୍ଯ୍ୟରତ। ପାଥୋଲୋଜିଷ୍ଟ ୫୯ ପଦବୀରୁ ୧୦ ପଦବୀ ଫାଙ୍କା ପଡ଼ିଛି। ଏହାବ୍ୟତୀତ ଏନ୍‌ଏଚ୍‌ଏମ୍‌ରେ ୭ ଏବଂ ସରକାରୀ ଚୁକ୍ତିଭିତ୍ତିକ ୧୧ଜଣ କାର୍ଯ୍ୟରତ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କୋଣଭାବସ୍ଥ ଚନ୍ଦ୍ରଜନିତ ପାରିବାରିକ ଓ କର୍ମକ୍ଷେତ୍ର ସକାଶେ ପ୍ରତିକୂଳତା ଆନୟନ କରିପାରନ୍ତି। ପରିବହନରେ ସମସ୍ୟା ଅଶାନ୍ତିର କାରଣ ହେବ। କିନ୍ତୁ ଦ୍ୱିଜା ନକ୍ଷତ୍ରର ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାକୁ ବଢ଼ାଇ ଦେବ। ରୋହିଣୀ ନକ୍ଷତ୍ର ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଧର୍ମକାର୍ଯ୍ୟ ସକାଶେ ବନ୍ଧୁଙ୍କ ପ୍ରେରଣାରେ ମନକୁ ଉତ୍ସାହିତ କରିପାରନ୍ତି। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ରହି ପାରିବେ ନାହିଁ। ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ପୁଷ୍ୟା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ଯେତେ ସୁବିଧା ସୃଷ୍ଟି କଲେ ମଧ୍ୟ ଈର୍ଷାନ୍ୱିତ ହୋଇ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ତଥାପି ଏକା ସାଙ୍ଗରେ ଅନେକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ନିଜ ଲୋକ ମାନଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିପାରନ୍ତି। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ହସ୍ତା ନକ୍ଷତ୍ର ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି।

**ତୁଳା** ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ଏକାଧିକ ସମସ୍ୟାର ସମ୍ମୁଖୀନ ହେବା କାରଣରୁ କାମ ଉତ୍ସାହପ୍ରଦ ହେବ ନାହିଁ। ଚିତ୍ରା ନକ୍ଷତ୍ରର ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହେବ। ଘରକୁ ଫେରିବା ବାଟରୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଆଜି ବିଶାଖା ନକ୍ଷତ୍ରର ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହେବ ଓ ପ୍ରଶଂସିତ ହେବେ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ।

**ଧନୁ** ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହୋଇପାରନ୍ତି। ମୂଳା ନକ୍ଷତ୍ରର ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଯାତ୍ରା, ପରିବହନ, ଆମଦାନୀ କ୍ଷେତ୍ରରେ ବେଶ୍ ଖୁସି ରହିବେ। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** ଆଜି ଦିନରେ ଯାହା କରିବାକୁ ମନସ୍ଥ କରିଛନ୍ତି ଅବଶ୍ୟ ବହୁତ ଭଲ ହେବ। ବନ୍ଧୁମାନଙ୍କ ସହାୟତାରେ ନିଶ୍ଚିତ ସମସ୍ୟାମୂଳକ ଅସୁବିଧାରୁ ମୁକୁଳି ଯାଇ ପାରନ୍ତି। ଧନିଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହେବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ ସୁବିଧାରେ ସମ୍ପନ୍ନ ସମ୍ଭାବନା ରହିଛି। ଅପରାହ୍ନରେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୂର୍ବଭାଦ୍ରବ ନକ୍ଷତ୍ରର ବାଣିଜ୍ୟ ଓ ପରିବହନ, ନିର୍ମାଣ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ।

**ମୀନ** ବିତର୍କ ପରିପ୍ରେକ୍ଷୀରେ କର୍ମକ୍ଷେତ୍ରରେ ସହକର୍ମୀଟି ସହ ବିବାଦ ଆଶଙ୍କା ରହିଛି। ଆତ୍ମୀୟମାନେ ବିଶ୍ୱାସଘାତ କରିପାରନ୍ତି। ରେବତୀ ନକ୍ଷତ୍ର ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଙ୍ଗଠନରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। ପ୍ଲଟିଂ କାରବାର, ଜମିଜମା, ଦୂରଯାତ୍ରା, ଆନୁଷ୍ଠାନିକ କାମ ସମ୍ପର୍କିତ କଥାରେ ଅଗ୍ରଗତି ଘଟିବ।

ଆଜି ବୈଶାଖ ଶୁକ୍ଳ ଦଶମୀ ରବିବାର, ଏପ୍ରିଲ ୩୦ ତାରିଖ, ରାଶି ନକ୍ଷତ୍ର, ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୨ ଗତେ ଘ.୦୯।୩୬ ମଧ୍ୟେ, ଘ.୦୧।୧୯ ଗତେ, ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୦ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।

**୪ ମାଓବାଦୀ ଆତ୍ମସମର୍ପଣ କଲେ**

ମାଲକାନଗିରି, ୨୯।୪(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ପୋଲିସ ନିକଟରେ ଶନିବାର ୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନେ ଦୀର୍ଘ ବର୍ଷ ଧରି କଟେକଲ୍ୟାଣ ମାଓବାଦୀ ସଙ୍ଗଠନରେ କାର୍ଯ୍ୟରତ ଥିଲେ। ତେବେ ଏବେ ମାଓବାଦୀ ସଙ୍ଗଠନ ନିଜର ନୀତି ଆଦର୍ଶରୁ ଓହରି ଯାଇଛି। ବଡ କ୍ୟାଡର ମାଓବାଦୀମାନେ ଅତ୍ୟାଚାର ଚଳାଉଛନ୍ତି। ସରକାରଙ୍କ ଆତ୍ମସମର୍ପଣ ନୀତିରେ ଅକୃଷ୍ଟ ହୋଇ ସେମାନେ ଆତ୍ମସମର୍ପଣ କରଥିବା କହିଛନ୍ତି।




# ‘ପ୍ରାଣୀଙ୍କ ଉପରେ ଚାଷୀଙ୍କ ରୋଜଗାର ନିର୍ଭର କରେ’

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

### ୨୦ ବର୍ଷରେ ଦୁଗ୍ଧ ଉତ୍ପାଦନ ୩ଗୁଣ ବଢ଼ିଛି

**ଭୁବନେଶ୍ୱର, ୨୯।୪ (ବ୍ୟୁରୋ)**

ପ୍ରାଣୀଙ୍କ ଯତ୍ନ ଓ ସ୍ୱାସ୍ଥ୍ୟ ରକ୍ଷା ଉପରେ ଚାଷୀ ତଥା ଗରିବ ଲୋକଙ୍କର ରୋଜଗାର ନିର୍ଭର କରିଥାଏ। ତେଣୁ ସେମାନଙ୍କର ଉପଯୁକ୍ତ ଯତ୍ନ ଓ ଚିକିତ୍ସା ସୁବିଧାର ବିକାଶ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତା ଜରିଆରେ ଏହା କହିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଲେ, ପ୍ରାଣୀପାଳନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ୫୪୧ ପ୍ରାଣୀ ଚିକିତ୍ସାଳୟ, ୩୨୩୯ ପ୍ରାଣୀସମ୍ପଦ ସହାୟକ କେନ୍ଦ୍ର ଓ ୩୧୪ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ମାଧ୍ୟମରେ କୃଷକ, ଉଦ୍ୟୋଗୀ ଏବଂ ପ୍ରାଣୀପାଳକଙ୍କୁ ପ୍ରାଣୀ ସ୍ୱାସ୍ଥ୍ୟସେବା, ପ୍ରଜନନ ଓ ପରାମର୍ଶ ସେବା ଯୋଗାଇ ଦିଆଯାଉଛି। ୨୦ ବର୍ଷ ମଧ୍ୟରେ ରାଜ୍ୟର ଦୁଗ୍ଧ ଉତ୍ପାଦନ ପ୍ରାୟ ୩ ଗୁଣ ବଢ଼ିଛି।



ଜଣେ ସଫଳ ଏସ୍‌ଏଚ୍‌ଜି ମହିଳାଙ୍କୁ ପୁରସ୍କାର ପ୍ରଦାନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ।

୨୦୦୦ ମସିହାରେ ୮.୭୫ ଲକ୍ଷ ମେଟ୍ରିକ୍ ଟନରୁ ୨୦୨୧ରେ ୨୩.୭୩ ଲକ୍ଷ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି। ସେହିପରି ୨୦ ବର୍ଷରେ ମାଂସ ଉତ୍ପାଦନ ପ୍ରାୟ ୬ ଗୁଣ ଏବଂ ଅଣ୍ଡା ଉତ୍ପାଦନ ୭୩୦୧.୦୪ ଲକ୍ଷରୁ ୨୪୨୪୨.୬୭ ଲକ୍ଷକୁ ବୃଦ୍ଧି ପାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ, ପ୍ରାଣୀସମ୍ପଦ ସହାୟକ କେନ୍ଦ୍ର ସ୍ତରରେ କୃତ୍ରିମ ପ୍ରଜନନ କାର୍ଯ୍ୟ ପାଇଁ ଲିଙ୍ଗ ନିରୂପିତ ଶୁକ୍ର ଉପଲବ୍ଧ ରହିଛି, ଯାହା କେବଳ ୯୦ ପ୍ରତିଶତ ମାଈ ବାଛୁରୀ ଜନ୍ମ ହେବାରେ ସହାୟକ ହେବ ଏବଂ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏଥିସହ ଛେଳିଙ୍କ ଆନୁବଂଶିକ ଗୁଣରେ ଉନ୍ନତି ଆଣିବା ପାଇଁ ଛେଳିଙ୍କ କୃତ୍ରିମ ପ୍ରଜନନ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରାଣୀ ପାଳନରେ ସଫଳ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ପ୍ରାଣୀଚିକିତ୍ସକ, ବୈଷୟିକ କର୍ମଚାରୀ ଓ ଶ୍ରେଷ୍ଠ ଜିଲାଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।

ସକାଳେ ଷ୍ଟିୱାର୍ଟ ସ୍କୁଲ ଛକରୁ ଭେଟେରିନାରି କଲେଜ ପର୍ଯ୍ୟନ୍ତ ଏକ ରାଲିର ଆୟୋଜନ କରାଯାଇଥିଲା। ଏନ୍‌ସିସି ପକ୍ଷରୁ ଘୋଡ଼ାସବାରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିସହ ଭେଟେରିନାରି କଲେଜ ପରିସରରେ ଏକ ପେଟ୍‌-ଶୋ’ ଆୟୋଜନ କରାଯାଇଥିଲା। ମେୟର ସୁଲୋଚନା ଦାସ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ଭେଟେରିନାରି କଲେଜର ଡିନ୍ ଡା. ପଣ୍ଡା ଓ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଗଞ୍ଜେଇ ବ୍ୟବସାୟୀଙ୍କ ବେଆଇନ ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ

**ନବରଙ୍ଗପୁର, ୨୯।୪(ବି.ପ୍ର.)**

ନବରଙ୍ଗପୁର ଜିଲା ପୋଲିସ ୨ଜଣ ଗଞ୍ଜେଇ ବ୍ୟବସାୟୀଙ୍କ ସ୍ଥାବର ସମ୍ପତ୍ତି ସିଜ୍ କରିଛି। ପ୍ରାୟ ୪୧ଲକ୍ଷ ୪୧ ହଜାର ଟଙ୍କା ମୂଲ୍ୟର ବେଆଇନ ଭାବେ ଅର୍ଜିତ ସ୍ଥାବର ସମ୍ପତ୍ତି ଜବତ କରାଯାଇଛି ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍. ସୁଶ୍ରୀ କହିଛନ୍ତି।

ଉମରକୋଟ ଥାନାରେ ଚକଲାପଦର ଗାଁର ଦିନେଶ କୁମାର ବିଶ୍ୱାସ ଓ ବୁର୍ଜା ଗାଁର ଦିନେଶ ଭଦ୍ରାଙ୍କ ନାଁରେ ବେଆଇନ ଗଞ୍ଜେଇ ଚାଲାଣ ମାମଲା (କେସ୍ ନଂ.୨୧୨/୨୦, ୮/୨୧ ଓ ୮୨/୨୧) ରହିଛି। ଦିନେଶ କୁମାର ବିଶ୍ୱାସ ଗିରଫ ହୋଇଥିବାବେଳେ ଦିନେଶ ଭଦ୍ରା ଫେରାର ଅଛନ୍ତି। ଅଭିଯୁକ୍ତମାନେ ଓଡ଼ିଶା, ଛତିଶଗଡ଼, ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ଗଞ୍ଜେଇ କାରବାରରେ ସକ୍ରିୟ ଥିଲେ। ସେମାନେ ବେଆଇନ ନେଟ୍‌ୱାର୍କ ମାଧ୍ୟମରେ ଅନେକ ରାଜ୍ୟକୁ ଗଞ୍ଜେଇ ଚାଲାଣ କରି ସମ୍ପତ୍ତି ଅର୍ଜନ କରିଥିଲେ। କଲିକତାସ୍ଥିତ କମ୍ପିଟେଣ୍ଟ ଅଥରିଟି ଆଣ୍ଡ ଆଡ୍‌ମିନିଷ୍ଟ୍ରେଟର ନିକଟରେ ମାର୍ଚ୍ଚ ୨୭ରେ ଏସ୍‌ପି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ମାଗିଥିଲେ। ମାମଲା ବିଚାର ପରେ ସେମାନଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ପାଇଁ ଆଦେଶ ମିଳିଥିଲା । ଅଭିଯୁକ୍ତମାନେ ଅନେକ ଏନ୍‌ଡିପିଏସ୍ ଆକ୍ଟ ମାମଲାରେ ଜଡିତ। ତଦନ୍ତ ପରେ ସମ୍ପତ୍ତି ବାଜ୍ୟାପ୍ତି ଧାରା ୬୮ ଏଫ୍ (୨) ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁଯାୟୀ ଦୁଇଟି ଅସ୍ଥାବର ସମ୍ପତ୍ତି (ଘର) ଯାହାର ମୂଲ୍ୟ ହାରାହାରି ୪୧.୪୧ ଲକ୍ଷ ହେବ ତାହାକୁ ଜବତ କରାଯାଇଛି। ଏନେଇ ଆଇଟି, ରାଜସ୍ୱ ଓ ପୋଲିସର ମିଳିତ ତଦନ୍ତ କରାଯାଇଥିଲା। ବାର୍ଷିକ ଆୟ, ବ୍ୟାଙ୍କ ଜମା ଖାତାର ଟ୍ରାଞ୍ଜାକ୍ସନ, ଇନ୍‌କମ ଟ୍ୟାକ୍ସ ଆଦି କାହାରି ମେଳ ଖାଇ ନ ଥିଲା । ତେବେ ଏମିତି ମାମଲାରେ ଜଡିତ ଅନ୍ୟ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଅର୍ଥନୈତିକ ତଦନ୍ତ ଚାଲୁଅଛି ବୋଲି ଏସ୍‌ପି କହିଛନ୍ତି।

# ୬୦ କୋଟିରୁ ଊର୍ଦ୍ଧ୍ୱ ଜିଏସ୍‌ଟି ଠକେଇ

**ଅନୁଗୋଳ ଅଫିସ, ୨୯।୪**

ଅନୁଗୋଳ ଜିଲା ତାଳଚେରରେ ବଡ଼ଧରଣର ଜିଏସ୍‌ଟି ଚଢ଼ାଉ ହୋଇଛି। ରାଜ୍ୟ ଏବଂ ସିଟି ଜିଏସ୍‌ଟି ବିଭାଗର ୨୫ ଜଣିଆ ଟିମ ସହରର ୨ ବିଶିଷ୍ଟ ବ୍ୟବସାୟୀ ମହେନ୍ଦ୍ର ବେହେରା, ରାଜେନ୍ଦ୍ର ବେହେରାଙ୍କ ଘଣ୍ଟପଡ଼ାସ୍ଥିତ ବାସଗୃହ, ହାଣ୍ଡିଧୁଆସ୍ଥିତ ବ୍ୟବସାୟିକ ପ୍ରତିଷ୍ଠାନ, ମା’ ହିଙ୍ଗୁଳା ଟ୍ରାନ୍ସପୋର୍ଟ, ମା’ ହିଙ୍ଗୁଳା ଟ୍ରେଡର୍ସ ପ୍ରମୁଖ ୫ ସ୍ଥାନରେ ଚଢ଼ାଉ କରିଥିଲା। କୋଇଲା ପରିବହନ ଏବଂ ତାର ବ୍ୟବସାୟରେ ଟିକସ ଫାଙ୍କି ଅଭିଯୋଗ ଆସିବା ପରେ ଏହି ଚଢ଼ାଉ କରାଯାଇଥିବା କଟକ ଜିଏସ୍‌ଟି ଡିଭିଜନ ନିର୍ଦ୍ଦେଶକ ବିରଞ୍ଚି ମହାନନ୍ଦିଆ ସୂଚନା ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ଚଢ଼ାଉ ଜାରି ରହିଛି। ୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜିଏସ୍‌ଟି ଠକେଇ ହୋଇଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି।

# ମେ’ ୧ ରୁ ୩ ମାସ ଭିତରକନିକା ବନ୍ଦ

**ରାଜନଗର, ୨୯।୪(ଡି.ଏନ.ଏ.)**

ସରୀସୃପଙ୍କ ନନ୍ଦନକାନନ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ପ୍ରଜନନ ଋତୁ ପାଖେଇ ଆସୁଛି। ଏହାକୁ ଆଖି ଆଗରେ ରଖି ରାଜନଗର ବନବିଭାଗ ପକ୍ଷରୁ ମେ’ ୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ୩ ମାସ ଧରି ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ। ଏହି ସମୟ ଭିତରେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ପରିଭ୍ରମଣ ଓ ପ୍ରବେଶକୁ ବନ୍ଦ ରଖାଯିବ। ଭିତରକନିକା ଜାତୀୟ ଉଦ୍ୟାନରେ ବଉଳା କୁମ୍ଭୀରମାନଙ୍କ ପ୍ରଜନନ ଋତୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରଜନନ ଋତୁ ସମୟରେ ଉଭୟ ପୁରୁଷ ଓ ମାଈ କୁମ୍ଭୀର ମିଳନ ପର୍ବରେ ନିମଗ୍ନ ରହିଥାନ୍ତି। ଏହି ସମୟ ଭିତରେ ମାଈ କୁମ୍ଭୀର ଅଣ୍ଡା ଦାନ ପ୍ରକ୍ରିୟା ଶେଷ କରିଥାନ୍ତି। ଉଭୟ ମାଈ ଏବଂ ପୁରୁଷ କୁମ୍ଭୀର ହେନ୍ତାଳ ଓ ଖରଖରି ପତ୍ରରେ ଅଢେଇରୁ ୩ ଫୁଟ ଉଚ୍ଚ ତଥା ନଦୀ କୂଳଠାରୁ ଜୁଆର ଛୁଇଁ ପାରୁ ନ ଥିବା ନିରାପଦ ସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ବସାରେ ମାଈ କୁମ୍ଭୀର ଅଣ୍ଡାଦାନ କରିଥାନ୍ତି। ଏହି ସମୟରେ କୁମ୍ଭୀର ହିଂସ୍ର ହୋଇଥାନ୍ତି। କୌଣସି ଅଘଟଣ ଘଟିଲେ ସେମାନେ ଆକ୍ରମଣ କରିବାକୁ ପଛାଇ ନ ଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୩ ମାସ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ପ୍ରବେଶ ଓ ପରିଭ୍ରମଣ ବନ୍ଦ ରଖାଯିବ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି ।

# ଟ୍ରକ୍ ତଳେ ପଶିଗଲା କାର୍: ୨ ମୃତ, ୩ ଗୁରୁତର

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ (ସ୍ୱ.ପ୍ର.), ୨୯।୪**

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ଅଧୀନ ଛତାବର ନିକଟରେ ଶନିବାର ସକାଳେ ଏକ କାର୍ ଟ୍ରକ୍ ତଳେ ପଶିଯିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ପଶ୍ଚିମବଙ୍ଗର ଗୌତମ ଦାସ ଓ ଶୁଭଜିତ୍ ଭୂମି। ସୂଚନା ଅନୁଯାୟୀ, ଗୌତମ, ଶୁଭଜିତ୍, ସତ୍ୟବ୍ରତ ଗୋ, ପବିତ୍ର ମକଲ ଓ ସୁପ୍ରିୟୋ ମହନ୍ତ ୫ଜଣ ହାଓଡ଼ାରୁ ଏକ କାର୍ ଯୋଗେ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଯାଉଥିଲେ। ସକାଳ ପ୍ରାୟ ୫ଟା ବେଳେ ଚାଳକଙ୍କ ଆଖି ଲାଗିଯିବାରୁ ଆଗରେ ଯାଉଥିବା ଏକ ଟ୍ରକ୍ ତଳେ କାର୍‌ଟି ପଶିଯାଇଥିଲା। ଘଟଣାସ୍ଥଳରେ ଗୌତମଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନା ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶୁଭଜିତ୍‌ଙ୍କର ମୃତ୍ୟୁ ଘଟିଛି। ଗୌତମଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସୋଆ କୁଳାଧିପତି ପ୍ରଫେସର ଦେବୀ ପ୍ରସାଦ ରାୟଙ୍କ ପରଲୋକ

**ଭୁବନେଶ୍ୱର, ୨୯।୪(ବ୍ୟୁରୋ)**

ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ପୂର୍ବତନ କୁଳପତି ପ୍ରଫେସର ଦେବୀ ପ୍ରସାଦ ରାୟଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ



ପ୍ରଫେସର ଦେବୀ ପ୍ରସାଦ ରାୟ

କିଡ୍‌ନୀଜନିତ ରୋଗରେ ଅସୁସ୍ଥ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ୧୯୪୯ ଅଗଷ୍ଟ ୧୫ରେ ପାରଳାଖେମୁଣ୍ଡିରେ ଜନ୍ମିତ ପ୍ରଫେସର ରାୟ ଓୟୁଏଟିରେ କୃଷି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ପରେ କୋଲ୍‌କାତାସ୍ଥିତ କଲ୍ୟାଣୀ କୃଷି ବିଶ୍ୱବିଦ୍ୟାଳୟରୁ ହର୍ଟିକଲ୍‌ଚରରେ ପିଜି ଓ ପିଏଚ୍.ଡି. ଶେଷ କରି ସେହିଠାରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଓୟୁଏଟିରେ ଆସୋସିଏଟ୍ ପ୍ରଫେସର ଭାବେ ଯୋଗଦେଇଥିଲେ। ଏଥିସହ ସେ ଆସୋସିଏଟ୍ ଡାଇରେକ୍ଟର (ରିସର୍ଚ୍ଚ), ଉଦ୍ୟାନ କୃଷି ବିଭାଗର ପ୍ରଫେସର ଓ ମୁଖ୍ୟ, ଏକ୍ସଟେନ୍ସନ ଏଜୁକେଶନ ଡିନ୍ ଏବଂ ରେଜିଷ୍ଟ୍ରାର୍ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପରେ ୨୦୦୬ରେ ଓୟୁଏଟିର କୁଳପତି ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୨ ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ। ବିଭିନ୍ନ କ୍ଷେତ୍ରରେ ସେ ଗବେଷଣା କରିବା ସହ ଆନ୍ତର୍ଜାତିକ ସ୍ତରର ଜର୍ନାଲଗୁଡ଼ିକରେ ତାଙ୍କର ୨୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ସନ୍ଦର୍ଭ ପ୍ରକାଶିତ ହୋଇଛି। ଏହା ବ୍ୟତୀତ ପ୍ରଫେସର ରାୟ ଇଣ୍ଡିଆନ କାଉନ୍‌ସିଲ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ (ଆଇସିଏଆର୍), ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି(ଡିବିଟି), ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(ଡିଏସ୍‌ଟି) ଏବଂ ଭାରତ ସରକାରଙ୍କ ପ୍ଲାନିଂ କମିଶନ ଅଧୀନରେ ଥିବା ବିଭିନ୍ନ କମିଟି ସଦସ୍ୟ ଓ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ପ୍ରଥମେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜ ରଞ୍ଜନ ନାୟକଙ୍କ ପ୍ରମୁଖ ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୨ରେ ସେ ବିଶ୍ୱବିଦ୍ୟାଳୟର କୁଳାଧିପତି ଦାୟିତ୍ୱ ଗ୍ରହଣ କରିଥିଲେ।

ତାଙ୍କ ପାର୍ଥିବ ଶରୀରକୁ ଓୟୁଏଟି, ସୋଆ ପରିଚାଳିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍ସେସ୍ ଓ ସୋଆର ମୁଖ୍ୟ କାର୍ଯ୍ୟାଳୟକୁ ଶେଷ ଦର୍ଶନ ପାଇଁ ନିଆଯାଇଥିଲା। ସୋଆଠାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଅଶୋକ କୁମାର ମହାପାତ୍ର, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ପୂର୍ବତନ କୁଳପତି ପ୍ରଫେସର ମନୋରଞ୍ଜନ କର, ପୂର୍ବତନ ଡିନ୍, ବର୍ତ୍ତମାନ କୃଷି କଲେଜ ଡିନ୍, ଗବେଷଣା ଡିନ୍ ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଆରାଧ ରାୟ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାର ନେବା ସମୟରେ ଓୟୁଏଟିର କେୟାରଟେକର ବିଳାସ ସେନାପତି ସମସ୍ତ ସହାୟତା କରିଥିବା ଓୟୁଏଟିର ପୂର୍ବତନ ପିଆର୍‌ଓ ବୈଜ୍ଞାନିକ ଡ. ଦେବ ପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି।

# ମା’, ୩ ପୁଅଙ୍କୁ ଆଜୀବନ ଜେଲ

## ଆଟିଗାଁ ରାଜସ୍ୱ ଅଫିସ ପିଅନ ହତ୍ୟା ମାମଲା

**ଭବାନୀପାଟଣା, ୨୯।୪(ସ୍ୱ.ପ୍ର.)**

ବହୁଚର୍ଚ୍ଚିତ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଆଟିଗାଁ ରାଜସ୍ୱ କାର୍ଯ୍ୟାଳୟ ପିଅନ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ବନ୍ଦନା କର ଉକ୍ତ ଗ୍ରାମର ହତ୍ୟାକାରୀ ୩ ପୁଅ ଏବଂ ସେମାନଙ୍କ ମା’ଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ରାଧୁ ଦଣ୍ଡସେନା, ପିତ ଦଣ୍ଡସେନା, ଯଦୁ ଦଣ୍ଡସେନା ଓ ତାଙ୍କ ମା’ କୁଚିତା ଦଣ୍ଡସେନା। ଏଥିସହ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ବର୍ଷେ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନା ଅନୁସାରେ, ୨୦୧୮ ଜୁନ ୧୪ତାରିଖ ସକାଳ ସମୟରେ ଜୁନାଗଡ଼ ଥାନା ଆଟିଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ସରକାରୀ ଜମିକୁ ଅନଧିକୃତ ଅକ୍ତିଆର କରି ଅଭିଯୁକ୍ତମାନେ ଘର କରିବାକୁ ନିଅଁ (ଖାଲ) ଖୋଳୁଥିଲେ। ତାହା ସରକାରୀ ଜମି ହୋଇଥିବାରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ ପିଅନ କାର୍ଯ୍ୟ କରୁଥିବା ଛାୟାକାନ୍ତ ଦଣ୍ଡସେନା କାମ ବନ୍ଦ ସହ ରାଜସ୍ୱ ନିରୀକ୍ଷକଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କୁଚିତା ତାଙ୍କ ପୁଅ ରାଧୁଙ୍କୁ ଏକ ଟାଙ୍ଗିଆ ଦେବା ପରେ ସେ ଛାୟାକାନ୍ତଙ୍କୁ ଟାଙ୍ଗିଆରେ ହାଣିଥିଲେ। ଏହି ସମୟରେ ରାଧୁଙ୍କ ଦୁଇଭାଇ ପିତ ଓ ଯଦୁ ଛାୟାକାନ୍ତଙ୍କ ଦୁଇ ହାତକୁ ଧରିଥିଲେ। ପରିବାର ଲୋକେ ଛାୟାକାନ୍ତଙ୍କୁ ମୁମୂର୍ଷୁ ଅବସ୍ଥାରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଜୁନାଗଡ଼ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।



ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

# ଛଳନାତ୍ମକ ସ୍ୱଭାବ



ଆକାର ପଟେଲ

ସବ୍‌କା ସାଥ୍ ଏକ ମିଥ୍ୟା ନା ଭ୍ରାନ୍ତି। ସମ୍ଭବତଃ ଏହାକୁ ମିଥ୍ୟା କୁହାଯିବ। କାରଣ ଜାଣିଶୁଣି ବାଦ୍‌ଦେବା ପ୍ରକ୍ରିୟା ଭଳି ଭୁଲ୍ କାମ କରାଯାଉଛି ଓ ଏହା ଭାଜପାର ଏକ ନୀତି ହୋଇଯାଇଛି। ଭାଜପାର କୌଣସି ମୁସଲମାନ ସାଂସଦ କିମ୍ବା ବିଧାୟକ ନାହାନ୍ତି, କିନ୍ତୁ କହୁଛି ସବ୍‌କା ସାଥ୍। ଯେଉଁମାନେ ଭିଡ଼ହିଂସାରେ ଅପରାଧୀ ସେମାନଙ୍କୁ ଭାଜପାର ମନ୍ତ୍ରୀମାନେ ଫୁଲମାଳ ପିନ୍ଧାଉଥିବାବେଳେ ଏହା କହୁଛି ସବ୍‌କା ସାଥ୍। ଏହା କାହାକୁ ବୋକା ବନାଉଛି? ଦେଖିବାକୁ ଗଲେ କାହାକୁ ନୁହେଁ, ବରଂ ସତ୍ୟବାଦୀ ହୋଇ ନ ଥିବାରୁ ସମ୍ଭବତଃ ଏଭଳି ଶବ୍ଦସବୁ କହିବାକୁ ଚାହିଁଛି। ସେ ସମୟରେ ବାସ୍ତବରେ ଦଳର ସ୍ଥିତି ସମ୍ପର୍କରେ ସ୍ପଷ୍ଟ ଦାବି କରିବା ଦଳ ପାଇଁ ଠିକ୍ ନ ଥିଲା ବୋଲି ଏଭଳି ଶବ୍ଦଗୁଡ଼ିକ ପ୍ରୟୋଗ କରାଯାଇଥାଇପାରେ। କାରଣ ଯାହା ହୋଇଥାଉ ନା କାହିଁକି, ଏହା ନିଶ୍ଚିତ ଯେ, ଭାଜପାର ସ୍ଲୋଗାନ ମିଥ୍ୟା। କାରଣ ଏହା ଲୋକମାନଙ୍କୁ ଭୁଲ୍ ସୂଚନା ଦେବାକୁ ତଥ୍ୟ ବ୍ୟବହାର କରୁଛି। ଯିଏ ଯୋଜନାବଦ୍ଧ ଭାବେ ରାଜନୈତିକ ସ୍ୱାର୍ଥ ପାଇଁ ଅପରାଧୀ ବଳାତ୍କାରୀଙ୍କୁ ମୁକ୍ତ କରୁଛି ତାଙ୍କ ମୁଖରେ 'ବେଟି ବଚାଓ' କେବେ ବି ବିଶ୍ୱସନୀୟ ନୁହେଁ। ଭାଜପା ସମର୍ଥକ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଜାତୀୟ ତାରକାମାନେ ଧାରଣାରେ ବସି ସେମାନଙ୍କୁ ନିର୍ଯାତନା ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଥିବାବେଳେ ବେଟି ବଚାଓ ଏକ ଜୁମ୍‌ଲା ବା ପ୍ରହଳିକା ହୋଇଛି। ନିର୍ଯାତନାକାରୀ ଜଣେ ଭାଜପାର ସାଂସଦ ହୋଇଥିବାରୁ ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନିଚ୍ଛୁକ। ବୁଝାପଡୁଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପଛରେ ରାଜନୈତିକ ସ୍ୱାର୍ଥ ଅଛି ଓ ଉକ୍ତ ଘଟଣାରୁ ସରକାର ନିଜକୁ ଦୂରେଇ ରଖିବାର ଏହା ହିଁ ଏକମାତ୍ର କାରଣ। ଏହି ଘଟଣାକୁ ଉପେକ୍ଷା କରି ଭାରତୀୟ ଝିଅମାନଙ୍କୁ ନିର୍ଯାତନା ଦେଉଛି। ଅନ୍ୟ ପକ୍ଷରେ ଏହା ବେଟି ବଚାଓକୁ ପ୍ରୋତ୍ସାହିତ କରୁଥିବା କହୁଛି, ହେଲେ ବଳାତ୍କାରୀମାନଙ୍କୁ ମୁକ୍ତ କରିବା କାରଣ କୋର୍ଟରେ ପ୍ରକାଶ କରିବାକୁ ଚାହୁଁନାହିଁ। ଏଥିରୁ ଲକ୍ଷ୍ୟ କରନ୍ତୁ ଦଳ ନିଜର ସଚ୍ଚୋଟତା ପ୍ରକାଶ କରିବାକୁ କିଭଳି ଅନିଚ୍ଛୁକ। ଏଠାରେ ରାଜନୈତିକ ସ୍ଲୋଗାନବାଜି ଦେଶର ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅବଶ୍ୟ ମିଥ୍ୟାଚାର ଓ ମିଥ୍ୟା ସବୁ ରାଜନୈତିକ କାର୍ଯ୍ୟକଳାପଗୁଡ଼ିକର ଏକ ଅଂଶ ହୋଇଗଲାଣି, ଯେଉଁଥିପାଇଁ ଅଧିକ ଲୋକ ଏହା ପ୍ରତି ଆକର୍ଷିତ ହେଉନାହାନ୍ତି। ସମସ୍ତେ ସ୍ପଷ୍ଟତଃ ଏହାକୁ ଧୋକ୍କା ବୋଲି ଅନୁଭବ କରୁଛନ୍ତି। ଏହି ସ୍ତରର ନକଲି ଆଚରଣ ଓ ଛଳନାତ୍ମକ ସ୍ୱଭାବ ଅଜବ ମନେହେଉଛି ଏବଂ ସେଥିପାଇଁ ଆମକୁ ଏ ବିଷୟରେ କହିବାକୁ ପଡୁଛି।

କ୍ଷମତାର ଅହଂକାର ଏବଂ ଛଳନା କିମ୍ବା ଭ୍ରାନ୍ତି ଏବକାର ବାସ୍ତବତା ହୋଇଛି। ଗୋଟିଏ ପଟେ ଗଣମାଧ୍ୟମ ରହି ଏହାକୁ ଯୁକ୍ତିଯୁକ୍ତ କହୁଛି। ଏହା ସରକାରୀ ପ୍ରଚାର ପ୍ରକ୍ରିୟାର ବାସ୍ତବ ଅଙ୍ଗ ହେବାକୁ ଚାହୁଁନାହିଁ। ଏଣୁ ସେମାନଙ୍କଠାରୁ ଆମେ କୌଣସି ସ୍ୱଚ୍ଛ ସର୍ଭେ କିମ୍ବା ଆକଳନ ଆଶା କରିବା ବୃଥା। ଏହାସହ ବିଶ୍ୱର ପ୍ରତିଷ୍ଠିତ ସେଲିବ୍ରିଟି, ଫିଲ୍ମଷ୍ଟାର, ମ୍ୟୁଜିକ୍‌ସିଆନ ଏବଂ କ୍ରିକେଟରଙ୍କ ଭୟାଳୁ ଗୋଷ୍ଠୀ ଅଛନ୍ତ,ଯେଉଁମାନେ ପ୍ରତାରିତ ଓ ଉତ୍ପୀଡ଼ିତ ହେଉଥିବାବେଳେ ସ୍ୱର ଉଠାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସେମାନେ କହିବାକୁ ଭୟ କରୁଛନ୍ତି ଏବଂ ସ୍ୱାର୍ଥପର ହୋଇଯାଉଛନ୍ତି। ଏଣୁ ପ୍ରତାରଣା ଓ ଉତ୍ପୀଡ଼ନକୁ ନିଶ୍ଚିତ କରିବା ପାଇଁ ବାହାରେ ଅଧିକ ବିରୋଧ, ବିଶ୍ୱସନୀୟତା ଓ ଗଣ ସ୍ୱର ନ ଥିବା ସ୍ଥିତି ଦେଖାଯାଉଛି। ଆଉଗୋଟେ ପଟେ ବାସ୍ତବତାର ବିପରୀତ କଥା କହୁଥିବା ଲୋକମାନେ ନେତାଙ୍କୁ ସୁରକ୍ଷା ଦେଉଛନ୍ତି। ଏପରିକି ସରକାର ଯାହା କରୁଛନ୍ତି ସେମାନେ ତାହାକୁ ସତ ବୋଲି ବିଶ୍ୱାସ କରୁଛନ୍ତି। ନିର୍ଦ୍ଦିଷ୍ଟ ଭାବେ ଲୋକଙ୍କ ସୁରକ୍ଷା ବଳୟରେ ଥିବା ନେତାମାନେ ନିଶ୍ଚିତ ଯେ ସେମାନେ ସବୁବେଳେ ଠିକ୍ କରିପାରିବେ। ଯଦି ଜଣେ ନେତା ବିନାଶକାରୀ କୋଭିଡ୍ ମହାମାରୀ ସମୟରେ ବିଶାଳ ରାଲି କରନ୍ତି ତେବେ ଏହି ରାଲିଗୁଡ଼ିକ କୋଭିଡ୍ ସଂକ୍ରମଣ ବୃଦ୍ଧି କରେ ନାହିଁ ବୋଲି ତାଙ୍କ ସହଯୋଗୀମାନେ ପ୍ରମାଣ କରିବାକୁ ପଛାଇବେ ନାହିଁ। କୋଭିଡ୍ ଦ୍ୱିତୀୟ ଲହରର ଠିକ୍ ପୂର୍ବରୁ ଭାଜପା ପ୍ରଥମେ ଏକ ପ୍ରସ୍ତାବ ପାସ୍ କରିଥିଲା। ପ୍ରଧାନମନ୍ତ୍ରୀ କୋଭିଡ୍ ମହାମାରୀକୁ ପରାସ୍ତ କରିଥିବା ଏଥିରେ ଘୋଷଣା କରାଯାଇଥିଲା, କିନ୍ତୁ ପରେ ପ୍ରସ୍ତାବକୁ ଏହାର ୱେବ୍‌ସାଇଟରୁ ହଟାଇ ଦିଆଯାଇଥିଲା।

ଧର୍ମୀୟ ପକ୍ଷପାତ ଭାଜପା ରାଜନୀତିର ଏକ ମୌଳିକ ସ୍ତମ୍ଭ ଭାବେ ପ୍ରକାଶ ପାଇଥିବାରୁ ବୈଧାନିକ ଅଧିକାର ବଣ୍ଟନରେ ସଂଖ୍ୟାଲଘୁଙ୍କ ବିରୋଧରେ ଦଳ ବାଛବିଚାର କରୁନାହିଁ ବୋଲି ଜଣାଇବାକୁ ଚାହିଁବା ସ୍ୱାଭାବିକ। ବେରୋଜଗାର ଏବଂ କମ୍ ମଜୁରି ମିଳୁଥିବା ଅନେକ କୋଟି ଲୋକ ଅନୁଭବ କରୁଛନ୍ତି ଓ ପ୍ରତିଦିନ ଏହ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଉଥିଲେ ବି ତଥ୍ୟରେ ଏମିତି ହଟଚମଟ କରାଯାଉଛି ଯେ ତାହା ପ୍ରକୃତ ଘଟଣା ନୁହେଁ ବୋଲି ଜଣାପଡ଼ିବ ଏବଂ ଭାରତ କେବଳ ଅମୃତକାଳ ଆଡକୁ ଆଗଉଛି ତାହା ନୁହେଁ ବରଂ ଏହା ସେଥିରେ ପହଞ୍ଚିଗଲାଣି ଅନୁଭବ ହେବ। ଦାରିଦ୍ର୍ୟ ବଢ଼ିବା ସହ ଖାଦ୍ୟ ସମେତ ଅନ୍ୟ କ୍ଷେତ୍ରରେ ବ୍ୟୟ ୨୦୧୨ ଓ ୨୦୧୮ ମଧ୍ୟରେ କମିଛି ବୋଲି ସରକାର ତାଙ୍କ ତଥ୍ୟରେ ଦର୍ଶାଇଥିବାବେଳେ ସେଥିରେ ସମସ୍ୟା ଥିବା କହି ଅସ୍ୱୀକାର କଲେ। ଏହାର ପ୍ରକୃତ କାରଣ ଉପସ୍ଥାପନ କରାଗଲା ନାହିଁ। ତେବେ ସଂଗୃହୀତ ତଥ୍ୟ ଏତେ ଖରାପ ଯେ ତାହାକୁ ପ୍ରକାଶ କରାଯାଇପାରିଲା ନାହିଁ ବୋଲି ସରକାର ଯାହା କହୁଛନ୍ତି ତାହାକୁ ଆମେ ସ୍ୱୀକାର କରିବାକୁ ବାଧ୍ୟ। ମହାମାରୀ ପୂର୍ବରୁ ୨୦୧୯ରେ ବେରୋଜଗାର ରେକର୍ଡ ସ୍ତରରେ ପହଞ୍ଚିଥିଲା ବୋଲି ସରକାର ତାଙ୍କ ସିଦ୍ଧାନ୍ତ ଉପସ୍ଥାପନ କରିଥିଲେ ମଧ୍ୟ ତାହାକୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ ବିଶ୍ୱାସକୁ ନେଲେ ନାହିଁ କି ପ୍ରକଟ କଲେନାହିଁ। କିନ୍ତୁ ନିର୍ବାଚନ ଶେଷ ହେବା ପରେ ତାହାକୁ ବିନା ପରିବର୍ତ୍ତନ ଓ ସମାଲୋଚନାରେ ପ୍ରକାଶ କରାଗଲା। ରାଜା ବା ମୁଖିଆଙ୍କ ଚାରିପାଖରେ ଥିବା ଏବଂ ସବୁ ଠିକ୍ ଅଛି ବୋଲି ତାଙ୍କ କାନରେ କହୁଥିବା ଲୋକମାନଙ୍କର ଏହା ହେଉଛି ନୀତି ଏବଂ ନୈତିକତା। କ୍ଷମତାରେ ଥିବା ମହିଳାଙ୍କ ସମେତ ସେହି ସମାନ ଲୋକେ ସେମାନଙ୍କ ଚାରିପାଖରେ ଘଟୁଥିବା ଭୁଲ୍ ବା ବେଆଇନ କାମରେ ଜଡ଼ିତ ଅଛନ୍ତି ଏବଂ ଅଖଣ୍ଡତା ଉପରେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିବାକୁ ପସନ୍ଦ କରୁଛନ୍ତି।

Email:aakar.patel@gmail.com

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 3 | | 5 |
| 4 | | | | | | | | 8 |
| 3 | | | 4 | | 9 | | | |
| | | 9 | | | | | 3 | |
| | 8 | | | 6 | | | | |
| | 6 | 7 | | | | | | 2 |
| | | | | | | 1 | | |
| 8 | 7 | | | | | | 5 | |
| | 2 | 1 | | | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 3 | 1 | 7 | 2 | 6 | 9 | 8 |
| 2 | 6 | 1 | 4 | 9 | 8 | 5 | 3 | 7 |
| 8 | 9 | 7 | 6 | 5 | 3 | 4 | 2 | 1 |
| 1 | 5 | 8 | 3 | 4 | 7 | 2 | 6 | 9 |
| 7 | 2 | 9 | 5 | 8 | 6 | 1 | 4 | 3 |
| 6 | 3 | 4 | 9 | 2 | 1 | 7 | 8 | 5 |
| 3 | 1 | 5 | 8 | 6 | 4 | 9 | 7 | 2 |
| 9 | 7 | 6 | 2 | 3 | 5 | 8 | 1 | 4 |
| 4 | 8 | 2 | 7 | 1 | 9 | 3 | 5 | 6 |

ଗତକାଲିର ଉତ୍ତର

# ଡାରଉଇନ୍‌ଙ୍କ ତତ୍ତ୍ୱକୁ ଭୟ କାହିଁକି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏନ୍‌ସିଇଆର୍‌ଟି ପକ୍ଷରୁ ପ୍ରକାଶିତ ଦଶମ ଶ୍ରେଣୀ ବିଜ୍ଞାନ ପାଠ୍ୟପୁସ୍ତକରୁ ବୈଜ୍ଞାନିକ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ସମ୍ପର୍କିତ ବିଷୟଟିକୁ ହଟେଇବାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଦେଶର ବିଭିନ୍ନ ଆଇଆଇଟି, ଆଇଜର ତଥା ବିଶ୍ୱବିଦ୍ୟାଳୟର ଶହ ଶହ ଗବେଷକ, ବୈଜ୍ଞାନିକ ଓ ପ୍ରଫେସର ଏହାର ପ୍ରତିବାଦ କରିବା ସହ ପୂର୍ବପରି ପାଠ୍ୟପୁସ୍ତକରେ ତାକୁ ଅବ୍ୟାହତ ରଖିବାକୁ ଦାବିକରି ସରକାରଙ୍କୁ ଚିଠି ଦେଇଛନ୍ତି।

ଯଦିଓ ଉଭୟ ଏନ୍‌ସିଇଆର୍‌ଟି ଓ ସରକାରଙ୍କ ପକ୍ଷରୁ କୋଭିଡ୍ ମହାମାରୀ ହେତୁ ପାଠ୍ୟକ୍ରମକୁ 'ଯୁକ୍ତିସଙ୍ଗତ' ଏବଂ ଛାତ୍ରଛାତ୍ରୀମାନଙ୍କ ଉପରେ ପାଠର ବୋଝକୁ ହ୍ରାସ କରିବାକୁ ଏପରି କରାଯାଇଛି ବୋଲି ସ୍ପଷ୍ଟୀକରଣ ଦିଆଯାଇଛି, ତେବେ ତାହା ସାଧାରଣରେ ବିଶ୍ୱାସ ସୃଷ୍ଟି କରିପାରିନି। ପିଲାଙ୍କ ପାଠପଢ଼ା ଏବେ ସ୍ୱାଭାବିକ ହୋଇସାରିଥିବା ବେଳେ କୋଭିଡ୍ ଆଳରେ ଏଭଳି ପଦକ୍ଷେପ ନିଶ୍ଚିତରୂପେ ହାସ୍ୟାସ୍ପଦ ମନେହୁଏ। ବିଶେଷକରି ନିକଟ ଅତୀତରେ ଇତିହାସ ଓ ରାଜନୀତି ବିଜ୍ଞାନ ପରେ ଏବେ ବିଜ୍ଞାନ ପୁସ୍ତକରୁ ବାଦ୍ ପଡ଼ିଥିବା ଅଂଶ ଓ ବିଷୟକୁ ଦେଖିଲେ ସରକାର କୌଣସି ଯୁକ୍ତିସଙ୍ଗତ କାରଣରୁ ନୁହେଁ ବରଂ ନିଜର ରୂଢ଼ିବାଦୀ ଓ ସାମ୍ପ୍ରଦାୟିକ ବିଚାର ଅନୁରୂପ ହଟେଇଥିବା ସ୍ପଷ୍ଟ ଜଣାପଡୁଛି।

ଜୀବସୃଷ୍ଟି ସମ୍ପର୍କରେ ବ୍ରିଟିଶ୍ ବୈଜ୍ଞାନିକ ଚାର୍ଲସ୍ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ୍‌ର ତତ୍ତ୍ୱ ବିଶ୍ୱର ବିଜ୍ଞାନ ଓ ଧର୍ମ ଜଗତରେ ଏକଦମ୍ ଚହଳ ସୃଷ୍ଟି କରିଥିଲା। ୧୮୩୧ ମସିହାରେ ଇଂଲଣ୍ଡର ରୟାଲ ନୌବାହିନୀର ପର୍ଯ୍ୟବେକ୍ଷଣ ଜାହାଜ ଏଚ୍‌ଏମ୍‌ଏସ୍ ବିଏଗ୍ଲିରେ ଜଣେ କ୍ୟାବିନ୍ ସହାୟକ ଭାବେ ସେ ବିଶ୍ୱର ଅନେକ ଦେଶ ପରିଭ୍ରମଣ କରିଥିଲେ। ମାତ୍ର ୨୨ ବର୍ଷ ବୟସରେ ଯାତ୍ରା ଆରମ୍ଭ କରିବା ବେଳେ ସେ ବାଇବେଲରେ ବର୍ଣ୍ଣିତ ସୃଷ୍ଟିତତ୍ତ୍ୱ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ। କିନ୍ତୁ ଦୀର୍ଘ ଆଠବର୍ଷରେ ୪୦ ହଜାର କି.ମି.ରୁ ଅଧିକ ଜଳଯାତ୍ରା ସମୟରେ ସେ ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରକୃତିର ରହସ୍ୟକୁ ଦେଖୁ ଦେଖୁ ଜଣେ ବସ୍ତୁବାଦୀ ଦାର୍ଶନିକ ଭାବେ ରୂପାନ୍ତରିତ ହୋଇଯାଇଥିଲେ। ତାହା ହିଁ ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ପ୍ରକୃତି ବିଜ୍ଞାନୀ ହିସାବରେ ପରିଚିତ କରିଥିଲା।

ଡାରଉଇନ୍‌ଙ୍କ ତତ୍ତ୍ୱଟି ଆଦୌ କଳ୍ପନାପ୍ରସୂତ ନ ଥିଲା। ଲଗାତର ଭାବେ ପରୀକ୍ଷା, ପର୍ଯ୍ୟବେକ୍ଷଣ ଓ ସେଥିରୁ ସିଦ୍ଧାନ୍ତକୁ ବାହାର କରିବାର ବୈଜ୍ଞାନିକ ପ୍ରକ୍ରିୟା ଜରିଆରେ ସେ ସତ୍ୟରେ ଉପନୀତ ହୋଇଥିଲେ। ଜଳଯାତ୍ରାରୁ ଫେରି ଦୀର୍ଘ ଦୁଇ ଦଶକ ଧରି ବିପୁଳ ପରିମାଣର ତଥ୍ୟ ଓ ଯୁକ୍ତି ଦେଇ ସେ ତାଙ୍କର ପ୍ରଥମ ପୁସ୍ତକ 'ପ୍ରାକୃତିକ ଚୟନ ଜରିଆରେ ପ୍ରଜାତିର ସୃଷ୍ଟି'କୁ ପ୍ରସ୍ତୁତ କରିଥିଲେ। ଏହି ପୁସ୍ତକ ବୌଦ୍ଧିକ ଜଗତକୁ ଏକଦମ୍ ଦୋହଲାଇ ଦେଇଥିଲା। ବିଭିନ୍ନ ଧର୍ମ ବିଶେଷକରି ବାଇବେଲ ଦ୍ୱାରା ପ୍ରଚାରିତ 'ପ୍ରଜାତି ଅପରିବର୍ତ୍ତନଶୀଳ ଓ ଈଶ୍ୱରଙ୍କ ସୃଷ୍ଟି' ବୋଲି ସେଯାଏ ରହିଥିବା ଭାବବାଦୀ ଧାରଣାକୁ ଏହି ତତ୍ତ୍ୱ ଏକ ଶକ୍ତ ଆଘାତ ଦେଇଥିଲା। ନିର୍ଜୀବ ବସ୍ତୁଠାରୁ ସଜୀବ ବସ୍ତୁ, ଏକକୋଷୀ ପ୍ରାଣୀଠାରୁ ବହୁକୋଷୀ ପ୍ରାଣୀ, ଜଳଠାରୁ ସ୍ଥଳ ସବୁଜାଗାରେ କିପରି ପ୍ରାଣର ବିସ୍ତାର ହୋଇଛି, ତା'ର ଏକ ବୈଜ୍ଞାନିକ ବ୍ୟାଖ୍ୟା ଦେବାରେ ଡାରଉଇନ୍‌ଙ୍କ ଉପରୋକ୍ତ ପୁସ୍ତକ ଏକ ଶକ୍ତିଶାଳୀ ପ୍ରୟାସ କରିଥିଲା।



ଏଠାରେ କହିବା ଉଚିତ ହେବ, କେନ୍ଦ୍ର ସରକାରଙ୍କ ଦ୍ୱାରା ଡାରଉଇନ୍‌ଙ୍କ ବିବର୍ତ୍ତନବାଦ୍‌କୁ ସ୍କୁଲ ପାଠ୍ୟକ୍ରମରୁ ହଟାଇବା ଏବଂ କିଛିବର୍ଷ ପୂର୍ବରୁ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ସତ୍ୟପାଲ ସିଂ ଏହି ତତ୍ତ୍ୱକୁ ଭୁଲ୍ ବୋଲି କହି ତାକୁ ପାଠ୍ୟପୁସ୍ତକରୁ ହଟେଇବାକୁ ଦେଇଥିବା ବୟାନ କୌଣସି ବିଚ୍ଛିନ୍ନ ଘଟଣା ଆଦୌ ନୁହେଁ। ଉଭୟ କ୍ଷେତ୍ରରେ ବର୍ତ୍ତମାନ ସରକାରରେ ଥିବା ଭାଜପା ଓ ତା'ର ସମଭାବାପନ୍ନ ସଂଗଠନଗୁଡ଼ିକ ବିଚାରଧାରାର ଏହା ପରିପ୍ରକାଶ ମାତ୍ର।

ଆମ ଦେଶର ସମ୍ବିଧାନର ଧାରା ୫୧(କ)(ଜ)ରେ ବୈଜ୍ଞାନିକ ମନୋଭାବର ପ୍ରଚାର ପ୍ରସାର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି। କିନ୍ତୁ ଆଜି ଅବସ୍ଥା ଏପରି ହୋଇଛି ଯେ ସମ୍ବିଧାନର ଶପଥ ନେଇ ଶାସନରେ ବସିଥିବା ଲୋକେ ଅତ୍ୟନ୍ତ ନିର୍ଭୀକ ଭାବେ ରୁଢ଼ିବାଦୀ ଓ ଅବୈଜ୍ଞାନିକ କଥାସବୁ କହିଯାଉଛନ୍ତି। ଏଠାରେ କେହି ପ୍ରଶ୍ନ କରିପାରନ୍ତି, ଅବୈଜ୍ଞାନିକ ବିଶ୍ୱାସ ଉପରେ ଆଧାରିତ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ନିଜସ୍ୱ ବୟାନକୁ ନେଇ ଆମେ ଚିନ୍ତିତ ହେବା କ'ଣ ଦରକାର? କିନ୍ତୁ ବାସ୍ତବ କଥା ହେଲା ଦାୟିତ୍ୱପୂର୍ଣ୍ଣ ପଦପଦବୀରେ ବସିଥିବା ଏହି ବ୍ୟକ୍ତିମାନଙ୍କ ଅବୈଜ୍ଞାନିକ ମନ୍ତବ୍ୟ କେବଳ ସେମାନଙ୍କ ନିଜସ୍ୱ କୋଠରି ମଧ୍ୟରେ ସୀମିତ ରହି ନ ଥାଏ। ବରଂ ଏହି ବୟାନଗୁଡ଼ିକ ପଛରେ ରହିଥିବା ବିଚାରର ପ୍ରଭାବ ଦେଶର ନୀତି ଉପରେ ପଡୁଥିବା ଦେଖାଯାଉଛି।

ଚାଇନା, ଆମେରିକା, ଜାପାନ ପରି ବିଶ୍ୱର ଉନ୍ନତ ଦେଶଗୁଡ଼ିକ ବିଜ୍ଞାନ ଓ ଗବେଷଣା ପାଇଁ ଆମଠାରୁ ଅନେକ ଗୁଣ ଅଧିକ ଖର୍ଚ୍ଚ କରୁଥିବା ବେଳେ ଆମ ଦେଶରେ ପ୍ରତିବର୍ଷ ବଜେଟ୍‌ରେ ଏ ବାବଦରେ ବ୍ୟୟବରାଦ କମିବା ଦେଖାଯାଉଛି। ଆଇଆଇଟି, ଏନ୍‌ଆଇଟି, ନାଇଜର ଓ ଆଇଜର ପରି ଜାତୀୟସ୍ତରର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଂସ୍ଥାଗୁଡ଼ିକୁ ସରକାର ଲଗାତର ଅନୁଦାନ ହ୍ରାସ ସହିତ ଘରୋଇ କମ୍ପାନୀଙ୍କ ସହାୟତାରେ ନିଜର ଖର୍ଚ୍ଚ ବାହାର କରିବାକୁ କୁହାଯାଉଛି। ବିଜ୍ଞାନର ଉଚ୍ଚତର ଗବେଷଣାରେ ନିୟୋଜିତ ଗବେଷକମାନଙ୍କ ଷ୍ଟାଇପେଣ୍ଡ ବର୍ଷ ବର୍ଷ ଧରି ନ ବଢ଼ିବା ଦେଖାଯାଇଛି। ମାଧ୍ୟମିକସ୍ତରରୁ ବୈଜ୍ଞାନିକ ଗବେଷଣା ପାଇଁ ମେଧାବୀ ପିଲାଙ୍କୁ ଆକର୍ଷିତ କରିବାକୁ ଉଦ୍ଦିଷ୍ଟ କିଶୋର ବୈଜ୍ଞାନିକ ବୃତ୍ତି ଯୋଜନାକୁ ଇତିମଧ୍ୟରେ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି। ରୁଢ଼ିବାଦ ଓ ଅବୈଜ୍ଞାନିକ ବିଚାରରେ ବିଶ୍ୱାସୀ ଦେଶର ଶାସକ ଗୋଷ୍ଠୀଙ୍କ ପକ୍ଷରୁ ବିଜ୍ଞାନ ଉପରେ ଲଗାତର ଆକ୍ରମଣ ସହିତ ଛଦ୍ମ ବିଜ୍ଞାନ ବା ଅବୈଜ୍ଞାନିକ ଚିନ୍ତାକୁ ଲଦିଦେବାର ଉଦ୍ୟମଟି ଅତ୍ୟନ୍ତ ବିପଜ୍ଜନକ।

ବିବର୍ତ୍ତନବାଦ ପଢ଼ିବାର ପରିଣାମ ହେଉଛି ସୃଷ୍ଟିକର୍ତ୍ତାର ଧାରଣାରୁ ମଣିଷକୁ ବାହାର କରିଦେବା। କାରଣ ଡାରଉଇନ୍‌ବାଦ ବା ବିବର୍ତ୍ତନବାଦ କହୁଛି ସବୁକିଛି ଈଶ୍ୱରଙ୍କ ଦ୍ୱାରା ନୁହେଁ ବରଂ ପ୍ରକୃତିରୁ ସୃଷ୍ଟି ହୋଇଛି। ଏହି ପୃଥିବୀ, ଗ୍ରହ ଉପଗ୍ରହ, ସମସ୍ତ ପ୍ରାଣୀ ସବୁକିଛି ପ୍ରକୃତିର ବିଭିନ୍ନ କ୍ରିୟା ପ୍ରତିକ୍ରିୟା ଦେଇ ସୃଷ୍ଟି ହୋଇଛନ୍ତି। ଅତଏବ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବର ବିକାଶ ପାଇଁ ବିବର୍ତ୍ତନର ପ୍ରକ୍ରିୟାକୁ ଜାଣିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଧର୍ମୀୟ ରୁଢ଼ିବାଦୀ ଓ ଅବୈଜ୍ଞାନିକ ବିଚାର ରଖୁଥିବା ସରକାରମାନେ ପିଲାମାନଙ୍କୁ ସୃଷ୍ଟି ସମ୍ପର୍କରେ ସତ୍ୟ ନ ଜଣାଇବାକୁ ବିବର୍ତ୍ତନବାଦ ପଢ଼ିବାରୁ ବଞ୍ଚିତ କରିବା ଦେଖାଯାଇଛି, ଯାହାକି ଆମ ଶିକ୍ଷାକୁ ଏକ ପ୍ରହସନରେ ପରିଣତ କରିବାକୁ ଯାଉଛି।

ଡାରଉଇନ୍‌ଙ୍କ ତତ୍ତ୍ୱ ବିଜ୍ଞାନକୁ ସବୁଠାରୁ ଶ୍ରେଷ୍ଠ ଉପହାର ହୋଇଥିବା ବେଳେ ସାରା ବିଶ୍ୱର ରୁଢ଼ିବାଦୀ ଓ ଧର୍ମୀୟ ମୌଳବାଦୀ ଶକ୍ତିମାନେ ତାକୁ ନିଜର ଅସ୍ତିତ୍ୱ ପାଇଁ ବିପଦ ବୋଲି ମନେକରି ଆସିଛନ୍ତି। ଆମେରିକାଠାରୁ ଆରମ୍ଭକରି ମଧ୍ୟପ୍ରାଚ୍ୟ ଏପରି କି ଭାରତ ପର୍ଯ୍ୟନ୍ତ ବିଭିନ୍ନ ଧର୍ମର ମୌଳବାଦୀ ଓ ରୁଢ଼ିବାଦୀ ଶକ୍ତିମାନେ ସର୍ବଦା ତା' ବିରୋଧରେ ମୁଖର ହୋଇ ଆସିଛନ୍ତି। ତେବେ ବିବର୍ତ୍ତନବାଦ୍ ନେଇ ଅସହମତି ସତ୍ତ୍ୱେ ବିଶ୍ୱର ବହୁତ କମ୍ ଦେଶ ହିଁ ନିଜର ପାଠ୍ୟପୁସ୍ତକରେ ଏହାକୁ ସ୍ଥାନ ନ ଦେଇ ନିଜ ପିଲାଙ୍କୁ ତାକୁ ପଢ଼ିବାରୁ ବଞ୍ଚିତ କରିବା ଦେଖାଯାଇଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ଆରବ ଅଥବା ଭାରତର ପଡ଼ୋଶୀ ଇସ୍‌ଲାମିକ ଦେଶଗୁଡ଼ିକ ରହିଛନ୍ତି। ପାକିସ୍ତାନ, ବାଂଲାଦେଶ ପରି ଇସ୍‌ଲାମିକ୍ ଦେଶରେ ପାଠ୍ୟପୁସ୍ତକରେ ଇସ୍‌ଲାମ୍ ଧର୍ମର ସୃଷ୍ଟିତତ୍ତ୍ୱ ସହିତ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ୍‌କୁ ମଧ୍ୟ ସ୍ଥାନ ଦିଆଯାଇଥିବା ବେଳେ ସାଉଦି ଆରବ, ଓମାନ୍, ଆଲଜେରିଆ ଏବଂ ମର୍‌କୋ ନିଜ ଦେଶରେ ଏହି ତତ୍ତ୍ୱକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି। ଜୋର୍ଡାନରେ ଏହାକୁ ଧର୍ମର ପରିଧି ମଧ୍ୟରେ ଶିଖିବାର ବ୍ୟବସ୍ଥା ରହିଥିବା ବେଳେ ଇଜିପ୍ଟ ଓ ଟ୍ୟୁନିସିଆର ପାଠ୍ୟପୁସ୍ତକରେ ଏହାକୁ ଏକ ପ୍ରମାଣ ନ ଥିବା ତତ୍ତ୍ୱ ରୂପେ ଉପସ୍ଥାପିତ କରାଯାଇଛି। ଆମେରିକାର ଖ୍ରୀଷ୍ଟିୟାନ ରୁଢ଼ିବାଦୀ ଶକ୍ତିମାନେ ଏହା ବଦଳରେ ବାଇବେଲର ସୃଷ୍ଟିତତ୍ତ୍ୱକୁ ପିଲାଙ୍କୁ ପଢ଼ାଇବାକୁ ଲଗାତର ଦାବି କରିଆସିଛନ୍ତି। ତେବେ ନିକଟ ଅତୀତରେ ତୁର୍କୀକୁ ଛାଡ଼ିଦେଲେ ଅନ୍ୟ କୌଣସି ଦେଶ ଏହାକୁ ଆଦର୍ଶଗତ ଭାବେ ବିରୋଧ କରି ନିଜର ପାଠ୍ୟପୁସ୍ତକରୁ ହଟେଇ ନାହାନ୍ତି। ୨୦୧୮ରେ ତୁର୍କୀରେ ଇସ୍‌ଲାମିକ୍ ମୌଳବାଦୀମାନେ ଶାସନ କ୍ଷମତା ଉପରେ ନିଜର ପ୍ରଭାବକୁ ସୁଦୃଢ଼ କରିବା ପରେ ସେଠାକାର ପାଠ୍ୟପୁସ୍ତକରୁ ବିବର୍ତ୍ତନବାଦକୁ ହଟେଇବା ଦେଖାଯାଇଛି। ନିକଟରେ ଆମ ଦେଶରେ କୋଭିଡ୍ ଓ ପାଠର ବୋଝ କମାଇବା ବାହାନାରେ ଏନ୍‌ସିଇଆର୍‌ଟିର ପାଠ୍ୟପୁସ୍ତକରୁ ବିବର୍ତ୍ତନବାଦକୁ ହଟେଇବାର ନିଷ୍ପତ୍ତି ନେଇ ଆମେ ନିଜକୁ ସେସବୁ ମୌଳବାଦୀ ଦେଶଙ୍କ ଧାଡ଼ିରେ ସାମିଲ କରିନାହୁଁକି?

ମୋ:୯୪୩୭୧୭୬୩୭୪

# ଗୋଲ୍‌ଡେନ୍ ନାବିକ

ଜୀବନରେ ଯିଏ ସାହସ ପ୍ରଦର୍ଶନ କରିପାରନ୍ତି, ସେମାନେ ଜିତିଥାଆନ୍ତି। ବିଶେଷକରି ଦୁଃସାହସିକ ଯାତ୍ରାରେ ଭାଗ ନେଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନେକେ ଦୃଷ୍ଟାନ୍ତ ସୃଷ୍ଟି କରି ଇତିହାସରେ ନାମକୁ ଲିପିବଦ୍ଧ କରିଥାଆନ୍ତି। ସମ୍ଭବତଃ ସଂଘର୍ଷରୁ ବିଜୟଲାଭ କରିଥିବା ଏଭଳି ବ୍ୟକ୍ତିଙ୍କ କାହାଣୀ ଶୁଣି ଜୀବନରେ ଭାଙ୍ଗି ପଡୁଥିବା ମଣିଷ ସଳଖ ହୋଇ ଛିଡ଼ା ହେବାର ପ୍ରେରଣ ପାଇଥାଏ। ସ୍ଥିର ଜଳରେ ଜଣେ ଭଲ ନାବିକ ସୃଷ୍ଟି ହୋଇପାରି ନ ଥାନ୍ତି। ଭାରତୀୟ ନାବିକ ଅଭିଲାଷ ଟମି ୨୦୧୮ରେ ଚତୁର୍ଦ୍ଦିଗ ସାଗର ପରିଭ୍ରମଣ କରିବା ବେଳେ ଆଖି ଆଗରେ ମୃତ୍ୟୁକୁ ଦେଖିଥିଲେ। ୟାଚ୍(ଜଳଯାତ୍ରାରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ପ୍ରସ୍ତୁତ ମଧ୍ୟମ ଧରଣର ପାଲଟଣା ଡଙ୍ଗା)ରେ ସେ ଯାତ୍ରା କରିବା ବେଳେ ସମୁଦ୍ର ଝଡ଼ର ସାମ୍ନା କଲା ସମୟରେ ମେରୁଦଣ୍ଡରେ ଘୋର ଆଘାତ ପାଇ ଦୀର୍ଘଦିନ ଚିକିତ୍ସିତ ହୋଇଥିଲେ। ହେଲେ ସେ ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହୋଇ ନ ଥିଲେ। ଅଦମ୍ୟ ଇଚ୍ଛାଶକ୍ତି ଯୋଗୁ ସେ ୨୦୨୨ର ଗୋଲ୍‌ଡେନ୍ ଗ୍ଲୋବ୍ ରେସ୍‌ରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଜୟଯାତ୍ରାର କାହାଣୀ ସଂଘର୍ଷରତ ମଣିଷ ପାଇଁ ମହୌଷଧୀ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଫ୍ରାନ୍ସର ପଶ୍ଚିମ ଉପକୂଳ ଲେସ୍ ସାବ୍‌ଲେସ୍-ଡି ଓଲୋନେରୁ ଆରମ୍ଭ ହୋଇଥିବା ଯାତ୍ରା ବିନା ରହଣିରେ ଦକ୍ଷିଣ ଗୋଲାର୍ଦ୍ଧର ସର୍ବବୃହତ୍ ଅନ୍ତରୀପ ଦେଇ ବିଶ୍ୱ ପରିକ୍ରମା କରିବା ପରେ ପୁନଶ୍ଚ ଆଦ୍ୟସ୍ଥଳରେ ପହଞ୍ଚି ପାରିଲେ ଜଣେ ଗୋଲ୍‌ଡେନ୍ ଗ୍ଲୋବ୍ ରେସ୍‌ର ବିଜେତା ହୋଇପାରିବେ। ଅଭିଲାଷ ଏହି ଯାତ୍ରାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଥମ ବିଜେତା ହୋଇଛନ୍ତି ଦକ୍ଷିଣ ଆଫ୍ରିକୀୟ ମହିଳା କିର୍‌ଷ୍ଟେନ୍ ନ୍ୟୁଷ୍ଟାଫର। କିର୍‌ଷ୍ଟେନ୍ ମଧ୍ୟ ବିଶ୍ୱର ପ୍ରଥମ ମହିଳା ଭାବେ ଏହି କୀର୍ତ୍ତିମାନ ରଚିଛନ୍ତି। ଏହି ପ୍ରତିଯୋଗିତାର ନିୟମ ଦେଖିଲେ ଜଳଯାତ୍ରାରେ ଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀମାନେ ଆଶ୍ରୟ ନେବା ଓ ଡଙ୍ଗାକୁ ମରାମତି କରିପାରିବେ; କିନ୍ତୁ ବନ୍ଦରକୁ ପ୍ରବେଶ କରିପାରିବେ ନାହିଁ କି କାହାର ସାହାଯ୍ୟ ନେଇପାରିବେ ନାହିଁ। ଅର୍ଥାତ୍ ଏକାକୀ ଚତୁର୍ଦ୍ଦିଗ ପରିଭ୍ରମଣ କରିବାର ଦକ୍ଷତା ରଖିଥିବା ବ୍ୟକ୍ତି ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇ ଥାଆନ୍ତି।

ଅଭିଲାଷ କେରଳ କୋଟ୍ଟାୟାମ୍ ଅନ୍ତର୍ଗତ ଛେଙ୍ଗିପୁଝାଠାରେ ୫ ଫେବୃୟାରୀ ୧୯୭୯ରେ ଜନ୍ମଗ୍ରହଣ କରିଥିଲେ। ପିତା ପୂର୍ବତନ ନୌସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଭି.ସି. ଟମି ତାଙ୍କ ଆଦର୍ଶ। ମାତା ଭାଲ୍‌ସାମ୍ମା ଓ ତାଙ୍କର ଆଉ ଜଣେ ଭାଇ ଅଛନ୍ତି ଅନିଶ ଟମି। ତେବେ ସହଧର୍ମିଣୀ ଉର୍ମିମାଳା ନାଗ, ଦୁଇ ପୁଅ ବେଦାନ୍ତ ଓ ଅଭ୍ରନିଲ୍‌ଙ୍କୁ ନେଇ ତାଙ୍କ ସଂସାର। ସ୍କୁଲ ଶିକ୍ଷା ଶେଷ କରିବା ପରେ ଅଭିଲାଷ ଗୋଆ ନାଭାଲ ଏକାଡେମୀରେ ଯୋଗ ଦେଇଥିଲେ। ୨୦୦୦ ମସିହାରେ ସେ ସେଠାରେ ନୌବାହିନୀରେ ଯୋଗଦେଇଥିଲେ। ୨୦୦୨ରେ ଫ୍ଲାଇଂ ଶେଷ କରି ମାରିଟାଇମ୍ ରିକାନେସେସ୍ ପାଇଲଟ ଯୋଗ୍ୟତା ଅର୍ଜନ କରିଥିଲେ। ହେଲେ ଏହା ପରେ ତାଙ୍କ ନାବିକ କ୍ୟାରିୟର ଆରମ୍ଭ ହୋଇଥିଲା। ବିଶ୍ୱ ପରିକ୍ରମା କରିବା ପୂର୍ବରୁ ୨୦୧୧ କେପ୍ ଟାଉନ୍‌ରୁ ରିଓ ରେସ୍ ସମେତ ଅଭିଲାଷ ବହୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଜଳଯାତ୍ରାର ପ୍ରାରମ୍ଭିକ ସଫଳତା ୨୦୧୩ରେ ଦେଖିବାକୁ ମିଳିଥିଲା। ୧ ନଭେମ୍ବର ୨୦୧୨ରେ ଅଭିଲାଷ ମୁମ୍ବାଇର ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଯାତ୍ରା ଆରମ୍ଭ କରି କେପ୍ ଅଫ୍ ଗୁଡ୍ ହୋପ୍, କେପ୍ ହର୍ନ ଓ କେପ୍ ଲ୍ୟୁଭିନ୍ ଦେଇ ୨୩,୩୦୦ ନଟିକାଲ ମାଇଲ୍ସ ଅତିକ୍ରମ କରି ୩୧ ମାର୍ଚ୍ଚ ୨୦୧୩ରେ ପୁଣି ମୁମ୍ବାଇରେ ଆସି ପହଞ୍ଚିଥିଲେ। ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ଅର୍ଜନ କରିଥିଲେ। ଅଭିଲାଷଙ୍କୁ ୬ ଏପ୍ରିଲ ୨୦୧୩ରେ ଗେଟ୍ ୱେ ଅଫ୍ ଇଣ୍ଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ସମ୍ମାନିତ କରିଥିଲେ। ଏହା ତାଙ୍କ ମନୋବଳକୁ ବଢ଼ାଇ ଦେଇଥିଲା। ଇଚ୍ଛା ଥିଲେ ଉପାୟ ଆସିବା ଭଳି ତାଙ୍କୁ ଏସିଆର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଭାବେ ସୋଲୋ ନନ୍-ଷ୍ଟପ୍ ରାଉଣ୍ଡ-ଦି-ୱାର୍ଲ୍ଡ ଗୋଲ୍‌ଡେନ୍ ଗ୍ଲୋବ ରେସ୍‌ର ୨୦୧୮ ସଂସ୍କରଣରେ ଭାଗ ନେବା ଲାଗି ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଥିଲା। ଜଳଯାତ୍ରାର ୮୨ ଦିନରେ ଯେତେବେଳେ ତାଙ୍କ ସ୍ଥିତି ତୃତୀୟ ସ୍ଥାନରେ ଥିଲା, ସେ ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହୋଇଥିଲେ। ଗଭୀର ସାଗରରେ ବୋଟ୍ ଭାଙ୍ଗିଯିବା ସହିତ ତାଙ୍କ ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିବାରୁ ସେ ଅସହାୟ ହୋଇପଡ଼ିଥିଲେ। ବହୁରାଷ୍ଟ୍ରୀୟ ଉଦ୍ଧାରକାରୀ ଦଳ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଇଣ୍ଡିଆନ୍ ନାଭି ଭେସଲ୍‌ରେ ଭାରତ ପଠାଯାଇଥିଲା। ଭାରତରେ ପହଞ୍ଚିବାର ଦୁଇ ଦିନ ପରେ ତାଙ୍କ ମେରୁଦଣ୍ଡରେ ଟାଇଟାନିୟମ୍ ରଡ୍ ଭର୍ତ୍ତି କରାଯାଇଥିଲା। ୧୧ ଜାନୁୟାରୀ ୨୦୨୧ରେ ଚାକିରି ଅବଧି ସରିବା ପୂର୍ବରୁ ସେ ନୌସେନାରୁ ଅବସର ନେଇଥିଲେ। ଦାରୁଣ କଷ୍ଟ ସହିଥିଲେ ମଧ୍ୟ ସେ ବିଶ୍ୱବିଜୟୀ ହେବାର ଆଶା ଛାଡ଼ି ନ ଥିଲେ। ସୁଦିନ ତାଙ୍କୁ ଦୃଶ୍ୟମାନ ହେବା ପରେ ସେ ୨୦୨୨ ୱାର୍ଲ୍ଡ ଗୋଲ୍‌ଡେନ୍ ଗ୍ଲୋବ ରେସ୍‌ରେ ଭାଗ ନେଲେ। ତାଙ୍କ ବୋଟ୍ 'ବୟାନତ୍' ଜରିଆରେ ୨୩୬ ଦିନ (କିର୍‌ଷ୍ଟେନ୍ ନେଇଥିଲେ ୨୩୫ ଦିନ)ରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ସେ ଦ୍ୱିତୀୟ ସ୍ଥାନ ଅଧିକାର କଲେ। ୨୯ ଏପ୍ରିଲ ୨୦୨୩ରେ ତାଙ୍କ ସଫଳତା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସେ ଭାରତୀୟଙ୍କ ପାଇଁ ଗର୍ବ ଆଣିପାରିଛନ୍ତି। ତାଙ୍କ ସଫଳତା ସକାଶେ ସେ ପରିବାର ବିଶେଷକରି ସହଧର୍ମିଣୀଙ୍କୁ ଅଧିକ ଶ୍ରେୟ ଦେଇଛନ୍ତି। କାରଣ ଦୁର୍ଦ୍ଦିନରେ ପତ୍ନୀ ସେବା ଯୋଗାଇ ଦେଉଥିବା ବେଳେ ବାରମ୍ବାର ତାଙ୍କ ସ୍ୱପ୍ନକୁ ଉଜାଗର କରାଉଥିଲେ ବୋଲି ଅଭିଲାଷ କହିଛନ୍ତି।

ବ୍ୟକ୍ତିତ୍ୱ



ଅଭିଲାଷ ଟମି

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମହିଳା ସଶକ୍ତୀକରଣର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ପଶ୍ଚିମ ମହାରାଷ୍ଟ୍ରରେ। ଚେତନା ଗଲା ସିହ୍ନା ନିଜସ୍ୱ ଉଦ୍ୟମରେ ଏକ ବ୍ୟାଙ୍କ ପ୍ରତିଷ୍ଠା କରି ୨ ଲକ୍ଷ ଗ୍ରାମୀଣ ମହିଳାଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହ ଯୋଡ଼ିପାରିଛନ୍ତି। ଏହି ବ୍ୟାଙ୍କର ନାଁ ରଖିଛନ୍ତି ମାନ ଦେଶୀ ମହିଳା ସହକାରୀ ବ୍ୟାଙ୍କ। ଏହାକୁ ସେ ୧୯୯୭ରେ ପ୍ରତିଷ୍ଠା କରିଥିଲେ। ଚେତନାଙ୍କ ବୟସ ଏବେ ୬୫। ଭାରତରେ ପ୍ରଥମେ ଗ୍ରାମୀଣ ମହିଳାମାନଙ୍କ ପାଇଁ ସେ ଏଭଳି ବ୍ୟାଙ୍କ ଖୋଲିଥିଲେ। ଥରେ ଚେତନା ତାଙ୍କ ପଡୋଶୀଙ୍କୁ ନେଇ ବ୍ୟାଙ୍କରେ ଖାତା ଖୋଲିବାକୁ ଯାଇଥିଲେ। କିନ୍ତୁ ପଡ଼ୋଶୀଙ୍କ ପାଖରେ ଆବଶ୍ୟକ ଟଙ୍କା ନ ଥିବାରୁ ସେ ଖାତା ଖୋଲିପାରିଲେ ନାହିଁ। ଏଭଳି ଘଟଣା ଚେତନାଙ୍କୁ ମର୍ମାହତ କଲା। ପରେ ସେ ମହିଳାମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦେବା ଲାଗି ରିଜର୍ଭବ୍ୟାଙ୍କରୁ ଲାଇସେନ୍ସ ପାଇଁ ଅବେଦନ କରିଥିଲେ। ପରେ ସେ ୧,୩୩୫ ମହିଳାଙ୍କର ୭.୮ ଲକ୍ଷ ଟଙ୍କା ନେଇ ବ୍ୟାଙ୍କ ପ୍ରତିଷ୍ଠା କଲେ। ଏବେ ସେଥିରେ ୨ ଲକ୍ଷ ମହିଳା ଟଙ୍କା ଜମା ରଖିବା ସହ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସକ୍ରିୟ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଏପ୍ରିଲ ୧୯୯୮

- ସୀମାସୁରକ୍ଷା, ସନ୍ତ୍ରାସବାଦ ନିୟନ୍ତ୍ରଣ ଏବଂ ନୂତନ ପ୍ରକଳ୍ପରେ ସହଯୋଗକୁ ଦୃଢ଼ୀଭୂତ କରିବା ନେଇ ଭାରତ-ମ୍ୟାନମାର ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ।
- ଇନ୍ଦୋର ଅନ୍ତର୍ଗତ ମାନପୁର ନିକଟସ୍ଥ ଭେରୁଘାଟଠାରେ ମଧ୍ୟପ୍ରଦେଶ ରାଜ୍ୟ ସଡ଼କ ପରିବହନ ନିଗମର ଏକ ଯାତ୍ରୀବାହୀ ବସ୍ ଖାତ ଭିତରକୁ ଖସିପଡ଼ିବା ଫଳରେ ୧୩ ମୃତ।

## ଚିରନ୍ତନୀ

ନବୀନ ପୂଜକ ରୂପେ ଏ ଧରାର
ଥିଲ ଦିନେ ଧ୍ୟାନ
ଜନ୍ମିଥିଲ ଯେଣୁ ତା'ର ହୋଇ ଏକ
ପୂତ ଅବଦାନ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉତ୍କଳ ପ୍ରସଙ୍ଗ ପଠାଯିବା ଉଚିତ

ମହାଶୟ,

ସତ୍ୟବାଦୀ ବା ସାକ୍ଷୀଗୋପାଳଠାରେ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ପଞ୍ଚସଖା ପାଠାଗାର ତଥା ସୂଚନାଭବନକୁ ପ୍ରତ୍ୟହ ଖବରକାଗଜ ଓ କିଛି ପତ୍ରିକା ପଠାଯାଉଛି, ଯାହାକୁ କି ଛାତ୍ରୀଛାତ୍ର ତଥା ସ୍ଥାନୀୟ ବୁଦ୍ଧିଜୀବୀମାନେ ପଢୁଛନ୍ତି। ମାତ୍ର ଦୁଃଖର ବିଷୟ ଓଡ଼ିଶାର ପ୍ରଗତି, ଐତିହ୍ୟ, ସଂସ୍କୃତି ଓ ସାହିତ୍ୟ ସମ୍ପର୍କିତ ସୁନାମଧନ୍ୟ ଲେଖକମାନଙ୍କ ଲେଖାଗୁଡ଼ିକ ଉତ୍କଳ ପ୍ରସଙ୍ଗରେ ସ୍ଥାନ ପାଉଥିଲେ ମଧ୍ୟ ଏ ପାଠାଗାରକୁ ଆସୁନାହିଁ। ପ୍ରତ୍ୟେକ ସଂସ୍କରଣର ଏକକିତା ଉକ୍ତ ପାଠାଗାରକୁ ପଠାଇଲେ ଆଗ୍ରହୀ ପାଠକବୃନ୍ଦ ପଢ଼ିବାର ସୁଯୋଗ ପାଆନ୍ତେ। ତେଣୁ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ ପ୍ରତ୍ୟେକ ସଂଖ୍ୟାର ଏକକିତା ପୁସ୍ତକ ଏହି ପାଠାଗାରକୁ ପଠାଇଲେ ବହୁଦିନ ଧରି ଅପେକ୍ଷାରେ ଥିବା ପାଠକଗୋଷ୍ଠୀ ଉପକୃତ ହେବେ।

-ବନମାଳୀ ବେହେରା, ସାକ୍ଷୀଗୋପାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏମ୍.ଅରୁଣା ଇଣ୍ଡିଆନ୍ ବ୍ୟାଙ୍କର ନୂଆ କ୍ଷେତ୍ର ମହାପ୍ରବନ୍ଧକ


ଏମ୍.ଅରୁଣା

ଭୁବନେଶ୍ୱର,୨୯।୪

ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟର ନୂତନ କ୍ଷେତ୍ର ମହାପ୍ରବନ୍ଧକ ଭାବେ ବରିଷ୍ଠ ବ୍ୟାଙ୍କର୍ସ ଏମ୍.ଅରୁଣା ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ତିରୁପତି ଅଞ୍ଚଳର ଅଞ୍ଚଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୧୯୮୮ରେ ଅରୁଣା ଇଣ୍ଡିଆନ୍ ବ୍ୟାଙ୍କରେ ଯୋଗଦେବା ସହ କର୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦବୀରେ ରହି କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ଭୁବନେଶ୍ୱରସ୍ଥିତ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଅଧୀନରେ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଅନ୍ତର୍ଗତ ୮ଟି ଅଞ୍ଚଳ କାର୍ଯ୍ୟାଳୟ ଯଥା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାୟପୁର, ଜବଲପୁର, ସତ୍ନା ଏବଂ ଭୋପାଳର ୪୯୨ଟି ଶାଖା କାର୍ଯ୍ୟରତ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ଷେତ୍ର ଅଧୀନରେ ମୋଟ୍ ବ୍ୟବସାୟ ପ୍ରାୟ ୬୧,୪୯୧ କୋଟି ଟଙ୍କା ହୋଇଥିବା ବ୍ୟାଙ୍କିଙ୍ଗ୍ ସୁବିଧାକୁ ସହଜ ଓ ସରଳ କରିବା ସହିତ ଏମ୍ଏସ୍ଏମ୍ଇ, ଖୁଚୁରା ଋଣ, କୃଷିକ୍ଷେତ୍ର ଆଦିରେ ଅରୁଣାଙ୍କର ଅଧିକ ରୁଚି ରହିଥିବାରୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଇଣ୍ଡିଆନ୍ ବ୍ୟାଙ୍କ ଏହିସବୁ କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଦେବ ବୋଲି ଆଶା କରାଯାଉଛି। ସେହିପରି ବ୍ୟାଙ୍କ ପକ୍ଷରୁ ସମସ୍ତ ସରକାରୀ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଲକ୍ଷ୍ୟ ମଧ୍ୟ ରହିଛି।

# ସାମ୍ସଙ୍ଗ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୮।୪

ଦେଶର ସର୍ବବୃହତ୍ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମ୍ସଙ୍ଗ୍‌ର ନୂତନ ଉତ୍ପାଦ 'ନ୍ୟୁ ସାମ୍ସଙ୍ଗ୍ ଗାଲାକ୍ସି ଏମ୍୧୪ ୫ଜିର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସାମ୍ସଙ୍ଗ୍‌ର ୫୦ଏମ୍ପି ଟ୍ରିପଲ୍ କ୍ୟାମେରା, ସେଗ୍‌ମେଣ୍ଟ-ଅଗ୍ରଣୀ ୬୦୦୦ ଏମ୍ଏଏଚ୍ ବ୍ୟାଟେରି, ୫ଏନ୍ଏମ୍ ପ୍ରୋସେସର ଓ ଏକାଧିକ ମନ୍‌ଷ୍ଟର ଫିଚର ସହ ନୂଆ ଗାଲାକ୍ସି ଏମ୍୧୪ ୫ଜିର ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। ଏ ସମ୍ପର୍କରେ ସାମ୍ସଙ୍ଗ୍ ଇଣ୍ଡିଆର ମୋବାଇଲ ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ ରାହୁଲ ପାୱାର କହିଛନ୍ତି, ଗାଲାକ୍ସି ଏମ୍୧୪ ୫ଜିର ଶୁଭାରମ୍ଭ କରି ଆମେ ଗର୍ବ ଅନୁଭବ କରୁଛୁ, ଯାହା ୫୦ଏମ୍ପି ଟ୍ରିପଲ କ୍ୟାମେରା,୫ଏନ୍ଏମ୍ ପ୍ରୋସେସର, ୬୦୦୦ଏମ୍ଏଏଚ୍ ବ୍ୟାଟେରି ଓ ୧୩ଟି ୫ଜି ବ୍ୟାଣ୍ଡ ସପୋର୍ଟ ଭଳି ସେଗ୍‌ମେଣ୍ଟ-ଅଗ୍ରଣୀ ଫିଚର ସହିତ ଆସୁଛି।



ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସିଟ୍ରନ୍‌ର ନ୍ୟୁ ଏସ୍‌ୟୁଭି 'ସିଟ୍ରନ୍ ସି ୩ ଏୟାରକ୍ରସେସ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏହାର ଅନାବରଣ ସହ ବଜାର ପ୍ରବେଶ କରାଉଛନ୍ତି।

# ମେଟା ଇମର୍ସିଭ ପ୍ରଯୁକ୍ତି ପ୍ରଦର୍ଶନ

ନୂଆଦିଲ୍ଲୀ,୨୯।୪

ବହୁରାଷ୍ଟ୍ରୀୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମେଟା (ଫେସ୍‌ବୁକ୍‌ର ପ୍ୟାରେଣ୍ଟ କମ୍ପାନୀ) ଭୁବନେଶ୍ୱରସ୍ଥ ସିଏସ୍ଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍ଏମ୍‌ଟି) ପରିସରରେ ଆୟୋଜିତ ଜି-୨୦ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲା। ବିଶେଷକରି କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଜି-୨୦ର ୩ୟ ଶିକ୍ଷା ୱାର୍କିଂ ଗ୍ରୁପ୍ ସ୍କିଲିଂ ପ୍ରଦର୍ଶନୀରେ ସାମିଲହୋଇ ମେଟା ଇମର୍ସିଭ ଏଆର୍ ଏବଂ ଭିଆର୍ ଅଭିଜ୍ଞତା ମାଧ୍ୟମରେ ସ୍କିଲିଂର ଭବିଷ୍ୟତ ପ୍ରଦର୍ଶନ କରିଥିଲା। ଏପରିକି ଉକ୍ତ ପ୍ରଦର୍ଶନୀରେ ମେଟା ଏକ ଅଭିଜ୍ଞତା କ୍ଷେତ୍ର ସୃଷ୍ଟି କରିଥିଲା, ଯାହାକି କୌଶଳରେ ଅଭିନବତା ଏବଂ କୌଶଳ ସକ୍ଷମତା ପାଇଁ ଉନ୍ନତ ଜ୍ଞାନକୌଶଳର ଭୂମିକା ପ୍ରଦର୍ଶନ କରିଥିଲା। ସେହିଭଳି ଭାରତରେ ଦକ୍ଷତାର ଭବିଷ୍ୟତକୁ ଆଗକୁ ବଢ଼ାଇପାରିବା ଓ ପରବର୍ତ୍ତୀ ପିଢ଼ିର ଟେକ୍ନୋଲୋଜି ପ୍ରଦର୍ଶନ କରିଥିଲା।

ମେଟାର ଏକ୍ସଆର୍ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମରେ ୪ଟି ଷ୍ଟାର୍ଟଆପ୍ ମେଟା ବୁଥ୍‌ରେ ଅଗ୍ରଗତି ଏବଂ ଇମର୍ସିଭ ଟେକ୍ନୋଲୋଜିର ବ୍ୟବହାର ପ୍ରଦର୍ଶନ କରିବାକୁ ଉପସ୍ଥିତ ଥିଲେ। ଦେଶରେ ସମ୍ବର୍ଦ୍ଧିତ ବାସ୍ତବତା, ବର୍ଦ୍ଧିତ ବାସ୍ତବତା ଏବଂ ଆଭାସି ବାସ୍ତବତା ଅନ୍ତର୍ଭୁକ୍ତ କରି ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ଇକୋସିଷ୍ଟମକୁ ବଢ଼ାଇବା ସହ ଗତ ବର୍ଷ ମାଇଟି ଷ୍ଟାର୍ଟ-ଆପ୍ ହବ୍ ସହିତ ଏକ ଅଭିନବ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୦୬ରୁ ମେଟା ଭାରତର ଡିଜିଟଲ ରୂପାନ୍ତରଣ ଯାତ୍ରାର ଏକ ଅଂଶ ହୋଇ ଆସୁଛି। ବର୍ଷ ବର୍ଷ ଧରି କମ୍ପାନୀ କ୍ଷୁଦ୍ର ବ୍ୟବସାୟ ତଥା ରଚନାକାରମାନଙ୍କୁ ସମାନ ଭାବେ ସକ୍ଷମ କରି ଦେଶର ଡିଜିଟଲ ଇକୋସିଷ୍ଟମକୁ ଆକୃତି ଦେବାରେ ବିନିଯୋଗ କରିଛି।

# ଚେନ୍ନାଇରେ ଫିକ୍କିର ଜାତୀୟ କାର୍ଯ୍ୟକାରିଣୀ

ନୂଆଦିଲ୍ଲୀ,୨୯।୪

ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକ୍କି)ର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଚେନ୍ନାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିକ୍କିର ଜାତୀୟ କାର୍ଯ୍ୟକାରିଣୀ ବୈଠକକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାମିଲନାଡୁର ଆଇଟି ଓ ଡିଜିଟାଲ ସର୍ଭିସ ମନ୍ତ୍ରୀ ଏମ୍.ଥଙ୍ଗାରାଜ୍,ଏମ୍ଏସ୍ଏମ୍ଇ ମନ୍ତ୍ରୀ ଟି.ଏମ୍. ଅନବରସନ୍‌ଙ୍କ ସମେତ ଫିକ୍କିର ବହୁ ବରିଷ୍ଠ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଫିକ୍କି-ଡେଲୋଏଟ୍ ଦ୍ୱାରା ପ୍ରସ୍ତୁତ ନଲେଜ୍ ପେପର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉକ୍ତ ପୁସ୍ତିକାରେ ୨୦୩୦-୩୧ ସୁଦ୍ଧା ତାମିଲନାଡୁ କିପରି ଏକ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବ ସେ




ସମ୍ପର୍କରେ ବିସ୍ତୃତ ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ଫିକ୍କି ଅଧ୍ୟକ୍ଷ ତଥା ଇମ୍ଆର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଦେଶର ୧୫% ପିଏଚ୍.ଡି. ଏବଂ ୧୧% ସ୍ନାତକୋତ୍ତର କେବଳ ତାମିଲନାଡୁରୁ ହୋଇଥିବା ବେଳେ ଏହି ମାନବ ସମ୍ବଳ ଜରିଆରେ ତାମିଲନାଡୁ ଆଗାମୀ ଦିନରେ ଉଭୟ ଗବେଷଣା ଏବଂ ଉଦ୍ଭାବନର ପେଣ୍ଠସ୍ଥଳୀ ହୋଇପାରିବ ବୋଲି ପଣ୍ଡା ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ପଣ୍ଡା ଚେନ୍ନାଇ ଗସ୍ତ ସମୟରେ ଦକ୍ଷିଣ ଭାରତର ୬ଟି ଶିଳ୍ପ ସମ୍ବନ୍ଧୀୟ ଆସୋସିଏସନକୁ ନେଇ ଗଠନ ହୋଇଥିବା କନ୍‌ସଲଟିଭ୍ କମିଟି ଅଫ୍ ସିଟି ଚାମ୍ବର ଅଫ୍ କର୍ମସ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସମ୍ବର୍ଦ୍ଧିତ ହୋଇଥିଲେ। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପଣ୍ଡା ଦେଶର ଆଗାମୀ ଅର୍ଥନୈତିକ ସମ୍ଭାବନା ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ।

# ଜୀ-ସାର୍ଥକର 'ନାଲିବିନ୍ଦୁ' ଅଭିଯାନ ପୁରସ୍କୃତ

ଭୁବନେଶ୍ୱର,୨୯।୪

ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ସଚେତନତାଭିତ୍ତିକ କାର୍ଯ୍ୟ 'ନାଲିବିନ୍ଦୁ' ନିକଟରେ ପୁରସ୍କୃତ ହୋଇଛି। ବିଶେଷକରି ଗତ ରଜରେ ମାସିକ ଋତୁସ୍ରାବ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ତଥା ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଚ୍ୟାନେଲ ପକ୍ଷରୁ ଏକ ଅଭିନବ ପ୍ରୟାସ 'ନାଲିବିନ୍ଦୁ' ଅଭିଯାନର ଆରମ୍ଭ କରାଯାଇଥିଲା। ଉକ୍ତ ଅଭିଯାନଟି 'ପ୍ରୋମାକ୍ସ ଇଣ୍ଡିଆ ରିଜିଓନାଲ ଆୱାର୍ଡ-୨୦୨୩' ବର୍ଷର ୨ଟି କ୍ୟାଟେଗୋରିରେ ମନୋନୀତ ହୋଇ ପୁରସ୍କୃତ ହୋଇଛି। ଉଲ୍ଲେଖଯୋଗ୍ୟ, ଜାତୀୟ ସ୍ତରରେ ଜନସେବା କ୍ୟାଟେଗୋରି ଓ ମୋଷ୍ଟ ଆଉଟଷ୍ଟାଣ୍ଡିଂ ମାର୍କେଟିଂ ଇନିସିଏଟିଭ କ୍ୟାଟେଗୋରିରେ ସର୍ବାଧିକ ଭୋଟ ସହ ୨ଟି ଗୋଲ୍ଡ ପାଇ ରାଜ୍ୟ ପାଇଁ ଗୌରବ ହାସଲ କରିଛି। ବିଶେଷକରି ଜୀ-ସାର୍ଥକର ଚିଫ୍ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଏବଂ ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍‌ଙ୍କର ବିଶେଷ ଆଗ୍ରହ ଓ ତତ୍ତ୍ୱାବଧାନରେ ଏହି ଅଭିଯାନଟି ସଫଳ




ହୋଇଛି ବୋଲି ଜୀ-ସାର୍ଥକ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ 'ପ୍ରୋମାକ୍ସ ଇଣ୍ଡିଆ ରିଜିଓନାଲ ଆୱାର୍ଡ' ଆଞ୍ଚଳିକ ସ୍ତରରେ ଜନସେବା ଉଦ୍ଦେଶ୍ୟରେ ହେଉଥିବା ଅଭିଯାନ ସମୂହକୁ ଜାତୀୟ ସ୍ତରରେ ସମ୍ମାନିତ କରିଥାଏ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ରଜପର୍ବରେ ଜୀ-ସାର୍ଥକ ପକ୍ଷରୁ ମାସିକ ଋତୁସ୍ରାବଜନିତ ସ୍ୱଚ୍ଛତା ବିଷୟରେ ମହିଳାଙ୍କୁ ଶିକ୍ଷା ଦେବା ସହ ଉକ୍ତ ଘଟଣା ବିଷୟରେ ଥିବା ସମସ୍ତ ଅଭ୍ୟାସ ମନେରଖିବା ପାଇଁ 'ନାଲି ବିନ୍ଦୁ' ଅଭିଯାନ ଆରମ୍ଭ କରାଯାଇଥିଲା।

# ଫୋର୍ସ ଆଇଏକ୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ନୂଆଦିଲ୍ଲୀ,୨୯।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ୯ ଏଏମ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଅନ୍ୟତମ ଅଭିନବ ବ୍ରାଣ୍ଡ 'ଫୋର୍ସ ଆଇଏକ୍ସ'ର ପ୍ରଥମ ଫ୍ଲାଗ୍‌ଶିପ୍ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମୁମ୍ବାଇର ବାନ୍ଦ୍ରାଠାରେ 'ଫୋର୍ସ ଆଇଏକ୍ସ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଚଳିତ ବର୍ଷ ଜାନୁୟାରୀରେ ଆଥଲେଜ୍‌ର ୱେର୍ ଲେବଲର ସଫ୍ଟ ଲଞ୍ଚ ବଲିଉଡ୍ ତାରକା ଅକ୍ଷୟ କୁମାରଙ୍କ ଦ୍ୱାରା 'ଫୋର୍ସ ଆଇଏକ୍ସ ଫ୍ଲାଗ୍‌ଶିପ୍ ବୁଟିକ୍' ମୁମ୍ବାଇର ବାନ୍ଦ୍ରାଠାରେ ଶୁଭାରମ୍ଭ କରାଯାଇଥିଲା। ଯାହାକି ଲିଙ୍କିଙ୍ଗ୍ ରୋଡ୍ ବଷ୍ଟଲିଂ ଶପିଙ୍ଗ୍ ଡିଷ୍ଟ୍ରିକ୍‌ଟରେ ଅବସ୍ଥିତ। ଅପରପକ୍ଷରେ ୧୮୦୦ ବର୍ଗଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ଷ୍ଟୋରରେ ଟି-ଶାର୍ଟ, ଶାର୍ଟ, ସୁଇଟ ଶାର୍ଟ, ହୁଡିଜ୍, ଜ୍ୟାକେଟ୍, ପୋଲୋ ଟି-ଶାର୍ଟ, ଡେନିମ୍, ଚାଇନ୍ସ, ଜଗର୍ସ, ସର୍ଟ ଏବଂ ନାଇଟ୍ ୱେୟର ସମେତ କ୍ୟାପ୍‌ସ,



ବେଲ୍ଟସ, ଟ୍ରାଭେଲ୍ ଆସେସୋରିଜ୍, ଜୋତା ଏବଂ ଘଣ୍ଟା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ ପରିସର ଉପଲବ୍ଧ।

ଏ ସମ୍ପର୍କରେ ଫୋର୍ସ ଆଇଏକ୍ସର ସହ-ପ୍ରତିଷ୍ଠାତା ଅକ୍ଷୟ କୁମାର କହିଛନ୍ତି, ଫୋର୍ସ ଆଇଏକ୍ସ ପଛରେ ସମ୍ପୂର୍ଣ୍ଣ ଧାରଣା ଥିଲା ଏକ ବ୍ରାଣ୍ଡ ସୃଷ୍ଟି କରିବା। ହେଲେ ଯେତେବେଳେ ଆମେ ଏହି ବ୍ରାଣ୍ଡରେ କାମ କରିବା ଆରମ୍ଭ କଲୁ ଏବଂ ସେତେବେଳେ ମଧ୍ୟ ଆମେ ଜାଣି ନ ଥିଲୁ ଯେ ଏହା ଆମର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇଯିବ। ଏପରିକି ମାସାଧିକ କାଳ ଅକ୍ଳାନ୍ତ ପରିଶ୍ରମ କରିବା ପରେ ଫୋର୍ସ ଆଇଏକ୍ସର ପ୍ରଥମ ଫ୍ଲାଗ୍‌ଶିପ୍ ଷ୍ଟୋର୍ ଉଦ୍‌ଘାଟନକରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଟିପିସିଓଡିଏଲ୍‌ର 'କାମ୍' ପ୍ରୋଗ୍ରାମ ଉଦ୍‌ଯାପିତ

ଭୁବନେଶ୍ୱର,୨୯।୪

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କଷ୍ଟମର ଆୱାରନେସ୍ ମନ୍ଥସ (କାମ୍) ପ୍ରୋଗ୍ରାମ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ଦୀର୍ଘ ୧ ମାସ ବ୍ୟାପୀ ଆୟୋଜିତ ହୋଇଥିବା ଟିପିସିଓଡିଏଲ୍ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ 'ଆପଣଙ୍କ ମିତ୍ର, ଆପଣଙ୍କ ସାଥୀରେ'ର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଟିପିସିଓଡିଏଲ୍ ପକ୍ଷରୁ ବିଧାୟକମାନଙ୍କ ଲାଗି ଏକ ସୌଜନ୍ୟମୂଳକ ପରିଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ



ପ୍ରମୁଖ ଅଂଶ ଗ୍ରହଣକରି ଟିପିସିଓଡିଏଲ୍‌ର ପ୍ରଯୁକ୍ତିକୁ ବୁଝିବା ଏବଂ ପ୍ରକ୍ରିୟା ଓ ପରିଚାଳନାର ପ୍ରଥମ ଅନୁଭୂତି ହାସଲ କରିବା ଲାଗି ଡିସ୍‌କମ୍‌ର କେନ୍ଦ୍ରୀୟ ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ପିଏସ୍‌ସିସି), ଗ୍ରାହକ ସେବା କେନ୍ଦ୍ର ଓ ୨୪ ଘଣ୍ଟିଆ କଲ୍ ସେଣ୍ଟର ଆଦି ପରିଦର୍ଶନ କରିଥିଲେ।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍ କହିଛନ୍ତି, ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଓ ସୁବିଧାଜନକ ଗ୍ରାହକ ଅନୁଭୂତି ସହିତ ଗ୍ରାହକଙ୍କୁ ଶ୍ରେଷ୍ଠ ସେବା ପ୍ରଦାନ କରିବା ହେଉଛି ଆମର ମୂଳ ପ୍ରାଥମିକତା। ସେ ଦିଗରେ ଆମେ ବିଭିନ୍ନ ପ୍ରକାର ଅଭିଯାନ ଆରମ୍ଭ କରିଛୁ ଏବଂ ତାହାର ସମ୍ପୂର୍ଣ୍ଣ ଲାଭ ଉଠାଇବା ଲାଗି ଗ୍ରାହକମାନେ ସେଗୁଡ଼ିକ ବିଷୟରେ ସଚେତନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମଗ୍ରିକ ଗ୍ରାହକ ସେବା ଅନୁଭୂତିରେ ଉନ୍ନତି ଆଣିବା ଓ ଆମ ଗ୍ରାହକଙ୍କୁ ଶ୍ରେଷ୍ଠ ସେବା ପ୍ରଦାନ କରିବା ଲାଗି ଆମର ରହିଥିବା ଲକ୍ଷ୍ୟ ଦିଗରେ ଏହା ଏକ ସକାରାତ୍ମକ ପଦକ୍ଷେପ।

# ମହିଳା ଉଦ୍ୟୋଗୀ ସୃଷ୍ଟିକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୯।୪

ବ୍ରିଟାନିଆ ମ୍ୟାରିଗୋଲ୍ଡର ମାଇଁ ଷ୍ଟାର୍ଟଅପ୍ ଅଭିଯାନ ୪ର୍ଥ ସିଜନର ଶୀର୍ଷ ୧୦ ମହିଳା ବିଜେତାଙ୍କ ନାମ ନିକଟରେ ଘୋଷଣା କରାଯାଇଛି। ଏପରିକି ସେମାନଙ୍କୁ ଉତ୍ସାହିତ କରିବା ଓ ବ୍ୟବସାୟ ଆରମ୍ଭ ପାଇଁ ମଧ୍ୟ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପୁରସ୍କାର ଆକାରରେ ଦିଆଯାଇଛି। ବିଶେଷକରି ସାରା ଦେଶରେ ମହିଳା ଉଦ୍ୟୋଗୀ ସୃଷ୍ଟିକୁ ଆଖି ଆଗରେ ରଖି କମ୍ପାନୀ ଏଭଳି ଏକ ଅଭିଯାନର ଅୟମାରମ୍ଭ କରିଛି। ଏ ସମ୍ପର୍କରେ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଚିଫ୍ ମାର୍କେଟିଂ ଅଫିସର ଅମିତ ଦୋସି କହିଛନ୍ତି, ସମୟକ୍ରମେ ବ୍ରିଟାନିଆ ମ୍ୟାରିଗୋଲ୍ଡ ଦେଶବ୍ୟାପୀ ମହିଳାମାନଙ୍କ ସହ ଏକ ମଜଭୁତ ସଂଯୋଗ ସ୍ଥାପନ କରିପାରିଛି। ଏପରିକି ୱାର୍ଲ୍ଡ ବ୍ୟାଙ୍କର ଏକ ଅଧ୍ୟୟନ ଅନୁଯାୟୀ ପ୍ରତି ୧୦୦ ଉଦ୍ୟୋଗୀଙ୍କ ମଧ୍ୟରୁ କେବଳ ୭ ମହିଳା ଥିବା ବେଳେ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ୬ଷ୍ଠ ଅର୍ଥନୈତିକ ଜନଗଣନା ମୁତାବକ ଭାରତରେ ମୋଟ ଉଦ୍ୟୋଗୀଙ୍କ ମଧ୍ୟରେ ମହିଳାମାନଙ୍କର ସଂଖ୍ୟା କେବଳ ୧୩.୭୬% ରହିଛି। ଅପରପକ୍ଷରେ ଗୁଗଲ୍ ଇଣ୍ଡିଆର ଗୁଗଲ୍ କଷ୍ଟମର ସଲ୍ୟୁଶନ୍ସ ବିଭାଗର ନିର୍ଦ୍ଦେଶକ ଶାଳିନୀ ପୁଚଲାପଲ୍ଲୀ କହିଛନ୍ତି, ଟେକ୍ନୋଲୋଜି ବ୍ୟବସାୟଗୁଡ଼ିକୁ ବିକଶିତ ହେବାରେ ସାହାଯ୍ୟ କରିପାରେ। କିନ୍ତୁ ଏଥିପାଇଁ ଉକ୍ତ ବ୍ୟବସାୟର ନେତୃତ୍ୱ ନେଉଥିବା ଓ ଏହା ପାଇଁ କାମ କରୁଥିବା ଲୋକଙ୍କ ନିକଟରେ ଠିକ୍ ଦକ୍ଷତା ରହିଥିବା ଜରୁରୀ ବୋଲି ସେ ବିସ୍ତୃତ ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ , ବ୍ରିଟାନିଆ ମ୍ୟାରିଗୋଲ୍ଡର ମାଇଁ ଷ୍ଟାର୍ଟଅପ୍ ଅଭିଯାନ ହେଉଛି ଏକ ପ୍ଲାଟ୍‌ଫର୍ମ, ଯାହା ମହିଳାମାନଙ୍କୁ ଉଦ୍ୟୋଗୀ କରାଇବା ଏବଂ ପ୍ରତିବଦଳରେ ନିଯୁକ୍ତିଦାତା ଓ ଆର୍ଥିକ ରୂପେ ସ୍ୱାଧୀନ ହେବା ପାଇଁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଅପରପକ୍ଷରେ ୪ର୍ଥ ସିଜନକୁ ସଫଳତାର ସହ ପରିଚାଳନା କରାଯାଇଥିଲା। ଏପରିକି ଏହି ସିଜନ ପାଇଁ ୨ ମିଲିୟନରୁ ଅଧିକ ଆଶାୟୀ ଅଂଶଗ୍ରହଣକାରୀଙ୍କଠାରୁ ଆବେଦନ ଗ୍ରହଣ କରାଯାଇଥିଲା।

# ଦୁଗ୍ଧ ସମବାୟକୁ ମଜଭୁତ କରିବାକୁ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୨୯।୪

ଦେଶର ପ୍ରମୁଖ କୃଷିଭିତ୍ତିକ ସଂସ୍ଥା ତଥା ନ୍ୟାଶନାଲ ଡେଏରି ଡେଭଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି)ର ମୁଖ୍ୟାଳୟ ପରିଦର୍ଶନରେ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଯାଇ ଭାରତୀୟ ଦୁଗ୍ଧ କ୍ଷେତ୍ରରେ ଏନ୍‌ଡିଡିବିର ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏପରିକି ଦୁଗ୍ଧ ସମବାୟକୁ ଆହୁରି ମଜଭୁତ କରିବାକୁ ଶାହା ବୋର୍ଡକୁ ପରାମର୍ଶ ମଧ୍ୟ ଦେଇଛନ୍ତି। ବିଶେଷକରି ଦୁଗ୍ଧ ଉତ୍ପାଦନ ପାଇଁ ସମ୍ଭାବନା ଥିବା ଆବିଷ୍କୃତ ପଞ୍ଚାୟତ ଓ ଗ୍ରାମଗୁଡ଼ିକରେ ଦୁଗ୍ଧ ସମବାୟ ସମିତି ପ୍ରତିଷ୍ଠା କରିବା ସହ କାର୍ଯ୍ୟକ୍ଷମ ଦୁଗ୍ଧ ସମବାୟ ସମିତିଗୁଡ଼ିକର ବିକାଶ କରାଇଲେ ତାହା ଦେଶର ବିକାଶ ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ମନ୍ତ୍ରୀ ସମବାୟ ସମିତିର ଆବଶ୍ୟକତା, ଉତ୍ପାଦ ରପ୍ତାନି ପାଇଁ ସାଧାରଣ ବ୍ରାଣ୍ଡ , ଜୈବ ଉତ୍ପାଦର ପ୍ରୋତ୍ସାହନ ଆଦି ସମବାୟ ସମିତିର ସହଯୋଗରେ କରାଇବା ପାଇଁ



ସେ ବୋର୍ଡକୁ ପରାମର୍ଶ ଦେଇଛନ୍ତି। ଏପରିକି ଦୁଗ୍ଧ ପ୍ରକ୍ରିୟାକରଣ ସୁବିଧାଗୁଡ଼ିକରେ ଉନ୍ନତ ଜ୍ଞାନକୌଶଳର ବ୍ୟବହାର, ଦୁଗ୍ଧ ଯନ୍ତ୍ରପାତି ଉତ୍ପାଦନ ଆଦିରେ ଆତ୍ମନିର୍ଭରଶୀଳତା ବଢ଼ାଇବା ଓ ଦୁଗ୍ଧକ୍ଷେତ୍ର ଉପରେ ବୋର୍ଡ ଆବଶ୍ୟକ କାର୍ଯ୍ୟକ୍ରମ ଓ ପଦକ୍ଷେପ ମଧ୍ୟ ଗ୍ରହଣ କରିବା ଉପରେ ମନ୍ତ୍ରୀ ବିସ୍ତୃତ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଏନ୍‌ଡିଡିବିର ଅଧ୍ୟକ୍ଷ ମୀନେଶ ଶାହା, ସମବାୟ ସଚିବ ଜୟନେଶ କୁମାର, ଯୁଗ୍ମ ସଚିବ ପଙ୍କଜ କୁମାର ବଂଶଲ ଏବଂ ଏନ୍‌ଡିଡିବି ବୋର୍ଡ ଅଫ୍ ଡାଇରେକ୍ଟର୍ସ ବର୍ଷା ଜୋଷୀ, ପଶୁପାଳନ ତଥା ଡେଏରି ଡେଭଲପମେଣ୍ଟ ବିଭାଗର ଅତିରିକ୍ତ ସଚିବ ଶାମଲଭାଇ ବାଲାଭାଇ ପଟେଲଙ୍କ ସମେତ ଗୁଜରାଟ କୋଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେଶନ ଲିମିଟେଡ୍‌ର ଅଧ୍ୟକ୍ଷ ନିହାଲ ଚାନ୍ଦ ଶର୍ମା ଏବଂ ହିମାଚଳ ପ୍ରଦେଶ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେଶନ ଲିମିଟେଡ୍ ଏବଂ କାମଧେନୁ ବିଶ୍ୱବିଦ୍ୟାଳୟର କୁଳପତି ଡ.ଏନ୍.ଏଚ୍. କେଲାୱାଲା ପ୍ରମୁଖଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ସେହିପରି ଏନ୍‌ଡିଡିବିର ଅଧ୍ୟକ୍ଷ ମନ୍ତ୍ରୀଙ୍କୁ ଭାରତର ଦୁଗ୍ଧ କ୍ଷେତ୍ର, ସହଯୋଗୀ ରଣନୀତି, କୃଷକମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବୈଜ୍ଞାନିକ ଦୁଗ୍ଧଚାଷ ପ୍ରଣାଳୀ, ଦୁଗ୍ଧ ସମବାୟ ସମିତିକୁ ମଜଭୁତ କରିବା ତଥା ଏନ୍‌ଡିଡିବିର ସହାୟକ କମ୍ପାନୀଗୁଡ଼ିକର କୋଟି କୋଟି କୃଷକ ଏବଂ ଏନ୍‌ଡିଡିବିର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଉଦ୍ୟମ ବିଷୟରେ ବିସ୍ତୃତ ଆଲୋକପାତ କରାଇବା ସହ ଆବଶ୍ୟକ ସୂଚନା ସେ ମନ୍ତ୍ରୀଙ୍କୁ ଦେଇଛନ୍ତି। ସେହିଭଳି ଏନ୍‌ଡିଡିବିର ଚେୟାରମ୍ୟାନ୍ ତଥା ବୋର୍ଡ ଅଫ୍ ଡାଇରେକ୍ଟର୍ସ ମନ୍ତ୍ରୀଙ୍କୁ ତାଙ୍କ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇବା ସହ ଦୁଗ୍ଧ କ୍ଷେତ୍ରର ବିକାଶ ଦିଗରେ ତାଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବାକୁ ନିଶ୍ଚିତ ମଧ୍ୟ କରିଛନ୍ତି।

# 'କାନନ ଫଟୋକପି ମଡେଲ ପ୍ରଦର୍ଶନୀ'




ଭୁବନେଶ୍ୱର,୨୯।୪

କାନନ ଇଣ୍ଡିଆ ଓ ଗାୟତ୍ରୀ ଡକ୍ୟୁଟେକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଉଦ୍ୟମରେ 'କାନନ ଫଟୋ କପି ମଡେଲର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କାନନର ଅତ୍ୟାଧୁନିକ ଫଟୋକପି ମଡେଲ ଆଇଆର୍‌ସି ୩୨୨୬ ଓ ଆଇଆର୍‌ସି ୨୨୦୬ ଏବଂ ୨୦୦୬ ଏନ୍ ଫଟୋ କପିଅର ମେଶିନ ଆଦି ପ୍ରଦର୍ଶନ କରାଯାଇଥିଲା। ବିଶେଷକରି ସ୍କାନ୍ ଓ ପ୍ରିଣ୍ଟି ପାଇଁ ଆବଶ୍ୟକ ଫଟୋକପି ଆଇଆର୍‌ସି ୩୨୨୬ ଏକ ମିନିଟ୍‌ରେ ୨୬ ଫଟୋ କପି ପ୍ରଦାନ କରିବାରେ ସକ୍ଷମ ଥିବାବେଳେ କାନନ ୨୨୦୬ ୧ ମିନିଟ୍‌ରେ ୨୨ଟି ଓ କାନନ ୨୦୦୬ଏନ୍ ୨୦ଟି ଫଟୋ ପ୍ରିଣ୍ଟ କରିପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାନନ ଇଣ୍ଡିଆର ଓଡ଼ିଶା ବିଜ୍‌ନେସ ମ୍ୟାନେଜର ହର୍ଷବର୍ଦ୍ଧନ ପରିଡ଼ା କହିଥିଲେ। ସାଧାରଣ ପେପରଠାରୁ ଆରମ୍ଭକରି ଅଏଲ ପେପରରେ ମଧ୍ୟ ଅତି ଉଚ୍ଚମାନର ଫଟୋ ପ୍ରିଣ୍ଟ ଉପରୋକ୍ତ ମେଶିନଗୁଡିକ କରିପାରୁଛି। ସେହିଭଳି କାନନ ଇଣ୍ଡିଆର ସେଲ୍ସ ଓ ସର୍ଭିସ୍ ପ୍ରିମିୟମ ପାର୍ଟନର ତଥା ଗାୟତ୍ରୀ ଡକ୍ୟୁଟେକ୍ସ ପ୍ରାଇଭେଟ ଲିମିଟେଡ୍‌ର ଡିରେକ୍ଟର ଜାନକୀନାଥ ପରିଡ଼ା ନିରବଚ୍ଛିନ୍ନ ସେବା ଯୋଗାଇଦେବା ପାଇଁ ଦୃଢ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଗାୟତ୍ରୀ ଡକ୍ୟୁଟେକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଅମ୍ବିକାନାଥ ପରିଡ଼ା, ମୁଖ୍ୟ ପରିଚାଳକ ଇଂ ଅନିଲ କୁମାର ପଣ୍ଡା, ଇଂ ପ୍ରଭୁପ୍ରସାଦ ନନ୍ଦ, ସୌମ୍ୟରଞ୍ଜନ ଗୋଛାୟତ,ଗୌରାଙ୍ଗ ଚରଣ ସେଠୀ, ଗୀତାଞ୍ଜଳି ରାଜ୍, ରେଖା ବେହେରା, ଆକାଶ୍ ସାମନ୍ତରାୟ, ବିଭୂତି ଭୂଷଣ ସିଂହ, ନୀଳମାଧବ ସାହୁ, ବିଶ୍ୱଜିତ ରାଉତ, ଅନିମା ନିଆଲ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଅପପ୍ରଚାର କରି ବନ୍ଧାହେଲେ ୧୬

**ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା ଘଟଣା**

- **ଦଙ୍ଗା ଘଟଣାରେ ୯୪, ହତ୍ୟା ଘଟଣାରେ ୮ ଗିରଫ**
- **ହଟିବ କର୍ଫ୍ୟୁ, ସ୍ୱାଭାବିକ ହେବ ସ୍ଥିତି**

ସମ୍ବଲପୁର,୨୯।୪(ବ୍ୟୁରୋ)

ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ପଥରମାଡ଼, ପୋଡ଼ାଜଳା, ଆକ୍ରମଣ ଭଳି ଘଟଣା ଘଟିଥିଲା। ଏପରି କି ଚନ୍ଦ୍ରଶେଖର ମିର୍ଦ୍ଧା ନାମକ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ଏପ୍ରିଲ ୧୩ରୁ ନେଟ୍‌ସେବା ବନ୍ଦ କରି ସହରରେ କର୍ଫ୍ୟୁ ଲଗାଇଥିଲା। ୧୦ଦିନ ପରେ ଏପ୍ରିଲ ୨୪ରେ ନେଟ୍‌ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଥିଲା। ହେଲେ ପୋଲିସ ପକ୍ଷରୁ କଡା ତାଗିଦ କରାଯାଇଥିଲା। କିନ୍ତୁ ପୋଲିସକୁ ଭୟ ନ କରି ସାମାଜିକ ଗଣମାଧ୍ୟମରେ ସାମ୍ପ୍ରଦାୟିକ ଘଟଣାକୁ ନେଇ ବିଭିନ୍ନ ଅପପ୍ରଚାର ହେଉଛି। ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୋଟ ୧୬ଜଣଙ୍କୁ ବାନ୍ଧି ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଜାମିନ ଦେଇଛି। ଏହାସହ ଦୁଇଟି ହ୍ୱାଟ୍ସଆପ ଗ୍ରୁପ ଆଡ୍‌ମିନଙ୍କୁ ନୋଟିସ କରାଯାଇଛି। ଆଗକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଳା ଗଙ୍ଗାଧର ସୂଚନା ଦେଇଛନ୍ତି ।

ସେ ଆହୁରି କହିଛନ୍ତି, ଜନସାଧାରଣଙ୍କ ସୁବିଧା ପାଇଁ ମୋବାଇଲ ନେଟ୍‌ସେବା ଦିଆଯାଇଥିଲା। ସାମାଜିକ ଗଣମାଧ୍ୟମ ଫେସ୍‌ବୁକ, ହ୍ୱାଟ୍ସଆପ, ଟୁଇଟର, ଇନ୍‌ଷ୍ଟାଗ୍ରାମ, ସ୍ନାପ୍‌ଚାର୍ଟ ଭଳି ପ୍ଲାଟଫର୍ମରେ ହିଂସା ସମ୍ବନ୍ଧୀୟ ପ୍ରଚାର ଉପରେ ରୋକ ଲଗାଯାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଟୋଲ ଫ୍ରି ନମ୍ବର ସହ ପୋଲିସ ଅଧିକାରୀଙ୍କ ନମ୍ବର ସର୍ବସାଧାରଣ କରାଯାଇଛି। ଏହା ସତ୍ତ୍ୱେ ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ନେଇ ଦୁଇଟି ଗ୍ରୁପ ଆଡମିନଙ୍କ ସହ ୧୬ଜଣଙ୍କୁ ଥାନାକୁ ଆଣି ବ୍ୟକ୍ତିଗତ ଜମାନତରେ ଛାଡି ଦିଆଯାଇଛି। ଏଭଳି ଅପପ୍ରଚାର କଲେ ଆଗକୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୋଲିସ ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଉପରେ ନଜର ରଖିଛି । ଏପ୍ରିଲ ୧୪ ତାରିଖ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଘଟିଥିବା ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ୫୬ଜଣଙ୍କୁ ଗିରଫ କରିଛି। ସେହିପରି ଚନ୍ଦ୍ରଶେଖର ହତ୍ୟା ଘଟଣାରେ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଏପ୍ରିଲ ୧୨ ତାରିଖ ବାଇକ୍ ଶୋଭାଯାତ୍ରା ସମୟରେ ଘଟିଥିବା ଘଟଣାରେ ପୋଲିସ ୩୮ଜଣଙ୍କୁ ଗିରଫ କରିଛି। ଏହିପରି ମୋଟ ଗିରଫ ସଂଖ୍ୟା ୧୦୨ରେ ପହଞ୍ଚିଛି। ଏବେ ସ୍ଥିତି ନିୟନ୍ତ୍ରଣରେ ରହିଛି। ବର୍ତ୍ତମାନ ଟାଉନ ଥାନା ଓ ଧନୁପାଲି ଥାନା ଅଞ୍ଚଳରେ ରାତ୍ର କର୍ଫ୍ୟୁ ବଳବତ୍ତର ରହିଛି। ଏହାକୁ ମଧ୍ୟ ଉଠାଇ ଦିଆଯାଇପାରେ ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ। ସୂଚନାଯୋଗ୍ୟ, ହିଂସା ଘଟଣା ପରେ ସମ୍ବଲପୁର ଜିଲାରେ ନେଟ୍‌ସେବା ବନ୍ଦ କରାଯିବା ସହ କ୍ଷେତରାଜପୁର, ସଦର, ଧନୁପାଲି, ଅଇଁଠାପାଲି, ଟାଉନ ଥାନା, ବରେଇପାଲି ଥାନା ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଥିଲା। ପର୍ଯ୍ୟାୟକ୍ରମେ ୪ଟି ଥାନା ଅଞ୍ଚଳରୁ କର୍ଫ୍ୟୁ ହଠାଇ ଦିଆଯାଇଥିଲା।

# ଦଙ୍ଗା ଘଟଣାରେ ପାତରଅନ୍ତର ନୀତି

**ବିଭାଗୀୟ କର୍ମଚାରୀ ପୁଅଙ୍କୁ ନେଇ ସମାଲୋଚିତ ପୋଲିସ**

ସମ୍ବଲପୁର,୨୯।୪(ବ୍ୟୁରୋ)

ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ପଥରମାଡ଼, ପୋଡ଼ାଜଳା, ଆକ୍ରମଣ, ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ବିଭିନ୍ନ ରାଜନୈତିକ ଦଳ ପୋଲିସ ଓ ଜିଲା ପ୍ରଶାସନର ଅବହେଳା ଯୋଗୁ ଏଭଳି ହିଂସା ଘଟିଲା ବୋଲି ଅଭିଯୋଗ କରି ସମାଲୋଚନା କରିଥିଲେ। ଖୋଦ ଏସ୍‌ପି ବାତୁଳା ଗଙ୍ଗାଧର ମଧ୍ୟ ଏହି ଘଟଣା ଯୋଜନାବଦ୍ଧ ଭାବେ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା କହିଥିଲେ। ଏବେ ଜଣେ ପୋଲିସ ଏଏସ୍‌ଆଇଙ୍କ ପୁଅଙ୍କୁ ସୁରକ୍ଷା ଦେବାଭଳି ଘଟଣାରେ ପୋଲିସ ସମାଲୋଚିତ ହେଉଛି। ପାନ ଦୋକାନଠାରୁ ଆରମ୍ଭ କରି ଚା ଖଟି ପର୍ଯ୍ୟନ୍ତ ପୋଲିସର ଏଭଳି ପାତରଅନ୍ତର ନୀତିକୁ ନେଇ ଆଲୋଚନା ଚାଲିଛି। ଏ ନେଇ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଉଛି।

ପୋଲିସ ବାବୁ ଜଣଙ୍କ ସ୍ୱତନ୍ତ୍ର ସ୍କ୍ୱାଡ୍‌ରେ ବହୁ ଦିନରୁ କାମ କରିଆସୁଛନ୍ତି। ସେ ଯେଉଁ ଏସ୍‌ପି ଆସିଲେ ତାଙ୍କ ପାଖ ଲୋକ ହୋଇଯାଆନ୍ତି ବୋଲି କୁହାଯାଏ। ସମସ୍ତ ପୋଲିସ ଅଧିକାରୀଙ୍କ ପାଖଲୋକ ହେବାର କାରଣ ଏପର୍ଯ୍ୟନ୍ତ ପୋଲିସ ବିଭାଗର ଅନ୍ୟ କର୍ମଚାରୀମାନେ ଖୋଜୁଛନ୍ତି। ଏସ୍‌ପି ଗଙ୍ଗାଧର ଗଣମାଧ୍ୟମରକୁ ଉତ୍ତର ଦେଇ କହୁଛନ୍ତି, ଫଟୋ ଓ ଭିଡିଓରେ ଯଦି ଅପରାଧ କରୁଥିବା ଦୃଶ୍ୟ ମିଳିଯାଏ ତା'ହେଲେ ନିଶ୍ଚିତ ଭାବେ ଗିରଫ କରାଯିବ। ଘଟଣାକୁ ନେଇ ତଦନ୍ତ ଜାରି ରହିଛି। କାହାକୁ ଛଡାଯିବ ନାହିଁ। ହେଲେ ତାଙ୍କ ବୟାନକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ୧୨ ତାରିଖ ଘଟଣାର ଦିନକ ପରେ ପୋଲିସ ବାବୁ ଓ ତାଙ୍କ ପୁଅଙ୍କ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ପୋଲିସ ଅଧିକାରୀଙ୍କୁ ମଧ୍ୟ ଏ ନେଇ ସୂଚନା ଦିଆଯାଇଥିଲା। ଏବେ ଘଟଣାକୁ ପ୍ରାୟ ୧୫ଦିନ ବିତିଯାଇଛି। ବିଭିନ୍ନ ଲୋକଙ୍କୁ ଫୋନ କରି ଥାନାକୁ ଡାକି ଭେରିଫିକେଶନ କରାଯାଉଛି। ହେଲେ ଉକ୍ତ ଯୁବକଙ୍କୁ ଥାନାକୁ ଡକାଯାଇଛି କି ନାହିଁ ତାହା ସନ୍ଦେହ ସୃଷ୍ଟି କରୁଛି। ଏ ସମ୍ପର୍କରେ ଏସ୍‌ପି ଗଙ୍ଗାଧର କହିଛନ୍ତି, ଫଟୋ ଓ ଭିଡିଓକୁ ନେଇ ତଦନ୍ତ କରାଯାଉଛି। ସମ୍ପୃକ୍ତି ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଆପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିବା ସରକାରୀ ଜମିରେ ନିର୍ମାଣ ହୋଇଥିବା ଘର ଭାଙ୍ଗି ଦିଆଯିବ ବୋଲି ସେ କହିଥିଲେ ।



ବ୍ରହ୍ମପୁର ମା' ବୁଢ଼ୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ୨୬ ଦିନରେ ଘଟ ପରିକ୍ରମା କରାଯାଉଛି।

# ମଠ ମନ୍ଦିର, ସାଧୁସନ୍ଥଙ୍କ ସୁରକ୍ଷା ପାଇଁ ଆହ୍ୱାନ

**ପ୍ରବୀଣ ଭାଇ ତୋଗାଡ଼ିଆଙ୍କ ଗଞ୍ଜାମ, କନ୍ଧମାଳ ଗସ୍ତ**

ବୁଗୁଡା/ବାଲିଗୁଡ଼ା,୨୯।୪(ଡି.ଏନ.ଏ.)

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଅଧ୍ୟକ୍ଷ ଡା. ପ୍ରବୀଣ ଭାଇ ତୋଗାଡ଼ିଆ ଦୁଇଦିନିଆ ଗଞ୍ଜାମ ଓ କନ୍ଧମାଳ ଜିଲା ଗସ୍ତରେ ଆସିଛନ୍ତି। ଶନିବାର ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ କରଚୁଲି ବ୍ୟାଘ୍ରମ୍ବରୀ ମଠରେ ମଠାଧୀଶ ସତ୍ୟାନନ୍ଦ ବ୍ରହ୍ମଚାରୀଙ୍କ ସମେତ ବଜରଙ୍ଗ ଦଳର କର୍ମକର୍ତ୍ତା ତାଙ୍କୁ ଅଭ୍ୟର୍ଥନା ଜଣାଇଥିଲେ। ମଠ ପରିସରରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ତୋଗାଡ଼ିଆ ମହାପ୍ରଭୁଙ୍କ ଆଶିଷ ନେଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁରଠାରେ ଘଟିଥିବା ହିଂସାକୁ ସେ ନିନ୍ଦା କରିଥିବା ବେଳେ ହିନ୍ଦୁମାନଙ୍କ ଏକତ୍ରୀକରଣ, ମଠ ମନ୍ଦିର ଏବଂ ସାଧୁସନ୍ଥଙ୍କ ସୁରକ୍ଷା ନେଇ ହିନ୍ଦୁମାନେ ସମ୍ବେଦନଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ସନ୍ଧ୍ୟାରେ କନ୍ଧମାଳ ଜିଲା ବାଲିଗୁଡ଼ା ଗସ୍ତ କରିଥିଲେ। ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରବିବାର ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଗୋଯଞ୍ଜ, ହିନ୍ଦୁ ସମ୍ମିଳନୀରେ ଯୋଗଦେବା ସହ ଜଳେଶପଟା ଯାଇ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ତାଙ୍କୁ କନ୍ଧମାଳ ପ୍ରବେଶ ଉପରେ ବାରଣ କରାଯାଇଥିଲା। ତେଣୁ ଏହା ତାଙ୍କର ପ୍ରଥମ କନ୍ଧମାଳ ଗସ୍ତ ବୋଲି ଜଣାପଡ଼ିଛି। ତାଙ୍କ ଗସ୍ତକୁ ନେଇ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ବାଲିଗୁଡ଼ାରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ।

# ଆଗୁଆ ସତର୍କ କରିଥିଲା ଗୋଇନ୍ଦା ବିଭାଗ

ସମ୍ବଲପୁର,୨୯।୪ (ବ୍ୟୁରୋ)

ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଏପ୍ରିଲ ୧୨ ତାରିଖରେ ହିଂସା ଘଟିପାରେ ବୋଲି ସମ୍ବଲପୁର ଏସପିଙ୍କୁ ଚିଠି ଲେଖି ସୂଚନା ଦେଇଥିଲେ ଗୋଇନ୍ଦା ଏସ୍‌ପି। ଏପ୍ରିଲ ୧୧ରେ ଚିଠି ହୋଇଥିବା ବେଳେ ୧୨ରେ ହିଂସା ଘଟିଥିଲା। ହନୁମାନ ଜୟନ୍ତୀ ପାଇଁ ଧନୁପାଲି ଛକରୁ ବାଇକ୍ ରାଲି ଗଲାବେଳେ ପଥର ମାଡ଼ ହୋଇଥିଲା। ଏଥିରେ ଅତିରିକ୍ତ ଏସ୍‌ପି, ଧନୁପାଲି ଆଇଆଇସିଙ୍କ ସମେତ ୧୦ ପୋଲିସ ଆହତ ହୋଇଥିଲେ। ଏହି ଘଟଣା ପରେ ସମ୍ବଲପୁରରେ ୧୪୪ ଧାରା ଓ ପରେ କର୍ଫ୍ୟୁ ଜାରି କରାଯାଇଥିଲା। ଗୋଇନ୍ଦା ପକ୍ଷରୁ ଦିଆଯାଇଥିବା ଚିଠିରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାର ତମାମ ରୁଟ ଚାର୍ଟ ସହ ଶୋଭାଯାତ୍ରା, ସ୍ଲୋଗାନବାଜି ବେଳେ ହିଂସା ଘଟିପାରେ ବୋଲି ସତର୍କ କରାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିଦ୍ୱେଷ ହୋଇପାରେ ବୋଲି ମଧ୍ୟ ଦର୍ଶାଯାଇଥିଲା। ଏସ୍‌ପିଙ୍କୁ ଦିଆଯାଇଥିବା ଚିଠିର ନକଲ ଗୃହ ବିଭାଗ ଅତିରିକ୍ତ ସଚିବ, ଆଇନଶୃଙ୍ଖଳା ଏଡିଜି, ସମ୍ବଲପୁର ରେଞ୍ଜ ଆଇଜିଙ୍କୁ ଦିଆଯାଇଥିଲା। ହେଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନ କରିବାରୁ ସାମ୍ପ୍ରଦାୟିକ ଦଙ୍ଗା ଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି।

# ୨ନାବାଳିକାଙ୍କୁ ଗଣବଳାତ୍କାର: ୭ ଗିରଫ

ରାଜଗାଙ୍ଗପୁର, ୨୯।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ସିଲିକୁଦର ଗ୍ରାମରେ ୨ ଜଣ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ଶନିବାର ରାଜଗାଙ୍ଗପୁର ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ରାଜଗାଙ୍ଗପୁର ଥାନା ମାଲିଡିହି ଗ୍ରାମର ଦୁଇ ଜଣ ନାବାଳିକା ତାଙ୍କ ବନ୍ଧୁଘର ସିଲିକୁଦର ଗ୍ରାମକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ସୋମବାର ବିଳମ୍ବିତ ରାତିରେ ସେହି ଗ୍ରାମର ସାତ ଜଣ ୩ ଯୁବକ ଓ ୪ ନାବାଳକ ସେହି ଦୁଇ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏହି ଘଟଣା ସମ୍ପର୍କରେ ନାବାଳିକାମାନେ ଘରେ ଆସି କହିବା ପରେ ଶୁକ୍ରବାର ରାଜଗାଙ୍ଗପୁର ଥାନାରେ ଏତଲା ଦାଖଲ ହୋଇଥିଲା। ରାଜଗାଙ୍ଗପୁର ଥାନା ଅଧିକାରୀ ବୀଭସ ପ୍ରଧାନ ଏହି ଘଟଣାରେ ଏକ ମାମଲା ରୁଜୁକରି ସମ୍ପୃକ୍ତ ଥିବା ୭ ଜଣଙ୍କୁ ଧରିଥିଲେ।

# ବିରଞ୍ଚି ନାରାୟଣ ମନ୍ଦିରର ଅରୁଣ ସ୍ତମ୍ଭ ଭାଙ୍ଗିଲା

**ଧକ୍କା ଦେଲା ଟ୍ରକ୍**

ବୁଗୁଡ଼ା,୨୯।୪(ଡି.ଏନ.ଏ.)

ଓଡିଶାର ପର୍ଯ୍ୟଟନ କ୍ଷେତ୍ର ତଥା ପ୍ରସିଦ୍ଧ ଦ୍ୱିତୀୟ କାଷ୍ଠ ଅର୍କକ୍ଷେତ୍ର ରୂପେ ପରିଚିତ ଶ୍ରୀବିରଞ୍ଚି ନାରାୟଣ ମନ୍ଦିର ସମ୍ମୁଖସ୍ଥ ଅରୁଣ ସ୍ତମ୍ଭଟି ଟ୍ରକ୍ ଧକ୍କାରେ ଭାଙ୍ଗି ମୁଖଶାଳା ଉପରେ ଢଳି ପଡିବା ସହ ଉପରିସ୍ଥ ଅରୁଣ ମୂର୍ତ୍ତିଟି ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ଫଳରେ ଭକ୍ତମାନଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ଦୀର୍ଘ ଦୁଇ ଶହରୁ ଅଧିକ ବର୍ଷର ପୁରୁଣା ଖଣ୍ଡୋଲାଇଟ୍ ଷ୍ଟୋନରେ ନିର୍ମିତ ବିଶାଳକାୟ ଅରୁଣ ସ୍ତମ୍ଭଟିର ଭଗ୍ନ ଦୃଶ୍ୟ ସମସ୍ତଙ୍କୁ ମର୍ମାହତ କରିଛି। ପ୍ରାୟ ୨୧ ଫୁଟ ଉଚ୍ଚତା ବିଶିଷ୍ଟ ଉକ୍ତ ସ୍ତମ୍ଭର ୫ ଫୁଟରୁ ଅଧିକ ଅଂଶ ମାଟିରେ ପୋତି ହୋଇରହିଥିଲେ ହେଁ ଅବଶିଷ୍ଟ ଦୃଶ୍ୟମାନ ଅଂଶ କିଭଳି ଟ୍ରକ୍ ଧକ୍କାରେ ଭାଙ୍ଗିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ପ୍ରକାଶ ଯେ, ଶନିବାର ଭୋର ସମୟରେ ଏକ ସାର ବୋଝେଇ ଟ୍ରକ ପୋଲସରା ପଟୁ ଆସି ବୁଗୁଡ଼ା ବଡ଼ଦାଣ୍ଡରେ ପ୍ରବେଶ କରିଥିଲା। ପଞ୍ଚ ଠାକୁରାଣୀଙ୍କ ଅସ୍ଥାୟୀ ପୂଜା ମଣ୍ଡପ ନିର୍ମାଣ କରାଯାଇଥିବାରୁ ଟ୍ରକଟି ଆଉ ଆଗକୁ ଯାଇ ନପାରି ପଛକୁ ଆସିବାକୁ ବାଧ ହୋଇଥିଲା ଏବଂ ପଛକୁ ଆସିବା ବେଳେ ଉକ୍ତ ଅରୁଣ ସ୍ତମ୍ଭଟିକୁ ଧକ୍କା ଦେଇଥିଲା। ଏ ନେଇ ଶ୍ରୀବିରଞ୍ଚି ନାରାୟଣ ମନ୍ଦିର ମହନ୍ତ ଭକ୍ତରାମ ଦାସ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଅବଗତ କରାଇବା ସହ ବୁଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଟ୍ରକଟିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଥିବା ଜଣାଯାଇଛି।



ଭାଙ୍ଗି ଯାଇଥିବା ଅରୁଣ ସ୍ତମ୍ଭ।

# ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ମୃତ

ଲହୁଣୀପଡ଼ା, ୨୯।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜଂ ପଞ୍ଚାୟତର ଚାନ୍ଦିପୋଷ ଥାନା ଅନ୍ତର୍ଗତ ଲୁଧୁଣୀ ଗ୍ରାମ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ରାଉରକେଲା ନିକଟସ୍ଥ ଦେଓଗାଁର ଝିକି ମୁଣ୍ଡା (୩୪) ନିଜ କକା ଘର ଲୁଧୁଣି ଗ୍ରାମରେ ନିଜ ଝିଅ ସହ ରହୁଥିଲେ। ଶୁକ୍ରବାର ଦିନ ପ୍ରାୟ ୧ଟାରେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଆସି ବହୁ ସମୟ ଧରି ଘରକୁ ଫେରି ନ ଥିଲେ। ବିଳମ୍ବ ହେବାର ଦେଖି ଘର ଲୋକ ନଦୀକୁ ଯାଇ ଖୋଜିଖୋଜି କରିବାରୁ ତାଙ୍କ ମୃତଦେହ ପାଣିରେ ପଡିଥିବା ଦେଖିବାକୁ ପାଇଥିଲେ। ଚାନ୍ଦିପୋଷ ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ପରିବାର ଲୋକଙ୍କ ଉପସ୍ଥିତିରେ ରାତିରେ ମୃତଦେହ ଉଦ୍ଧାର କରି ବଣାଇସ୍ଥିତ ଶବ ଗୃହକୁ ପଠାଇଥିଲେ।

# ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ

**ଓରାଳି-ଆପଣ୍ଡା ସୀମା ବିବାଦ ପ୍ରସଙ୍ଗ**

କେନ୍ଦୁଝର,୨୯।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ ଓରାଳି ଗ୍ରାମ ଓ ଭଦ୍ରକ ଜିଲାର ଆପଣ୍ଡା ଗ୍ରାମ ସୀମାର ନାମକରଣକୁ ନେଇ ଦେଖାଦେଇଥିବା ବିବାଦ ସମାଧାନ କରିବାକୁ ସ୍ଥାନୀୟ ଗ୍ରାମବାସୀ କେନ୍ଦୁଝର ଜିଲାପାଳ ଆଶୀଷ ଠାକ୍‌ରେଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଛକର ନାମ କରଣକୁ ନେଇ କିଛି ଦିନ ତଳେ ହିଂସାକାଣ୍ଡ ଘଟି ଜଳାପୋଡ଼ା ହୋଇଥିଲା। ଫଳରେ ଗଣ୍ଡଗୋଳକୁ ରୋକିବା ପାଇଁ ଉକ୍ତ ସୀମାରେ ଭଦ୍ରକ ଜିଲା ପ୍ରଶାସନ ୧୪୪ ଧାରା ଲଗାଇବାକୁ ପଡ଼ିଥିଲା।

ଅଭିଯୋଗ ଅନୁଯାୟୀ, ଛକଟି ଓରାଳି ଗ୍ରାମରୁ ମାତ୍ର ୧୫୦ ମିଟର ଦୂରରେ ରହିଥିବା ବେଳେ ଆପଣ୍ଡା ଗ୍ରାମରୁ ଏହାର ଦୂରତ୍ୱ ଦେଢ଼ କିଲୋମିଟର ହେବ । ଛକ ଉପରେ ହାଟଡ଼ିହି ବ୍ଲକ୍‌ର ୧୧ ପଞ୍ଚାୟତର ୫୦ ହଜାର ଲୋକ ନିର୍ଭରଶୀଳ। ବହୁ ବର୍ଷ ଆଗରୁ ଏହାର ନାମ ଓରାଳି ଛକ ଭାବରେ ନାମିତ ହୋଇ ଆସୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସମସ୍ତ ସରକାରୀ ଫଳକରେ ମଧ୍ୟ ସ୍ଥାନ ଓରାଳି ବୋଲି ଉଲ୍ଲେଖ ଥିବା ବେଳେ ଏହାକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଫଳକକୁ ଭାଙ୍ଗି ନୂତନ ନାମକରଣ କରି ଫଳକ ମାରିବାକୁ ଉଦ୍ୟମରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା। ଏଣୁ ଜିଲାବାସୀଙ୍କ ସୁବିଧା ଓ ସୁରକ୍ଷା ସହ ସ୍ୱାଭିମାନ ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜିଲାପାଳ ଆଶ୍ୱାସନା ଦେଇଥିବା ଗ୍ରାମବାସୀଙ୍କ ନେତୃତ୍ୱ ଦେଇଆସିଥିବା ଭାଜପା ନେତା ଆଲୋକ ସେଠୀ କହିଛନ୍ତି। ଶଶୀକାନ୍ତ ରାଉତ, ସତ୍ୟଜିତ୍ ପରିଡ଼ା, ଗୋଲକ ପୁହାଣ, ଏଚସି ଜେନା, ବିଦ୍ୟାଧର ନାୟକ, ଜ୍ଞାନରଞ୍ଜନ ଖିଲାର, ଭାଗିରଥୀ ପହି ସମେତ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।



ଗୁଜରାଟ ଅହମ୍ମଦାବାଦର ଜୟ ଭୋଲେ ଗ୍ରୁପ୍‌ର କର୍ମକର୍ତ୍ତା ଚାରିଧାମ ଯାତ୍ରା ଅବସରରେ ଶନିବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ଏକ ବଡ଼ ଶ୍ରୀଯନ୍ତ୍ର ଲାଗି କରାଇଛନ୍ତି। ସୁନା, ରୂପା, ଚାନ୍ଦି, ତମ୍ବା, ପିତ୍ତଳରେ ନିର୍ମିତ ହୋଇଛି ଏହି ଯନ୍ତ୍ର । ଅହମ୍ମଦାବାଦରେ ଶ୍ରୀଯନ୍ତ୍ର ଶକ୍ତିପୀଠ ଅମ୍ବାଜୀ ମନ୍ଦିର ନିର୍ମାଣ କରାଯାଉଥିବାବେଳେ ବାଧାବିଘ୍ନ ଦୂର ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରାଯାଇଛି।

# ପୁଣି ମୁଣ୍ଡ ନେଲା ଦନ୍ତା

ଅନୁଗୋଳ ଅଫିସ, ୨୯।୪

ପାଚିଲା ଆମ୍ବ ବାସ୍ନାରେ ତୋଟାକୁ ଟାଣି ହୋଇ ଆସୁଛନ୍ତି ବଣୁଆ ହାତୀ। ଗଛରୁ ଝଡୁଥିବା ଆମ୍ବ ଖାଇବାକୁ ସଞ୍ଜରୁ ଭୋର୍ ଯାଏ ଡେରା ପକାଇ ରହୁଛନ୍ତି। ଫଳରେ ବଗିଚାରେ ଏବେ ହାତୀ-ମଣିଷଙ୍କ ସଂଘର୍ଷ ଉଗ୍ରରୂପ ନେଇଛି। ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳର ମରଣ୍ଡା ଗ୍ରାମରେ ହାତୀ ଆକ୍ରମଣରେ ଶନିବାର ଝଟକ ବେହେରା (୬୯) ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଜିଲାରେ ମାସକ ମଧ୍ୟରେ ହାତୀ ଆକ୍ରମଣରେ ଏହା ହେଉଛି ୬ଷ୍ଠ ମୃତ୍ୟୁ। ଖାଦ୍ୟ ଲୋଭରେ ଜନବସତିମୁହାଁ ହୋଇଥିବା ବଣୁଆ ହାତୀଙ୍କୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଥିବାବେଳେ ଏହାକୁ ନେଇ ଉପଦ୍ରୁତ ଅଞ୍ଚଳବାସୀଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଝଟକ ଭୋର୍ ସମୟରେ ଆମ୍ବ ଗୋଟାଇବାକୁ ଜଙ୍ଗଲକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

# ୭ ଗିରଫ: ବନ୍ଧୁକ, ମାରଣାସ୍ତ୍ର ଜବତ

**ଛେଳିବେପାରୀଙ୍କୁ ଗୁଳିକରି ହତ୍ୟା, ୯ଲକ୍ଷ ଲୁଟ ଘଟଣା**

ସୁନ୍ଦରଗଡ଼/ଲେଫ୍ରିପଡ଼ା, ୨୯।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସୁନ୍ଦରଗଡ଼-ଏମ୍‌ସିଏଲ୍ ରାସ୍ତାର ସୁରୁଗୁଡ଼ା ତାରିଣୀ ମନ୍ଦିର ନିକଟରେ ଛେଳି ବେପାରୀ ପ୍ରଭାତ ନାଏକଙ୍କୁ ଗୁଳିକରି ହତ୍ୟା ଓ ତାଙ୍କଠାରୁ ୯ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଶନିବାର ପୋଲିସ ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ଝାଡ଼ଖଣ୍ଡ ଗୁମଲା ଅଞ୍ଚଳର ଏବଂ ଅନ୍ୟ ୫ଜଣ ସୁନ୍ଦରଗଡ଼ ଜିଲା ବିଭିନ୍ନ ଥାନା ଅଞ୍ଚଳର ବୋଲି ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଲେଫ୍ରିପଡ଼ା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଅନେକ ଲୁଟ୍ ଓ ଆପରାଧିକ ଘଟଣାରେ ସମ୍ପୃକ୍ତ ଅଛନ୍ତି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଗୁମଲା ଥାନା ସପ୍ରାଘାଟ ଅଞ୍ଚଳର କେଶ୍ୱାର ଗୋପେ, ସେହି ଗୁମଲା ଥାନା ଅଞ୍ଚଳର ଅରୁଣ ଓରାମ, ସୁନ୍ଦରଗଡ଼ ଜିଲା ଭଣ୍ଡା ଥାନା ଅନ୍ତର୍ଗତ ଚାଉଁରଢାଲ ଗ୍ରାମର ସୁଧୀର କିଷାନ, ରାଏବଗା ଥାନା ସଲଙ୍ଗାବାହାଲ ଗ୍ରାମର ମହାନ୍ତି ବଡ଼ାଇକ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବଡ଼ଗୁଡ଼ିଆଲୀର ପ୍ରମୋଦ ମାଝି (୩୦), ସୁଜିତ୍ ମାଝି ଓ ପ୍ରଦୀପ ସିଂ। ପ୍ରଭାତ ସୁନ୍ଦରଗଡ଼ ଭଣ୍ଡା ଥାନା ଗୁଲଠା ଗ୍ରାମରେ ରହି ଛେଳି ବ୍ୟବସାୟ କରିଆସୁଥିଲେ। ପଡ଼ୋଶୀ ଗ୍ରାମର ସୁଧୀର ପ୍ରଭାତଙ୍କ ଗତିବିଧି ଉପରେ ନଜର ରଖି ତାଙ୍କଠାରୁ ଲୁଟ୍ ପାଇଁ ଯୋଜନା କରିଥିଲେ। ଘଟଣାର ପୂର୍ବରାତି ଅର୍ଥାତ୍ ୧୨ ତାରିଖରେ ଏହି ଅଭିଯୁକ୍ତମାନଙ୍କୁ ସୁଧୀର ତାଙ୍କ ଫାର୍ମ ହାଉସ୍‌କୁ ଡକାଇ ଲୁଟ୍ ଯୋଜନା ପ୍ରସ୍ତୁତ କରିଥିଲେ। ୧୩ ତାରିଖ ସକାଳେ ପ୍ରଭାତ ଏକ ବାଇକ୍ ଯୋଗେ ଅନ୍ୟ ୨ଜଣଙ୍କୁ ଧରି ଛତିଶଗଡ଼ ହାଣ୍ଡିପାନି ହାଟକୁ ଛେଳି କିଣିବାକୁ ଯାଉଥିଲା ବେଳେ ଅଭିଯୁକ୍ତମାନେ ତାଙ୍କୁ ୨ଟି ବାଇକ୍‌ରେ ପିଛା କରିଥିଲେ। ସୁରୁଗୁଡ଼ା ତାରିଣୀ ମନ୍ଦିର ନିକଟରେ ପ୍ରଭାତ ଯାଉଥିବା ବାଇକ୍‌କୁ ଅଭିଯୁକ୍ତମାନେ ପଛ ପାଖରୁ ଧକ୍କା ଦେଇଥିଲେ। ଫଳରେ ପ୍ରଭାତ ଓ ଅନ୍ୟ ୨ଜଣ ତଳେ ପଡ଼ିଯାଇଥିଲେ। ଏହାପରେ ତାଙ୍କଠାରୁ ଟଙ୍କା ବ୍ୟାଗ୍‌କୁ ଲୁଟେରାମାନେ ଛଡ଼ାଇବାକୁ ଉଦ୍ୟମ କରୁଥିବାବେଳେ ପ୍ରଭାତ ଦୌଡ଼ି ପଳାଉଥିଲେ। ଲୁଟେରାଙ୍କ ମଧ୍ୟରୁ ଅରୁଣ ଓରାମ୍ ତାଙ୍କ ଉପରକୁ ଗୁଳିକରି ଟଙ୍କାବ୍ୟାଗ୍ ଧରି ଫେରାର ହୋଇଯାଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଏପ୍ରିଲ, ୨୦୨୩

## ଏ ସପ୍ତାହର ପ୍ରଶ୍ନ

୧– କ୍ଷୀର ଭାଗ୍ୟ ସ୍କିମ୍ ........... ରାଜ୍ୟରେ ଆରମ୍ଭ କରାଯାଇଛି ?
୨– କାଜାଖସ୍ତାନରେ ଆୟୋଜିତ ୱାର୍ଲ୍ଡ ବିଜ୍ ଚେସ୍ ଚାମ୍ପିୟନ୍‌ଶିପ୍‌ରେ ରୌପ୍ୟ ପଦକ ବିଜେତା ଭାରତୀୟ ଖେଳାଳି ............. ?
୩– ଜୁଆରି ବ୍ରିଜ୍ .................... ରାଜ୍ୟରେ ଅବସ୍ଥିତ ?
୪– ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ........... ଦେଶର ନୂତନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କଲେ ?
୫– ଭାରତର ପ୍ରଥମ ମହିଳା ଶିକ୍ଷୟିତ୍ରୀ ............ ?

## ଗତ ଥରର ଉତ୍ତର

୧ ଭାରତୀୟ ତଟରକ୍ଷୀ ବାହିନୀ
୨ ବିକ୍ରମ ସେଠ
୩ ଚାଇନା
୪ ବାହାଦୁର ଶାହ–୨
୫ ନର୍ମାନ ବୋର୍ଲଗ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା

୧– ରୋସ୍‌ନାରା ବେଗମ୍, ଖୋର୍ଦ୍ଧା
୨– ଦିବ୍ୟଶଙ୍କର ପୂଜାରୀ, କେନ୍ଦୁଝର
୩– କୌଶଲ୍ୟା ଦେ, ବାଲେଶ୍ୱର
୪– ଦେବପ୍ରିୟ ମୁଣ୍ଡ, ମାଲକାନଗିରି

## ଟପ୍ ୧୦

### ପୃଥିବୀର ସବୁଠୁ ଲୋକପ୍ରିୟ ଅଭିନେତା–୨୦୨୩



୧............ ଡ୍ୱାଏନ୍ ଜନ୍‌ସନ୍ (ଆମେରିକା)
୨............ ଶାହରୁଖ ଖାନ୍ (ଭାରତ)
୩............ ରୋବର୍ଟ ଡାଓନୀ ଜେଆର୍. (ଆମେରିକା)
୪............ ଲିଓନାର୍ଡୋ ଡିକାପ୍ରିଓ (ଆମେରିକା)
୫............ ସଲମନ୍ ଖାନ୍ (ଭାରତ)
୬............ ଭିନ୍ ଡିଜେଲ (ଆମେରିକା)
୭............ କ୍ରିସ୍ ଇଭାନ୍ସ (ଆମେରିକା)
୮............ କ୍ରିସ୍ ହେମ୍ସୱର୍ଥ (ଅଷ୍ଟ୍ରେଲିଆ)
୯............ ୱିଲ୍ ସ୍ମିଥ୍ (ଆମେରିକା)
୧୦............ ଜ୍ୟାକି ଚ୍ୟାନ୍ (ଚାଇନା)

### ଜାଣନ୍ତୁ ଦୁନିଆ

# କଙ୍କଡ଼ାବିଛା

**କଙ୍କଡ଼ାବିଛା ପ୍ରାୟ ସମସ୍ତେ ଦେଖିଥିବେ। ଏହାର ବିଷ ମଣିଷ ପାଇଁ ଯେତିକି କ୍ଷତିକାରକ ଏଥିରୁ ପ୍ରସ୍ତୁତ ଔଷଧ କେତେକ ମାରାତ୍ମକ ରୋଗର ଚିକିତ୍ସା ନିମନ୍ତେ ସେତିକି ଉପକାରୀ। ଜାଣନ୍ତୁ ଏହା ସମ୍ପର୍କରେ କେତେକ ରୋଚକ ତଥ୍ୟ...**

❖କୁହାଯାଏ କଙ୍କଡ଼ାବିଛା ହେଉଛି ସର୍ବପୁରାତନ ସ୍ଥଳଚର ପ୍ରାଣୀ। ପ୍ରାୟ ୪୨୦ ମିଲିଅନ୍ ବର୍ଷ ପୂର୍ବର ମିଳିଥିବା ଏକ କଙ୍କଡ଼ାବିଛାର ଜୀବାଶ୍ମରୁ ଏହା ଅନୁମାନ କରାଯାଏ। ଏମିତିକି ଡାଇନୋସର ପୂର୍ବରୁ ମଧ୍ୟ ଏମାନେ ଜୀବିତ ଥିବା ଅନୁମାନ କରାଯାଏ।

❖୪୫୦ ମିଲିଅନ୍ ବର୍ଷ ପୂର୍ବରୁ ଥିବା ସାମୁଦ୍ରିକ କଙ୍କଡ଼ାବିଛା ପ୍ରାୟ ୧ ମିଟର ଲମ୍ବା ଥିଲା ବୋଲି ବୈଜ୍ଞାନିକ ମତ ଦିଅନ୍ତି। ତେବେ ବର୍ତ୍ତମାନ ଥିବା ଏହାର ସମସ୍ତ ପ୍ରଜାତି ମଧ୍ୟରୁ ଏସିଆର ଜିଆଣ୍ଟ ଫରେଷ୍ଟ ସ୍କର୍ପିଅନ୍ ସବୁଠାରୁ ବଡ଼, ଯାହାର ଲମ୍ବ ୯ ଇଞ୍ଚ।



❖ସାଧାରଣତଃ ଏମାନଙ୍କ ଜୀବନକାଳ ୨–୬ ବର୍ଷ ହୋଇଥିବା ବେଳେ ପଶ୍ଚିମ ଆଫ୍ରିକାରେ ଦେଖାଯାଉଥିବା ଏମ୍ପରର ସ୍କର୍ପିଅନ୍ ସବୁଠୁ ଅଧିକ ବର୍ଷ ଅର୍ଥାତ୍ ୮ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରେ।

❖ଏମାନଙ୍କ ମଧ୍ୟରୁ କେତେକ ପ୍ରଜାତି ଦୀର୍ଘ ମାସ ପର୍ଯ୍ୟନ୍ତ ନ ଖାଇ ମଧ୍ୟ ବଞ୍ଚିପାରନ୍ତି।

❖ଏମାନେ ଅଣ୍ଡା ନ ଦେଇ ଛୁଆ ଜନ୍ମ କରିଥା'ନ୍ତି। ଛୁଆମାନଙ୍କ ଶରୀର ନରମ ଏବଂ ରଙ୍ଗ ଧଳା ହୋଇଥାଏ, ଯାହାକି ବଡ଼ ହେବା ଦ୍ୱାରା କ୍ରମଶଃ ଶକ୍ତ ହୋଇଯାଏ ଏବଂ ରଙ୍ଗ ମଧ୍ୟ ପରିବର୍ତ୍ତନ ହୋଇଯାଏ। ସେମାନେ ବଡ଼ ହୋଇ ନିଜେ ଶିକାର କରି ଖାଇ ଶିଖିବା ପର୍ଯ୍ୟନ୍ତ ମାଆ ପାଖରେ ରହିଥା'ନ୍ତି। ଏମିତିକି କେତେକ ପ୍ରଜାତି ପ୍ରାୟ ୨ ବର୍ଷ ପର୍ଯ୍ୟନ୍ତ ମାଆ ପାଖରେ ରହୁଥିବା ଗବେଷଣାରୁ ଜଣାପଡ଼ିଛି।

❖ଏମାନଙ୍କ ବାହ୍ୟ ଖୋଳପା ତଳେ ଏକ ଫ୍ଲୋରୋସେଣ୍ଟ କେମିକାଲ ରହିଛି, ଯାହାକି ଅତିବାଇଗଣି ରଶ୍ମି ବା ଅଲଟ୍ରା ଭାଓଲେଟ୍‌ରେ ପଡ଼ିଲେ ତାହା ଉଜ୍ଜ୍ୱଳ ଦେଖାଯାଇଥାଏ।

❖ପୃଥିବୀର ସମସ୍ତ କଙ୍କଡ଼ାବିଛା ପ୍ରଜାତି ମଧ୍ୟରୁ ଆଫ୍ରିକାର ଉତ୍ତର–ମଧ୍ୟ ପୂର୍ବ ଅଞ୍ଚଳରେ ଦେଖାଦେଉଥିବା, ଭାରତରେ ଦେଖାଦେଉଥିବା ରେଡ୍ ସ୍କର୍ପିଅନ୍ ଏବଂ ଆରାବିଆନ୍ ଫ୍ଲାଟ୍ ଟେଲ୍‌ଡ ସ୍କର୍ପିଅନ୍ ସବୁଠୁ ବିଷାକ୍ତ। ସେମାନଙ୍କ ବିଷରେ ନ୍ୟୁରୋଟକ୍ସିନ୍, କାର୍ଡିଓଟକ୍ସିନ୍, ନେଫ୍ରୋଟକ୍ସିନ୍, ହେମୋଲାଇଟିକ୍‌ଟକ୍ସିନ୍ ସହିତ ହିଷ୍ଟାମାଇନ୍, ସେରୋଟନିନ୍ ଏବଂ ଟ୍ରିପ୍ଟୋଫାନ୍ ଭଳି ପ୍ରାୟ ୧୨ ପ୍ରକାରର ବିଷାକ୍ତ ପଦାର୍ଥ ରହିଥାଏ। ତେଣୁ ଏହି ବିଛା ଦଂଶନ କରିବା ଦ୍ୱାରା ତୁରନ୍ତ ଚିକିତ୍ସା କରା ନ ଗଲେ ମଣିଷର ଜୀବନ ଯିବାର ବି ଆଶଙ୍କା ରହିଥାଏ।

❖ବର୍ତ୍ତମାନ ଏମାନଙ୍କ ବିଷକୁ କ୍ୟାନ୍‌ସର, ଆର୍ଥ୍ରାଇଟିସ୍ ଭଳି ବିଭିନ୍ନ ମାରାତ୍ମକ ରୋଗର ଚିକିତ୍ସା ନିମନ୍ତେ ବ୍ୟବହାର କରାଯାଉଛି।







# ପଢ଼ା ସହ ଜବ୍

**ପାଠପଢ଼ା ପରେ ଭଲ ଜବ୍‌ଟିଏ ପାଇବାର ଲକ୍ଷ୍ୟ କାହାର ବା ନ ଥାଏ! ହେଲେ କେବେ ଜଣେ ଭଲ ଶିକ୍ଷାର୍ଥୀଙ୍କୁ ସଫଳ ହେବାରେ ଅର୍ଥ ବାଧକ ସାଜେ ତ ଆଉ କେବେ କାହାକୁ ଅଭିଜ୍ଞତା ଅଭାବରୁ ନିରାଶ ହେବାକୁ ପଡ଼େ। କିନ୍ତୁ ବର୍ତ୍ତମାନ ସମୟରେ ବିଭିନ୍ନ କ୍ଷେତ୍ରରେ ଯୁବତୀଯୁବକଙ୍କ ଲାଗି ଉପଲବ୍ଧ ଥିବା ପାର୍ଟ–ଟାଇମ୍ ଜବ୍‌ର ସୁଯୋଗ ଏଭଳି ସମସ୍ୟା ସମାଧାନରେ ବେଶ୍ ସହାୟକ ହୋଇପାରୁଛି...**

ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ପାଠପଢ଼ା ସହ ପାର୍ଟ–ଟାଇମ୍ ଜବ୍ କରିବାର ସୁଯୋଗ ରହିଛି। ଅଧିକାଂଶ ଯୁବପିଢ଼ି ଏହାର ଭରପୂର ସୁଯୋଗ ମଧ୍ୟ ନେଉଛନ୍ତି। ଏହାଦ୍ୱାରା କେହି କେହି ନିଜ ରୋଜଗାରରେ ବାହାରେ ରହିବା, ଖାଇବା ସହ ହାୟରଷ୍ଟଡି ଖର୍ଚ୍ଚ ତୁଲାଇବାରେ ସକ୍ଷମ ହୋଇପାରୁଥିବା ବେଳେ ଆଉ କେହି ଏଥିରୁ ଅଭିଜ୍ଞତା ସାଉଣ୍ଟି ନିଜ କ୍ୟାରିୟରରେ ସଫଳତା ହାସଲ କରିବାର ମାର୍ଗକୁ ସୁଦୃଢ଼ କରିପାରୁଛନ୍ତି...

**ଟାଇମ୍ ମ୍ୟାନେଜ୍‌ମେଣ୍ଟ:** ସମୟର ସଦୁପଯୋଗ କରିବା କଳା ଶିଖିଥିବା ଯୁବପିଢ଼ିଙ୍କ ପାଇଁ ଭବିଷ୍ୟତରେ ସଫଳତା ହାସଲ କରିବାର ମାର୍ଗ ଅଧିକ ସହଜ ଓ ସରଳ ହୋଇଯାଏ। ପାର୍ଟ–ଟାଇମ୍ ଜବ୍ କରିବା ଦ୍ୱାରା ପାଠପଢ଼ା ଏବଂ ଜବ୍ ଉଭୟ ମଧ୍ୟରେ ସମନ୍ୱୟ ରଖି ଅନ୍ୟାନ୍ୟ କାର୍ଯ୍ୟ ଲାଗି ସମୟ ବାହାର କରିବାକୁ ହୋଇଥାଏ। ଫଳରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ କଳା ବୃଦ୍ଧି ପାଇଥାଏ, ଯାହାକି ଭବିଷ୍ୟତରେ ବେଶ୍ କାମରେ ଆସିଥାଏ।

**ମିଳେ ରୋଜଗାରକ୍ଷମ ହେବାର ଆନନ୍ଦ:** ପାଠପଢ଼ା ସହ ପାର୍ଟ–ଟାଇମ୍ ଜବ୍ କରିବା ଦ୍ୱାରା ଅର୍ଥ ରୋଜଗାର କରିବା ଦ୍ୱାରା ପରିବାର ଉପରେ ନିର୍ଭର ନ କରି ପଢ଼ାଠାରୁ ଆରମ୍ଭ କରି ନିଜର ବିଭିନ୍ନ ଖର୍ଚ୍ଚ ନିଜେ ତୁଲାଇବା ସହଜ ହୋଇଥାଏ, ଯାହାକି ଆତ୍ମସନ୍ତୋଷ ଦେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଏଥିରୁ କିଛି ଭବିଷ୍ୟତ ପାଇଁ ସଞ୍ଚୟ କରିବା ଏବଂ ଆବଶ୍ୟକ ସ୍ଥଳେ ପରିବାରକୁ ସାହାଯ୍ୟ କରିବାର ଆନନ୍ଦ ମଧ୍ୟ ମିଳିଥାଏ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାର୍ଟ–ଟାଇମ୍ ଜବ୍ କରି ଅର୍ଥ ରୋଜଗାର କରିବା ନିଶାରେ ଆବଶ୍ୟକତାଠାରୁ ଅଧିକ ସମୟ କାମ କରିବା ବି ଠିକ୍ ନୁହେଁ। କାରଣ ଏହାଦ୍ୱାରା ଖାଇବା ଏବଂ ଶୋଇବାରେ ଅବହେଳା ହେଲେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।

**ବୃଦ୍ଧି ପାଏ ଏକ୍ସପେରିଏନ୍ସ:** ଜଣେ ଫ୍ରେଶର ଅପେକ୍ଷା ଏକ୍ସପେରିଏନ୍ସ ଥିବା ଏମ୍ପ୍ଲୋୟୀଙ୍କୁ ସବୁ କାର୍ଯ୍ୟାଳୟରେ ପ୍ରାଥମିକତା ଦିଆଯାଇଥାଏ। ତେଣୁ ପଢ଼ା ପରେ ଜବ୍ କରିବା ଅପେକ୍ଷା ଅନେକେ ବର୍ତ୍ତମାନ ପଢ଼ା ସହ ନିଜର ଫାଙ୍କା ସମୟକୁ ସଦୁପଯୋଗ କରି ବିଭିନ୍ନ ପାର୍ଟ–ଟାଇମ୍ ଜବ୍ କରୁଛନ୍ତି। ଏହାଦ୍ୱାରା ପଢ଼ା ସରିବା ବେଳକୁ ଅଭିଜ୍ଞତା ସହ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ହୋଇପାରୁଛି। ତେଣୁ ନିଜ ପଢ଼ା ସହିତ ପାର୍ଟ–ଟାଇମ୍ ଜବ୍ ସୁଯୋଗ ମିଳିଲେ ହାତଛଡ଼ା ନ କରି ଏହାର ସଦୁପଯୋଗ କରନ୍ତୁ। କାରଣ ଏଥିରୁ ମିଳୁଥିବା ଜ୍ଞାନ ଏବଂ ଏକ୍ସପେରିଏନ୍ସ ସାର୍ଟିଫିକେଟ୍ ପରବର୍ତ୍ତୀ ସମୟରେ ବେଶ୍ କାମରେ ଆସିବ। ହେଲେ ମନେରଖନ୍ତୁ ପାର୍ଟ–ଟାଇମ୍ ଜବ୍ କରି ଅଧିକ ଏକ୍ସପେରିଏନ୍ସ ପାଇବା ଆଳରେ ଆବଶ୍ୟକତାଠାରୁ ଅଧିକ ସମୟ କାମ କରିବା ବି ଠିକ୍ ନୁହେଁ। କାରଣ ଏହାଦ୍ୱାରା ପାଠପଢ଼ା ବ୍ୟାହତ ହୋଇପାରେ, ଯାହାକି ଭବିଷ୍ୟତରେ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

**କାମରେ ଆସେ ପ୍ରାକ୍ଟିକାଲ ଜ୍ଞାନ:** ପ୍ରାକ୍ଟିକାଲ ଜ୍ଞାନ କର୍ମକ୍ଷେତ୍ରରେ ସବୁଠୁ ଅଧିକ କାମରେ ଆସିଥାଏ। କାରଣ ଅନେକ ସମୟରେ ଦେଖାଯାଏ ପାଠପଢ଼ାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ର କର୍ମକ୍ଷେତ୍ରରେ ବିଫଳ ହେଉଥିବା ବେଳେ ତାଙ୍କଠୁ କମ୍ ନମ୍ବର ରଖିଥିବା ଛାତ୍ରୀଛାତ୍ର କର୍ମକ୍ଷେତ୍ରରେ ଖୁବ୍ ଆଗକୁ ବଢ଼ିଯାଆନ୍ତି। ଏହାର ମୁଖ୍ୟ କାରଣ ହେଉଛି ପ୍ରାକ୍ଟିକାଲ୍ ଜ୍ଞାନର ଅଭାବ। ତେଣୁ ପାଠପଢ଼ାକୁ କାମରେ ଲଗାଇବା କୌଶଳ ଜାଣିବା ଦରକାର। ବର୍ତ୍ତମାନ ଏଥିପାଇଁ ପାର୍ଟ–ଟାଇମ୍ ଜବ୍ ଅନେକଙ୍କୁ ବେଶ୍ ସହାୟକ ହୋଇପାରୁଛି। ତା'ଛଡା ପାର୍ଟ–ଟାଇମ୍ ଜବ୍ ସର୍ବଦା ନିଜ ଫିଲ୍ଡରେ ହିଁ ଯେ ମିଳିବ ତାହା ସମ୍ଭବ ନୁହେଁ। ତେଣୁ ଅଧିକାଂଶ ଯୁବତୀଯୁବକ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷ କରି ନିଜର ରୁଚି ଥିବା କ୍ଷେତ୍ରରେ ଜବ୍ କରିଥା'ନ୍ତି, ଯଦ୍ୱାରା ସେମାନଙ୍କଠାରେ ଏକାଧିକ କ୍ଷେତ୍ରରେ ଅଭିଜ୍ଞତା ବୃଦ୍ଧି ପାଇଥାଏ। ଫଳରେ ସେମାନେ ପଢ଼ା ସମୟରୁ ହିଁ ଏକାଧିକ କାର୍ଯ୍ୟଶୈଳୀ ବିଷୟରେ ଜ୍ଞାନ ଆହରଣ କରିପାରୁଛନ୍ତି ଏବଂ ଯଥା ସମୟରେ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରି ସଫଳ ହୋଇପାରୁଛନ୍ତି।

**ମିଳେ ଭଲ ଜବ୍‌ର ସୁଯୋଗ:** ପାର୍ଟ–ଟାଇମ୍ ଜବ୍ ଯେ କେବଳ ରୋଜଗାର କରିବା ଏବଂ ଅଭିଜ୍ଞତା ବଢ଼ାଇବାରେ ସାହାଯ୍ୟ କରେ ତା' ନୁହେଁ, ବରଂ ଏହାଦ୍ୱାରା କେବେକେବେ ଉକ୍ତ ସଂସ୍ଥାକୁ ଆପଣଙ୍କ କାର୍ଯ୍ୟ ପସନ୍ଦ ଆସୁଥିଲେ ସେଠାରେ ହିଁ ଭଲ ଜବ୍ ମିଳିବାର ଯଥେଷ୍ଟ ସମ୍ଭାବନା ରହିଥାଏ। ତା'ଛଡ଼ା ପାଠପଢ଼ା ସାରି ଜବ୍ କରିବା ଦ୍ୱାରା ସମ୍ପୂର୍ଣ୍ଣ ଏକ ନୂଆ ଦୁନିଆରେ କାର୍ଯ୍ୟ କରିବା ବେଳେ ଅନେକଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ହେଲେ ପୂର୍ବରୁ ଯେଉଁମାନେ ପାର୍ଟ–ଟାଇମ୍ ଜବ୍ କରିଥା'ନ୍ତି, ସେମାନଙ୍କଠାରେ କିଛି ଲୋକସମ୍ପର୍କ ବଢ଼ିବା ସହ ଅଭିଜ୍ଞତା ଥିବାରୁ ଭବିଷ୍ୟତରେ ଅନ୍ୟ ସ୍ଥାନରେ ଜବ୍ ମିଳିବା ସହଜ ହୋଇଥାଏ।

### ଏମାନେ କ'ଣ କୁହନ୍ତି

#### ବଢୁଛି ପ୍ରାକ୍ଟିକାଲ ନଲେଜ



**ବିଶ୍ୱ ରଞ୍ଜନ** (ଏମ୍‌ଟେକ୍ ଛାତ୍ର, ରିଜିଓନାଲ କଲେଜ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଭୁବନେଶ୍ୱର)– ଥିଓରି ଅପେକ୍ଷା ପ୍ରାକ୍ଟିକାଲ୍ ଜ୍ଞାନ କ୍ୟାରିୟର ବୃଦ୍ଧିରେ ଅଧିକ ସାହାଯ୍ୟ କରିଥାଏ। ତେଣୁ ପ୍ରାକ୍ଟିକାଲ୍ କ୍ଲାସ୍ ଆଦୌ ମିସ୍ କରେନି। ଆଉ ବର୍ତ୍ତମାନ ପଢ଼ା ସହ ଏକ ସଫ୍ଟୱେର କମ୍ପାନିରେ ପାର୍ଟ–ଟାଇମ୍ ଜବ୍ କରିବାର ସୁଯୋଗ ମିଳିଥିବାରୁ ବେଶ୍ ଖୁସି। ଏହାଦ୍ୱାରା ପଢ଼ା ସହିତ କର୍ମକ୍ଷେତ୍ରରେ ପ୍ରାକ୍ଟିକାଲ ଜ୍ଞାନ ସହ କାର୍ଯ୍ୟଦକ୍ଷତା ବଢ଼ିବ ଏବଂ ଭବିଷ୍ୟତରେ କୌଣସି ନୂଆ କମ୍ପାନିରେ ଜଏନ୍ କରିବା ବେଳେ କାମ କରିବାରେ ଅସୁବିଧା ହେବ ନାହିଁ। ତା'ଛଡ଼ା ଏହାର ଏକ୍ସପେରିଏନ୍ସ ସାର୍ଟିଫିକେଟ୍ ମଧ୍ୟ କାମରେ ଆସିବ। ତେଣୁ ମୋ ମତରେ ସୁଯୋଗ ମିଳିଲେ ପଢ଼ା ସହ ଛାତ୍ରୀଛାତ୍ରଙ୍କୁ ପାର୍ଟ–ଟାଇମ ଜବ୍ କରିବାର ଭରପୂର ଫାଇଦା ନେବା ଆବଶ୍ୟକ।

#### ହୋଇପାରିଛି ରୋଜଗାରକ୍ଷମ



**ସାୟଲ ପ୍ରଧାନ** (ଛାତ୍ରୀ, ୟୁନାଇଟେଡ୍ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର)– ରୋଜଗାରକ୍ଷମ ହେବାକୁ ସବୁବେଳେ ଇଚ୍ଛା। ତେଣୁ ପଢ଼ା ସରିବା ପୂର୍ବରୁ ହିଁ କେଉଁଠି ଜବ୍ ମିଳିଯିବ ସନ୍ଧାନ ଜାରି ରଖିଥିଲି। ବର୍ତ୍ତମାନ ଏକ ପାର୍ଟ–ଟାଇମ୍ ଜବ୍ ମିଳିଛି। କ୍ଲାସ୍ ପରେ ଏଣେତେଣେ ବୁଲିବାରେ ସମୟ ନଷ୍ଟ ନ କରି ୪–୫ ଘଣ୍ଟା ଜବ୍ କରିବା ଦ୍ୱାରା ଏକ୍ସପେରିଏନ୍ସ ବି ବଢୁଛି ଏବଂ ପ୍ରତି ମାସରେ କିଛି ସାଲାରି ବି ମିଳୁଛି। ଆଉ ଛୁଟିରେ ନିଜ ରୋଜଗାର ଟଙ୍କାରେ ପରିବାର ସଦସ୍ୟଙ୍କୁ କିଛି ଉପହାର ଦେବାରେ ଯେଉଁ ଆନନ୍ଦ ମିଳୁଛି ତାହା ଅବର୍ଣ୍ଣନୀୟ।





### ୟୁଥ୍ ଆଲର୍ଟ

# ଏମିତି ବଢ଼ାନ୍ତୁ ଶରୀରରେ ଅମ୍ଳଯାନ

**ବର୍ତ୍ତମାନ କେବଳ ବୟସ୍କ ନୁହନ୍ତି, ଯୁବ ବୟସ୍କଙ୍କଠାରେ ମଧ୍ୟ ହୃଦ୍ ସମସ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ପରିବର୍ତ୍ତିତ ଜୀବନଶୈଳୀ ବ୍ୟତୀତ ଏହାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଆବଶ୍ୟକ ମାତ୍ରାରେ ଅମ୍ଳଜାନ ଅଭାବ। ତେଣୁ ବର୍ତ୍ତମାନର ପରିବେଶ ପ୍ରଦୂଷଣକୁ ଆଖିଆଗରେ ରଖି ଶରୀର କିପରି ଆବଶ୍ୟକ ମାତ୍ରାରେ ଅମ୍ଳଜାନ ପାଇବ, ସେଥିପାଇଁ କେତୋଟି ଉପାୟ ଆପଣାଇପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...**



**ପିଅନ୍ତୁ ଅଧିକ ପାଣି:** ଶରୀରର ପ୍ରତ୍ୟେକ ଅଙ୍ଗକୁ ଅମ୍ଳଜାନ ଭଲ ଭାବେ ସଂଚାଳନ ଲାଗି ଜଳୀୟାଂଶ ମାତ୍ରା ଠିକ୍ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ପର୍ଯ୍ୟାପ୍ତ ପରିମାଣରେ ପାଣି ଅର୍ଥାତ୍ ଦିନକୁ ଅତିକମ୍‌ରେ ୩–୪ ଲିଟର ପାଣି ପିଅନ୍ତୁ। ପାଣିରେ ଥିବା ଅମ୍ଳଜାନ ଆପଣଙ୍କୁ ଫିଟ୍ ରଖିବା ସହ ଶରୀରକୁ ଡିହାଇଡ୍ରେଶନ୍ ହେବାକୁ ଦେବ ନାହିଁ।

**ବ୍ୟାୟାମ ରଖିବ ଫିଟ୍:** ପ୍ରତିଦିନ କିଛି ନା କିଛି ବ୍ୟାୟାମ କରିବା ଦ୍ୱାରା ଶରୀର ଫିଟ୍ ରହିଥାଏ। ଦିନକୁ ଅତିକମ୍‌ରେ ଅଧଘଣ୍ଟା ୱାକିଂ, ବିଭିନ୍ନ ଯୋଗ, ବ୍ୟାୟାମ ସହିତ ପ୍ରାଣାୟାମ କରନ୍ତୁ। ଏରୋବିକ୍ ଏକ୍ସରସାଇଜ୍ ମଧ୍ୟ ଏଥିପାଇଁ ଖୁବ୍ ଭଲ। ଏହିସବୁ ଏକ୍ସରସାଇଜ୍ ଶରୀରରେ ରକ୍ତ ସଞ୍ଚାଳନ ବ୍ୟବସ୍ଥା ଠିକ୍ ରଖିବା ସହ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌କୁ ମଜଭୁତ କରି ଅମ୍ଳଜାନ ମାତ୍ରା ବଢ଼ାଇବାରେ ସାହାଯ୍ୟ କରିବ।

**ଖାଆନ୍ତୁ ଲୌହଯୁକ୍ତ ଖାଦ୍ୟ:** ରକ୍ତରେ ଥିବା ହିମୋଗ୍ଲୋବିନ୍‌ରେ ଅକ୍ସିଜେନ ମିଶି ଅକ୍ସିହିମୋଗ୍ଲୋବିନ୍ ଭାବେ ପ୍ରବାହିତ ହୋଇଥାଏ। ତେବେ ଏହି ହିମୋଗ୍ଲୋବିନ୍ ପରିମାଣ ନିୟନ୍ତ୍ରଣରେ ରଖିବା ଲାଗି ସବୁଜ ପନିପରିବା, ଶାଗ, ବିନ୍ସ, ଅଣ୍ଡା ଭଳି ଲୌହଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ।

**ଇନ୍‌ଡୋର ପ୍ଲାଣ୍ଟ ରଖନ୍ତୁ:** ଘରକୁ ସୁନ୍ଦର କରିବା ସହ ଶୁଦ୍ଧ ପବନ ବା ଫ୍ରେଶ୍ ଏୟାର୍ ପାଇବା ଲାଗି ଇନ୍‌ଡୋର ପ୍ଲାଣ୍ଟ ରଖନ୍ତୁ। ଏତଦ୍‌ବ୍ୟତୀତ ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର ପ୍ଲାଣ୍ଟ, ଆଲୋଭେରା, ମନିପ୍ଲାଣ୍ଟ ଆଦି ରଖନ୍ତୁ। ଅନ୍ୟାନ୍ୟ ଏୟାର ପ୍ୟୁରିଫାଇଂ ଇନ୍‌ଡୋର ପ୍ଲାଣ୍ଟ ରଖିଲେ ମଧ୍ୟ ଉପକୃତ ହେବେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପା ପ୍ରଚାର ଗାଡ଼ିରୁ ପୋଷ୍ଟର ଫାଡ଼ିଲେ

### ଝାରସୁଗୁଡ଼ା ଉପନିର୍ବାଚନ


ପ୍ରଚାର ଗାଡିରୁ ପୋଷ୍ଟର ଫାଡି ଦିଆଯାଇଛି।

**ସମ୍ବଲପୁର,୨୯।୪(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଏବେ ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି, କଂଗ୍ରେସ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ସଭାସମିତି କରିବା ସହ ପ୍ରଚାର ଗାଡି ମଧ୍ୟ ବୁଲୁଛି। ଏପରିସ୍ଥଳେ ଝାରସୁଗୁଡା ମ୍ୟୁନିସିପାଲିଟି ୨୦ନଂ. ୱାର୍ଡ ମଙ୍ଗଳବଜାରରେ ଶନିବାର ଏକ ଅଭାବନୀୟ ଚିତ୍ର ସାମନାକୁ ଆସିଛି। କେହି ଦୁର୍ବୃତ୍ତ ଭାଜପାର ପ୍ରଚାର ଗାଡି ଅଟକାଇ ପୋଷ୍ଟର ଫାଡିବା ସହ ଡ୍ରାଇଭରଙ୍କୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଭାଜପା ଜିଲା ସଭାପତି ମଙ୍ଗଳୁ ସାହୁ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ କ୍ରମେ ମଙ୍ଗଳବଜାରକୁ ଅପରାହ୍ନ ପ୍ରାୟ ୪ଟା ସମୟରେ ପ୍ରଚାର ଗାଡି ଯାଇଥିଲା। ଏହି ସମୟରେ କେତେଜଣ ଯୁବକ ଗାଡିକୁ ଅଟକାଇଥିଲେ। ସେମାନେ ପ୍ରଥମେ ଡ୍ରାଇଭରଙ୍କୁ ଗାଳିଗୁଲଜ କରିଥିଲେ। ଏହି ପଡାରେ ଆଉ ପ୍ରଚାର କରିବାକୁ ଆସିବ ନାହିଁ ବୋଲି ଧମକ ଦେଇଥିଲେ। ଏହାସହ ଗାଡିରେ ଲାଗିଥିବା ବ୍ୟାନର ଓ ପୋଷ୍ଟର ଫାଡି ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜିଲା ସଭାପତି ମଙ୍ଗଳୁ କହିଛନ୍ତି, ରାଜ୍ୟ ସଭାପତି ଓ ଅନ୍ୟ ନେତାମାନେ ପ୍ରଚାର କରୁଛନ୍ତି। ଏଭଳି ସମୟରେ ପ୍ରଚାର ବନ୍ଦ କରିବା ପାଇଁ ଯୋଜନା କରାଯାଇ ଭୟଭୀତ କରାଯାଉଛି। ଥାନାରେ ଅଭିଯୋଗ ହୋଇଛି। ନିରପେକ୍ଷ ନିର୍ବାଚନ ହେବା ପାଇଁ ଆମେ ଦାବି କରିଆସୁଛୁ। ହେଲେ ଏଭଳି ଅପ୍ରୀତିକର ଘଟଣା ଘଟୁଛି। ଏଥିରେ ବିପକ୍ଷ ଦଳର ସମ୍ପୃକ୍ତି ରହୁଛି ବୋଲି ସାହୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ ଗଣମାଧ୍ୟକୁ ସୂଚନା ଦେଇ କହିଛନ୍ତି, ଅଭିଯୋଗ ହୋଇଛି। ଏହା ଉପରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

# କର୍ନାଟକ ଫଳାଫଳ ୨୦୨୪ରେ କଂଗ୍ରେସ ପାଇଁ ଦ୍ୱାର ଖୋଲିବ: ଶିବକୁମାର

**ବେଙ୍ଗାଲୁରୁ,୨୯।୪**

କର୍ନାଟକ ବିଧାନସଭା ନିର୍ବାଚନ ଫଳାଫଳ ୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ପାଇଁ ଦ୍ୱାର ଖୋଲିଦେବ ବୋଲି ରାଜ୍ୟ ପିସିସି ସଭାପତି ଡି.କେ. ଶିବକୁମାର ଶନିବାର କହିଛନ୍ତି। ମେ’ ୧୦ରେ ୨୨୪ ଆସନ ବିଶିଷ୍ଟ କର୍ନାଟକ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। କଂଗ୍ରେସ ୧୪୧ ଆସନରେ ବିଜୟୀ ହୋଇ ସରକାର ଗଢ଼ିବ ବୋଲି ଶିବକୁମାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିର୍ବାଚନ ହାରିଯିବା ଭୟରେ ଶାସକ ଭାଜପାରେ ସମ୍ପୂର୍ଣ୍ଣ


ଡି.କେ. ଶିବକୁମାର

କେନ୍ଦ୍ରୀୟ ନେତୃତ୍ୱକୁ ପ୍ରଚାର କାର୍ଯ୍ୟରେ ଲଗାଇଦେଇଛି। ଦକ୍ଷିଣ ଭାରତୀୟ ରାଜ୍ୟରେ ମୋଦି ଫ୍ୟାକ୍ଟର କାର୍ଯ୍ୟ କରିବ ନାହିଁ। କର୍ନାଟକବାସୀ ସ୍ଥାନୀୟ ଓ ବିକାଶ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଉଥିବା କଂଗ୍ରେସ ନେତା କହିଛନ୍ତି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିରୋଧୀ ଦଳ ନେତା ସିଦ୍ଦରମୈୟା ଏବଂ ତାଙ୍କ ଭିତରେ କୌଣସି ବିବାଦ ନାହିଁ। ନିର୍ବାଚନରେ ଭାଜପାକୁ ପରାଜିତ କରି କଂଗ୍ରେସକୁ କ୍ଷମତାକୁ ଆଣିବା ମୁଖ୍ୟ ଲକ୍ଷ୍ୟ ବୋଲି ଶିବକୁମାର କହିଛନ୍ତି। ଦଳ ଜିତିବା ପରେ ନିଜସ୍ୱ ନିର୍ବାଚନ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ବାଛିବା ଦାୟିତ୍ୱ ହାଇକମାଣ୍ଡ ନେବେ। ଗତ ସପ୍ତାହରେ ସିଦ୍ଦରମୈୟା ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ।

# ସୁନୀତା ବିଶ୍ୱାଳ ବିଜେଡି କୋଅର୍ଡିନେଟରଭାବେ ନିଯୁକ୍ତ



**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ଝାରସୁଗୁଡା ନିର୍ବାଚନ କ୍ଷେତ୍ରର ଲଇକେରା ଓ କିରମିରା ବ୍ଲକ ସକାଶେ ସୁନୀତା ବିଶ୍ୱାଳଙ୍କୁ ବିଜେଡି କୋ-ଅର୍ଡିନେଟର ଭାବେ ନିଯୁକ୍ତି ଦେଇଛି। ଉଭୟ ବ୍ଲକରେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ସେ କାର୍ଯ୍ୟ କରିବେ। ଏ ନେଇ ଶନିବାର ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି।

**ବିଜେଡି ନେତାଙ୍କ ମାଓବାଦୀ ସହାୟତା ଅଭିଯୋଗ ପ୍ରସଙ୍ଗ**

# କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଦାବି କଲା କଂଗ୍ରେସ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ରାୟଗଡ଼ାର ବିଜେଡି ନେତା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ମାଓବାଦୀମାନଙ୍କୁ ଅର୍ଥ ସହାୟତା ଦେଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ପିସିସି ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଦାବି କରିଛନ୍ତି।

ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଣେଶ୍ୱର କହିଛନ୍ତି, ରାୟଗଡ଼ା ଟ୍ରକ୍ ମାଲିକ ସଂଘର ସଦସ୍ୟ ଗଣମାଧ୍ୟମ ସାମ୍ନାରେ ମାଓବାଦୀଙ୍କୁ ଅର୍ଥ ସହାୟତା ନିମନ୍ତେ ସେମାନଙ୍କଠାରୁ ଟ୍ରକ୍ ପିଛା ୫୦ ଟଙ୍କା ଚାନ୍ଦା ଆଦାୟ କରାଯାଉଛି। ଏହି ଅଭିଯୋଗ ସତ୍ୟ ହୋଇଥିଲେ ସାଂଘାତିକ। ଟ୍ରକ୍ ମାଲିକ ସଂଘ ପୂର୍ବତନ ଏମ୍‌ପିଙ୍କ ବିରୋଧରେ ଗତ ୧୮ ତାରିଖରେ ରାୟଗଡ଼ା ଥାନାରେ ଆର୍ଥିକ ଅନିୟମିତତା ଓ ତୋସରପାତ ଅଭିଯୋଗ କରିଛନ୍ତି । ପୋଲିସ ଉଭୟ କ୍ଷେତ୍ରରେ ନୀରବ ରହିଛି । ଆଇନ ତା’ ବାଟରେ ଯାଉଛି ନା ବିଜେଡି ବାଟରେ ଯାଉଛି ବୋଲି ଗଣେଶ୍ୱର ପ୍ରଶ୍ନ କରିଛନ୍ତି। ୧୧ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଜିଲା କଂଗ୍ରେସ ତରଫରୁ ଏମ୍‌ପି ସପ୍ତଗିରି ଉଲ୍ଲାକା ଓ ଜିଲା ସଭାପତି ୨୦୨୩ ଏପ୍ରିଲ ୪ ତାରିଖରେ ଖବରଦାତା ସମ୍ମିଳନୀ ଡାକି ତଦନ୍ତ କରିବାକୁ ଦାବି କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ସରକାର କାହା ସ୍ୱାର୍ଥରେ। ଆଇନ ସାଥିରେ ନା ଅପରାଧୀଙ୍କ ସାଥିରେ ବୋଲି ସେ କହିଛନ୍ତି । ମାଓବାଦୀ ମୁକାବିଲା ମାମଲାରେ ସରକାର ଓ ସରକାରୀ ଦଳ ମଧ୍ୟରେ ପରସ୍ପର ବିରୋଧୀ ଆଭିମୁଖ୍ୟ କାହିଁକି। ମାଓ ମୁକାବିଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଦାୟିତ୍ୱ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏହି ସ୍ପର୍ଶକାତର ମାମଲାରେ ଚୁପ୍ ବସିଛି କାହିଁକି ବୋଲି ଗଣେଶ୍ୱର ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏପରି ସଙ୍ଗିନ ଅଭିଯୋଗରେ ସତ୍ୟ ଉଦ୍‌ଘାଟନ ନିମନ୍ତେ କ୍ରାଇମବ୍ରାଞ୍ଚ ତଦନ୍ତ ନିମନ୍ତେ ଘୋଷଣା କରନ୍ତୁ। ନଚେତ ଏହି ପ୍ରସଙ୍ଗରେ କଂଗ୍ରେସ ଲୋକଙ୍କ ପାଖକୁ ଯିବ ବୋଲି ଗଣେଶ୍ୱର ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ଅମିୟ ପାଣ୍ଡବ ଓ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସରୋଜ ଚନ୍ଦ୍ର ମହାରଣା**
୨୭୧୮, ମହାରଣା ସାହି, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର
ଆବିର୍ଭାବ: ତା୦୪।୧୧।୧୯୫୦
ତିରୋଧାନ: ତା୨୦।୦୪।୨୦୨୩
ଏକାଦଶାହରେ ଆମ୍ଭେ ସମସ୍ତ ପରିବାର ବନ୍ଧୁବାନ୍ଧବ ଆପଣଙ୍କ ସ୍ମୃତିରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ପରଲୋକରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାହା କେବେବି ପୂରଣ ହେବନାହିଁ। ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣ ଆଶ୍ରାପ୍ରାପ୍ତ ହୁଅନ୍ତୁ ପ୍ରାର୍ଥନା କରୁଛୁ। ଇତି:
ପତ୍ନୀ: ସରୋଜିନୀ, ଭାଇ: ପୁଲୀନ, ଭାଇବୋହୂ: ସନ୍ଧ୍ୟା, ପୁତ୍ର: ଲକି, ବୋହୂ: ମିଲି, ପୁତ୍ର: ଭିକି, ଝିଅ: ପିଙ୍କି, ରୋଜି, ବେବି, ଜ୍ୱାଇଁ: ଡିଟୁ, ଗୋପାଳ, ପିଙ୍କୁ
ଧ-୭୪୬୭୭



# Classified Everyday
**0674-2580101, 2549949**


MATRIMONIAL

GROOM WANTED

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440 . D-0174

Beautiful karan girl 1988, 5’3” MA., BED., Serving Teacher Govt. High School, “SUNASANSAR”. 9937512659, 8249969649. D-74857

60 ବୟସ୍କା Govt. ଚାକିରିଆ Retired ହୋଇଥିବା ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9040184360 D-0219


REAL ESTATE

SALE

1BHK flat for sale near Sundarpada, Bhubaneswar at minimum price- 9776088188. D-74856

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30’ ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

ଭୁବନେଶ୍ୱର ରଙ୍ଗବଜାର ପାଖରେ ଘରବାରି ପ୍ଲଟ୍ Bank Loan ଥାଇ ମିଳୁଛି। 8093465134, 9668194157. D-74852

Land for sale near Samantarapur Bhubaneswar. Area: 2650sqft. Contact: 9090030068. D-0115

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ବରମୁଣ୍ଡାରୁ ୧୫କି.ମି. ଦୂରରେ 30’ ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

Plot for sale in and around Bhubaneswar investment commercial and residential. 9777345831. D-71052

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350. D-74844

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ରବିଟକିଜ ଛକରୁ 6 କିଲୋମିଟର ସାଇମନ୍ଦିର ନିକଟ ବାଙ୍କୁଆଳ ହାଇସ୍କୁଲ ପାଖରେ 1500 sqft ଜାଗା ସହ 3 Bedroom Duplex ମାତ୍ର 69 ଲକ୍ଷ। Bank finance available. Possession time oneyear.For details: 9438220432/ 8144658008. D-0200

Fully developed gated Society 30ft. each road, electricity, plantation, few plots available at Nakhara- 9439363944. D-74848

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853


AUTOMOBILE

SALE

Urgent Sale Hero Electric and Scootypep Running Scooter. Mobile- 8763839132 D-0212

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

Build your dream home with Vastu based planning, Earth quake resistant, structural design, estimate, 3D elevation, interior, PMC: 9658718029, 8249899544. D-73760

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842




My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74675

Fully furnished AC Office Space near Kalyan Jewellers, Janpath tolet. Mob: 9437185769, 6371805087. D-71678

Rent for small office at Tankapani Road 7077794875. D-0226




Newly open health benefits SPA special offer @ 799, Jaydev Vihar. 8018429809. D-75103

Newly open SPA positively health benefit with expert. Contact: 7751083098. D-74537

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74674

SPA head to foot body point only massages best Therapist Gents & Lady Senior Citizen @799/- Bhubaneswar- 9337672475. D-0171

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Relax, Refresh your body, Mind at Saikrupa Spa with best therapies. 8984068077. D-0145

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

All types of professional body massage by professional therapy. 9556924059/ 7077933109. D-0202


BUSINESS

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

House Colouring & Packers Movers for service at Bhubaneswar. 9777097322. D-0224

ଆ । ମ୍ ନି ର୍ଭ ର ଶ 1 ଳ ରୋଜଗାରକ୍ଷମ ହେବାକୁ ଚାହାନ୍ତି କି? ଫୋନ୍- 9437230026 ଭୁବନେଶ୍ୱର। D-71679

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LOST

Lost my Pata/ROR document No.- 266/810, Plot No.- 144/1655 Area- 030 Dec and sale deed No.-11081222011, Application No.- 1081222593 dt. 30.11.12, Mouza- Anantpur, Thana- Balianta, Tahasil- Balianta- 752101. Finder may send the document on above address. 6370645200. D-0205

ମୁଁ ଭବାନୀ ଶଙ୍କର ପଟ୍ଟନାୟକ 3ଟି ଡକ୍ୟୁମେଣ୍ଟ ବୁଦ୍ଧେଶ୍ୱରୀ କଲୋନି ଭାରତ ମୋଟର୍ସ ମଝିରେ କଟକ ରୋଡ୍‌ରେ ସକାଳ ୧୦.୨୫ରୁ ୧୦.୪୫ ମଧ୍ୟରେ ରାସ୍ତାରେ ପଡ଼ିଯାଇଛି। କୌଣସି ବ୍ୟକ୍ତି ପାଇଲେ ଫେରାଇବାକୁ ଅନୁରୋଧ। Lost Document No.1- Sale deed in name of Nandini Patnaik, Registration No.- 5651, dated.11.7.85, Govinda Prasad. 2-Patta No.- 1057/64, Govinda Prasad Nandini Patnaik. 3- Patta No.-1986/152, Laxmisagar-30 in name of Bhabani Sankar Patnaik. Any Commercial Business with respect to above lost Documents will be at your own risk. Contact- 9178195733. D-0213

AFFIDAVIT

ଭୁବନେଶ୍ୱର ନୋଟାରୀଙ୍କ ସପକ୍ଷରେ ମୁଁ ସତ୍ୟପାଠ ଦ୍ୱାରା ମୋର ସଂଜ୍ଞା ଶର୍ମିଷ୍ଠା ଦାସରୁ ଶର୍ମିଷ୍ଠା ମହାନ୍ତିକୁ ପରିବର୍ତ୍ତନ କରିଅଛି, ପି: ପ୍ରମୋଦ କୁମାର ମହାନ୍ତି, ଲୁଇସ୍ ରୋଡ୍, ଖୋର୍ଦ୍ଧା। ଉଭୟ ନାମ ଓ ସଂଜ୍ଞା ଏକା ଓ ଅଭିନ୍ନ ଅଟେ D-0220

By virtue of an affidavit sworn before the Executive Magistrate, Cuttack sadar on 27.03.2017 that I, Sri Chandramani Das, S/o- Akhil Bhati, At- Bagdharapur, PO- Fulnakhara, PS- Sadar, Dist- Cuttack have changed my name from Chandramani Bhati to Chandramani Das. Henceforth,I shall be known as Chandramani Das instead of Chandramani Bhati for all purpose.
Chandramani Das
Deponent
D-0229

LEGAL NOTICE

By virtue of an affidavit sworn before the Notary Public, Rourkela, I Gayatri Mohanty, W/o. Iswar Chandra Mohanty, R/o. Basanti Colony, Rourkela-12, P.S.- Uditnagar, Dist.- Sundargarh declare that my husband is mentally disbalance and not in sound mind. Due to mentally disabled if my husband signed in any property documents or in any sale or purchase documents that shall not be valid in any nature in any department. D-0228

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଏପ୍ରିଲ ୩୦/୨୦୨୩ Bhubaneswar, Sunday, April 30/ 2023

# ସନ୍‌ରାଇଜର୍ସର ତୃତୀୟ ବିଜୟ

ନୂଆଦିଲ୍ଲୀ,୨୯।୪

ଦିଲ୍ଲୀ କ୍ୟାପିଟାଲ୍ସକୁ ୯ ରନ୍‌ରେ ପରାସ୍ତ କରି ଆଇପିଏଲ୍‌ର ଚଳିତ ସିଜନରେ ତୃତୀୟ ବିଜୟ ହାସଲ କରିଛି ସନରାଇଜର୍ସ ହାଇଦ୍ରାବାଦ। ଏହା ବିଜୟ ସହ ହାଇଦ୍ରାବାଦ ୭ମ ସ୍ଥାନକୁ ଉଠିଛି। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟ ହରାଇ ୧୯୭ ରନ୍ କରିଥିଲା। ଜବାବରେ କ୍ୟାପିଟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୮୮ ରନ୍ କରିପାରିଥିଲା।

ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଶନିବାର ଅଭିଷେକ ଶର୍ମା (୬୭) ଓ ମୟଙ୍କ ଅଗ୍ରୱାଲ (୫)ଙ୍କ ଯୋଡି ଓପନ କରିଥିଲେ। ଓପନର ତଥା ଟପ୍ ସ୍କୋରର ରହିଥିବା ଅଭିଷେକ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟୁ ଉଇକେଟ ପତନ ଘଟିଥିଲା। ମୟଙ୍କ(୫), ରାହୁଲ ତ୍ରିପାଠୀ(୧୦), ଏଡେନ୍ ମାରକ୍ରମ(୮) ଓ ହ୍ୟାରୀ ବ୍ରୁକ୍(୦) ବିଫଳ ହୋଇଥିଲେ। ଅଭିଷେକ ୩୬ ବଲ୍ ଖେଳି ୧୨ ଚୌକା ଓ ୧ ଛକା ସହ ୬୭ ରନ୍ କରିଥିଲେ। ଶେଷ ଆଡକୁ ହେନରିଚ୍ କ୍ଲାସେନ୍‌ଙ୍କ ଅପରାଜିତ ୫୩ ଓ ଅବଦୁଲ ସମଦଙ୍କ ୨୮ ରନ୍ ବଳରେ ଦଳ ୧୯୦ ରନ୍ ପାର କରିଥିଲା। ଉଭୟ ଷଷ୍ଠ ଉଇକେଟରେ ୫୩ ରନ୍ ଯୋଗ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମିଚେଲ୍ ମାର୍ଶ ସର୍ବାଧିକ ୪ ଉଇକେଟ ନେଇଥିବା



ହାଇଦ୍ରାବାଦର ଟପ୍ ସ୍କୋରର ଅଭିଷେକ ଶର୍ମା ଏକ ଶଟ୍ ଖେଳୁଛନ୍ତି।

ବେଳେ ଅକ୍ଷର ପଟେଲ ଓ ଇଶାନ୍ତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯୮ ରନ୍‌ର ପିଛା କରୁଥିବା ଦିଲ୍ଲୀ ଖାତା ଖୋଲିବା ପୂର୍ବରୁ ଡେଭିଡ ୱାର୍ନରଙ୍କ ଉଇକେଟ ହରାଇଥିଲା। ତେବେ ଫିଲିପ୍ ସଲ୍ଟ(୫୯) ଓ ମିଚେଲ ମାର୍ଶ(୬୩) ଦ୍ୱିତୀୟ ଉଇକେଟରେ ୧୧୨ ରନ୍ ଯୋଡିଥିଲେ। ମଧ୍ୟକ୍ରମ ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ଏକ ସହଜ ମ୍ୟାଚ୍ ହାରିଥିଲା। ମଧ୍ୟକ୍ରମରେ ମନୀଷ ପାଣ୍ଡେ(୧), ପ୍ରିୟମ ଗର୍ଗ(୧୨) ଓ ସର୍ଫରାଜ ଖାନ୍(୯) ବିଫଳ ହୋଇଥିଲେ। ଶେଷ ଆଡକୁ ଅକ୍ଷର ପଟେଲ ଆକ୍ରମଣାତ୍ମକ ୨୯ ରନ୍ କରିଥିଲେ ହେଁ ଦଳ ବିଜୟରୁ ୯ରନ୍ ଦୂରରେ ରହି ଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୯୭/୬(ଅଭିଷେକ ଶର୍ମା-୬୭, ହେନ୍‌ରିଚ୍ କ୍ଲାସେନ୍-୫୩*, ଅବଦୁଲ୍ ସମଦ-୨୮, ମିଚେଲ ମାର୍ଶ-୪/୨୭, ଅକ୍ଷର ପଟେଲ-୧/୨୯, ଇଶାନ୍ତ ଶର୍ମା-୧/୩୧)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୮/୬(ମିଚେଲ୍ ମାର୍ଶ-୬୩, ଫିଲିପ୍ ସଲ୍ଟ-୫୯, ଅକ୍ଷର ପଟେଲ୍-୨୯*, ମୟଙ୍କ ମାର୍କଣ୍ଡେ-୨/୨୦, ଅଭିଷେକ ଶର୍ମା-୧/୨୬, ଅକିଲ ହୋସେନ୍-୧/୩୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ପଞ୍ଜାବ**
ସ୍ଥାନ:ଚେନ୍ନାଇ,
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ ବନାମ ରାଜସ୍ଥାନ**
ସ୍ଥାନ: ମୁମ୍ବାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# କ୍ୱାଲିଫାୟର-୨ ଜିତିଲା ସମ୍ବଲପୁର

**କଳାହାଣ୍ଡି କପ୍ କ୍ରିକେଟ**

ଭୁବନେଶ୍ୱର,୨୯।୪
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟର କ୍ୱାଲିଫାୟର-୨ ମ୍ୟାଚ୍ ଜିତି ନେଇଛି ସମ୍ବଲପୁର। ସୟଦ ଜାକିଙ୍କ ଅଲରାଉଣ୍ଡ ପ୍ରଦର୍ଶନ(୬୪ ରନ୍ ଓ ୨ ଉଇକେଟ) ବଳରେ ଶନିବାର ଢେଙ୍କାନାଳକୁ ୪୪ ରନ୍‌ରେ ପରାସ୍ତ କରିଛି ସମ୍ବଲପୁର। ଏମ୍‌ଜିଏମ୍ ଏସ୍‌ଓଏସ୍ କ୍ରିକେଟ ପଡିଆରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ଟସ୍ ଜିତି ବ୍ୟାଟିଂ କରିଥିଲା। ସୟଦ ଜାକିଙ୍କ ୬୪ ଓ ପ୍ରଶାନ୍ତ ଦାସଙ୍କ ୫୬ ରନ୍ ସହାୟତାରେ ଦଳ ୪୯.୨ ଓଭରରେ ୨୯୪ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ପ୍ରତିପକ୍ଷ ଦଳର ସୌମେନ୍ଦ୍ର ଦାସ ୪ ଓ ସୁନୀଲ କୁମାର ସାହୁ ଦୁଇ



ପ୍ରଦୀପ ପ୍ରଧାନ



ସୌମେନ୍ଦ୍ର ଦାସ

ଉଇକେଟ ନେଇଥିଲେ। ଜବାବରେ ଢେଙ୍କାନାଳ ୪୭.୫ ଓଭରରେ ୨୫୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ମୃତ୍ୟୁଞ୍ଜୟ ୮୪ ରନ୍ କରିଥିବା ବେଳେ କାହ୍ନା ଭୂତିଆ ୬୪ ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ପ୍ରଦୀପ ପ୍ରଧାନ ୪ ଉଇକେଟ ନେଇଥିବା ବେଳେ ରାହୁଲ ବିଶ୍ୱକର୍ମା ଓ ସୟଦ ଜାକି ୨ଟି ଲେଖାଏ ଉଇକେଟ ନେଇଥିଲେ।

# ସ୍ପିନରଙ୍କୁ ସୁହାଇବ ଚେନ୍ନାଇ ଗ୍ରାଉଣ୍ଡ

ଚେନ୍ନାଇ, ୨୯।୪ (ପି.ଟି.)

ଚଳିତ ଆଇପିଏଲ୍‌ରେ ରବିବାର ଖେଳାଯିବାକୁଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଫେଭରିଟ ଦଳ ଭାବେ ପଡ଼ିଆକୁ ଓହ୍ଲାଇବ। ଉଭୟ ଦଳ ସେମାନଙ୍କ ପ୍ରଥମ ମ୍ୟାଚରେ ପରାଜିତ ହୋଇଛନ୍ତି। ସିଏସ୍‌କେ ୩୨ ରନରେ ରାଜସ୍ଥାନ ରୟାଲ୍ସଠାରୁ ପରାଜିତ ହୋଇଥିବା ବେଳେ ପଞ୍ଜାବ ୫୬ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌ଠାରୁ ପରାସ୍ତ ହୋଇଛି। ମ୍ୟାଚ ସିଏସ୍‌କେର ଘରୋଇ ପିଚ୍‌ରେ ଖେଳାଯିବ। ଏହା ସ୍ପିନ୍‌କୁ ସୁହାଇବ ବୋଲି ଆଶା କରାଯାଉଛି। ଏଥିରୁ ଫାଇଦା ଉଠାଇ ଚତୁର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପଞ୍ଜାବ କିଙ୍ଗ୍ସ ବ୍ୟାଟରମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରିବେ। ବ୍ୟାଟରମାନେ ଆଶାନୁରୂପ ପ୍ରଦର୍ଶନ କରିପାରୁ ନ ଥିବାରୁ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଆସୁଥିବା ଚେନ୍ନାଇ ଜୟପୁରରେ ଖେଳାଯାଇଥିବା ମ୍ୟାଚରେ ୨୦୩ରନ ବିଜୟ ଲକ୍ଷ୍ୟକୁ ଚେଜ୍ କରିବାରେ ବିଫଳ ହୋଇଥିଲା। ସିଏସ୍‌କେ ବ୍ୟାଟିଂ ୟୁନିଟ ଏଥର କିନ୍ତୁ ନୀରବ ରହିବ ନାହିଁ। ଦଳର ଓପନର ଡେଭନ କନ୍‌ୱେ ଏବେ ଜବରଦସ୍ତ ଫର୍ମରେ



ଧୋନୀଙ୍କ ସହ ତୁଷାର ଦେଶପାଣ୍ଡେ (ବାମ) ଓ ରୁତୁରାଜ ଗାଏକ୍ୱାଡ।

ଅଛନ୍ତି। କନ୍‌ୱେଙ୍କୁ ଛାଡ଼ିଦେଲେ ଓପନର ରତୁରାଜ ଗାଏକ୍ୱାଡ ଓ ଅଜିଙ୍କ୍ୟ ରାହାନେ ସିଏସ୍‌କେର ପ୍ରମୁଖ ବ୍ୟାଟର ରହିଛନ୍ତି। ଶିବମ ଦୁବେଙ୍କର ଦ୍ରୁତ ହାରରେ ରନ ସଂଗ୍ରହ କରିବାର ସାମର୍ଥ୍ୟ ରହିଛି। ରବୀନ୍ଦ୍ର ଜାଡେଜାଙ୍କ ବ୍ୟାଟରୁ ରନ ଆସୁ ନ ଥିବାରୁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏହା ଚିନ୍ତାର କାରଣ ହୋଇଛି। କିନ୍ତୁ ସେ ଚମତ୍କାର ବୋଲିଂ ଓ ଫିଲ୍ଡିଂ କରିପାରୁଛନ୍ତି। ଧୋନୀଙ୍କର ଏହା ଶେଷ ଆଇପିଏଲ୍ ହୋଇଥିବାରୁ ତାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଗତ ମ୍ୟାଚର ରୟାଲ୍ସ ବ୍ୟାଟରମାନେ ଯେତେବେଳେ ଦ୍ରୁତ ହାରରେ ରନ ସଂଗ୍ରହ କରିବାକୁ ଲାଗିଲେ ଧୋନୀ ସେତେବେଳ ତାଙ୍କ ଦୁଇ ସ୍ପିନର ମହେଶ ଥିକ୍‌ଶାନା ଓ ରବୀନ୍ଦ୍ର ଜାଡେଜାଙ୍କୁ ବ୍ୟବହାର କରି ରନ୍ ସ୍ରୋତ୍‌କୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ। ସିଏସ୍‌କେ ଯଥାସମ୍ଭବ ଏହି ମ୍ୟାଚ ପାଇଁ ୩ ସ୍ପିନର ଜାଡେଜା, ଥିକ୍‌ସାନା ଓ ମୋଇନ ଅଲିଙ୍କୁ ଚୂଡ଼ାନ୍ତ ଏକାଦଶରେ ରଖିବ। ଦୀପକ ଚହର ଆଘାତପ୍ରାପ୍ତ ଥିବାରୁ ତାଙ୍କ ଅନୁପସ୍ଥିତିରେ ତୁଷାର ଦେଶପାଣ୍ଡେ ପେସ୍ ବାହିନୀର ନେତୃତ୍ୱ ନେବେ। ଦେଶପାଣ୍ଡେ ଇତିମଧ୍ୟରେ ଏହି ଟୁର୍ନାମେଣ୍ଟରେ ୧୨.୫୭ ଇକୋନୋମି ରେଟ୍‌ରେ ୧୪ ଉଇକେଟ ନେଇ ସାରିଛନ୍ତି। ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗ୍ସ ସ୍ଥିର ପ୍ରଦର୍ଶନ କରିପାରୁ ନାହିଁ। ଅଧିନାୟକ ଶିଖର ଧାୱନ ଶୁକ୍ରବାର ମ୍ୟାଚରେ ଦଳ ପାଇଁ ସହାୟକ ହୋଇପାରି ନ ଥିଲେ।

# ସାତ୍ୱିକ-ଚିରାଗ ଫାଇନାଲରେ

**ଦୁବାଇ, ୨୯।୪:** ଭାରତର ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ମ୍ୟାଚର ସ୍ଥିତି ୨୧-୧୮, ୧୩-୧୪ ରହିଥିବା ବେଳେ ଅଲିମ୍ପିକ ଚାମ୍ପିୟନ ଯୋଡ଼ି ଚାଇନିଜ ତାଇପେର ଲି ୟାଙ୍ଗ ଓ ୱାଙ୍ଗ୍ ଚି ଲିନ୍ ଓହରିଯାଇଥିଲେ। ଫଳରେ ଭାରତୀୟ ଯୋଡ଼ି ବିଜୟୀ ଘୋଷିତ ହୋଇଥିଲେ। ସୂଚନାଯୋଗ୍ୟ, ଏହି ଚାମ୍ପିୟନଶିପ୍‌ରେ ୧୯୬୫ରେ ଦୀନେଶ ଖାନ୍ନା ଭାରତ ପାଇଁ ଏକ ମାତ୍ର ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ଏହାପରେ ସାତ୍ୱିକ-ଚିରାଗ ପ୍ରଥମ ଭାରତୀୟ ଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି। ଟାଇଟଲ ମୁକାବିଲାରେ ସେମାନେ ମାଲେସିଆର ଡିଓ ଏ ୟି ଏବଂ ଅଙ୍ଗ୍ ୟୁ ସିନ୍ ଯୋଡ଼ିଙ୍କୁ ଭେଟିବେ।

# ଆହନ୍ ଚାମ୍ପିୟନ୍

**୧୬ ବର୍ଷରୁ କମ୍ ଏସିଆନ୍ ଟେନିସ୍**

**ଭୁବନେଶ୍ୱର, ୨୯।୪ (ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଥମ ଓଡ଼ିଆ ବାଳିକା ଭାବରେ ୧୬ ବର୍ଷରୁ କମ୍ ଏସିଆନ୍ ଟେନିସ ଚାମ୍ପିୟନ୍ ହୋଇଛନ୍ତି ଆହନ୍ ଏ.। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ସେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛନ୍ତି। ଆସାମର ଜୋରହାଟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ବାଳିକା ସିଙ୍ଗଲ୍ସ ଫାଇନାଲରେ ସେ ଭାରତର ଆକାଂକ୍ଷା ଘୋଷଙ୍କୁ ୬-୧, ୬-୩ରେ ପରାସ୍ତ କରିଛନ୍ତି। ଅନ୍ୟ ପକ୍ଷରେ ବାଳିକା ଡବଲ୍ସରେ ଆକାଂକ୍ଷା ଘୋଷଙ୍କୁ ସାଥୀ କରି ଖେଳିଥିଲେ। ନିଷ୍ଠାପ୍ରିୟା ବେଜବୌଆ ଓ ସରସ୍ୱତୀ କୁଣ୍ଡିଲ୍ୟଙ୍କ ଯୋଡିକୁ ଉଭୟ ୬-୨, ୬-୨ ସେଟରେ ପରାସ୍ତ କରିଥିଲେ।




# ଆନ୍ତଃ ବିଭାଗୀୟ କ୍ରିକେଟ: ଆଇନ ବିଭାଗ ବିଜୟୀ



ଆଇନ ବିଭାଗ ସଚିବ ଧନେଶ୍ୱର ମଲ୍ଲିକ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨୯।୪
(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟର ୧୪ତମ ଲିଗ୍ ମ୍ୟାଚରେ ଜଳ ସମ୍ପଦ ବିଭାଗକୁ ୧୦ ରନରେ ପରାସ୍ତ କରି ଆଇନ ବିଭାଗ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଆଇନ ବିଭାଗ ୬୨ ରନ ସ୍କୋର କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ମାଝୀ ସର୍ବାଧିକ ୨୧ ରନ କରିଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରି ଜଳ ସମ୍ପଦ ବିଭାଗ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୫୨ରନରେ ସୀମିତ ରହିଥିଲା। ବିଜୟୀ ଦଳର ଜର୍ଜ ଦେବୀଦତ୍ତ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଇନ ବିଭାଗର ପ୍ରମୁଖ ଶାସନ ସଚିବ (ଭାରପ୍ରାପ୍ତ) ଧନେଶ୍ୱର ମଲ୍ଲିକ ମ୍ୟାଚରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା ଓ ଅତିରିକ୍ତ ଶାସନ ସଚିବ (ନ୍ୟାୟିକ) ପ୍ରଣୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଜାତୀୟ ଜଜ୍ ଟ୍ରେନିଂ ପ୍ରୋଗ୍ରାମ୍ ପାଇଁ ଓଡ଼ିଶାରୁ ୪

ଭୁବନେଶ୍ୱର, ୨୯।୪
(ସ୍ପୋର୍ଟ୍ସ ବ୍ୟୁରୋ)

ଆସନ୍ତା ମେ ମାସ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁଥିବା ଜାତୀୟ ଜଜ୍ ଟ୍ରେନିଂ ପ୍ରୋଗ୍ରାମ୍ ପାଇଁ ସମଗ୍ର ଦେଶରୁ ୪୦ଜଣ ଶୁଟର ମନୋନୀତ ହୋଇଛନ୍ତି। ତନ୍ମଧ୍ୟରେ ଓଡ଼ିଶାର ୪ଜଣ ଶୁଟର ଗୌରୀ ମହାନ୍ତି, ଲିପ୍‌ସା ସେଠୀ, ବଳଭଦ୍ର ଦାସ ଓ ଅଭିଶେକ ଦାସ ଅଛନ୍ତି। ଏଥିରେ ପିସ୍ତଲ ଓ ରାଇଫଲ ପ୍ରତିଯୋଗିତା ପାଇଁ ଆବଶ୍ୟକ ସମସ୍ତ ନିୟମାବଳୀ ସମ୍ପର୍କରେ ଶିକ୍ଷାଦାନ କରାଯିବ ଏବଂ ପରୀକ୍ଷା ହେବ। ଟ୍ରେନିଂ ବେଳେ ଇକ୍ୱିପମେଣ୍ଟ କଣ୍ଟ୍ରୋଲ-ରାଇଫଲ ଓ ଆସେସରି ୱାର୍କଶପ୍ ଏବଂ ପିସ୍ତଲ ୱାର୍କଶପ୍ ଉପରେ ପ୍ରଶିକ୍ଷଣ ଦିଆଯିବ। ଓଡ଼ିଶାରୁ ମନୋନୀତ ଏହି ୪ ଜଣ ଶୁଟରଙ୍କୁ ଓଡ଼ିଶା ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ, ଜାତୀୟ ରାଇଫଲ ସଂଘ ସଭାପତି କଳିକେଶ ନାରାୟଣ ସିଂଦେଓ ଏବଂ ଶାଖା ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷରେ

କୋଲକାତା,୨୯।୪

ଆଇପିଏଲ୍‌ର ୪୦ ତମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସକୁ ୭ ଉଇକେଟରେ ପରାସ୍ତ କରିବା ସହିତ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି ଗୁଜରାଟ ଟାଇଟନ୍ସ। ଅଷ୍ଟମ ମ୍ୟାଚରୁ ଦଳ ଷଷ୍ଠ ବିଜୟ ହାସଲ କରିବା ସହ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରି ପ୍ରଥମ ସ୍ଥାନ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଜବାବରେ ୨.୧ ଓଭର ବାକି ଥାଇ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ଗୁଜରାଟ। ଭେଙ୍କଟେଶ ଆୟରଙ୍କ ସ୍ଥାନରେ ସୁୟାଶ ଶର୍ମା ଓ ମୋହିତ ଶର୍ମାଙ୍କ ସ୍ଥାନରେ ଶୁବମାନ ଗିଲ୍ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ପକ୍ଷରୁ ଏନ୍ ଜଗଦୀଶାନ(୧୯) ଓ ରେହମାନୁଲ୍ଲା ଗୁରବାଜ (୮୧) ପ୍ରଥମ ଉଇକେଟରେ ୨୩ ରନ୍ ଯୋଡିଥିଲେ। ଜଗଦୀଶାନ ଆଉଟ ହେବା ପରେ ଶାର୍ଦ୍ଦୁଳ ଠାକୁରଙ୍କୁ ୩ ନମ୍ବରରେ ବ୍ୟାଟିଂ ମିଳିଥିଲେ ମଧ୍ୟ ସେ ଖାତା ଖୋଲିବାରେ ବିଫଳ ହୋଇଥିଲେ। ରେହମାନୁଲ୍ଲା ଗୁରବାଜ ଗୋଟିଏ ପଟରୁ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ବେଳେ ଅନ୍ୟପଟରେ ମଧ୍ୟକ୍ରମ ବିଫଳ ହୋଇଥିଲା। ଭେଙ୍କଟେଶ ଆୟାର(୧୧) ଓ ରିଙ୍କୁ ସିଂ(୧୯) ଭଲ ଆରମ୍ଭ ପାଇଥିଲେ ମଧ୍ୟ ବଡ ସ୍କୋର କରି ପାରି ନ ଥିଲେ। ନୀତିଶ ରାଣା (୪) ମଧ୍ୟ ବିଫଳ ହୋଇଥିଲେ। ଗୁରବାଜ ୩୯




ପ୍ଲେୟର ଅଫ୍ ଦି ମ୍ୟାଚ୍ ଜୋଶୁଆ ଲିଟଲ

ବଲ୍ ଖେଳି ୫ ଚୌକା ଓ ୭ ଛକା ସହିତ ୮୧ ରନ୍ କରିଥିଲେ। ଶେଷ ଆଡକୁ ଆନ୍ଦ୍ରେ ରସେଲ୍ ୧୯ ବଲ୍‌ରୁ ୩୪ ରନ୍ କରିବାରୁ କେକେଆର ୧୭୯ ରନ୍‌ରେ ପହଞ୍ଚିଥିଲା। ମହମ୍ମଦ ଶାମି ୩ ଉଇକେଟ ନେଇଥିବା ବେଳେ ଜୋଶୁଆ ଲିଟଲ ଓ ନୁର ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୮୦ ରନ୍ ଲକ୍ଷ୍ୟର ପିଛା କରି ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ଆବଶ୍ୟକ ରନ୍ ହାସଲ କରି ନେଇଥିଲା। ଭାରତୀୟ ଅଲରାଉଣ୍ଡର ବିଜୟ ଶଙ୍କର ୨୪ ବଲ୍‌ରୁ ୫୧ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶୁବମାନ ଗିଲ୍ ୪୯ ରନ୍ କରିଥିବା ବେଳେ ହାର୍ଦ୍ଦିକ୍ ପାଣ୍ଡ୍ୟା ୨୬ ଓ ଡେଭିଡ୍ ମିଲର୍ ୩୨ ରନ୍‌ରେ ଅପରାଜିତ ରହିଥିଲେ। ଶେଷ ୬ ଓଭରରୁ ୬୯ ରନ୍ ଆବଶ୍ୟକ ଥିବା ବେଳେ ମିଲର ଓ ବିଜୟ ଶଙ୍କର ଦଳକୁ ବିଜୟୀ କରିଥିଲେ। ଉଭୟ ୪ର୍ଥ ଉଇକେଟରେ ୮୭ ରନ୍ ଯୋଡିଥିଲେ। ବିଜୟ ଶଙ୍କରଙ୍କ ଇନିଂସରେ ୨ ଚୌକା ଓ ୫ ଛକା ସାମିଲ ଥିଲା। କେକେଆର ପକ୍ଷରୁ ହର୍ଷିତ ରାଣା, ଆନ୍ଦ୍ରେ ରସେଲ୍ ଓ ସୁନୀଲ ନାରିନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜୋଶୁଆ ଲିଟଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୯/୭ (ରେହମାନୁଲ୍ଲା ଗୁରବାଜ-୮୧, ଆନ୍ଦ୍ରେ ରସେଲ୍-୩୪, ରିଙ୍କୁ ସିଂ-୧୯, ମହମ୍ମଦ ଶାମି-୩/୩୩, ନୁର୍ ଅହମ୍ମଦ-୨/୨୧, ଜୋଶୁଆ ଲିଟଲ-୨/୨୫)। ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ୧୮୦/୩ (ବିଜୟ ଶଙ୍କର-୫୧*, ଶୁବମାନ ଗିଲ୍-୪୯, ଡେଭିଡ୍ ମିଲର-୩୨*, ସୁନୀଲ ନାରିନ୍-୧/୨୪, ହର୍ଷିତ ରାଣା-୧/୨୫, ଆନ୍ଦ୍ରେ ରସେଲ୍-୧/୨୯)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୦.୬୩୮ |
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୧୦ | +୦.୯୩୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୮୪୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୩୭୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୪ | ୪ | ୮ | -୦.୧୩୯ |
| ପଞ୍ଜାବ କିଙ୍ଗ୍ସ | ୮ | ୪ | ୪ | ୮ | -୦.୫୧୦ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୬୨୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୨ | ୬ | ୪ | -୦.୮୯୮ |

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



**ଡିଏଗୋ ମରିସିଓଙ୍କ ହ୍ୟାଟ୍ରିକ**
ଗୋକୁଲମ୍ କେରଳ ଏଫ୍‌ସି ବିପକ୍ଷ ଏଏଫ୍‌ସି କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଓଡ଼ିଶା ଏଫ୍‌ସିର ଡିଏଗୋ ମରିସିଓ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଛନ୍ତି। ୦୮

୦୨ **ଦ୍ୱିତୀୟ ଥର ଗର୍ଭବତୀ ହେଲେ ଅର୍ଜୁନ ରାମପାଲଙ୍କ ପ୍ରେମିକା**
ଅଭିନେତା ଅର୍ଜୁନ ରାମପାଲଙ୍କ ପ୍ରେମିକା ଗାବ୍ରିଏଲା ଦ୍ୱିତୀୟ ଥର ମା' ହେବାକୁ ଯାଉଥିବା ଶନିବାର ଘୋଷଣା କରିଛନ୍ତି।





ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣାରତ ମହିଳା କୁସ୍ତି ଯୋଦ୍ଧାଙ୍କ ସହ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନା କରୁଛନ୍ତି। (ଫଟୋ: ଚମନ ଗୌତମ)

# ବାତ୍ୟା ଆଶଙ୍କା, ୭ରେ ଲଘୁଚାପ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ଯାହା ଆଶଙ୍କା କରାଯାଉଥିଲା ସେୟା ହେବାକୁ ଯାଉଛି। ମେ' ମାସର ପ୍ରଚଣ୍ଡ ଗ୍ରୀଷ୍ମ ବେଳେ ରାଜ୍ୟ ପାଇଁ ପୁଣି ଏକ ବିପଦ ମୁଣ୍ଡ ଟେକିଲାଣି। ଆସନ୍ତା ମେ' ୧୦ କିମ୍ବା ୧୧ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ଏବଂ ପୂର୍ବ ତାମିଲନାଡୁ ଉପକୂଳରେ ଏକ ବାତ୍ୟା ସୃଷ୍ଟି ହୋଇପାରେ ବୋଲି କେତେକ ପାଣିପାଗ ମଡେଲ ଆଶଙ୍କା କରୁଛି। ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଧୀରେ ଧୀରେ ଘନୀଭୂତ ହୋଇ ୮ ତାରିଖରେ ଡିପ୍ରେସନ(ଅବପାତ)ରେ ପରିଣତ ହେବ। ଏହା ପରେ ଡିପ୍ ଡିପ୍ରେସନ (ଗଭୀର ଅବପାତ)ରେ ପରିଣତ ହୋଇ ସିଭିୟର ସାଇକ୍ଲୋନିକ ଷ୍ଟର୍ମ ବା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବା ଆଶଙ୍କା ରହିଛି। ଏହାର ବେଗ ଘଣ୍ଟା ପ୍ରତି ୧୩୦ରୁ ୧୫୦ କି.ମି. ରହିବା ନେଇ ଅନୁମାନ କରାଯାଇଛି। ତେବେ ବାତ୍ୟାର ରୂପରେଖ ଓ ଗତି ବିଷୟରେ ସ୍ପଷ୍ଟ ହୋଇନାହିଁ। ମେ' ୪ କିମ୍ବା ୫ ତାରିଖ ବେଳକୁ ଏ ନେଇ ସବୁକିଛି ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ମେ' ୫ରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ର କେଉଁ ଦିନ ସୃଷ୍ଟି ହେବ, ସେ ନେଇ ଚିତ୍ର ସ୍ପଷ୍ଟ ହୋଇନାହିଁ। ତେବେ ପ୍ରାୟ ଆସନ୍ତା ୫ ତାରିଖ ବେଳକୁ ଏହା ସୃଷ୍ଟି ହେବା ସମ୍ଭାବନା ରହିଛି। ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବା ପରେ ଅବପାତରେ ପରିଣତ ହୋଇପାରେ। ଅବପାତ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଲଘୁଚାପ କ୍ଷେତ୍ରଟି ସୃଷ୍ଟି ହେବା ପରେ ଏହାର ଗତିବିଧି ସ୍ପଷ୍ଟ ହେବ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

ରାଜ୍ୟରେ ଆସନ୍ତା ୫ ତାରିଖ ଯାଏ ପାଗ ସ୍ୱାଭାବିକ ରହିବ। ଅଧିକାଂଶ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବା ଯୋଗୁ ପାରଦ ୪୦ ଡିଗ୍ରୀ ତଳେ ରହିବ। ତେବେ ୭ ତାରିଖ ବେଳକୁ ପ୍ରଚଣ୍ଡ ଗରମ ଅନୁଭୂତ ହେବ। ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁପାରେ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ଏହି ସବୁ ଜିଲାରେ ବର୍ଷା ☞ପୃଷ୍ଠା–୭

# ନାବାଳିକା ପୀଡ଼ିତାଙ୍କ ପରିଚୟ ପ୍ରଘଟ

**ନୂଆଦିଲ୍ଲୀ,୨୯।୪**

- କେନ୍ଦ୍ରର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ମହିଳା କୁସ୍ତିଯୋଦ୍ଧା
- ବ୍ରିଜ୍‌ଭୂଷଣଙ୍କ ଗିରଫଦାରି, ଆଇଡବ୍ଲ୍ୟୁଏଫ୍ ମୁଖ୍ୟ ପଦରୁ ବହିଷ୍କାର ଦାବି
- ବିକ୍ଷୋଭକାରୀଙ୍କୁ ପ୍ରିୟଙ୍କା, କେଜରିୱାଲଙ୍କ ସମର୍ଥନ

ଭାରତୀୟ କୁସ୍ତି ମହାସଂଘ (ଆଇଡବ୍ଲ୍ୟୁଏଫ୍) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିବା ମହିଳା କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ଜଣେ ନାବାଳିକା ଅଛନ୍ତି। ଅଭିଯୋଗକାରିଣୀ ନାବାଳିକାଙ୍କ ପରିଚୟ ପ୍ରଘଟ ହୋଇଛି। ଏହାକୁ ନେଇ ଧାରଣାରତ ରେସଲରମାନେ କେନ୍ଦ୍ର ସରକାରଙ୍କ ତଦନ୍ତ ଉପରେ ପ୍ରଶ୍ନ ଉଠାଇବା ସହ ସନ୍ଦେହ ବ୍ୟକ୍ତ କରିଛନ୍ତି।

ଗତ ଜାନୁୟାରୀରେ ଆଇଡବ୍ଲ୍ୟୁଏଫ୍ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ସାକ୍ଷୀ ମଲିକଙ୍କ ସମେତ ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍‌ମାନେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ୬୬ ବର୍ଷୀୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ତାଙ୍କୁ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ଦାବିରେ ସେମାନେ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର କୁସ୍ତିଯୋଦ୍ଧାମାନଙ୍କ ସହ ଆଲୋଚନା କରି ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ସେଥିରୁ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରରେ ରବିବାରଠାରୁ ପୁଣି ଧାରଣା ଦେଇଛନ୍ତି। ଏତଲା ସତ୍ତ୍ୱେ ଦିଲ୍ଲୀ ପୋଲିସ ଏଫ୍‌ଆଇଆର୍ ନ କରିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପରେ ଦିଲ୍ଲୀ ପୋଲିସ ଶୁକ୍ରବାର ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୨ଟି ଏଫ୍‌ଆଇଆର୍ ରୁଜୁ କରିଛି। ନାବାଳିକା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ଆଧାରରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ (ପୋକ୍ସୋ) ଆଇନ ବଳରେ ପ୍ରଥମ ମାମଲା ରୁଜୁ ହୋଇଥିବାବେଳେ ଶାଳୀନତା ଭଙ୍ଗ ଅଭିଯୋଗରେ ଦ୍ୱିତୀୟ ଏଫ୍‌ଆଇଆର୍ ହୋଇଛି। ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଥିବାରୁ ବ୍ରିଜ୍‌ଭୂଷଣ ଗିରଫ ହେଲେ ଜାମିନ ପାଇବେ ନାହିଁ। ଏହା ପୂର୍ବରୁ ମହିଳା କୁସ୍ତିଯୋଦ୍ଧାମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ନାବାଳିକା ପୀଡ଼ିତାଙ୍କ ସୁରକ୍ଷାକୁ ☞ପୃଷ୍ଠା–୭

# ସିନିୟର, ଜୁନିୟର ରେସିଡେଣ୍ଟଙ୍କ ଦରମା ବଢ଼ିଲା

## ସ୍ଥାନ ଆଧାରିତ ନିଯୁକ୍ତି ଇନ୍‌ସେନ୍‌ଟିଭ ମଧ୍ୟ ମିଳିବ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ରାଜ୍ୟ ସରକାର ବିଭିନ୍ନ ସରକାରୀ ମେଡିକାଲ କଲେଜରେ କାର୍ଯ୍ୟରତ ଶିକ୍ଷକ, ଜୁନିୟର ଓ ସିନିୟର ରେସିଡେଣ୍ଟମାନଙ୍କର ଦରମା ବୃଦ୍ଧି କରିଛନ୍ତି। ଏଥିସହିତ ସରକାର ସ୍ଥାନ ଆଧାର ଓ ଦୁର୍ଗମ ଅଞ୍ଚଳକୁ ଦେଖି ମେଡିକାଲ କଲେଜ ଶିକ୍ଷକମାନଙ୍କୁ ପ୍ରୋତ୍ସାହନ ରାଶି (ଇନ୍‌ସେନ୍‌ଟିଭ) ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନୂତନ ଭାବେ ଖୋଲିଥିବା ମେଡିକାଲ କଲେଜ ପାଇଁ ନିଯୁକ୍ତ ଶିକ୍ଷକମାନଙ୍କୁ ଆକୃଷ୍ଟ କରିବା ସକାଶେ ଏହି ଘୋଷଣା କରାଯାଇଛି।

ରାଜ୍ୟ ସରକାର କଟକ, ଖୋର୍ଦ୍ଧା, ଗଞ୍ଜାମ ଜିଲାକୁ ଛାଡ଼ି ଅନ୍ୟ ଜିଲାଗୁଡ଼ିକୁ ୩ଟି ଜୋନରେ ବିଭକ୍ତ କରିଛନ୍ତି। ଜୋନ–ଏ' ଅଧୀନରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, କଳାହାଣ୍ଡି ଥିବାବେଳେ ଜୋନ–ବି'ରେ କେନ୍ଦୁଝର, ବୌଦ୍ଧ, ବାଲେଶ୍ୱର, ଗଜପତି, ସୋନପୁର, ଦେବଗଡ଼, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୋଳ, ସୁନ୍ଦରଗଡ଼, ମୟୂରଭଞ୍ଜ ଏବଂ ଜୋନ–ସି'ରେ ଢେଙ୍କାନାଳ, ପୁରୀ, ନୟାଗଡ଼, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ☞ପୃଷ୍ଠା–୭

# ରଞ୍ଜନ କୁମାର ଦାସ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ଭୁବନେଶ୍ୱର,୨୯।୪(ବ୍ୟୁରୋ):** ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ବଦଳି କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ବୀର ବିକ୍ରମ ଯାଦବ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସୂଚନାଥାଉ କି ଶ୍ରୀମନ୍ଦିର ପାଇଁ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି କରିବାକୁ ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ୪ ନଭେମ୍ବର ୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁପାଳନ ସଂକ୍ରାନ୍ତରେ ରାଜ୍ୟ ସରକାର କୌଣସି ରିପୋର୍ଟ ଦେଇ ନ ଥିବାରୁ ସୁପ୍ରିମ୍‌କୋର୍ଟ ଗତ ମାର୍ଚ୍ଚ ୨୯ରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାସହ ୪ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ସଂସ୍କାର ☞ପୃଷ୍ଠା–୭

# ବିନୟତୋଷ ମିଶ୍ର ହୋମ୍‌ଗାର୍ଡ ଡିଜି

**ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ**

**୨ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଗୃହ ବିଭାଗ ଓଏସ୍‌ଡି ନିଯୁକ୍ତ**

**ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ, ୨୯।୪**

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ ହୋମଗାର୍ଡ ଓ ଅଗ୍ନିଶମ ଡିଜି ଏବଂ ସିଭିଲ ଡିଫେନ୍ସ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଏବେ ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଅତିରିକ୍ତ ଭାବେ ନୂଆ ଦାୟିତ୍ୱ ମଧ୍ୟ ତୁଲାଇବେ। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ସ୍ୱତନ୍ତ୍ର ଡିଜି ପାହ୍ୟାର ୨ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଗୃହ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ ବଦଳି କରାଯାଇଛି। ସେମାନେ ହେଲେ ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ସ୍ପେଶାଲ ଡିଜି(କମ୍ୟୁନିକେଶନ) ଅରୁଣ କୁମାର ରାୟ ଏବଂ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ସ୍ପେଶାଲ ଡିଜି(ଏଚ୍‌ଆରପିସି) ଏସ୍.ଏମ୍. ନରୱଣେ। ଏହି ୨ ବରିଷ୍ଠ ଡିଜି ପାହ୍ୟା ଅଫିସରଙ୍କୁ ଅଚାନକ କାହିଁକି ପୋଲିସ ବିଭାଗରୁ ହଟାଇ ଗୃହ ବିଭାଗର ଓଏସ୍‌ଡି ଭାବେ ବଦଳି କରାଗଲା ତାକୁ ନେଇ ଚର୍ଚ୍ଚା ହେଉଛି। ଗୃହ ବିଭାଗର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୋଲିସ ମୁଖ୍ୟାଳୟ ☞ପୃଷ୍ଠା–୭




# ଜଳବାୟୁ ପରିବର୍ତ୍ତନ
# ଭାରତରେ ସଂକ୍ରାମକ ରୋଗ ବଢ଼ାଇବ

**ନୂଆଦିଲ୍ଲୀ,୨୯।୪ (ପି.ଟି.)**

ଜଳବାୟୁରେ ପରିବର୍ତ୍ତନ ଯୋଗୁ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହେଉଥିବାବେଳେ ଅନ୍ୟ ଅଞ୍ଚଳରେ ଅନାବୃଷ୍ଟି ଦେଖାଦେଉଛି। ତାପମାତ୍ରା ଓ ଆର୍ଦ୍ରତାରେ ତାରତମ୍ୟ କାରଣରୁ ଭାରତରେ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଥିବା ବୈଜ୍ଞାନିକମାନେ କହିଛନ୍ତି। ନିକଟରେ ଏଚ୍୨ଏନ୍୩ ସମେତ ଶ୍ୱାସକ୍ରିୟା ଜନିତ ଭାଇରାଲ ସଂକ୍ରମଣ, ଆଡେନୋଭାଇରସ୍ ଏବଂ ସ୍ୱାଇନ୍ ଫ୍ଲୁ ଦେଶର ବିଭିନ୍ନ ଭାଗରେ ଦେଖାଦେବା ଚିନ୍ତା ବଢ଼ାଇଛି। ଏହା ଜଳବାୟୁ ପରିବର୍ତ୍ତନର ପରିଣାମ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଡେଙ୍ଗୁ, ଚିକୁନଗୁନିଆ, ମ୍ୟାଲେରିଆ ସଂକ୍ରମଣ ବୃଦ୍ଧି ପାଇବ। ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ପୂର୍ଣ୍ଣିମା ପ୍ରଭାକରନ୍‌ଙ୍କ ମତରେ ତାପମାତ୍ରାରେ କ୍ରମାଗତ ବୃଦ୍ଧି ରୋଗ ସଂକ୍ରମଣକାରୀ ଭୂତାଣୁ ଓ ଭେକ୍ଟରଗୁଡ଼ିକୁ ପ୍ରଭାବିତ କରିଥାଏ। ଫଳରେ



ଇନ୍‌କୁବେଶନ ସମୟ, ସଂକ୍ରମଣ ସାମର୍ଥ୍ୟ ଓ ଅବଧିରେ ପରିବର୍ତ୍ତନ ଘଟିଥାଏ। ଏଗୁଡ଼ିକ ରୋଗ ସଂକ୍ରମଣ ଧାରାକୁ ପ୍ରଭାବିତ କରିପାରେ ବୋଲି ଭାରତର ଜନସ୍ୱାସ୍ଥ୍ୟ ଫାଉଣ୍ଡେଶନ୍‌ରେ ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ହେଲ୍‌ଥର ନିର୍ଦ୍ଦେଶକ ପୂର୍ଣ୍ଣିମା କହିଛନ୍ତି। ଜଳବାୟୁ ସ୍ଥିତିରେ ପରିବର୍ତ୍ତନ ସଂକ୍ରମଣ ସାମର୍ଥ୍ୟ ଥିବା ଭୂତାଣୁ ଓ ଭେକ୍ଟରଜନିତ ରୋଗ ବ୍ୟାପିବାରେ ଅଧିକ ଅନୁକୂଳ ହୋଇଥାଏ। ଉତ୍ତପ୍ତ ଓ ଆର୍ଦ୍ର ପରିବେଶ ଏଥିରେ ସହାୟକ ହେଉଥିବାରୁ ବାରମ୍ବାର ରୋଗ ବ୍ୟାପିବା ସହ ଗୁରୁତର ସ୍ଥିତି ସୃଷ୍ଟି କରିଥାଏ ବୋଲି ପୂର୍ଣ୍ଣିମା କହିଛନ୍ତି। ପରିବେଶ ବିଜ୍ଞାନୀ ଆବି ଟି. ଭାନକଙ୍କ ମତରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂତାଣୁଗୁଡ଼ିକର ବାସସ୍ଥାନ ବଦଳିଥାଏ। ଫଳରେ କେତେକ ଅଞ୍ଚଳରେ ନୂଆ ଭେକ୍ଟର ପ୍ରବେଶ କରନ୍ତି କିମ୍ବା କେତେକ ପ୍ରଜାତି ନୂଆ ଭୂତାଣୁ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାନ୍ତି। ମାନବ ଶରୀରକୁ ସଂକ୍ରମିତ ହେବା ସାମର୍ଥ୍ୟ ଉକ୍ତ ଭୂତାଣୁଗୁଡ଼ିକର ଥାଇପାରେ। ଉଦାହରଣ ସ୍ୱରୂପ ଶୁଷ୍କ ଅଞ୍ଚଳରେ ଅତ୍ୟଧିକ ବର୍ଷା ଓ ବନ୍ୟା ଯୋଗୁ ଆର୍ଦ୍ର ଅଞ୍ଚଳ ସହ ସମ୍ପୃକ୍ତ ରୋଗ ବ୍ୟାପିଥାଏ। କଲେରା, ଡିସେଣ୍ଟ୍ରି, ଭେକ୍ଟରବାହିତ ରୋଗ ଯଥା ମ୍ୟାଲେରିଆ, ଡେଙ୍ଗୁ ଓ ଚିକୁନଗୁନିଆ ଏହିସବୁ ଅଞ୍ଚଳକୁ ବ୍ୟାପେ ବୋଲି ଭାନକ କହିଛନ୍ତି। ସେହିପରି ଗ୍ରୀଷ୍ମଲହର ଯୋଗୁ ମାନସିକ ଚାପ ବଢ଼ିବା ସହ ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହୋଇଥାଏ ଏବଂ ପ୍ରାଣୀଠାରୁ ମଣିଷ ଶରୀରକୁ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଥାଏ।

**ଚାଇନାକୁ ରୋକିବାକୁ କ୍ୱାଡ୍, ଏୟୁକେୟୁଏସର ଉଦ୍ୟମ: ରୁଷିଆ**

ଚାଇନାକୁ ରୋକିବା ଲାଗି ଆମେରିକା ଏବଂ କ୍ୱାଡ୍, ଏୟୁକେୟୁଏସ୍ ଭଳି ବହୁପାକ୍ଷିକ ଗୋଷ୍ଠୀ ଉଦ୍ୟମ ଚଳାଇଥିବା ରୁଷିଆ ଅଭିଯୋଗ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ କେ ଶୋଇଗୁ କହିଥିଲେ, ଆମେରିକା ଓ ଏହାର ସହଯୋଗୀ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏକ ବହୁଧ୍ରୁବୀୟ ବିଶ୍ୱ ଗଠନକୁ ସକ୍ରିୟ ଭାବେ ବିରୋଧ କରୁଛନ୍ତି।

# କଂଗ୍ରେସ ମୋତେ ୯୧ ଥର ଗାଳି କରିଛି: ମୋଦି

ହୁମନାବାଦ (କର୍ନାଟକ),୨୯।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ନାଟକକୁ ନିର୍ବାଚନ ପ୍ରଚାରରେ ଯାଇ କଂଗ୍ରେସ ଉପରେ ଜୋର୍‌ଦାର ବର୍ଷିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ବିଷଧର ସର୍ପ କହିବା ଘଟଣାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦଳ ଓ ଏହାର ନେତାମାନେ ତାଙ୍କୁ ୯୧ ଥର ବିଭିନ୍ନ ପ୍ରକାର ଗାଳି କରିଛନ୍ତି। ସେମାନେ କର୍ନାଟକର ଅବହେଳିତ ଲିଙ୍ଗାୟତ ସମ୍ପ୍ରଦାୟକୁ ମଧ୍ୟ ଗାଳି କରୁଛନ୍ତି। ସର୍ବପୁରାତନ ଦଳ ବାବା ସାହେବ ଆମ୍ବେଡ୍‌କର ଏବଂ ବୀର ସଭରକରଙ୍କୁ ମଧ୍ୟ ଗାଳିଦେବାକୁ ପଛାଉ ନାହାଁନ୍ତି। କଂଗ୍ରେସର ଏହି ଗାଳିକୁ ଜନସାଧାରଣ ଭୋଟରେ ଜବାବ ଦେବେ। ସେମାନେ ଭାଜପାକୁ ଯେତେ ପଙ୍କ ଫିଙ୍ଗିବେ, ସେତେ ପଦ୍ମ ଫୁଟିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଯିଏ ସାଧାରଣ ଲୋକଙ୍କ କଥା କହେ, ଦୁର୍ନୀତିକୁ ପଦାକୁ ଆଣେ, କଂଗ୍ରେସ ସେମାନଙ୍କୁ ସମାଲୋଚନା କରିଥାଏ। ଏଭଳି ଲୋକଙ୍କ ପ୍ରତି ପୁରାତନ ଦଳର ଘୃଣାଭାବ ରହିଆସିଛି। ଏହି ନିର୍ବାଚନରେ ସେମାନେ ପୁଣିଥରେ ମୋତେ ଗାଳିଦେବା ଆରମ୍ଭ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ବିଦର ଜିଲାରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି।

# ଆଦାନୀ ଦୁର୍ନୀତିକୁ ସମାଧି ଉଦ୍ୟମ

## ତଦନ୍ତ ସାରିବାକୁ ସୁପ୍ରିମକୋର୍ଟଙ୍କୁ ଆଉ ୬ ମାସ ମାଗିଲା ସେବି: ଟାର୍ଗେଟ କଲେ ବିରୋଧୀ




ନୂଆଦିଲ୍ଲୀ,୨୯।୪

ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଅଣାଯାଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ସମ୍ପୂର୍ଣ୍ଣ କରିବାକୁ ଆଉ ୬ ମାସ ସମୟ ମାଗିଛି ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)। ଗତ ମାର୍ଚ୍ଚ ୨ରେ ସୁପ୍ରିମକୋର୍ଟ ସେବିକୁ ୨ ମାସ ମଧ୍ୟରେ ତଦନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଆଉ ୬ ମାସ ସମୟ ମାଗିବା ଆଦାନୀ ଦୁର୍ନୀତିକୁ ସମାଧି ଦେବା ପାଇଁ ଉଦ୍ଦିଷ୍ଟ ବୋଲି ବିରୋଧୀ କଂଗ୍ରେସ ସମାଲୋଚନା କରିଛି।

ଜାନୁୟାରୀ ୨୪ରେ ନାଥନ୍ ଆଣ୍ଡରସନଙ୍କ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ସ ମୂଲ୍ୟରେ ହେରଫେର ଓ ଆକାଉଣ୍ଟରେ ଅନିୟମିତତା ଅଭିଯୋଗ ଆଣିଥିଲା। ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଥିଲା। ଆଦାନୀ ଦୁର୍ନୀତି ଓ ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କର ଯୁଗ୍ମ ସଂସଦୀୟ ତଦନ୍ତ ଦାବିରେ ଅଟଳ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି କରିଥିଲେ। ଇତିମଧ୍ୟରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତୀୟ ନିବେଶକମାନଙ୍କୁ ୧୪୦ ବିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଥିଲା। ଫଳରେ ଭାରତୀୟ ଇନ୍‌ଭେଷ୍ଟର୍ସଙ୍କ ସ୍ୱାର୍ଥରକ୍ଷା ଲାଗି ହିଣ୍ଡେନ୍‌ବର୍ଗ ଭଳି ସଂସ୍ଥା ଉପରେ ଅଙ୍କୁଶ ଲଗାଇବା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ ହୋଇଥିଲା। ସର୍ବୋଚ୍ଚ ଅଦାଲତ ମାର୍ଚ୍ଚ ୨ ସୁଦ୍ଧା ତଦନ୍ତ ଶେଷ କରିବାକୁ ମାର୍କେଟ ରେଗୁଲେଟରକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିବେଶକଙ୍କ ସ୍ୱାର୍ଥରକ୍ଷା ପାଇଁ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏ.ଏମ୍. ସାପ୍ରେଙ୍କ ଅଧ୍ୟକ୍ଷତାରେ ଏକ ୬ ଜଣିଆ ତଦନ୍ତ କମିଟି ମଧ୍ୟ ଗଠନ କରାଯାଇଥିଲେ। ସାପ୍ରେ ପ୍ୟାନେଲ ଏହି ପ୍ରସଙ୍ଗରେ ସେବି ମୁଖ୍ୟ ଏବଂ କେନ୍ଦ୍ରକୁ ସହାୟତା କରିବ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ସେବି ଏହି ଅବଧି ମଧ୍ୟରେ ତଦନ୍ତ ଶେଷ କରି ନ ପାରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛି। ଏହା ଏକ ଜଟିଳ ପ୍ରକ୍ରିୟା ହୋଇଥିବାରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ଲାଗି ତଦନ୍ତ ଅବଧିକୁ ୬ ମାସ ବଢ଼ାଯାଉ ବୋଲି ଅଦାଲତଙ୍କୁ କହିଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ସୁପ୍ରିମକୋର୍ଟଙ୍କୁ ସେବିର ଏତେ ସମୟ ମାଗିବା ପଛରେ ଆଦାନୀ ଦୁର୍ନୀତିକୁ ସମାଧି ଦେବା ଅଭିସନ୍ଧି ନାହିଁ ତ? ଏହି କମିଟି ଆଦାନୀ ଗ୍ରୁପ୍‌ର ସମଗ୍ର ରାଜନୀତି ବିଜ୍ଞାନ ଓ ବ୍ୟବସାୟିକ କାର୍ଯ୍ୟକୁ ନେଇ ତଦନ୍ତ କରିପାରିବ ନାହିଁ ଅଥବା ତଦନ୍ତ କରିବାକୁ ଚାହିଁବ ନାହିଁ। ତେଣୁ ଜେପିସି ତଦନ୍ତ ଜରୁରୀ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ସେବିର ଏପରି ଉଦ୍ୟମକୁ ଏକ ଜୋକ୍ ବୋଲି ଅଭିହିତ କରିଛନ୍ତି।

# ବାଏଜୁସ୍‌ରେ ଇଡି ଚଢ଼ାଉ

### ଆପରାଧିକ ଦସ୍ତାବିଜ ଜବତ


ବାଏଜୁ ରବୀନ୍ଦ୍ରନ୍

ନୂଆଦିଲ୍ଲୀ,୨୯।୪

ବିଦେଶ ପାଣ୍ଠି ଆଇନ ଉଲ୍ଲଂଘନ ଅଭିଯୋଗରେ ବେଙ୍ଗାଲୁରୁର ଶିକ୍ଷା ପ୍ରଯୁକ୍ତି ଫାର୍ମ ବାଏଜୁସ୍‌ର ସିଇଓ ବାଏଜୁ ରବୀନ୍ଦ୍ରନ୍‌ଙ୍କ ଘର ଓ କାର୍ଯ୍ୟାଳୟ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ବିଦେଶ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ରବୀନ୍ଦ୍ରନ ଓ ତାଙ୍କ କମ୍ପାନୀ ଥିଙ୍କ ଆଣ୍ଡ ଲର୍ନ ପ୍ରାଇଭେଟ୍ ଲିମିଟେଡ୍ ବିରୋଧରେ ମାମଲା ରୁଜୁ ହୋଇଛି। ଚଢ଼ାଉ ବେଳେ ସେଠାରୁ ଅନେକ ଆପରାଧିକ ଦସ୍ତାବିଜ୍ ଓ ତଥ୍ୟ ମିଳିଥିବା ଇଡି କହିଛି। ଏଫ୍‌ଇଏମ୍‌ଏ ଅଧୀନରେ ଏହା ନିୟମିତ ଅନୁଧ୍ୟାନ ବୋଲି ଚଢ଼ାଉ ପରେ ବାଏଜୁସ୍ ପକ୍ଷରୁ କୁହାଯାଇଛି। ତଦନ୍ତକାରୀ କର୍ତ୍ତୃପକ୍ଷଙ୍କ ସହ ବାଏଜୁସ୍ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିଆସିଛି ଓ ସେମାନେ ଚାହିଁଥିବା ସମସ୍ତ ତଥ୍ୟ ଯୋଗାଇଦେଇଛି। ଆମ କାର୍ଯ୍ୟର ସାଧୁତା ଉପରେ ଆମେ ଦୃଢ଼ ନିଶ୍ଚିତ ଏବଂ ସର୍ବାଧିକ ଅନୁପାଳନ ମାନ ଜାରି ରଖିବା ଲାଗି ପ୍ରତିବଦ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଚଢ଼ାଉ ବେଳେ ବାଏଜୁସ୍ ୨୦୧୧ରୁ ୨୦୨୩ ମଧ୍ୟରେ ୨୮,୦୦୦ କୋଟି ଟଙ୍କା ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ପାଇଥିବା ଇଡି କହିଛି। ଦରିଆପାରି ପ୍ରତ୍ୟକ୍ଷ ନିବେଶ ନାଁରେ କମ୍ପାନୀ ମଧ୍ୟ ବିଭିନ୍ନ ବିଦେଶୀ ସଂସ୍ଥାକୁ ଏହି ସମୟ ମଧ୍ୟରେ ୯,୭୫୪ କୋଟି ଟଙ୍କା ପଠାଇଛି। ଜନସାଧାରଣଙ୍କଠାରୁ ମିଳିଥିବା ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରବୀନ୍ଦ୍ରନ ବାଏଜୁଙ୍କୁ ଅନେକ ଥର ସମନ କରାଯିବା ସତ୍ତ୍ୱେ ସେ ଇଡିରେ ହାଜର ହୋଇ ନ ଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରୁ କମ୍ପାନୀ ଆର୍ଥିକ ବିବରଣୀ ପ୍ରସ୍ତୁତ କରିନାହିଁ ଓ ଆକାଉଣ୍ଟ ଅଡିଟ୍ କରିନାହିଁ ବୋଲି ଇଡି କହିଛି।

# କର୍ନାଟକ ସିଇଓଙ୍କୁ ସତର୍କ କରାଇଲେ ଇସି

### ପ୍ରାର୍ଥୀଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ

ନୂଆଦିଲ୍ଲୀ,୨୯।୪

ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା କର୍ନାଟକରେ ପ୍ରାର୍ଥୀ ଓ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ହେଉଥିବାର ଖବର ପ୍ରକାଶ ପାଇବା ପରେ ସତର୍କତା ଅବଲମ୍ବନ କରିବାକୁ ନିର୍ବାଚନ କମିଶନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ବିଭିନ୍ନ ସୋସିଆଲ ମିଡିଆ ଉପରେ ସତର୍କଦୃଷ୍ଟି ରଖିବାକୁ କୁହାଯାଇଛି। ପ୍ରାର୍ଥୀ କିମ୍ବା ଭୋଟରଙ୍କୁ ଉତ୍କୋଚ ଦେବା କିମ୍ବା ଧମକାଇବାର ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାମରାଜନଗରର ଭାଜପା ପ୍ରାର୍ଥୀ ଭି. ସୋମନା ଜେଡିଏସ୍ ପ୍ରାର୍ଥୀ ମଲ୍ଲିକାର୍ଜୁନ ସ୍ୱାମୀ ଓରଫ ଆଲୁର ମାଲ୍ଲୁଙ୍କୁ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ଲାଗି ଟଙ୍କା ଯାଚୁଥିବାର ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନିର୍ବାଚନ କମିଶନ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉକ୍ତ ଘଟଣାରେ ଚାମରାଜନଗର ଟାଉନ ଥାନାରେ ଆଇପିସିର ଧାରା ୧୭୧ଇ ଏବଂ ୧୭୧ଏଫ୍‌ରେ ଏତଲା ଦାଏର ହୋଇଛି।

# ଆମେରିକାକୁ କିମ୍ ଭଉଣୀଙ୍କ କଡ଼ା ଚେତାବନୀ


କିମ୍ ଜୋଙ୍ଗ୍ ଉନ୍‌ଙ୍କ ସହ ଭଉଣୀ କିମ୍ ୟୋ ଜୋଙ୍ଗ।

ପ୍ୟୋଙ୍ଗ୍‌ୟାଙ୍ଗ,୨୯।୪

ଆମେରିକା କିମ୍ବା ଏହାର ସହଯୋଗୀ ରାଷ୍ଟ୍ର ଦକ୍ଷିଣ କୋରିଆ ବିରୋଧରେ ପ୍ୟୋଙ୍ଗ୍‌ୟାଙ୍ଗ ଆଣବିକ ଅସ୍ତ୍ର ପ୍ରୟୋଗ କଲେ ଉତ୍ତର କୋରିଆରେ ଏକଚ୍ଛତ୍ରବାଦୀ କିମ୍ ଜୋଙ୍ଗ୍ ଉନ୍‌ଙ୍କ ଶାସନର ଅନ୍ତ ଘଟିବ ବୋଲି ଗୁରୁବାର ୱାଶିଂଟନ ଚେତାବନୀ ଦେଇଥିଲା। କିମ୍ ଜୋଙ୍ଗ୍ ଉନ୍‌ଙ୍କ ଭଉଣୀ କିମ୍ ୟୋ ଜୋଙ୍ଗ୍ ଶନିବାର ଆମେରିକାକୁ ଏହାର ଜବାବ ଦେଇଛନ୍ତି। ସେ କହିଛନ୍ତି, ଆମେରିକା-ଦକ୍ଷିଣ କୋରିଆ ମଧ୍ୟରେ ହୋଇଥିବା ଚୁକ୍ତିର ଜବାବରେ ଉତ୍ତର କୋରିଆ ଆହୁରି ଅଧିକ ସାମରିକ ଶକ୍ତି ପ୍ରଦର୍ଶନ କରିବ। କୋରିଆ ଉପଦ୍ୱୀପରେ ସେମାନେ ଯେତେ ଅଧିକ ଆଣବିକ ଅସ୍ତ୍ର ମୁତୟନ କରିବେ ଉତ୍ତର କୋରିଆ ସେତେ ଅଧିକ ଆତ୍ମବିଶ୍ୱାସୀ ହୋଇ ଶକ୍ତିଶାଳୀ ସମରାଭ୍ୟାସ କରିବ। ଏହି ଦୁଇ ଶତ୍ରୁରାଷ୍ଟ୍ର ଉତ୍ତରପୂର୍ବ ଏସିଆରେ ଶାନ୍ତି ପ୍ରତିଷ୍ଠା ନାମରେ ଚଳାଇଥିବା ବିପଜ୍ଜନକ ଉଦ୍ୟମକୁ କେବେହେଲେ ସ୍ୱାଗତ କରାଯିବ ନାହିଁ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଉତ୍ତର କୋରିଆର ସାମର୍ଥ୍ୟକୁ ନେଇ ଉଚିତ ଆକଳନ କରିପାରୁ ନାହାନ୍ତି।

# ସୁପ୍ରିମକୋର୍ଟ ଗଲେ ମୃତ ଆଇଏଏସ୍ ଅଫିସରଙ୍କ ସ୍ତ୍ରୀ

### ଆନନ୍ଦ ମୋହନଙ୍କ ମୁକ୍ତିକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୯।୪ (ପି.ଟି.)

୧୯୯୪ରେ ଆଇଏଏସ୍ ଅଫିସର ଜି. କ୍ରିଷ୍ଣେୟାଙ୍କୁ ହତ୍ୟା ମାମଲାରେ ଦୋଷୀ ବିହାରର ପୂର୍ବତନ ଏମ୍‌ପି ଆନନ୍ଦ ମୋହନଙ୍କୁ ଦଣ୍ଡ ଅବଧି ପୂର୍ବରୁ ଜେଲରୁ ମୁକ୍ତ କରିଦିଆଯାଇଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ମୃତ ଆଇଏଏସ୍ ଅଫିସରଙ୍କ ସ୍ତ୍ରୀ ଉମା କ୍ରିଷ୍ଣେୟା ଏନେଇ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିହାର ଜେଲ ନିୟମାବଳୀରେ ସଂଶୋଧନ କରାଯାଇ ଆନନ୍ଦ ମୋହନଙ୍କୁ ଗୁରୁବାର ସକାଳେ ସହର୍ସା ଜେଲରୁ ମୁକ୍ତ କରିଦିଆଯାଇଥିଲା। ଉମା ତାଙ୍କ ପିଟିଶନରେ ଦର୍ଶାଇଛନ୍ତି ଗ୍ୟାଙ୍ଗ୍‌ଷ୍ଟରରୁ ରାଜନେତା ଆନନ୍ଦ ମୋହନଙ୍କୁ ତାଙ୍କର ଅପରାଧ ପାଇଁ ସାରା ଜୀବନ ଜେଲ ଦଣ୍ଡାଦେଶ ହୋଇଥିଲା। ଦଣ୍ଡ ଅବଧି ୧୪ ବର୍ଷରେ ଶେଷ ହେଲା ବୋଲି ଯନ୍ତ୍ରବତ୍ ବ୍ୟାଖ୍ୟା କରାଯାଇପାରିବ ନାହିଁ। ମୃତ୍ୟୁଦଣ୍ଡର ବିକଳ୍ପ ଭାବେ ଆଜୀବନ ଜେଲଦଣ୍ଡାଦେଶ ଦିଆଯାଉଛି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଛି, ଯେଉଁଠି କ୍ଷମା ଆବେଦନ ଲାଗୁ ହୋଇପାରିବ ନାହିଁ ବୋଲି ଉମା ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।

# ବୋଟ୍‌ରେ ବିଶ୍ୱ ପରିକ୍ରମା କଲେ ଅବସରପ୍ରାପ୍ତ ନୌସେନା ଅଧିକାରୀ


ଅବସରପ୍ରାପ୍ତ ନୌସେନା ଅଫିସର ଅଭିଲାଷ ଟମି


ଦକ୍ଷିଣ ଆଫ୍ରିକୀୟ ସେଲର କିର୍ଷ୍ଟେନ ନେଉସ୍‌ଚାଫର

### ଗୋଲ୍ଡେନ ଗ୍ଲୋବ୍ ରେସ୍ ୨୦୨୨

ନୂଆଦିଲ୍ଲୀ,୨୯।୪

ଭାରତର ଅବସରପ୍ରାପ୍ତ ନୌସେନା ଅଫିସର ଅଭିଲାଷ ଟମି ବୋଟ୍ ଚଳାଇ ବିଶ୍ୱ ପରିକ୍ରମା କରି ଇତିହାସ ସୃଷ୍ଟି କରିଛନ୍ତି। ବିଶ୍ୱର ସବୁଠୁ କଠିନ ଏକାକୀ ନୌଚାଳନା ପ୍ରତିଯୋଗିତା ଗୋଲ୍ଡେନ ଗ୍ଲୋବ୍ ରେସ୍ ୨୦୨୨ ସମ୍ପୂର୍ଣ୍ଣ କରିଥିବା ଦୁଇଜଣଙ୍କ ମଧ୍ୟରୁ ଟମି ଅନ୍ୟତମ ତଥା ପ୍ରଥମ ଭାରତୀୟ। ସେ ବିନା ଇଲେକ୍ଟ୍ରୋନିକ୍ ସହାୟତାରେ ଏକ ଛୋଟ ବୋଟ୍‌ରେ ନିରବଚ୍ଛିନ୍ନ ଭାବେ ବିଶ୍ୱ ପରିକ୍ରମା କରିଥିଲେ। ବୟାନାଟ ନାମକ ୩୬ ଫୁଟ୍‌ର ବୋଟ୍‌ରେ କମାଣ୍ଡର ଟମି ୨୩୬ ଦିନ ଭ୍ରମଣ କରିଛନ୍ତି। ଏହି ରେସ୍ ଗତବର୍ଷ ସେପ୍ଟେମ୍ବର ୪ରେ ଫ୍ରାନ୍ସର ଲେସ୍ ସାବ୍ଲେସ-ଡି'ଓଲୋନ୍‌ରୁ ଆରମ୍ଭ ହୋଇଥିଲା। ଏଥିରେ ୧୧ ଦେଶର ୧୬ ନାବିକ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୨ ଜଣ ଏହି ଦୁଃସାହସିକ ରେସ୍ ସମ୍ପୂର୍ଣ୍ଣ କରିପାରିଛନ୍ତି। ଅନ୍ୟ ବିଜେତା ଜଣକ ହେଲେ ଦକ୍ଷିଣ ଆଫ୍ରିକୀୟ ସେଲର କିର୍ଷ୍ଟେନ ନେଉସ୍‌ଚାଫର।

## ଫୁରସତ୍

# ଦ୍ୱିତୀୟ ଥର ଗର୍ଭବତୀ ହେଲେ ଅର୍ଜୁନ ରାମପାଲଙ୍କ ପ୍ରେମିକା


ଗାବ୍ରିଏଲା

**ମୁମ୍ବାଇ:** ଅଭିନେତା ଅର୍ଜୁନ ରାମପାଲ ଏବଂ ତାଙ୍କ ପ୍ରେମିକା ଗାବ୍ରିଏଲା ସେମାନଙ୍କର ଦ୍ୱିତୀୟ ସନ୍ତାନକୁ ସ୍ୱାଗତ କରିବାକୁ ଯାଉଛନ୍ତି। ନିକଟରେ ଗାବ୍ରିଏଲା ପ୍ରେଗ୍‌ନାନ୍ସି ସମୟର ଫଟୋଶୁଟ୍ କରିଛନ୍ତି। ଏହି ସମୟର ଫଟୋ ଶେୟାର କରି ପ୍ରଶଂସକମାନଙ୍କୁ ସେ ଗର୍ଭବତୀ ଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଏକ ଗାଉନରେ ଫ୍ୟାଶନ ଡିଭାଙ୍କ ବେବି ବମ୍ପ ବି ଦେଖିବାକୁ ମିଳିଛି। ଗାବ୍ରିଏଲା ଫଟୋ ଶେୟାର କରି ଏଥିରେ କ୍ୟାପଶନ ଲେଖିଛନ୍ତି, ବାସ୍ତବତା ନା ଏଆଇ? ଏଥିରେ ଅର୍ଜୁନ ରାମପାଲ ହାର୍ଟ ଏବଂ ଲାଜ ଇମୋଜି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆମି ଜ୍ୟାକ୍‌ସନ, ଦିବ୍ୟା ଦତ୍ତ, କାଜଲ ଅଗ୍ରୱାଲଙ୍କ ସମେତ ବଲିଉଡ୍ ଇଣ୍ଡଷ୍ଟ୍ରିର ଅନେକ ସେଲିବ୍ରିଟି ଶୁଭେଚ୍ଛା ଜଣାଇଛନ୍ତି।

କହିରଖୁଛୁ, ଆଇପିଏଲ୍ ସମୟରେ ଗାବ୍ରିଏଲା ଏବଂ ଅର୍ଜୁନଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ପରେ ଦୁହିଁଙ୍କ ବନ୍ଧୁତା ଧୀରେ ଧୀରେ ବଢ଼ି ପ୍ରେମରେ ରୂପାନ୍ତରିତ ହୋଇଥିଲା। ବର୍ତ୍ତମାନ ଦୁହେଁ ଲିଭ୍-ଇନ୍‌ରେ ରହୁଛନ୍ତି। ୨୦୧୯ରେ ସେମାନଙ୍କର ଏକ ପୁତ୍ର ସନ୍ତାନ ମଧ୍ୟ ହୋଇଛି। ବିବାହ ନ କରି ଦୁହେଁ ମାତାପିତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

# ସ୍ୱାସ୍ଥ୍ୟସେବାରେ ଆଗକୁ ପାଦେ

## ଆୟୁଷ୍ମାନ୍ ଭାରତ ଦିବସ




ଆୟୁଷ୍ମାନ୍ ଭାରତ ଯୋଜନା ବା ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ହେଉଛି ଭାରତ ସରକାରଙ୍କ ଏକ ସ୍ୱାସ୍ଥ୍ୟ ଯୋଜନା, ଯାହା ୨୩ ସେପ୍ଟେମ୍ବର ୨୦୧୮ରେ ସମଗ୍ର ଭାରତରେ କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନାକୁ ୨୦୧୮ ବଜେଟ ଅଧିବେଶନରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଘୋଷଣା କରିଥିଲେ। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଅର୍ଥନୈତିକ ଦୁର୍ବଳ ବର୍ଗଙ୍କୁ (ବିପିଏଲ୍ ଧାରକ) ସ୍ୱାସ୍ଥ୍ୟବୀମା ଯୋଗାଇବା। ଏହା ଅନ୍ତର୍ଗତ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ପର୍ଯ୍ୟନ୍ତ ନଗଦ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଇଥାଏ। ୧୦ କୋଟି ବିପିଏଲ୍ ପରିବାରର ପ୍ରାୟ ୬୦ କୋଟି ଲୋକ ଏହି ଯୋଜନାର ପ୍ରତ୍ୟକ୍ଷ ଲାଭ ଦ୍ୱାରା ଉପକୃତ ହେଉଛନ୍ତି। ଏହା ବ୍ୟତୀତ ବାକି ଜନସଂଖ୍ୟାକୁ ଏହା ଅଧୀନକୁ ଆଣିବା ପାଇଁ ଯୋଜନା ଜାରି ରହିଛି। ଏହି ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୧୪ ଏପ୍ରିଲ ୨୦୧୮ରେ ଝାଡ଼ଖଣ୍ଡର ରାଞ୍ଚି ଜିଲାରେ ଭୀମ୍‌ରାଓ ଆମ୍ବେଡ୍‌କରଙ୍କ ଜନ୍ମବାର୍ଷିକୀରେ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ଦେଶର ଅଭାବୀ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ୍ ରହିଛି ସ୍ୱାସ୍ଥ୍ୟ ଅମୃତ।

୨୦୧୮ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ ସ୍ମୃତିରେ ପ୍ରତିବର୍ଷ ୩୦ ଏପ୍ରିଲରେ ଆୟୁଷ୍ମାନ୍ ଭାରତ ଦିବସ ପାଳନ କରାଯାଇଥାଏ। ଦେଶର ସୁଦୂର ତଥା ଅଭାବୀ ଅଞ୍ଚଳରେ ସୁଲଭ ଚିକିତ୍ସା ସେବା ଯୋଗାଇବା ଏହି ଦିବସର ମୂଳ ଲକ୍ଷ୍ୟ। ଏହି ବୈପ୍ଳବିକ ସ୍ୱାସ୍ଥ୍ୟସେବା ଯୋଜନାର ଆରମ୍ଭକୁ ଚିହ୍ନିତ କରୁଥିବାରୁ ଆୟୁଷ୍ମାନ୍ ଭାରତ ଦିବସ ଜାତୀୟ ଗୁରୁତ୍ୱ ବହନ କରେ।

ବିପିଏଲ୍ ପରିବାରକୁ ତୃତୀୟ ଏବଂ ମାଧ୍ୟମିକ ଚିକିତ୍ସା ବୀମା ଯୋଗାଇବା ପାଇଁ ବହୁ ପ୍ରତୀକ୍ଷିତ ଯୋଜନା ୩୦ ଏପ୍ରିଲ ୨୦୧୮ରେ ଆରମ୍ଭ କରାଯାଇଥିଲା। ଏହି ଯୋଜନା ଆରମ୍ଭରେ ଏହା ୧୦.୭ କୋଟି ଗରିବ ଏବଂ ଅସୁରକ୍ଷିତ ପରିବାରକୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ଆୟୁଷ୍ମାନ୍ ଭାରତ ଯୋଜନରେ ସମସ୍ତ ଭାରତୀୟ ନାଗରିକଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ କଭରେଜ୍ ଯୋଗାଇବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏକ ଉଚ୍ଚାଭିଳାଷୀ ସ୍ୱାସ୍ଥ୍ୟସେବା ପଦକ୍ଷେପ। ଏହି ଯୋଜନାର ଦୁଇଟି ମୁଖ୍ୟ ଲକ୍ଷ୍ୟ ରହିଛି। ପ୍ରଥମଟି ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର ଏବଂ ଦ୍ୱିତୀୟଟି ପିଏମ୍ ଜେଏୱାଇ। ପ୍ରତିଷେଧକ ଏବଂ ପ୍ରୋତ୍ସାହନମୂଳକ ସେବା ସମେତ ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ରଗୁଡ଼ିକ ଲକ୍ଷ୍ୟ ରଖିଥିବାବେଳେ ପିଏମ୍-ଜେଏୱାଇ ଯୋଗ୍ୟ ହିତାଧିକାରୀଙ୍କୁ ପରିବାର ପ୍ରତି ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା କଭର ସହିତ ମାଧ୍ୟମିକ ଏବଂ ତୃତୀୟ ଚିକିତ୍ସା ଯୋଗାଇଥାଏ। ଏହି ଯୋଜନାରେ ବିପଜ୍ଜନକ ସ୍ୱାସ୍ଥ୍ୟ ଖର୍ଚ୍ଚ କ୍ଷେତ୍ରରେ ଅସୁରକ୍ଷିତ ପରିବାରକୁ ଆର୍ଥିକ ସୁରକ୍ଷା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ଭାରତରେ ଦାରିଦ୍ର୍ୟର ଏକ ପ୍ରମୁଖ କାରଣ। ଆୟୁଷ୍ମାନ୍ ଭାରତ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଣରେ ସମାଜର ଗରିବ ଏବଂ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଖର୍ଚ୍ଚର ଭାର ହ୍ରାସ କରିଥାଏ।

# ରୋଜ୍ ଭ୍ୟାଲିର ଆଉ ୫୪ କୋଟି ସମ୍ପତ୍ତି ଆଟାଚ୍ କଲା ଇଡି

ଭୁବନେଶ୍ୱର,୨୯।୪(ବ୍ୟୁରୋ)

## ଚିଟ୍‌ଫଣ୍ଡ ଠକେଇ

- ଜବତ ସମ୍ପତ୍ତିରେ ମାଲିକ ଓ ସ୍ତ୍ରୀଙ୍କ ଜୀବନବୀମା, କୋଠା, ଫ୍ଲାଟ୍
- ଆଟାଚ୍ ସମ୍ପତ୍ତି ପରିମାଣ ୧୧୭୧.୭୧ କୋଟିକୁ ବୃଦ୍ଧି

ବିଭିନ୍ନ ସ୍କିମ୍ ଜରିଆରେ ବହୁ କୋଟି ଟଙ୍କା ଠକେଇ କରିଥିବା ଚିଟ୍‌ଫଣ୍ଡ ସଂସ୍ଥା 'ରୋଜ୍‌ଭ୍ୟାଲି ଗ୍ରୁପ୍'ର ଆଉ ୫୪ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଟାଚ୍ କରିଛି। ଆଟାଚ୍ ହୋଇଥିବା ଏହି ସମ୍ପତ୍ତିରେ ସଂସ୍ଥାର ମାଲିକ ଗୌତମ କୁଣ୍ଡୁ ଓ ସ୍ତ୍ରୀ ଶୁଭ୍ରାଙ୍କ ନାମରେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ବିହାରରେ ଥିବା ଇନ୍‌ସ୍ୟୁରାନ୍ସ ପଲିସି, କୋଠା, ଫ୍ଲାଟ୍ ରହିଛି। ତେବେ ଏସବୁ ସମ୍ପତ୍ତି ଜମାକାରୀଙ୍କଠାରୁ ବେଆଇନ ଭାବେ ଆଦାୟ କରାଯାଇଥିବା ଅର୍ଥରେ ହୋଇଛି। ପୂର୍ବରୁ ଏହି ମାମଲାରେ ୧୧୧୭.୭୧ କୋଟି ଆଟାଚ୍ ହୋଇଥିବାବେଳେ ଏବେ ଏହା ବୃଦ୍ଧି ପାଇ ମୋଟ ୧୧୭୧.୭୧ କୋଟିରେ ପହଞ୍ଚିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏମ୍/ଏସ୍ ରୋଜ୍‌ଭ୍ୟାଲି ଗ୍ରୁପ୍ ୧୦ ବର୍ଷ ତଳେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଓଡ଼ିଶା ଆଦି ରାଜ୍ୟରେ କାର୍ଯ୍ୟାଳୟ ଖୋଲି ବିଭିନ୍ନ ସ୍କିମ୍ ଜରିଆରେ ଜମାକାରୀଙ୍କୁ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ବହୁ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହି ସଂସ୍ଥା ଜମାକାରୀଙ୍କ ଟଙ୍କା ଆତ୍ମସାତ୍ କରିଥିବା ନେଇ ୨୦୧୩ରେ ବାଲେଶ୍ୱର ଜିଲା ସୋର ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ନେଇ ଏକ ନୂଆ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ମଧ୍ୟ ମାମଲା ରୁଜୁ କରିଥିଲା। ସେହିପରି ସିବିଆଇ ମଧ୍ୟ ଏହାର ତଦନ୍ତ କରିଥିଲା। ପରେ ବିଭିନ୍ନ ଏଜେନ୍ସିପକ୍ଷରୁ ପର୍ଯ୍ୟାୟକ୍ରମେ ରୋଜ୍‌ଭ୍ୟାଲି ଚେୟାରମ୍ୟାନ ତଥା ମାଲିକ ଗୌତମ, ସ୍ତ୍ରୀ ଶୁଭ୍ରା, ପରିଚାଳନା ସଦସ୍ୟ ଶିବମୟ ଦତ୍ତ, ଓଡ଼ିଶା ମୁଖ୍ୟ ବିକ୍ରମ୍‌ଜିତ ଭୌମିକ ପ୍ରମୁଖଙ୍କୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ପୂର୍ବରୁ ଇଓଡବ୍ଲ୍ୟୁ ମଧ୍ୟ ରୋଜ୍‌ଭ୍ୟାଲିର ୯୫ କୋଟିର ସମ୍ପତ୍ତି ଆଟାଚ୍ କରିଛି।

# ଲକ୍ଷ୍ୟ କମ୍ପାନୀର ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଟାଚ୍

## ୧୦ କୋଟିର ଠକେଇ

- କ୍ଷତିଗ୍ରସ୍ତ ଜମାକାରୀଙ୍କୁ ବାଣ୍ଟିବାକୁ ବାଲେଶ୍ୱର ଏଡିଏମ୍‌ଙ୍କୁ ନିର୍ଦ୍ଦେଶ
- ୨୦୦୮-୦୯ରେ ୬୭୧୫ ଡିଷ୍ଟ୍ରିବ୍ୟୁଟରଙ୍କୁ ଠକେଇ କରିଥିଲା ସଂସ୍ଥା

ଭୁବନେଶ୍ୱର,୨୯।୪ (ବ୍ୟୁରୋ): ସ୍କିମ୍ ଜରିଆରେ ୧୦ କୋଟି ଟଙ୍କା ଠକେଇ କରିଥିବା ଚିଟ୍‌ଫଣ୍ଡ୍ କମ୍ପାନୀ 'ଏମ୍/ଏସ୍ ଲକ୍ଷ୍ୟ ଲେଭଲ୍ ମାର୍କେଟିଂ ପ୍ରାଇଭେଟ୍ ଲିଃ'ର ୭ କୋଟି ୧୬ ହଜାର ୮୪୦ କୋଟି ଟଙ୍କା ଆଟାଚ୍ ହୋଇଛି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ହୋଇଥିବା ଏହି ଆଟାଚ୍ ଆବେଦନକୁ ବାଲେଶ୍ୱର ଓପିଆଇଡି କୋର୍ଟ ଗ୍ରହଣ କରିଛନ୍ତି। ଏହି ଟଙ୍କା ଏସ୍‌ବିଆଇ, ଆକ୍ସିସ୍, ଏଚ୍‌ଡିଏଫ୍‌ସି ଓ ଆଇସିଆଇସିଆଇର ୧୦ଟି ଆକାଉଣ୍ଟରେ ରହିଛି। ସୁଧ ସହ ଅର୍ଥରାଶିକୁ ଉପରୋକ୍ତ ବ୍ୟାଙ୍କଗୁଡ଼ିକଠାରୁ ଆଣିବା ପରେ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ବାଣ୍ଟିଦେବାକୁ ବାଲେଶ୍ୱର ଅତିରିକ୍ତ ଜିଲାପାଳଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୦୮ ଜାନୁୟାରୀ ୪ରୁ ୨୦୦୯ ଜୁଲାଇ ୨୯ ମଧ୍ୟରେ କମ୍ପାନୀ ପକ୍ଷରୁ ମାର୍କେଟିଂ ଆଳରେ ଠକେଇ କରାଯାଇଥିଲା। ଭିଡିଓକନ୍, କେନ୍‌ଷ୍ଟାର, ରିଲାଏନ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ, ସଙ୍ଗିନି ଡାଇମଣ୍ଡ ଜୁଏଲାରୀ, ବଜାଜ୍ ଇନ୍‌ସ୍ୟୁରାନ୍ସ ଆଦି ବଡ଼ ବଡ଼ କମ୍ପାନୀର ମାର୍କେଟିଂ ପାର୍ଟନର୍ ବୋଲି ଉକ୍ତ ଠକ କମ୍ପାନୀ ପକ୍ଷରୁ ଦାବି କରାଯାଇଥିଲା। ପରେ ବିଭିନ୍ନ ପ୍ରଡକ୍ଟକୁ ବିକ୍ରି କରିବାକୁ ଡିଷ୍ଟ୍ରିବ୍ୟୁଟର ଯୋଗାଡ଼ କରାଯାଇଥିଲା। ୨ଟି ସ୍କିମ୍ ଜରିଆରେ ପ୍ରଡକ୍ଟ କିଣିବାକୁ ଡିଷ୍ଟ୍ରିବ୍ୟୁଟରଙ୍କୁ କମ୍ପାନୀ ପକ୍ଷରୁ କୁହାଯିବା ସହ ୧ ବର୍ଷ ପରେ ଲକ୍ଷାଧିକ ଟଙ୍କା ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ୬ ହଜାର ୭୧୫ଜଣ ଡିଷ୍ଟ୍ରିବ୍ୟୁଟରଙ୍କଠାରୁ କମ୍ପାନୀ ୧୦ କୋଟି ଟଙ୍କା ଠକି ନେଇଥିଲା। ଠକେଇର ଶିକାର ହୋଇଥିବା ହିମାଂଶୁ ଶେଖର ପାଣିଗ୍ରାହୀ ନାମକ ଜଣେ ଡିଷ୍ଟ୍ରିବ୍ୟୁଟର କମ୍ପାନୀ ମାଲିକ ନରେଶ ମୁନ୍ଦ୍ରା ଏବଂ ଅନ୍ୟ ଅଭିଯୁକ୍ତଙ୍କ ନାମରେ କ୍ରାଇମବ୍ରାଞ୍ଚ ସିଆଇଡି ଥାନାରେ ଏତଲା ଦେଇଥିଲେ। ଏନେଇ ସିଆଇଡି ଥାନା ୨୦୦୯ ଜୁଲାଇ ୨୯ରେ ଏକ ମାମଲା (ନଂ.୨୧/୨୦୦୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଇଓଡବ୍ଲ୍ୟୁ ଏହାର ତଦନ୍ତ ଭାର ନେଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୦ତମ ଅଧିବେଶନ, ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର, କାନନ ବିହାର, ଫେଜ-୨, କିଟ୍ ଛକ ନିକଟସ୍ଥ, ଅପରାହ୍ନ ୪ଟା ୩୦।
- ପର୍ଶୁରାମ ମିତ୍ର ମଣ୍ଡଳ ପକ୍ଷରୁ ବନ୍ଧୁ ମିଳନ ଓ ସମ୍ମାନ ସମାରୋହ, ତେରାପଥ ଭବନ, ଭିଟ୍ସ ହୋଟେଲ ପଛ, କଟକ ରୋଡ୍, ଅପରାହ୍ନ ୫ଟା।
- କଳିଙ୍ଗାୟନ ତୌର୍ଯ୍ୟତ୍ରିକମର ୧୫ତମ ବାର୍ଷିକ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୫ଟା ୩୦।
- ପ୍ରଗତିବାଦୀର ସୁବର୍ଣ୍ଣ ଜୟନ୍ତୀ ସମାରୋହ 'ସୃଜନୀ', ପ୍ରଗତିବାଦୀ ପରିସର, ମଞ୍ଚେଶ୍ୱର, ଅପରାହ୍ନ ୫ଟା ୩୦।
- ପର୍ଶୁରାମ ମିତ୍ର ମଣ୍ଡଳ ପକ୍ଷରୁ ବନ୍ଧୁ ମିଳନ ଓ ସମ୍ମାନ ସମାରୋହ, ତେରାପଥ ଭବନ, ଭିଟ୍ସ ହୋଟେଲ ପଛ, କଟକ ରୋଡ୍, ଅପରାହ୍ନ ୫ଟା।
- ଶିଳାଶ୍ରୀ ପବ୍ଲିକେଶନ ପକ୍ଷରୁ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**
- ମହାବୀରଙ୍କ ପ୍ରଥମ ବାର୍ଷିକ ଉତ୍ସବର ଜଳଯାତ୍ରା, ଭୁବନପୁର ମହାବୀର ମନ୍ଦିର, ସକାଳ ୮ଟା।
- ବାଦି ପାଲା ପରିବେଷଣ, ବଙ୍ଗୁଆରୀ ଗ୍ରାମର ମା' ଜାଗୁଳାଇ ପୀଠ, ରାତି ୭ଟା।
- ଭଗତ ବାସୁଦେବ ମେଲଣର ଜମାଣ ଶୋଭାଯାତ୍ରା, ବଇରୁଆ ଛକ, ରାତି ୧୧ଟା ୩୦।

**କଟକ**
- ଓଡ଼ିଆ ଖବରକାଗଜ ପୃଷ୍ଠଭୂମିର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ, ଶତାବ୍ଦୀ ଭବନ, ଅପରାହ୍ନ ୩ଟା।



ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଶନିବାର ପୁରୀ ବେଳାଭୂମିରେ ପ୍ରାଣୀପ୍ରେମୀମାନେ ପୋଷା କୁକୁରଙ୍କୁ ନେଇ ଜନସଚେତନତା ସୃଷ୍ଟି କରୁଛନ୍ତି।

# ବାଘମାରୀ ଆର୍‌ଆଇଙ୍କୁ ଗାଳିଗୁଲଜ ଅଭିଯୋଗ

ବେଗୁନିଆ,୨୯।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ କାର୍ଯ୍ୟାଳୟ ପରିସରରେ ବାଘମାରୀ ଆର୍‌ଆଇ ମନୋଜ ଦାସଙ୍କୁ ଜଣେ ବ୍ୟକ୍ତି ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଆର୍‌ଆଇ ଦାସଙ୍କ ଅଭିଯୋଗକ୍ରମେ ବେଗୁନିଆ ପୋଲିସ ଏକ ମାମଲା(ନଂ.୧୨୩/୨୩) ରୁଜୁକରି ତଦନ୍ତ ଚଳାଇଛି। ଏହି ଗାଳିଗୁଲଜ ଘଟଣାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୂଚନା ମୁତାବକ, ବେଗୁନିଆ ତହସିଲ କାର୍ଯ୍ୟାଳୟକୁ ଅପରାହ୍ନରେ କୌଣସି କାର୍ଯ୍ୟରେ ଆର୍‌ଆଇ ଦାସ ଆସିଥିଲେ। କାର୍ଯ୍ୟାଳୟ ଭିତରେ ତାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଗାଳି କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅନ୍ୟ କର୍ମଚାରୀମାନେ ଗାଳି କରୁଥିବା ବ୍ୟକ୍ତିଙ୍କୁ ବୁଝାଶୁଝା କରିଥିଲେ। ପରେ ବ୍ୟକ୍ତି ଜଣଙ୍କ ସେଠାରୁ ପଳାଇଥିଲେ। ଏନେଇ ଆର୍‌ଆଇ ଦାସ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କୁହନ୍ତି, ଆର୍‌ଆଇ ଦାସଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# 'ଜେଇଇ ମେନ୍ ଫଳାଫଳ ଆଗକୁ ବଢ଼ିବାକୁ ଉତ୍ସାହିତ କରିଛି'

*ଭୁବନେଶ୍ୱର ଶୈଳଶ୍ରୀବିହାର ଅଞ୍ଚଳର ଝିଅ ତଥା କିଟ୍‌ର ଛାତ୍ରୀ ପ୍ରିୟଙ୍କା ସରଙ୍କୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା। କାରଣ ଶନିବାର ପ୍ରକାଶ ପାଇଥିବା ଜେଇଇ ମେନ୍ ସେସନ-୨ ପରୀକ୍ଷାରେ ସେ ୯୯.୯୮ ପର୍ସେଣ୍ଟାଇଲ୍ ମାର୍କ ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ଏଥିସହ ସର୍ବଭାରତୀୟ ସ୍ତରରେ ୨୪୩ ର‌୍ୟାଙ୍କ୍ ହାସଲ କରି ପ୍ରଶଂସା ସାଉଣ୍ଟିଛନ୍ତି। ଜଣେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିବା ପ୍ରିୟଙ୍କାଙ୍କ ଏହି ସଫଳତା ଓ ଭବିଷ୍ୟତକୁ ନେଇ ତାଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ଆଳାପ...।*



ଓଡ଼ିଶା ଟପ୍ପର
ପ୍ରିୟଙ୍କା ସର

**● ରାଜ୍ୟ ଟପ୍ପର ହେବା ପରେ କିପରି ଅନୁଭବ କରୁଛନ୍ତି?**
ଜାତୀୟ ସ୍ତରରେ ନିଜକୁ ପରଖିବାର ପ୍ରଥମ ସୋପାନ ହେଉଛି ଜେଇଇ ମେନ୍। ଏଥିରେ ପରିଶ୍ରମର ଫଳ ମିଳିଛି। ବହୁତ ଖୁସି ଲାଗୁଛି। ଏହି ସ୍କୋର୍ ଜେଇଇ ଆଡ୍‌ଭାନ୍ସ ସହ ଆଗକୁ ବଢିବା ପାଇଁ ମୋତେ ଅଧିକ ପ୍ରୋତ୍ସାହିତ କରିଛି।

**● ପ୍ରତିଦିନ କେତେ ସମୟ ପାଠପଢ଼ାକୁ ଦିଅନ୍ତି?**
ପ୍ରତିଦିନ ୬ଘଣ୍ଟା କ୍ଲାସ୍ ପରେ ଘରେ ଆଉ ୨/୩ ଘଣ୍ଟା ପଢ଼ାପଢ଼ି କରେ। ପରୀକ୍ଷା ପୂର୍ବରୁ ୨ ମାସ ଘରେ ଅଧିକ ସମୟ ପଢ଼ାପଢ଼ି କରୁଥିଲି। କେବଳ ଡାଉଟ୍ କ୍ଲିୟର ପାଇଁ କ୍ଲାସ୍ କରିବାକୁ ଯାଏ। ବାକି ସମୟ ପଢ଼ାପଢ଼ି କରେ।

**● ଚେଷ୍ଟା କିପରି ଥିଲା, ଫଳାଫଳକୁ ନେଇ କ'ଣ କହିବେ?**
ସବୁଥିରେ ଶତପ୍ରତିଶତ ଫଳ ପାଇବାକୁ ଚେଷ୍ଟା ବହୁତ କରିଥିଲି। ଏଥିପାଇଁ ସବୁ ଶିକ୍ଷୟିତ୍ରୀଶିକ୍ଷକଙ୍କର ମଧ୍ୟ ବହୁତ ସହଯୋଗ ରହିଥିଲା। ତେବେ ଗଣିତ ଓ ପଦାର୍ଥ ବିଜ୍ଞାନରେ ୧୦୦ ପର୍ସେଣ୍ଟାଇଲ୍ ସ୍କୋର୍ କରିପାରିଛି।

**● ସଫଳତା ପାଇଁ କ'ଣ ପରାମର୍ଶ ଦେବେ?**
କେବଳ ପାଠପଢ଼ା ନୁହେଁ, ଯେକୌଣସି କ୍ଷେତ୍ରରେ ସଫଳତା ପାଇବାର ଗୋଟିଏ ମାତ୍ର ଉପାୟ କଠିନ ପରିଶ୍ରମ। ଯେଉଁଥିରେ ଆଗ୍ରହ ନ ଥିବ ସେଥିରେ ସମୟ ନ ଦେଇ ଯେଉଁଥିରେ ଇଚ୍ଛା ହେଉଛି, ସେଇ କ୍ଷେତ୍ରରେ ଦୃଢ଼ ମନୋବଳ ସହ ପରିଶ୍ରମ କରିଚାଲିଲେ ସଫଳତା ନିଶ୍ଚୟ ମିଳିବ।

**● ସଫଳତାର ଶ୍ରେୟ କାହାକୁ ଦେବେ?**
ପ୍ରଥମେ ମୁଁ ମୋ ମାଆଙ୍କୁ ସଫଳତାର ଶ୍ରେୟ ଦେବାକୁ ଚାହିଁବି। ତାଙ୍କ ମାର୍ଗଦର୍ଶନରେ ମୁଁ ଏହି ସଫଳତା ପାଇଛି। ତେବେ ସାନ ଭଉଣୀ ଓ ବାପାଙ୍କର ମଧ୍ୟ ସହଯୋଗ କିଛି କମ୍ ନୁହେଁ। ମୁଁ ଯେତିକି ପରିଶ୍ରମ କରୁଥିଲି, ମୋ ପାଇଁ ଶିକ୍ଷୟିତ୍ରୀଶିକ୍ଷକ ମଧ୍ୟ ସେତିକି ପରିଶ୍ରମ କରୁଥିଲେ। ଏଇ ସଫଳତାର ଶ୍ରେୟ ସମସ୍ତଙ୍କୁ ଦେବାକୁ ଚାହିଁବି।

**● ଆଗକୁ କ'ଣ ଲକ୍ଷ୍ୟ ରହିଛି?**
ବର୍ତ୍ତମାନତଭଲଆଇଆଇଟିରେପଢ଼ିବାକୁଚାହୁଁଛି।ଆଗକୁ ଜେଇଇ ଆଡ୍‌ଭାନ୍ସରେ ଭଲ କରିବାର ଯୋଜନା ରହିଛି। ଏହାପରେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରହିଛି।

-ରିପୋର୍ଟ: ଅନୁରାଧା, ଭୁବନେଶ୍ୱର



ଓଡ଼ିଶା ହାଇକୋର୍ଟ ପରିଦର୍ଶନରେ ଶନିବାର ଆସିଥିବା ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୩ର ଛାତ୍ରୀଛାତ୍ର।




ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଶନିବାର ଦି ସ୍କୁଲ୍ ଅଫ୍ ରାଗ ସଙ୍ଗୀତର ବାର୍ଷିକ ଉତ୍ସବରେ କୁନି କଣ୍ଠଶିଳ୍ପୀମାନେ ସଙ୍ଗୀତ ଗାନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭବାନୀ



@ ନିରୁପମା



@ ବିଷ୍ଣୁପ୍ରିୟା



@ଶ୍ରୀନିବାସ



@ ସ୍ମୃତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୩୨ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ) : ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରାପଡି ଜେଲ ଗଲେ ଯୁବକ। ସେ ହେଲେ କନ୍ଧମାଳର ସୁନୀଲ ଦିଗଲ। ଯାଞ୍ଚବେଳେ ତାଙ୍କ ଠାରୁ ୩୨ କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ମୂଲ୍ୟ ୩ ଲକ୍ଷରୁ ଅଧିକ ହେବ। ସୂଚନାନୁସାରେ ଅଭିଯୁକ୍ତ ସୁନୀଲ କନ୍ଧମାଳରୁ ବସ ଯୋଗେ ଗଞ୍ଜେଇ ଆଣି ବରମୁଣ୍ଡା ବସ ଷ୍ଟାଣ୍ଡରେ ଓହ୍ଲାଇଥିଲେ । ଏହାପରେ ଉକ୍ତ ଗଞ୍ଜେଇକୁ ଗ୍ରାହକଙ୍କ ନିକଟକୁ ନେଉଥିବା ବେଳେ ଅବକାରୀ ବିଭାଗ ଟିମ ବିଶେଷ ସୂତ୍ରରୁ ଖବରପାଇ ଧରିଥିଲା। ଏହାପରେ ବସ୍ତା ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏନେଇ ଉକ୍ତ ବ୍ୟକ୍ତିଙ୍କୁ ଅବକାରୀ ଟିମ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବିଏମ୍‌ସି ବୈଠକରେ ଜାଗା ମିଶନ ବିବାଦ

- ଫଳକରେ ନାମ ଲେଖା ନେଇ କର୍ପୋରେଟର ମୁହାଁମୁହିଁ
- ପାରିତ ହେଲାନି ପୋଷା କୁକୁର ବାଇ ଲ'

ଭୁବନେଶ୍ୱର, ୨୯।୪ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚଳିତ ଆର୍ଥିକ ବର୍ଷର ପ୍ରଥମ କର୍ପୋରେଶନ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ଅଧିବେଶନ ପାଇଁ ମାର୍ଚ୍ଚରେ ଏହି ବୈଠକ ହୋଇପାରି ନ ଥିଲା। ତେଣୁ ୨ମାସ ଧରି କର୍ପୋରେଟରଙ୍କର ଯାହାକିଛି ଆପତ୍ତି ଅଭିଯୋଗ ଓ ପ୍ରସ୍ତାବ ରହିଥିଲା ତାହା ଏହି ବୈଠକରେ ଆଲୋଚନା ହୋଇଥିଲା। ତେବେ ବୈଠକ ଆରମ୍ଭରୁ ଜାଗା ମିଶନ୍‌କୁ ନେଇ ଝଡ଼ ଦେଖାଦେଇଥିଲା। ବିଏମ୍‌ସିର ଜାଗା ମିଶନ ସର୍ଭେରେ ବ୍ୟାପକ ତ୍ରୁଟି ଓ ଜାଲିଆତି ଅଭିଯୋଗ କରି ଭାଜପା କର୍ପୋରେଟରମାନେ ମେୟରଙ୍କୁ ଘେରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ବସ୍ତିର କିଛି ହିତାଧିକାରୀଙ୍କୁ ସର୍ଭେରେ ସାମିଲ କରାଯାଇଛି ଓ ପରେ ସମସ୍ତ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରାଯିବ। ସେହିପରି ସର୍ଭେରେ ଯେପରି ପ୍ରକୃତ ହିତାଧିକାରୀ ସାମିଲ ହେବେ ଏବଂ କୌଣସି ପ୍ରକାରର ଚଞ୍ଚକତା କରାଯିବ ନାହିଁ ସେଥିପାଇଁ ରି-ସର୍ଭେ ହେବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସର୍ଭେ କମିଟି ବାଦ୍ ପଡିଥିବା ହିତାଧିକାରୀଙ୍କ ସର୍ଭେ ନ କରି ତାଲିକାଭୁକ୍ତ ହିତାଧିକାରୀଙ୍କର ରି-ସର୍ଭେ କରିବାରେ ଲାଗିଛି। ଏହାଦ୍ୱାରା ବାଦ୍ ପଡିଥିବା ହିତାଧିକାରୀ ତାଲିକାଭୁକ୍ତ ହୋଇ ପାରୁନାହାନ୍ତି। ଏପରିକି ଏଥିରେ ସ୍ଥାନୀୟ କର୍ପୋରେଟରଙ୍କୁ ସାମିଲ କରୁ ନାହାନ୍ତି କିମ୍ବା କୌଣସି ସୂଚନା ଦେଉ ନାହାନ୍ତି, ଯାହାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ଗତ କିଛିଦିନ ଧରି ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଏବଂ ଉପାୟୁକ୍ତଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ପୁଣି ମୁଣ୍ଡ ଟେକିଥିଲା। ଏହି ବିବାଦ ପାଇଁ ଚଳିତ ମାସରେ ଷ୍ଟାଣ୍ଡିଂ କମିଟି ବୈଠକ ମଧ୍ୟ ହୋଇପାରିନାହିଁ। ହେଲେ ଆଲୋଚନାବେଳେ ମେୟର ସମୟ ଅଭାବରୁ ଷ୍ଟାଣ୍ଡିଂ କମିଟି ବୈଠକ ହୋଇ ପାରି ନ ଥିବା ସଫେଇ ଦେଇଥିଲେ। ତେବେ ନିୟମ ଅନୁଯାୟୀ ଷ୍ଟାଣ୍ଡିଂ କମିଟି ବୈଠକ ନ ହେବା ଯାଏ କର୍ପୋରେଶନ ବୈଠକ ହୋଇ ପାରିବ ନାହିଁ ବୋଲି କେତେଜଣ କର୍ପୋରେଟର ଦାବି କରିଥିଲେ। ଏହାବାଦ୍ ପରିମଳ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିରଞ୍ଚିନାରାୟଣ ମହାସୁପକାର ଫଳକରେ ସମ୍ପୃକ୍ତ ଷ୍ଟାଣ୍ଡିଂକମିଟି ଚେୟାରମ୍ୟାନ ନାମ ଲେଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ଅଧିକାଂଶ କର୍ପୋରେଟର ବିରୋଧ କରିଥିଲେ। ନିୟମ ଅନୁଯାୟୀ କେବଳ ବିଧାୟକ, ମେୟର, ଡେପୁଟି ମେୟର ଏବଂ ସମ୍ପୃକ୍ତ ୱାର୍ଡ କର୍ପୋରେଟରଙ୍କ ନାମ ରହିବା ଉପରେ ଦାବି ଜୋର୍ ଧରିଥିଲା। ଏହାକୁ ନେଇ ବୈଠକରେ ଦୁଇପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶେଷରେ ମେୟର ଦୁଇପକ୍ଷର ମତାମତ ନିଆଯିବା ପରେ କିଛି ନିଷ୍ପତ୍ତି କରାଯିବ ବୋଲି କହିଥିଲେ। ଏଥିପାଇଁ ଉଭୟପକ୍ଷ ନିଜର ମତ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କୁ ଲିଖିତ ଭାବେ ଜଣାଇବାକୁ ପରାମର୍ଶ ଦେଇଥିଲେ। ପରେ ୱାର୍ଡ ନଂ.୨୧ର ସୀମା ବିବାଦ ନେଇ କର୍ପୋରେଟର ପୂଜା ବେହେରା ଅଭିଯୋଗ କରିଥିଲେ। ବିଏମ୍‌ସିର ମ୍ୟାପ୍ ଅନୁଯାୟୀ ୱାର୍ଡର ସମସ୍ତ ଅଞ୍ଚଳ ଏବେ ୱାର୍ଡ ନଂ. ୨୦ରେ ସାମିଲ ହୋଇଛି। ଆଦିବାସୀ ଗାଁ ଏବଂ ଶକ୍ତିବିହାରକୁ ବାଦ୍‌ଦେଲେ ଆଉ କୌଣସି ଅଞ୍ଚଳ ୱାର୍ଡ ନଂ. ୨୧ରେ ନାହିଁ। ତେଣୁ ଏହାର ସମାଧାନ କରିବା ନେଇ ବୈଠକରେ ଉପସ୍ଥାପନ କରାଯାଇଥିଲା।



ବିଏମସି କର୍ପୋରେସନ ବୈଠକରେ ଉପସ୍ଥିତ ମେୟର ସୁଲୋଚନା ଦାସ, କମିଶନର ଓ ଅନ୍ୟ ଅଧିକାରୀମାନେ ।

ଅନ୍ୟପକ୍ଷରେ ଚଳିତ ବୈଠକରେ ମହାନଗର ଅଞ୍ଚଳରେ ପୋଷା କୁକୁରଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବାଇ ଲ' ପାସ୍ ହେବାର ଯୋଜନା ଥିଲେ ବି ତାହା ହୋଇ ପାରି ନ ଥିଲା। ଏହାବାଦ୍ ପରିମଳ ପ୍ରତି ବିଶେଷ ଧ୍ୟାନ ଦେବା, ବର୍ଷା ଋତୁ ପୂର୍ବରୁ ନିର୍ମାଣାଧୀନ ଡ୍ରେନ୍ କାର୍ଯ୍ୟର ସମୀକ୍ଷା କରିବା, ଜଳବନ୍ଦୀ ଅଞ୍ଚଳ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା, ଡେଙ୍ଗୁ ପ୍ରତି ସତର୍କ ରହିବା, ମେ ଫେୟାର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟ କଲଭର୍ଟ ନିର୍ମାଣ ଓ ରାସ୍ତା ପ୍ରଶସ୍ତିକରଣ ଲାଗି ଆଲୋଚନା କରାଯାଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସୂର୍ଯ୍ୟବଂଶୀ ମୟୂର ବିକାଶ, ବିଧାୟକଙ୍କ ପ୍ରତିନିଧି, କର୍ପୋରେଟର ଓ ସଂଯୁକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୃତ୍ୟଶିଳ୍ପୀ ସଙ୍ଗୀତା ଦାଶଙ୍କୁ କଲାଇମାମଣି ସମ୍ମାନ



ଭୁବନେଶ୍ୱର, ୨୯।୪(ବ୍ୟୁରୋ)- ଓଡ଼ିଶୀ ନୃତ୍ୟଶିଳ୍ପୀ ସଙ୍ଗୀତା ଦାଶଙ୍କୁ ପୁଡୁଚେରୀଠାରେ ଶନିବାର କଲାଇମାମଣି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ କଳାକ୍ଷେତ୍ରରେ ସର୍ବଶ୍ରେଷ୍ଠ ସମ୍ମାନ। ସେ ପୁଡୁଚେରୀରେ ଗତ କିଛି ବର୍ଷ ଧରି ପିଲାମାନଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଦାନ କରୁଛନ୍ତି। ଦାଶଙ୍କୁ ଏହି ସମ୍ମାନ ବ୍ୟତୀତ ରାଜ୍ୟସ୍ତରୀୟ ଅନେକ ସମ୍ମାନ ମିଳିଛି। ଓଡ଼ିଶୀ ନୃତ୍ୟ ସହ ସେ ଅନେକ ଚଳଚ୍ଚିତ୍ରରେ ମୁଖ୍ୟ ନାୟିକା ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି।

### ଦିକ୍ଷା ଦେଲେ, କ୍ରିୟାଯୋଗ ଶିଖାଇଲେ

ପୁରୁଣା ଭୁବନେଶ୍ୱର,୨୯।୪(ଡି.ଏନ୍.ଏ.): ଆଧ୍ୟାତ୍ମିକ ଗୁରୁ ତଥା ଅଖିଳ ଭାରତ ଜୟଗୁରୁ ସମ୍ପ୍ରଦାୟର ସଭାପତି କିଙ୍କର ବିଠଲ୍ ରାମାନୁଜ ୬ଦିନିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ ହାଟସାହି ସ୍ଥିତ ଶ୍ୟାମାଶଙ୍କର ମଠ ପରିସରରେ ଠାକୁର ଓଁକାର ନାଥ ସୀତାରାମ ଦାସଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ତପସ୍ଥଳୀକୁ ଉଦ୍‌ଘାଟନ କରିଥିଲେ। ପରେ ସେଠାରେ ଗୁରୁ ଭଉଣୀଭାଇଙ୍କୁ କ୍ରିୟା ଯୋଗ ଶିଖାଇବା ସହ ଦିକ୍ଷା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇଥିଲେ। ମଠ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି, ଜିତେନ୍ଦ୍ର ରାୟ, ପ୍ରଶାନ୍ତ ପରିଡ଼ା, ସୁବଳ ପଣ୍ଡା, ଜୟଦେବ ପଣ୍ଡା, ତ୍ରିବେଣ ଗାଙ୍ଗୁଲି, ନମିତା ମିଶ୍ର, ସଞ୍ଜୁକ୍ତା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

### ଲେଖକ ନିଜ ବିଫଳତାକୁ ଗ୍ରହଣ କରିବା ଉଚିତ

ଭୁବନେଶ୍ୱର,୨୯।୪(ବ୍ୟୁରୋ)- ଅନ୍ୟ ବିରୋଧରେ କାମ କରିବା ଅପେକ୍ଷା ଲେଖିବା ଭଲ। ଲେଖିବାରେ ଆନନ୍ଦ ମିଳେ। ଜୀବନର ଅନୁଭବ ଥାଏ। କଳା ଓ କାରିଗରୀ ଥାଏ। ଜଣେ ଲେଖକ ତା'ର ବିଫଳତାକୁ ଗ୍ରହଣ କରିବା ଉଚିତ ବୋଲି ବିଶିଷ୍ଟ ସାହିତ୍ୟିକା ବିୟତ୍‌ପ୍ରଜ୍ଞା ତ୍ରିପାଠୀ ମତ ଦେଇଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ମାସିକୀରେ ଯୋଗଦେଇ ସାହିତ୍ୟିକା ତ୍ରିପାଠୀ 'ମୋ ଜୀବନ: ମୋ ସାହିତ୍ୟ'ଶୀର୍ଷକରେ ବକ୍ତବ୍ୟ ରଖି ତାଙ୍କ ଲେଖକୀୟ ଜୀବନ, କୃତିତ୍ୱ, ଦୁର୍ବଳତା ଓ ପାଠକୀୟ ପ୍ରତିକ୍ରିୟା ନେଇ ଉଲ୍ଲେଖ କରିଥିଲେ। ଅନୁଷ୍ଠାନ ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଭା ମୌସୁମୀ ଦାସ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଡ. ଅଭୟ ନାରାୟଣ ନାୟକ, ଅଧ୍ୟାପିକା ସୌଦାମିନୀ ବେହେରା ଓ ଜୟଶ୍ରୀ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଧୁଭୂଷଣ ତ୍ରିପାଠୀ, ତ୍ରିଲୋଚନ ମହାନ୍ତି, ଭିକାରୀ ଧଳ, ସଞ୍ଜୁଲତା ପଟ୍ଟନାୟକ, ବିରଞ୍ଚି ଶତପଥୀ, ସବିତା ଶତପଥୀ, ନନ୍ଦକିଶୋର ବିଶ୍ୱାଳ, ଶ୍ରୁତକୀର୍ତ୍ତି ତ୍ରିପାଠୀ, ମିହିରକାନ୍ତ ଦାସ, ଅଲେଖଚରଣ ରାଉତ, ରଶ୍ମି ସାମଲ, ବିଦେଶୀ ଭଞ୍ଜ, ରଜନୀ ରଣସିଂହ, ମିନତୀ ମିଶ୍ର, ଅନ୍ନପୂର୍ଣ୍ଣା ପୃଷ୍ଟି, ନମିତା ପାଇକରାୟ, ଡ.ସଂଯୁକ୍ତା ପରିଡ଼ା, ବିଭୂତି ପାଣିଗ୍ରାହୀ, ଶାକ୍ୟସିଂହ ମହାପାତ୍ର, ଅଲେଖ ନନ୍ଦୀ, ଅକ୍ଷୟ ପାଳ, ସରୋଜ ଶତପଥୀ, ଶୈଳେନ୍ଦ୍ର ଜେନା ପ୍ରମୁଖ କବିତା ପାଠ କରିଥିଲେ। ଅନୁଷ୍ଠାନର ଉପସଭାପତି ମିନତି ଦାଶ ଧନ୍ୟବାଦ ଦେଇଥିଲେ।

## ଏକକ-ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବିଏମ୍‌ସିର ଅପିଲ୍

ଭୁବନେଶ୍ୱର, ୨୯।୪ (ବ୍ୟୁରୋ)

ଭୁବନେଶ୍ୱରକୁ ୧ନଂ. ସ୍ମାର୍ଟସିଟିରେ ପରିଣତ କରିବା ସହ ଏହାକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ବିଏମ୍‌ସି ନିରନ୍ତର ଚେଷ୍ଟା କରି ଆସୁଛି। ବିଶେଷକରି ସହରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏକକ-ବ୍ୟବହାର ପ୍ଲାଷ୍ଟିକ ଉପରେ ରୋକ୍ ଲଗାଯାଉଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିୟମ ରହିଥିଲେ ମଧ୍ୟ ବିଭିନ୍ନ ଅଞ୍ଚଳରେ ଏକକ-ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ବଢୁଛି। ଏହାକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଭୁବେନଶ୍ୱର ଅଧୀନରେ ବିଏମ୍‌ସି ମହାନଗର ନିଗମାଞ୍ଚଳରେ ଏକକ-ବ୍ୟବହାର ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ଅଭିଯାନକୁ ଜୋରଦାର କରିଛି ବିଏମ୍‌ସି। ବେଲୁନ୍‌ରେ ଲାଗୁଥିବା ପ୍ଲାଷ୍ଟିକ୍ କାଠି, ପ୍ଲାଷ୍ଟିକ୍ କାଠିଯୁକ୍ତ ଇୟରବଡ୍, ପ୍ଲାଷ୍ଟିକ ପତାକା, କ୍ୟାଣ୍ଡି ଏବଂ ଆଇସ୍‌କ୍ରିମ୍‌ରେ ଲାଗୁଥିବା କାଠି, ପ୍ଲାଷ୍ଟିକ ପ୍ଲେଟ୍, କପ୍, ଗ୍ଲାସ, ଥର୍ମୋକୁଲ୍, ପ୍ଲାଷ୍ଟିକ୍ ଚାମଚ, ଷ୍ଟ୍ର, ପ୍ୟାକିଂରେ ଲାଗୁଥିବା ପ୍ଲାଷ୍ଟିକ, ନିମନ୍ତ୍ରଣ କାର୍ଡ, ସିଗାରେଟ୍ ଖୋଳ, ପ୍ଲାଷ୍ଟିକ/ପିଭିସି ବ୍ୟାନର, ପ୍ଲାଷ୍ଟିକ କ୍ୟାରିବ୍ୟାଗ୍ ଆଦିକୁ ନିଷେଧ କରାଯାଇଛି। ବିଏମ୍‌ସି ପକ୍ଷରୁ ଜନସାଧାରଣଙ୍କୁ ଏସବୁ ବ୍ୟବହାର ନ କରିବା ପାଇଁ ଅପିଲ କରାଯିବା ସହ ବ୍ୟବସାୟୀମାନଙ୍କୁ ତାଗିଦା କରାଯାଉଛି।



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବିଶ୍ୱ ନୃତ୍ୟ ଦିବସ ପାଳନ ଅବସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ମନ ମୋହିଲା ସାକ୍ଷୀ ଗୋପୀନାଥ ଏକକ ନାଟିକା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶନିବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପ୍ରେକ୍ଷାଳୟଠାରେ ବିଶ୍ୱ ନୃତ୍ୟ ଦିବସ ୨୦୨୩ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ଅଧ୍ୟାପକ ଗୁରୁ ବିଭୂତି ଭୂଷଣ ବଳବନ୍ତରାୟ, ଗୁରୁ ଶ୍ରୀକ୍ଷେତ୍ରମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ଏହିଅବସରରେମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଥମେ ମଙ୍ଗଳାଚରଣ, ପଲ୍ଲବୀ ରାଗ, ଶାବେରୀ ଆଦି ନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ଉକ୍ତ ବିଭାଗର ଗୁରୁ ପଙ୍କଜ କୁମାର ପ୍ରଧାନଙ୍କ ଦ୍ୱାରା 'ସାକ୍ଷୀ ଗୋପୀନାଥ ଏକକ ନାଟିକା' ନୃତ୍ୟ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ 'ମହାକାଳୀ ସ୍ତୁତି'ରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

## ମୌଲାନାଙ୍କ ନାଁରେ ଆଉ ୨୦ ଲକ୍ଷ ଠକେଇ ଅଭିଯୋଗ

**ପୁଣି ୨ ମାମଲା**

କଟକ ଅଫିସ,୨୯।୪

କଟକ ରାଣୀହାଟ ଅଞ୍ଚଳର ଜଣେ ମହିଳାଙ୍କଠାରୁ ୬୨ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମଙ୍ଗଳାବାଗ ପୋଲିସ ସ୍ଥାନୀୟ କେଶରପୁର ଅଞ୍ଚଳର ମୌଲାନା କୈଫି ଖାନ୍(୨୭)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହିଭଳି ଭାବେ ସେ ଅନେକଙ୍କୁ ଠକି ଥିବା ଜଣାପଡିଛି। ତାଙ୍କର କାରନାମା ଭଦ୍ରକ ପର୍ଯ୍ୟନ୍ତ ବ୍ୟାପିଛି। ତେବେ ଶନିବାର ତାଙ୍କ ନାଁରେ ଆଉ ଦୁଇଟି ମାମଲା ମଙ୍ଗଳାବାଗ ଥାନାରେ ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଭଦ୍ରକ ବହୁଦରଡ଼ା ଅଞ୍ଚଳର ସେକ୍ ଜହରୁନ୍ ଇସ୍‌ଲାମଙ୍କଠାରୁ କୈଫି ୫ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏନେଇ ସେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା(ନଂ. ୧୧୫/୨୩) ରୁଜୁ ହୋଇଛି। ରାଣୀହାଟ ଅଞ୍ଚଳର ମହିଳାଙ୍କୁ ଠକିବା ଭଳି ଅନୁରୂପ ଢଙ୍ଗରେ ଘରୁ ଦୁଷ୍ଟଶକ୍ତି ବାହାର କରିଦେବାକୁ ସେ ଜହରୁନ୍‌ଙ୍କୁ କହି ଉକ୍ତ ଟଙ୍କା ନେଇଥିଲେ। ସେହିପରି କଟକ ଜିଲା କିଶୋର ନଗର ସୋମପୁର ଅଞ୍ଚଳର ଶବ୍‌ନମ୍ ଆରା ବେଗମ୍‌ଙ୍କୁ ଚାକିରି ଦେବାକୁ କହି କୈଫି ୧୫ ଲକ୍ଷ ଟଙ୍କା ଠକି ନେଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୧୭/୨୩) ରୁଜୁ କରିଛି। ଏ ସମ୍ପର୍କରେ ମଙ୍ଗଳାବାଗ ଥାନାଧିକାରୀ ସୁଧାଂଶୁ ଶେଖର ଜେନା କହିଛନ୍ତି, ମୌଲାନାଙ୍କ ନାଁରେ ୩ଟି ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଏହି କାରନାମାରେ ସମ୍ପୃକ୍ତ ଥିବା ଏକାଧିକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଛି।

## ଓଡ଼ିଶୀ ନୃତ୍ୟର ଐତିହାସିକ ସମ୍ପର୍କିତ ଆଲୋଚନା

**ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ନୃତ୍ୟ ଦିବସ**

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଶୀ ଓ ଛଉ ନୃତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ନୃତ୍ୟ ଦିବସ' ସମାରୋହ ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ଉତ୍ସବରେ ଅଧ୍ୟକ୍ଷତା କରି ଓଡ଼ିଶୀ ନୃତ୍ୟର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିବା ସହ ନୃତ୍ୟର ସାଂସ୍କୃତିକ ଆବଶ୍ୟକତା ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ନୃତ୍ୟାଙ୍ଗନା ତଥା ଗବେଷିକା ଡ. ସ୍ନେହପ୍ରଭା ସାମନ୍ତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଓଡ଼ିଶୀ ନୃତ୍ୟର ବିଭିନ୍ନ ଦିଗ ଓ ବିଶେଷତ୍ୱ ସମ୍ପର୍କରେ ପରାମର୍ଶ ଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ ଓ କୁଳସଚିବ ଅନାମିକା ଅଧିକାରୀ ନୃତ୍ୟଗୁରୁ ଓ ପ୍ରତିଭାମାନଙ୍କୁ ବିଶ୍ୱବିଦ୍ୟଳୟ ପକ୍ଷରୁ ସମ୍ମାନିତ କରିଥିଲେ। ଅଧ୍ୟାପକ ଡ. ଆଶିଷ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଗୁରୁ ତଥା ପ୍ରାଧ୍ୟାପକ ଡ.ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଡ.ରମଣୀ ରଞ୍ଜନ ଜେନା ଓ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଓ ପାରମ୍ପରିକ ଛଉ ନୃତ୍ୟକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପୁସ୍ତକ ୟଙ୍ଗ୍ ଆଣ୍ଡ ଫିଟ୍ @୬୦ ଲୋକାର୍ପିତ

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ମଣିଷ କାମ କରିବାବେଳେ ନିଜକୁ ଧ୍ୟାନ ଦେଇ ନ ଥାଏ। ମାନସିକ ଚାପ, ଶାରୀରିକ ଯନ୍ତ୍ରଣାରୁ କିଭଳି ଦୂରେଇ ରହିବ ଏ ନେଇ 'ୟଙ୍ଗ ଆଣ୍ଡ ଫିଟ୍ @୬୦'ରେ ଉଲ୍ଲେଖ କରିଛନ୍ତି ଲେଖକ ଅଶୋକ କୁମାର ସାମଲ। ଶନିବାର ସ୍ଥାନୀୟ ସୂଚନା ଭବନରେ ତାଙ୍କର ଏହି ପ୍ରଥମ ପୁସ୍ତକ ଲୋକାର୍ପଣ ଅବସରରେ ଅତିଥି ଭାବେ ଲେଖକ ପ୍ରଦୀପ ବିଶ୍ୱାଳ, ଡ.ଆଲୋକ କାନୁନଗୋ, ଶିକ୍ଷାବିତ୍ ସଙ୍ଗୀତା ରଥ, ଏସ୍.କେ.ଆଚାର୍ଯ୍ୟ, ଭୂମିକା ଗ୍ରୁପ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଭୀଷ୍ମ ରଥ, ବିଧାୟକ ଅଶୋକ ବଳ ପ୍ରମୁଖ ଯୋଗଦେଇଥିଲେ। ଲେଖକ ସାମଲ ଜଣେ ମେକାନିକାଲ ଇଞ୍ଜିନିୟର। ଏହି ପୁସ୍ତକ ଲେଖିବାର ପ୍ରେରଣା ସିଏ ତାଙ୍କ ପିତାମାତାଙ୍କଠାରୁ ପାଇଥିଲେ ବୋଲି ଲେଖକୀୟ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ସମାଜରେ ଲୋକମାନେ ସବୁ କିଛି ଥିବା ସତ୍ତ୍ୱେ କିପରି ନିଜକୁ ବ୍ୟସ୍ତ ଏବଂ ଚିନ୍ତାଗ୍ରସ୍ତ ରଖୁଛନ୍ତି ତାହା ଉପରେ ସେ ବହିରେ ଆଲୋକପାତ କରିଛନ୍ତି।

## ମେ'୧ରୁ ପଛୁଆବର୍ଗ ସର୍ଭେ

ଭୁବନେଶ୍ୱର, ୨୯।୪ (ବ୍ୟୁରୋ)

ଭୁବନେଶ୍ୱରରେ ବସବାସ କରୁଥିବା ପଛୁଆବର୍ଗ ଲୋକଙ୍କର ସାମାଜିକ ଓ ଶୈକ୍ଷିକ ସ୍ଥିତି ସମ୍ପର୍କରେ ତଥ୍ୟ ହାସଲ ପାଇଁ ବିଏମ୍‌ସି ପକ୍ଷରୁ ଆସନ୍ତା ୧ ତାରିଖରୁ ସର୍ଭେ ଆରମ୍ଭ ହେବ। ଏଥିପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯିବା ସହ କାର୍ଯ୍ୟକ୍ରମର ନୋଡାଲ ଅଫିସର ଭାବେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ସହଯୋଗ କରିବାକୁ ୩ଟି ଜୋନ୍‌ର ଜୋନାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏମାନଙ୍କ ବ୍ୟତୀତ ୧୩୩ଜଣ ଅଙ୍ଗନୱାଡି କର୍ମୀ ଓ ୧୪ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ସର୍ଭେକୁ ନେଇ ଜୋନାଲ ଅଧିକାରୀ, ଆସିଷ୍ଟାଣ୍ଟ କମିଶନର, ସିଡିପିଓ ଓ ଏସିଏସ୍‌ଓ ତାଲିମ ପ୍ରଦାନ କରିଛନ୍ତି। ଗଣନାକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ରୁ ୧୨ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୯ ରୁ ୨୦ ପର୍ଯ୍ୟନ୍ତ ତାଲିମ ଦିଆଯାଇଥିଲା। ଜନସଚେତନତା ସୃଷ୍ଟି ପାଇଁ ବିଏମ୍‌ସି ମୁଖ୍ୟାଳୟ ଆଇସିଓଏମ୍‌ସି ଟାୱାର ସମ୍ମୁଖ, ୩ଟି ଜୋନ୍ ଅଫିସ୍, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ରସୁଲଗଡ, ଜୟଦେବ ବିହାର, ସାମନ୍ତରାପୁର ଓ ଖଣ୍ଡଗିରିଠାରେ ବଡ଼ବଡ଼ ହୋର୍ଡିଂ ଲଗାଯିବ। ୧୦୧ଟି ଗଣନା କେନ୍ଦ୍ର ନିକଟରେ ମଧ୍ୟ ଫ୍ଲେକ୍ସ ବୋର୍ଡ ଲଗାଯିବା ସହ ପ୍ରତି ୱାର୍ଡରେ ୧୦ଟି ଲେଖାଏ ମୋଟ ୬୭୦ଟି ପୋଷ୍ଟର ଲାଗିଛି। ସର୍ଭେ ପାଇଁ ଆବଶ୍ୟକ ସରଞ୍ଜାମ କଟକ ରୋଡ୍‌ସ୍ଥିତ ଯାତ୍ରୀନିବାସଠାରେ ମହଜୁଦ ରଖାଯାଇଥିଲା। ଗତ ୨୫ ତାରିଖଠାରୁ ସୁପରଭାଇଜରଙ୍କ ଜରିଆରେ ସେହିସବୁ ଜିନିଷ ଗଣନାକାରୀଙ୍କୁ ଦିଆଯାଉଛି। ଏହି ସର୍ଭେ ମେ ୨୦ ତାରିଖରେ ଶେଷ ହେବ। ୨୧ ତାରିଖରୁ ୨୭ ତାରିଖ ମଧ୍ୟରେ ସ୍ୱତନ୍ତ୍ର ସର୍ଭେ ଏବଂ ମେ ୨୮ରୁ ଜୁନ୍ ୧୨ ତାରିଖ ମଧ୍ୟରେ ପୂରଣ ହୋଇଥିବା ଆଇସିଆର୍ ଫର୍ମଗୁଡିକ ୧୦ଟି କେନ୍ଦ୍ରରେ ସ୍କାନିଂ ଓ ଡିଜିଟାଇଜେଶନ କରାଯିବ। ଜୁନ୍ ୧୯ରୁ ୨୬ ତାରିଖ ମଧ୍ୟରେ ବିଏମ୍‌ସି ସ୍ତରରେ ଗଣନାକାରୀଙ୍କ ଫର୍ମଗୁଡିକର ମୂଲ୍ୟାଙ୍କନ କରାଯିବ । ଜୁନ୍ ୨୭ରେ ଡ୍ରାଫ୍ଟ ପ୍ରକାଶ ପାଇବ। ଜୁନ୍ ୨୮ରୁ ଜୁଲାଇ ୩ ମଧ୍ୟରେ ଅଭିଯୋଗ ଶୁଣାଣି ଓ ଜୁନ୍ ୪ରୁ ୧୧ ମଧ୍ୟରେ ତଥ୍ୟାବଳୀର ମୂଲ୍ୟାଙ୍କନ କରାଯିବ। ଜୁନ୍ ୧୨ରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରକାଶ ପାଇବ। ଏଥିପାଇଁ ପଛୁଆ ବର୍ଗର ଲୋକେ ଆଧାର କାର୍ଡ, ଭୋଟର ପରିଚୟପତ୍ର, ପାନକାର୍ଡ କିମ୍ବା ପାସ୍‌ପୋର୍ଟ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରମାଣପତ୍ର ଦେଖାଇ ସେମାନଙ୍କ ତଥ୍ୟ ପ୍ରଦାନ କରିପାରିବେ।

## ମଧୁ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୨୯।୪

ରାଜଧାନୀ ପାଠାଗାର ଓ କ୍ଲବ ଯୁବଶକ୍ତିର ମିଳିତ ସହଯୋଗରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ତିରୋଧାନ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ଅନୁଷ୍ଠାନ ପକ୍ଷରୁ ମଧୁ ମହୋତ୍ସବର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭିକ ଅଧିବେଶନ ବିଏମ୍‌ସି ଅନ୍ତର୍ଗତ ୱାର୍ଡ ୩୬ ପରିସରରେ ଥିବା ମଧୁସୂଦନନଗରସ୍ଥିତ ମଧୁପାର୍କ ପରିସରରେ ମଧୁସୂଦନ ଦାସଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ ସଭା ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ମହୋତ୍ସବର ୨ୟ ଅଧିବେଶନରେ ସହରର ପ୍ରମୁଖ ଅନାଥଶ୍ରମର ୫୦ରୁ ଅଧିକ ଗରିବ ଓ ଅସହାୟ ପିଲାଙ୍କୁ ସ୍କୁଲ ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମର ୩ୟ ପର୍ଯ୍ୟାୟରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ପ୍ରଶାସକ ତଥା ଓପିଏସ୍‌ସିର ସଦସ୍ୟ ଜଗନ୍ନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ସମ୍ପର୍କରେ ଅନେକ ଅକୁହା କଥାକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ଯୁବଶକ୍ତି ଆବାହକ ବୀରେନ୍ଦ୍ର ମିଶ୍ରଙ୍କ ସମେତ କ୍ଲବର ପ୍ରତିଷ୍ଠାତା ସଦସ୍ୟ ମନୋଜ ମିଶ୍ର, ବିଭୂତି ଭୂଷଣ ପଣ୍ଡା, ତପନ କୁମାର ମହାନ୍ତି, ବିଜୟ କୁମାର ରଥ, ଡା.ପ୍ରସନ୍ନ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସନ୍ଧ୍ୟାରେ ବରିଷ୍ଠ ଗୀତିକାର ତାନ୍‌ସେନ ସିଂ ଓ ଅନ୍ୟମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଭୟ କ୍ଲବ ଯୁବଶକ୍ତି ଓ ରାଜଧାନୀ ପାଠାଗାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## 'ଅଦାଲତ ଓ କ୍ଷୁଧା' ପୁସ୍ତକ ଲୋକାର୍ପିତ



ଲୋହିଆ ଏକାଡେମୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଅଦାଲତ ଓ କ୍ଷୁଧା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

ପୁସ୍ତକ ଅଦାଲତ ଓ କ୍ଷୁଧା ଶନିବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଲୋକାର୍ପିତ ହୋଇଯାଇଛି। ଓଡ଼ିଶାର ଅନାହାର ମୃତ୍ୟୁ ଓ କେବିକେ ଜିଲାର ମନୁଷ୍ୟକୃତ ଦାରିଦ୍ର୍ୟକୁ ନେଇ ଉଚ୍ଚତମ ନ୍ୟାୟାଳୟରେ ଚାଲିଥିବା ଏକ ଆଇନଗତ ଲଢ଼େଇର ଇତିହାସ ଓ ବର୍ତ୍ତମାନର ସ୍ଥିତିକୁ ନେଇ ଲେଖକ ସଞ୍ଜୟ ପାରିଖ ଏହି ପୁସ୍ତକ ରଚନା କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ଉକ୍ତ ପୁସ୍ତକର ଲୋକାର୍ପଣ କରିଥିଲେ। ପ୍ରଫେସର ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ସୁଧୀର ପଟ୍ଟନାୟକ ଏହାର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଏକାଡେମୀ ସମ୍ପାଦକ ଦେବ ପ୍ରସାଦ ରାୟ ଉପସ୍ଥିତ ଥିଲେ।

## ସ୍କିଲ୍‌କାର୍ଟ ସହ ମୋ କଲେଜର ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ଓ ୟୁଇଟି ମ୍ୟାନ୍‌ପାୱାର ରିସୋର୍ସେସ୍ ଲିମିଟେଡ୍ (ସ୍କିଲ୍‌କାର୍ଟ) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ଓ ୟୁଇଟିର ସହ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଗୋପ ଉପସ୍ଥିତ ରହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଏମ୍‌ଓୟୁ ଦ୍ୱାରା ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତାର ବିକାଶ ହେବ। ସେମାନେ ଆଗାମୀ ଦିନରେ କିଭଳି ନିଯୁକ୍ତି ପାଇବେ ତାହା ଉପରେ ବିଭିନ୍ନ ମାର୍ଗଦର୍ଶନ ଦିଆଯିବ। ଫଳରେ ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତିର ମାର୍ଗ ପ୍ରଶସ୍ତ ହୋଇପାରିବ। 'ମୋ କଲେଜ' ସହଭାଗିତାରେ ୟୁଇଟିର ତିନୋଟି ବ୍ରାଣ୍ଡ ସ୍କିଲ୍‌କାର୍ଟ, ଟିମ୍‌କାର୍ଟ ଓ ବୁକାର୍ଟ ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କରିବାକୁ ବିଭିନ୍ନ ପ୍ରକାରର ପ୍ରଶିକ୍ଷଣ ଦେବ। ଏଥିପାଇଁ ପିଲାଙ୍କୁ ଆଇଟି, ଆଇଟିଇଏସ୍, କେପିଓ, ବିପିଓ, ରିଟେଲ୍, ବିଏଫ୍‌ଏସ୍‌ଆଇ, ସଫ୍ଟସ୍କିଲ୍, ଡିଜିଟାଲ୍ ମାର୍କେଟିଂ, ଭିଏଫ୍‌ଏକ୍ସ ଆଣ୍ଡ ଆନିମେଶନ୍ ଏବଂ ଆଡ୍‌ଭର୍ଟାଇଜିଂ ଆଦି ପାଠ୍ୟକ୍ରମରେ ଶିକ୍ଷା ଦିଆଯିବ। ଏହି ପାଠ୍ୟକ୍ରମ ସାରିବା ପରେ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ମିଳିବ। ଏହି ଏମ୍‌ଓୟୁ ମାଧ୍ୟମରେ ମହାବିଦ୍ୟାଳୟରେ ନିଯୁକ୍ତି ଓ ନିଯୁକ୍ତି ସାଧନା ବିଷୟ ଉପରେ ବିଭିନ୍ନ ପ୍ରକାରର ଅନ୍‌ଲାଇନ୍ ଆଲୋଚନାଚକ୍ର ମଧ୍ୟ କରାଯିବ। ପାଖାପାଖି ୧୦୦ ଜଣ ଛାତ୍ରୀଛାତ୍ର ୟୁଇଟିର ଟିମ୍‌କାର୍ଟ ମାଧ୍ୟମରେ ନିଯୁକ୍ତି ପାଇପାରିବେ। କାର୍ଯ୍ୟକ୍ରମରେ 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ କହିଲେ, ଆଜିର ସମୟରେ ଶିକ୍ଷା ସହିତ ଦକ୍ଷତାର ବିକାଶ ନିହାତି ଦରକାର। ଛାତ୍ରୀଛାତ୍ର ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଏହା ଉପରେ ଅଧିକ ଫୋକସ୍ କରିବା ଉଚିତ୍। ଆଗାମୀଦିନରେ ଓଡ଼ିଶା ପାଇଁ ବହୁତ ସୁବର୍ଣ୍ଣ ସୁଯୋଗ ଆସିବ। ଏଥିପାଇଁ ଆମେ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ସହିତ ସେମାନଙ୍କର ଜ୍ଞାନକୌଶଳ କିଭଳି ଅଧିକ ସୁଦୃଢ଼ ହୋଇପାରିବ ସେ ଉପରେ ଆମେ ଚେଷ୍ଟା କରିବା ଦରକାର। ସେହିପରି ୟୁଇଟିର ସହପ୍ରତିଷ୍ଠାତା ଅମିତ କୁମାର କହିଲେ, ସଂସ୍ଥା ଛାତ୍ରୀଛାତ୍ରଙ୍କୁ ମାଗଣାରେ ଦକ୍ଷତା ବିକାଶ ଉପରେ ବିଭିନ୍ନ ପ୍ରଶିକ୍ଷଣ ଦେବ। ଏହାସହ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ମଧ୍ୟ ଦିଆଯିବାର ବ୍ୟବସ୍ଥା କରାଯିବ। ଏମ୍‌ଓୟୁ ସ୍ୱାକ୍ଷର ସମୟରେ 'ମୋ କଲେଜ'ର ଆଦିତ୍ୟ ଚୌଧୁରୀ ଓ ସ୍କିଲକାର୍ଟର ଦୀପ୍ତିରଞ୍ଜନ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଏପ୍ରିଲ, ୨୦୨୩



## ଛାମୁଣ୍ଡିଆ ଉପରୁ ଖସିପଡ଼ି ଜଣେ ମୃତ

କଟକ ସଦର,(ଡି.ଏନ୍.ଏ.): କିଶନନଗର ଥାନା ଅନ୍ତର୍ଗତ ଯଶପଡ଼ା ଗ୍ରାମରେ ଶନିବାର ସକାଳେ ଛାମୁଣ୍ଡିଆ ବାନ୍ଧୁଥିବାବେଳେ ଖସିପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ବରିମୁଣ୍ଡା ଗ୍ରାମର ରବୀନ୍ଦ୍ର ସାହୁ (୫୨)। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ରବୀନ୍ଦ୍ର ଜଣେ ଟେଣ୍ଟ ହାଉସ୍ ମାଲିକ ଅଟନ୍ତି। ଯଶପଡ଼ା ଗ୍ରାମରେ ସେ ଏକ କାର୍ଯ୍ୟକ୍ରମ ପାଇଁ ୪ ଚକିଆ ଗାଡ଼ି ଉପରେ ଛିଡ଼ାହୋଇ ଛାମୁଣ୍ଡିଆ ବାନ୍ଧୁଥିବାବେଳେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସହାୟତାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ସଂକ୍ଷେପରେ

### ସୋହନ ଦାସ କଟକ ଟପ୍ପର

**ଜେଇଇ ମେନ୍-୨ ଫଳ ପ୍ରକାଶ**

**କଟକ ଅଫିସ,୨୯।୪:** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ସେସନ-୨ ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଲଜପତ୍ ରାୟ୍ ଡିଏଭି ପବ୍ଲିକ ସ୍କୁଲର ସୋହନ ଦାସ ୯୯.୭୮ ପର୍ସେଣ୍ଟାଇଲ ରଖି କଟକ ଟପ୍ପର ହୋଇଛନ୍ତି। ଉକ୍ତ ପରୀକ୍ଷାରେ ୧୫ ଜଣ ଛାତ୍ରୀଛାତ୍ର ୯୫ ପର୍ସେଣ୍ଟାଇଲରୁ ଉର୍ଦ୍ଧ୍ୱ ଓ ୨୯ ଜଣ ଛାତ୍ରୀଛାତ୍ର ୯୦ ପର୍ସେଣ୍ଟାଇଲରୁ ଉର୍ଦ୍ଧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ୯୫ ପର୍ସେଣ୍ଟାଇଲରୁ ଉର୍ଦ୍ଧ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ହେଲେ ସୋହନ ଦାସ, ପୀୟୂଷ ଷଡ଼ଙ୍ଗୀ, ଶ୍ରୁତିସୁଧା ଓଝା, ରୋହନ ପଟ୍ଟନାୟକ, ଅର୍ଚ୍ଚିତ୍ ରାମ, ଯସସ ମହାନ୍ତି, ବିସ୍ମୟ ସାମଲ, ସୁଦୀପ ରାଉତରାୟ, ଅବଶୋଷ ପ୍ରିୟ ଦାସ, ଅନୁଭବ ସ୍ୱାଇଁ, ସତ୍ୟ ସାୱନ୍ତ ନାୟକ, ସାଗରିକା ଦାଶ, ଭୂଦୀପ କର ଓ ଅର୍ପିତ ପଣ୍ଡା। ଏହି ସଫଳତା ନିମନ୍ତେ ବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ସ୍ୱାଇଁ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସେମାନଙ୍କର ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ପେନ୍‌ସନ୍‌ରେ ଥିବା ତ୍ରୁଟି ସଂଶୋଧନ କରାଯାଉ

କଟକ ଅଫିସ, ୨୯।୪: ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପ୍ରତିନିଧି ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ମଧରେ ୨୦୨୨ ଅକ୍ଟୋବର ୧୮ ତାରିଖରେ ଆଲୋଚନା ହୋଇଥିଲା। ଏହାପରେ ପେନ୍‌ସନ୍‌ଭୋଗୀଙ୍କ କେତେକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଇତିମଧରେ ୬ ମାସ ଅତିକ୍ରମ କରିଥିଲେ ମଧ ଦାବି ପୂରଣ କରା ନ ଯିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି ମହାସଂଘର ଅଧକ୍ଷ ପ୍ରତାପ ଚନ୍ଦ୍ର ଦାସ କହିଛନ୍ତି। ପୁନର୍ବାର ଚିକିତ୍ସା ଭତ୍ତା, ପେନ୍‌ସନ୍‌ରେ ଥିବା ତ୍ରୁଟି ସଂଶୋଧନ, ଅତିରିକ୍ତ ପେନ୍‌ସନ୍ ୬୫ ବର୍ଷରୁ ଲାଗୁ, ପୂର୍ବ ଭଳି ରେଳଯାତ୍ରାରେ ରିହାତି ଲାଗୁ, କରୋନା ସମୟର ୧୮ ମାସର ଏରିଅର ସହିତ ୨୦୨୩ ଜାନୁୟାରୀରୁ ୪% ମହଙ୍ଗା ଭତ୍ତା ପ୍ରଦାନ ସମେତ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କୁ ଶନିବାର ପ୍ରଦାନ କରାଯାଇଛି। ଦାବି ପୂରଣ କରା ନ ଗଲେ ବରିଷ୍ଠ ନାଗରିକ ପେନ୍‌ସନ୍‌ଭୋଗୀମାନେ ଆଗାମୀ ଦିନରେ ଚରମ ପଦକ୍ଷେପ ନେବାକୁ ବାଧ ହେବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ମୁଖ୍ୟ ସଂଯୋଜକ ସୁବୋଧ କୁମାର ରାୟ, ମହାସଂଘର ମହାସଚିବ ଗୋକୁଳାନନ୍ଦ ବେହେରା, ଦ୍ୱାରିକା ନାଥ ମହାନ୍ତି, ରଜନୀକାନ୍ତ ଚୌଧୁରୀ, କୈଳାସ ଚନ୍ଦ୍ର ରାଉତ, ଗୋପୀନାଥ ବାରିକ, ବିଜୟ କୁମାର ପଣ୍ଡା, ଇଂ. ସୁରେନ୍ଦ୍ର କୁମାର ଜେନା, ବିଭୂତି ଭୂଷଣ ମହାନ୍ତି ଉପସ୍ଥିତ ଥିଲେ।

### ୭୫.୮ କେଜି ଗଞ୍ଜେଇ ଜବତ, ୩ ଗିରଫ

**କଟକ ଅଫିସ,୨୯।୪:** ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ମଧୁପାଟଣା ପୋଲିସ ୩ ଯୁବକଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ବାଙ୍କିରିପୋଷି ଥାନା ଅନ୍ତର୍ଗତ ବୁଦାମରା ଗ୍ରାମର କୃଷ୍ଣ ନାୟକ, ଛତ୍ରପୁର ଥାନା ଅନ୍ତର୍ଗତ ଦୁଆଁପଲି ଗ୍ରାମର ବଳରାମ ରାଉତ ଓ କାର୍ ଡ୍ରାଇଭର କୁଳିଅଣା ଥାନା ଅନ୍ତର୍ଗତ ଭୋଲଗଡ଼ିଆ ଗ୍ରାମର ଅନୁଭବ ସେଠୀ। ସେମାନଙ୍କଠାରୁ ୪ଟି ବସ୍ତାରେ ମୋଟ ୭୫ କେଜି ୮୦୦ ଗ୍ରାମ ଗଞ୍ଜେଇ ସହ ପରିବହନରେ ନିୟୋଜିତ ଏକ କାର୍ (ନଂ.ଓଆର୍୧୧ଆର୍-୮୪୪୩) ଜବତ କରାଯାଇଛି। ଏକ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇବା ପରେ ମଧୁପାଟଣା ପୋଲିସ ୧୬ ନମ୍ବର ଜାତୀୟ ରାଜପଥରେ ଜଗି ରହିଥିଲା। ଉକ୍ତ କାର ପହଞ୍ଚିବା ପରେ ଯାଞ୍ଚ କରାଯିବାରୁ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୫୦/୨୩) ରୁଜୁ ହୋଇଛି।

# ଖୋଲିବ ବ୍ୟବସାୟଭିତ୍ତିକ ଉଦ୍ୟାନ

**ଲାଇସେନ୍ସ ସ୍ଥାୟୀ କମିଟି ବୈଠକ**

କଟକ ଅଫିସ, ୨୯।୪

କଟକ ମହାନଗର ନିଗମ (ସିଏମ୍‌ସି)ର ଲାଇସେନ୍ସ ସ୍ଥାୟୀ କମିଟି ବୈଠକ ସ୍ଥାନୀୟ ବିଜୁ ଭବନ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ବ୍ୟବସାୟଭିତ୍ତିକ ଉଦ୍ୟାନ ଖୋଲିବା ସହ ଫୁଡ୍‌କୋର୍ଟ ଉପଲବ୍ଧ ପାଇଁ କମିଟି ପକ୍ଷରୁ ଆସନ୍ତା କାଉନ୍‌ସିଲ ବୈଠକରେ ପ୍ରସ୍ତାବ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ କମିଟି ଅଧକ୍ଷା ଏ. ଶ୍ରୀଦେବୀ ଅଧକ୍ଷତା କରିଥିଲେ। ନୂଆ ଉଦ୍ୟାନ ଖୋଲାଗଲେ ସେଠାରେ ଫୁଡ୍‌କୋର୍ଟ ରଖାଯିବ। ଫଳରେ ଲୋକମାନେ ଉଦ୍ୟାନ ଭ୍ରମଣ ସାଙ୍ଗକୁ ଖାଇବାର ମଜା ନେଇପାରିବେ। ଏ ସଂକ୍ରାନ୍ତରେ କାଉନସିଲ ବୈଠକରେ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସେହିଭଳି ଜୁନ୍‌ରୁ ନିଗମର ଦୋକାନ ଘରଗୁଡ଼ିକ ପାଇଁ ନୂଆ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ନୂତନ ଭଡ଼ା ନିର୍ଦ୍ଧାରଣ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ବଣ୍ଟନ କରାଯିବ। ପ୍ରତି ପରିବାରରୁ ଜଣେ ସଦସ୍ୟଙ୍କୁ ଦୋକାନ ଗୃହ ଦିଆଯିବ। ସେହିଭଳି ବିଜ୍ଞାପନ ସଂସ୍ଥାଗୁଡିକ ସହ ମଧ ସିଏମ୍‌ସିର ଚୁକ୍ତିନାମାକୁ ନବୀକରଣ କରାଯିବ। ବିଜ୍ଞାପନ କ୍ଷେତ୍ରରେ ଏକାଧିକ ନୂତନ ବ୍ୟବସ୍ଥା ଆଣି ନୂଆ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ବୈଠକରେ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏହାବ୍ୟତୀତ କଟକ ଇନ୍ କଟକର ଉନ୍ନତୀକରଣ କରିବାକୁ ଯୋଜନା ହୋଇଛି। ଗତ ଆର୍ଥିକ ବର୍ଷରେ ସିଏମ୍‌ସି ଲକ୍ଷ୍ୟଠାରୁ ଅଧିକ ରାଜସ୍ୱ ଆଦାୟ କରିବାରେ ସଫଳ ହୋଇଥିଲା। ତେଣୁ ଚଳିତ ଆର୍ଥିକ ବର୍ଷରେ ଆହୁରି ଅଧିକ ଟିକସ ଏବଂ ଲାଇସେନ୍ସ ବାବଦକୁ ରାଜସ୍ୱ କିଭଳି ଆଦାୟ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ କମିଟିର ସଦସ୍ୟ ସ୍ୱର୍ଣ୍ଣପ୍ରଭା ପଶାୟତ, ପୁଷ୍ପିତା ମହାନ୍ତି, ବସନ୍ତ ବେହେରା, ପ୍ରଦୀପ ସାହୁ, ରବିନାରାୟଣ ସାହୁ, ଡେପୁଟି କମିଶନର ଅମିୟ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଶନିବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ହୋଟେଲରେ ଚଢ଼ାଉ, ୫୦ କେଜି ଖାଦ୍ୟ ନଷ୍ଟ

କଟକ ଅଫିସ, ୨୯।୪

କଟକ ସଦର ବ୍ଲକ ଅନ୍ତର୍ଗତ ଭାଣପୁରଠାରେ ଥିବା କଟକୀ ଢାବା ଏକ୍ସପ୍ରେସ ହୋଟେଲରେ ଶନିବାର କଟକ ମହାନଗର ନିଗମ (ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଯାଞ୍ଚବେଳେ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଥିଲା। ତେଣୁ ସେଠାରୁ ୫୦ କେଜି ବାସି ଖାଦ୍ୟ ଜବତ କରି ନଷ୍ଟ କରାଯାଇଥିଲା। ଏଥିସହ ଉକ୍ତ ହୋଟେଲ ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉକ୍ତ ହୋଟେଲକୁ ନିକଟସ୍ଥ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସମେତ ସ୍ଥାନୀୟ ଲୋକେ ଖାଇବାକୁ ଆସିଥାନ୍ତି। ହେଲେ ଏଠାରେ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଫଳରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ବିନା ବାଣିଜ୍ୟ ଲାଇସେନ୍ସରେ ଦୋକାନ ପରିଚାଳିତ ହେଉଥିବାବେଳେ ଖାଦ୍ୟ ନିରାପତ୍ତା ନିୟମକୁ ଉଲ୍ଲଂଘନ କରାଯାଇ ବ୍ୟବସାୟ କରାଯାଉଥିବା ଯାଞ୍ଚବେଳେ ଜଣାପଡ଼ିଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁ ମଜୁମଦାର ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ସାମିଲ ହୋଇଥିଲା।

# ନାଟକ 'କାହାକୁ କହିବା ଶିକ୍ଷିତ' ମଞ୍ଚସ୍ଥ

**ପ୍ରଦ୍ୟୁମ୍ନ ଲେଙ୍କା ପାଇଲେ ଅନ୍ନପୂର୍ଣ୍ଣା ସମ୍ମାନ**

କଟକ ଅଫିସ,୨୯।୪

ପୁଅକୁ ମଣିଷ କରିବା ପାଇଁ ବାପା ଜୀବନରେ ଅନେକ କଷ୍ଟ କରେ। ଆଶା ଥାଏ ପୁଅ ପାଠ ପଢ଼ି ଚାକିରି କରିବ। ବାପାମାଆଙ୍କୁ ସୁଖରେ ରଖିବ। ମାତ୍ର ଉଚ୍ଚଶିକ୍ଷିତ ପୁଅ ବିଦେଶରେ ଚାକିରି କଲାପରେ ନିଜ ମାଆବାପା, ଭାଇ-ବନ୍ଧୁ, ସାହି-ପଡ଼ିଶା, ଜନ୍ମମାଟିକୁ ଭୁଲିଯାଏ। ଏଭଳି ପରିସ୍ଥିତି ହୁଏ ମାଆବାପାଙ୍କ ମୁହଁରେ ନିଆଁ ଦେବାକୁ ବି ପୁଅ ଆସି ନ ଥାଏ। ମାତ୍ର ଏମିତି ପୁଅ ଅଛନ୍ତି ପ୍ରକୃତ ଶିକ୍ଷିତ ଭଳି ସ୍ୱଳ୍ପ ଦରମାରେ ନିଜ ମାଆବାପା ଓ ଅନ୍ୟମାନଙ୍କର ସେବା କରିଥାନ୍ତି। ଶେଷରେ ଉଚ୍ଚ ଶିକ୍ଷିତ ପୁଅ ପ୍ରକୃତ ସଂସ୍କାରୀ ପୁଅ ନିକଟରେ ହାର ମାନିଥାଏ। ଏଭଳି ଏକ କଥାବସ୍ତୁକୁ ନେଇ ଅନ୍ନପୂର୍ଣ୍ଣା ଥିଏଟର-ବି ଗ୍ରୁପ ଦ୍ୱାରା ପ୍ରାୟୋଜିତ ନାଟକ 'କାହାକୁ କହିବି ଶିକ୍ଷିତ' ଶନିବାର ବାରପଥରସ୍ଥିତ ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଥିଲା। ସାମ୍ବାଦିକ ଆଲୋକ ନାୟକଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ହେମନ୍ତ କୁମାର ଦାଶ ଓ ବିନୟ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ସ୍ୱପ୍ନାରାଣୀ ପାତ୍ର, ଚନ୍ଦନ ସାହୁ, ସୁଜିତ୍ ଦାସ, ସୁଭଦ୍ରା ମହାରଣା, ଦୁର୍ଯ୍ୟୋଧନ ବେହେରା, ପ୍ରିୟା ପାତ୍ର, ଚିଣ୍ଟନ ଦାସ, ରଜତ ନାୟକ, ସୌମ୍ୟାଶ୍ରୀ ଦାଶ, ଚୌଧୁରୀ ଶାଶ୍ୱତ ପାତ୍ର, ଅବିନାଶ ପ୍ରଧାନ, ସନ୍ତୋଷ ପାତ୍ର, ତାରାପ୍ରସାଦ ମହାପାତ୍ର, ଆଶିଷ ମହାନ୍ତି, ରଶ୍ମୀରଞ୍ଜନ ସାହୁ ପ୍ରମୁଖ ଅଭିନୟ କରିଥିଲେ। ଅନ୍ନପୂର୍ଣ୍ଣା ଥିଏଟରର ସଭାପତି ପ୍ରଣବ କର ଓ ସମ୍ପାଦିକା ଆହ୍ଲାଦିନୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇଥିଲେ। ଏହି ଅବସରରେ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଅନ୍ନପୂର୍ଣ୍ଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଶୋକ ଦଳାଇ, ରଶ୍ମିତା ପରିଜା, ମହମ୍ମଦ ସଫିଉଲ ହକ୍, ଅଶୋକ ମହାନ୍ତି, ବସନ୍ତ ଦାସ, ଅଶୋକ ସାହୁ, ଜଳନ୍ଧର ମହାନ୍ତି, ଜଗନ୍ନାଥ ମହାନ୍ତି, ଛବି ସାହୁ, ଆଶିଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ନାଟକ 'କାହାକୁ କହିବା ଶିକ୍ଷିତ'ର ଏକ ଦୃଶ୍ୟ।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲଦଣ୍ଡ

**ପୀଡ଼ିତାଙ୍କୁ ୪ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ**

କଟକ ଅଫିସ,୨୯।୪

ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଶନିବାର ଜଣେ ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଅଶୋକ କୁମାର ପହି ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ଚୌଦ୍ୱାର ଥାନା ଅଧୀନ ରାମଚନ୍ଦ୍ରପୁର ବେରେଣାରେ ରହୁଥିବା ରାଇରଙ୍ଗପୁର ଥାନା ଅନ୍ତର୍ଗତ ଉଗଡିହ ଗ୍ରାମର ଚନ୍ଦନ ପୂର୍ତ୍ତି(୨୯)। ଅପରପକ୍ଷରେ ରାଜ୍ୟ ଆଇନସେବା ପ୍ରାଧିକରଣ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ ଜୁନ୍ ୧୬ ଅପରାହ୍ନ ପ୍ରାୟ ୩ଟାରେ ଅଭିଯୁକ୍ତ ଜଣଙ୍କ ଚୌଦ୍ୱାର ନିକଟ ମାଛପଙ୍ଗୀ ଜଙ୍ଗଲକୁ ନାବାଳିକାଙ୍କୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ନିକଟସ୍ଥ ଲୋକେ ଧନୁ, ତୀର ଧରି ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ଜାଣିବା ପରେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୫୬/୨୦୧୬)ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ୨୦୧୬ ଜୁନ୍ ୧୮ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୬ ନଭେମ୍ବର ୩୦ରେ ପୋଲିସ ମାମଲାର ଚାର୍ଜସିଟ୍ ଦାଖଲ କରିଥିଲା। ଅଦାଲତ ଜାମିନ ମଞ୍ଜୁର ନ କରିବାରୁ ଅଭିଯୁକ୍ତ ଅଦ୍ୟାବଧି ୬ ବର୍ଷ ୧୦ ମାସ ଜେଲ୍‌ରେ କଟାଇ ସାରିଲେଣି। କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ୧୮ ଜଣ ସାକ୍ଷୀ ଓ ୪୯ଟି ପ୍ରମାଣ ଆଧାରରେ ମାମଲାର ଶୁଣାଣି ଶେଷ ହୋଇ ବିଚାରପତି ଗତ ୨୦ରେ ରାୟ ସଂରକ୍ଷିତ ରଖିଥିଲେ। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ଓ ଗୋପୀନାଥ ସାହୁ ମାମଲା ପରିଚାଳନା କରୁଥିଲେ।

# ଗାଡ଼ି ଧକ୍କାରେ ବାପ, ଝିଅ ଗୁରୁତର

ମଙ୍ଗୁଳି-ଜଗତ୍‌ପୁର,୨୯।୪(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ପଣ୍ଡା ହୋଟେଲ ନିକଟରେ ଗାଡ଼ି ଧକ୍କାରେ ବାପଝିଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଭଗତପୁରର ଉପେନ୍ଦ୍ର ସାହୁ ଓ ଶୁଭଶ୍ରୀ ସାହୁ। ଶନିବାର ଅପରାହ୍ନରେ ଉପେନ୍ଦ୍ର ତାଙ୍କ ଝିଅ ଶୁଭଶ୍ରୀଙ୍କୁ ସ୍କୁଟିରେ ବସାଇ ଲୁଗା କିଣିବା ପାଇଁ ଭଗତପୁରରୁ ଟାଙ୍ଗୀ ଯାଉଥିବାବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ମୁଣ୍ଡରେ ଆଘାତ ଲାଗିବାରୁ ସେମାନଙ୍କୁ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ଟାଙ୍ଗୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

# ବାକି କାମ ତୁରନ୍ତ ଶେଷ କର

**ଶିକ୍ଷା, ସଂସ୍କୃତି ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକ**

କଟକ ଅଫିସ, ୨୯।୪

କଟକ ମହାନଗର ନିଗମ (ସିଏମ୍‌ସି) ଶିକ୍ଷା, ସଂସ୍କୃତି ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକ ଶନିବାର ସିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାଣ୍ଡିଂ କମିଟି ଅଧକ୍ଷା ମୋନାଲିସା ଦାସ ଯୋଗଦେଇ ଉଦ୍ୟାନର ଯାଞ୍ଚ ରିପୋର୍ଟକୁ ଅନୁଧ୍ୟାନ କରିବା ସହିତ ବାକି ଥିବା ୬୦ ପ୍ରତିଶତ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଶିକ୍ଷା, ସଂସ୍କୃତି ସ୍ଥାୟୀ କମିଟିର ଗତ ମାସ ନିଷ୍ପତ୍ତି ଅନୁସାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନା (ମୁକ୍ତା)ରେ ଉଦ୍ୟାନଗୁଡ଼ିକରେ କେତେ ପ୍ରତିଶତ କାମ ହୋଇଛି ନା ନାହିଁ ସେ ସଂକ୍ରାନ୍ତରେ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ୬୦ ପ୍ରତିଶତ କାମ ବାକି ରହିଥିବା ଜଣାପଡ଼ିଛି। ତେଣୁ ପାର୍କଗୁଡ଼ିକର ସୌନ୍ଦର୍ଯ୍ୟକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଉଦ୍ୟାନଗୁଡ଼ିକରେ ବିଭିନ୍ନ କିସମର ଚାରା ରୋପଣ କରାଯିବ। ଏଥିପାଇଁ ସହରରେ ଥିବା ବିଭିନ୍ନ ଉଦ୍ୟାନରେ ବର୍ଷାଦିନ ପୂର୍ବରୁ ମାଟି ପକାଯିବାକୁ ଆଲୋଚନା ହୋଇଥିଲା। ଆବଶ୍ୟକ ଥିବା ନୂଆ ଯନ୍ତ୍ରାଂଶ କ୍ରୟ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଉଦ୍ୟାନଗୁଡ଼ିକରେ ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ ପାଇଁ ଦୁଇଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଏହି ବୈଠକରେ କର୍ପୋରେଟର ମମତା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, ସୌଭାଗିନୀ ଜେନା, ରୀତାଞ୍ଜଳି ବେହେରା, କ୍ୟୁରେଶା ନୂରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇଥିଲେ।

# 'ବିଜ୍ଞାନକୁ ଲୋକପ୍ରିୟ କରିବାରେ ଗୋକୁଳାନନ୍ଦଙ୍କ ଅବଦାନ ଅବିସ୍ମରଣୀୟ'



ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ**

କଟକ ଅଫିସ, ୨୯।୪

ଲୋକପ୍ରିୟ ବୈଜ୍ଞାନିକ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ ଉତ୍ସବ କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜନ୍ମଶତବାର୍ଷିକୀ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ. ଗିରିଜାନନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଜଷ୍ଟିସ୍ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଉଦ୍‌ଘାଟନ କରି କହିଥିଲେ, ବିଜ୍ଞାନକୁ ଲୋକପ୍ରିୟ କରାଇବାରେ ଡ. ଗୋକୁଳାନନ୍ଦଙ୍କ ଅବଦାନ ଅବିସ୍ମରଣୀୟ। ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ରାଉଳ ଯୋଗଦେଇ କହିଥିଲେ, ଶିକ୍ଷାବିତ୍ ସହିତ ବିଜ୍ଞାନର ପ୍ରତ୍ୟେକ ବିଭାଗରେ ପ୍ରଫେସର ମହାପାତ୍ର ପାଣ୍ଡିତ୍ୟ ଅର୍ଜନ କରିଥିଲେ। ସମ୍ମାନିତ ଅତିଥି ସାହିତ୍ୟିକ ଇଂ. ପ୍ରଭାକର ସ୍ୱାଇଁ କହିଥିଲେ, ଜଣେ ବିଜ୍ଞାନୀ, ଗବେଷକ ଓ ଶିକ୍ଷାବିତ୍ ଭାବରେ ଗୋକୁଳାନନ୍ଦ ଭାରତବର୍ଷରେ ସୁବିଦିତ ଥିଲେ। ତପସ୍ୱିନୀ ପୃଷ୍ଟି, ବି.ଏନ୍. ବିଜୟଶ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବାହ୍ନର ବିଭିନ୍ନ ସ୍ମାରକୀ ବକ୍ତୃତାମାଳାରେ ମୁମ୍ବାଇ ଆଇଆଇଟିର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଡକ୍ଟର ସନ୍ତୋଷ ଜେ. ଘରପୁରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଇଂ. ମାୟାଧର ସ୍ୱାଇଁ, ଡ. ଚିତ୍ତରଞ୍ଜନ ମିଶ୍ର, ଡ. ନିତ୍ୟାନନ୍ଦ ସ୍ୱାଇଁ, ଡ. ସଞ୍ଜୟ କୁମାର ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଜନ୍ମଶତବାର୍ଷିକୀ ଉଦ୍‌ଯାପନୀ ସମାରୋହର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଜିଏନ୍‌ଏମ୍ ଫାଉଣ୍ଡେଶନର ସଭାପତି ପ୍ରଫେସର ନିରଞ୍ଜନ ତ୍ରିପାଠୀ, ଉପସଭାପତି ଡକ୍ଟର ପ୍ରମୋଦ କୁମାର ମହାପାତ୍ର, ଶତବାର୍ଷିକୀ କମିଟିର ସଭାପତି ପ୍ରଫେସର ସତ୍ୟବାନ ଜେନା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।


ଗ୍ରହରାଜ ଶନିଦେବଙ୍କ ଜନ୍ମଦିବସରେ ଶନିବାର କଟକ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ନିକଟରେ ଥିବା ଶନିଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଳୁମାନେ ଜଳଲାଗି କରୁଛନ୍ତି।


କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।



ବିଶ୍ୱ ନୃତ୍ୟ ଦିବସ ପାଳନ ଅବସରରେ ଶନିବାର କଟକସ୍ଥିତ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପରିସରରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀନୃତ୍ୟ।

**ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୩୭୯ ଛାତ୍ରଛାତ୍ରୀ**

**ବୋଲଗଡ଼,(ଡି.ଏନ୍.ଏ.):** ଖୋର୍ଦ୍ଧାର ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଚଳିତ ବର୍ଷ ୮୦ଟି ସିଟ୍‌ରେ ପାଠ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ବିଭିନ୍ନ ବ୍ଲକରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକର ଆବେଦନ କରିଥିବା ମୋଟ୍ ୫୨୨ ଛାତ୍ରଛାତ୍ରୀଙ୍କ ନିମନ୍ତେ ସଦର ମହକୁମାରେ ଦୁଇଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା। ତେବେ ଏହି ପରୀକ୍ଷାରେ ୩୭୯ ଜଣ ଅଂଶଗ୍ରହଣ କରିଥିବା ବେଳେ ୧୪୩ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ପ୍ରବେଶିକା ପରୀକ୍ଷା ହୋଇଥିଲା। ବିଇଓ ଡ. ନିରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ଏବିଇଓ ଦୁଇଟି ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷଣ କରିଥିଲେ।



## ସଂକ୍ଷେପରେ

### ୯୦୦ ଲିଟର ମଦ ଜବତ, ୧୨ ଶହ ଲିଟର ପୋଚ ନଷ୍ଟ



**ବାଲୁଗାଁ,୨୯।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଅବକାରୀ ସ୍କ୍ୱାଡ୍ ଶନିବାର ଚଢ଼ାଉ କରି ବାଣପୁରସ୍ଥିତ ଶାଳିଆ ଡ୍ୟାମ୍ ନିକଟରେ ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ୧୨ଶହ ଲିଟର ପୋଚ ନଷ୍ଟ କରିବା ସହ ୯ଶହ ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ପ୍ରକାଶ ଯେ, ବାଣପୁର ଥାନା ଅଧୀନ ଶାଳିଆ ଡ୍ୟାମ୍ ଏବଂ କୋଶରଡ଼ା ଜଙ୍ଗଲ ଅଞ୍ଚଳ ଦେଶୀ ରନ୍ଧା ମଦର ପେଣ୍ଠସ୍ଥଳୀ ପାଲଟିଛି। ପୋଲିସ ଓ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି ବ୍ୟବସାୟ ବନ୍ଦ ହୋଇପାରୁନାହିଁ । ଏପରିସ୍ଥଳେ ଜିଲାପାଳ ଏବଂ ଅବକାରୀ ଏସ୍‌ପି ଯଶକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ସ୍କ୍ୱାଡ୍ ମିଳିତଭାବେ ଶନିବାର ଶାଳିଆ ଡ୍ୟାମ୍ ନିକଟ ବେଆଇନ ମଦଭାଟି ଉପରେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ପୂର୍ବରୁ ସମ୍ପୃକ୍ତ ମଦ ପ୍ରସ୍ତୁତକାରୀମାନେ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ଖୋର୍ଦ୍ଧା ରେଞ୍ଜ୍ ଅବକାରୀ ନିରୀକ୍ଷକ ଭୈରବ ସାହୁ, ଟାଙ୍ଗୀ ଅବକାରୀ ନିରୀକ୍ଷକ ଆଲୋକ ପ୍ରଧାନ, ଜିଲା ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷକ ନୀଳିମା ଜୟନ୍ତୀ ସ୍ୱାଇଁ, ବାଲୁଗାଁ ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେଣ, ଖୋର୍ଦ୍ଧା ସଦର ଅବକାରୀ ଅଧିକାରୀ ରଞ୍ଜନ ଦାସ, ବେଗୁନିଆ ଅବକାରୀ ଅଧିକାରୀ ରାଜେନ୍ଦ୍ର ଖେସ୍ ଏବଂ ଅବକାରୀ କର୍ମଚାରୀ ରତ୍ନାକର ଜାଲିଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ।

### ଭାଗବତ ସପ୍ତାହ କାର୍ଯ୍ୟକ୍ରମ

**ବେଗୁନିଆ,୨୯।୪(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ବାଘମାରୀ ଗ୍ରାମସ୍ଥିତ ବଡ଼ସାହି ଶ୍ରୀଭାଗବତ ବାସୁଦେବଙ୍କ ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଭାଗବତ ପଠନ ଓ ଚର୍ଚ୍ଚା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଯଜ୍ଞବେଦି ପରିସରରେ ବସିଥିବା ଶ୍ରଦ୍ଧାଳୁମାନେ ଦୈନିକ ଏକ ବକତିଆ ହବିଷ ଅନ୍ନ ସେବନ କରି ଭାଗବତ ପଠନ କରୁଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ନିଃସୃତ ବାଣୀ ଓ ଭାଗବତ ପଠନରେ ସମସ୍ତ ପାପ ଓ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜଗନ୍ନାଥ ଦାସଙ୍କ କୃତ ପବିତ୍ର ଏହି ଗ୍ରନ୍ଥରେ ଭଗବାନଙ୍କ ନାମ, ଲୀଳା, ଧାମ, ରୂପ ଏବଂ ମାହାତ୍ମ୍ୟ ଆଦିର ବର୍ଣ୍ଣିତ ପଦକୁ ପାଠ କଲେ କର୍ଣ୍ଣକୁ ସ୍ମୃତିମଧୁର ସହିତ ଜୀବନର ପରମ ଶାନ୍ତି ମିଳୁଛି ବୋଲି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ଅସିତ୍ କୁମାର ପଣ୍ଡା, ନାରାୟଣ ପଣ୍ଡା, କୁଳମଣି ସାମନ୍ତରାୟ, ପ୍ରତାପ କୁମାର ପଣ୍ଡା, କଳ୍ପତରୁ ପଣ୍ଡା ପ୍ରମୁଖ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

**ଜଟଣୀ,୨୯।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁରସ୍ଥିତ ଆଖଣ୍ଡଳମଣି ଦେବଙ୍କ ମନ୍ଦିର ପରିସରରେ ବିରାଜିତ ଶନିଦେବଙ୍କ ଅଷ୍ଟମ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମସ୍ତ ରୀତିନୀତି ଅନୁଯାୟୀ ମୁଖ୍ୟ ପୁରୋଧା ସୁରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ପଣ୍ଡିତ ଧିରେନ ମହାପାତ୍ର, ସନ୍ତୋଷ ଦାଶ ପ୍ରମୁଖ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ଜଳଯାତ୍ରା, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ ଆଦି କରାଯାଇଥିଲା। ଶନିବାର ଶନିଦେବଙ୍କ ତୈଳ ଅଭିଷେକ, ଷୋଡ଼ଶ ଉପଚାର ପୂଜା, ଆଳତି ଓ ପୁଷ୍ପାଞ୍ଜଳି ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ବୀରେନ୍ଦ୍ର କୁମାର ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ କର୍ତ୍ତାଭାବେ ଯୋଗଦେଇଥିଲେ। ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାମାଜିକ କର୍ମୀ ନନ୍ଦକିଶୋରଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୯।୪:** ଖୋର୍ଦ୍ଧା ତଳସାହି ନିବାସୀ ସାମାଜିକ କର୍ମୀ ତଥା ପୂର୍ବତନ ବ୍ୟାଙ୍କ ଅଧିକାରୀ ନନ୍ଦକିଶୋର ଲାଲାଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ୍ ରାୟ, ଦୁର୍ଗାମାଧବ ପୂଜା କମିଟିର ସଭାପତି ମଦନ ମୋହନ ରାମ, ସମ୍ପାଦକ ଗୋପାଳକୃଷ୍ଣଙ୍କ ସମେତ କମିଟି ସଦସ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଗର କ୍ଲବର ସଦସ୍ୟ ଓ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଶୋକସଭା ହୋଇଥିଲା। ଅବସର ପରେ ନନ୍ଦକିଶୋର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ। ପୁରୁଣା ଦମକଳ ଛକ ଦୁର୍ଗାମାଧବ ମଣ୍ଡପସ୍ଥ ଦଶହରା ଉତ୍ସବ କମିଟି ସହ ମଧ ଜଡ଼ିତ ରହିଥିଲେ। ତାଙ୍କ ପୁଅ ମାନସ ରଞ୍ଜନ ମୁଖାଗ୍ନି ଦେଇଥିଲେ ।

# ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର, ସୌନ୍ଦର୍ଯ୍ୟକରଣ ହେବ

**ଖୋର୍ଦ୍ଧା ଅଫିସ,୨୯।୪**



ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିକୁ ଗାଡ଼ିରେ ନିଆଯାଉଛି।

ପଞ୍ଚ ପାଇକ ଏବଂ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଶନିବାର ସ୍ଥାନାନ୍ତରିତ ହୋଇଛି। ଗଡ଼ଖୋର୍ଦ୍ଧା ଛକରୁ ପୂର୍ବ ନିର୍ଦ୍ଧାରିତ ସ୍ଥାନକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। ଗଡ଼ଖୋର୍ଦ୍ଧା ଛକରୁ ଶହେମିଟର ଦୂରରେ ଏଥିଲାଗି ଏକ ପିଣ୍ଡି ବ୍ୟବସ୍ଥା କରାଯାଇଛି। ପାଇକ ବିଦ୍ରୋହର ପୁରୋଧା ଜୟୀ ରାଜଗୁରୁ, କର୍ଣ୍ଣଧାର ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ(ତାପଙ୍ଗ ଦଳବେହେରା) ଓ କୃପାସିନ୍ଧୁ ପାଟଶାଣୀଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଛି। ମୂର୍ତ୍ତି ସ୍ଥାନାନ୍ତର ବେଳେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ସମେତ ବିଭାଗୀୟ ଅଧିକାରୀ, ରାଜପଥ କର୍ତ୍ତୃପକ୍ଷ, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି, ସ୍ଥାନୀୟ ବୁଦ୍ଧିଜୀବୀ, ବିଭିନ୍ନ ପାଇକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିସହିତ ଅନ୍ୟ ଦୁଇଟି ପ୍ରତିମୂର୍ତ୍ତି ସେଠାରୁ ସ୍ଥାନାନ୍ତର କରାଯାଇ ସଂସ୍କୃତି ଭବନ ପରିସରକୁ ନିଆଯାଇଛି। ଅନ୍ୟପଟେ ଜାତୀୟ ରାଜପଥର ପଲ୍ଲା ଛକରେ ଥିବା ବକ୍ସିଙ୍କ ପ୍ରତିମୂର୍ତ୍ତି ପ୍ରସ୍ତାବିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଗଡ଼ଖୋର୍ଦ୍ଧା ଛକରେ ପଞ୍ଚ ପାଇକ ଏବଂ ପଲ୍ଲା ଛକ ରାଜପଥରେ ଏକ ବକ୍ସିଙ୍କ ଘୋଡ଼ା ଉପରେ ଯୋଦ୍ଧା ବେଶରେ ଏକ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ତେବେ ରାଜପଥ ନିକଟରେ ଏହି ପ୍ରତିମୂର୍ତ୍ତି ରହିଥିବାରୁ ଉକ୍ତ ସ୍ଥାନ ସମ୍ପ୍ରସାରିତ ହେବା ନେଇ ବାଧା ସୃଷ୍ଟି ହୋଇଥିଲା। ତେଣୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ରାଜପଥ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଏନେଇ କିଛି ମାସ ପୂର୍ବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଜନପ୍ରତିନିଧି ଏବଂ ତତ୍କାଳୀନ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ସର୍ବସମ୍ମତିକ୍ରମେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ଜାଗା ଚିହ୍ନଟ କରାଯାଇଥିଲା। ପ୍ରସ୍ତାବିତ ସ୍ଥାନର ବିକଶିତ ପରେ ଶନିବାର ବିଧିବଦ୍ଧଭାବେ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଛି। ଏନେଇ ଉପଜିଲାପାଳ ସେଠୀ କୁହନ୍ତି, ପଞ୍ଚପାଇକ ଏବଂ ବକ୍ସିଙ୍କ ପ୍ରତିମୂର୍ତ୍ତି ନିର୍ଦ୍ଧାରିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସୌନ୍ଦର୍ଯ୍ୟକରଣ କରାଯିବ। ଉଦ୍ୟାନ ସହିତ ଆଲୋକୀକରଣ କରାଯିବ। ଏଥିସହିତ ପଲ୍ଲା ଛକ ପାର୍ଶ୍ୱରେ ପ୍ରସ୍ତୁତ ହୋଇଥିବା ପିଣ୍ଡିକୁ ବକ୍ସିଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଛି। ଏହାର ସୌନ୍ଦର୍ଯ୍ୟକରଣ ସହ ଆଲୋକୀକରଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ଶ୍ରୀଚନ୍ଦନ କୁହନ୍ତି, ଏହି ପଞ୍ଚ ପାଇକ ଇଂରେଜ ସରକାରଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମର ବୀଜ ବୁଣିଥିଲେ। ଯାହା ପରବର୍ତ୍ତୀ ସମୟରେ ପାଇକ ବିଦ୍ରୋହ ଭାବେ ଖ୍ୟାତିଲାଭ କରିଛି। ଭାରତୀୟ ସଂଗ୍ରାମରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ମାନ୍ୟତା ଦିଆଯାଇଛି। ସୂଚନାଥାଉ କି, ୧୯୯୯ ଡିସେମ୍ବର ୬ରେ ସଂସ୍କାର ଭାରତୀ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ଗଡ଼ଖୋର୍ଦ୍ଧା ଛକରେ ଏହି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ସେତେବେଳେ ଦିଲୀପ ଶ୍ରୀଚନ୍ଦନ ବିଧାୟକ ରହିଥିବା ବେଳେ ବିଶିଷ୍ଟ ଚିତ୍ରଶିଳ୍ପୀ ସରୋଜ ଭଞ୍ଜ ଏହି ପ୍ରତିମୂର୍ତ୍ତି ପ୍ରସ୍ତୁତ କରିଥିଲେ।

### ଏମ୍‌ପିଙ୍କ ଦ୍ୱାରା ବାଲିପାଟପୁର ନଈ ଖନନର ଶୁଭାରମ୍ଭ

**ଟାଙ୍ଗୀ(ଖୋର୍ଦ୍ଧା)୨୯।୪(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ଅଧୀନ ବାଲିପାଟପୁର ଗ୍ରାମର ମତ୍ସ୍ୟଜୀବୀମାନେ ଚିଲିକାରୁ ମାଛ ଧରି ପରିବାର ଚଳାଇଥାନ୍ତି। ତେବେ ବାଲିପାଟପୁର ନଈ ମୁହାଁଣ ଦଳରେ ଭର୍ତ୍ତିହେବା ସହ ପୋତିହୋଇଯିବାରୁ ମତ୍ସ୍ୟଜୀବୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନଈ ଖନନ ନେଇ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ତେବେ ଶନିବାର ନଈ ଖନନ ପାଇଁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସାଂସଦ ପାଣ୍ଠିରୁ ୬କୋଟି ଟଙ୍କା ମଞ୍ଜୁର କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିପାଟପୁର ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ବେହେରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଏମ୍‌ପିଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ହେମନ୍ତ ବେହେରା, ଚିଲିକା ମତ୍ସ୍ୟଜୀବୀ କେନ୍ଦ୍ରୀୟ ସମବାୟ ସମିତି ସଭାପତି ଦେବେନ୍ଦ୍ର ବେହେରା, ସଭ୍ୟ ଅଜୟ ବେହେରାଙ୍କ ସମେତ ବାଲିପାଟପୁର ସରପଞ୍ଚ ଭାବି ବେହେରା, ତ୍ରିନାଥ ବେହେରା, ଅନାଦି ବେହେରା, ଶ୍ୟାମସୁନ୍ଦର ବେହେରା, ତପନ ବେହେରା ଏବଂ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଖୋର୍ଦ୍ଧା: ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଶନିବାର ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

**ଖୋର୍ଦ୍ଧା ଅଫିସ,୨୯।୪**

ଖୋର୍ଦ୍ଧା ଜିଲା ପ୍ରାଣୀଧନ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ସମ୍ମିଳନୀ କକ୍ଷରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଉପଖଣ୍ଡ ବନ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ ଯୋଗଦେଇ ପ୍ରାଣୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଚିକିତ୍ସକଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବୈଜ୍ଞାନିକ ଡ. ସୂର୍ଯ୍ୟକାନ୍ତ ମିଶ୍ର ଯୋଗଦେଇ ପ୍ରାଣୀ ପାଳକଙ୍କ ହିତରେ ରୂପାନ୍ତରିତ, ନିରପେକ୍ଷ ଓ ବିସ୍ତୃତ ପ୍ରାଣୀ ଚିକିତ୍ସା ସେବା ଉପରେ ବିବରଣୀ ରଖିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବୀଦତ୍ତ ମାଝି ସ୍ୱାଗତ ଭାଷଣ ଦେବା ସହିତ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଜିଲାର ସଫଳ ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରାଣୀ ପାଳକଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ପ୍ରାଣୀ ଚିକିତ୍ସାଳୟ ଖୋର୍ଦ୍ଧା ଉପନିର୍ଦ୍ଦେଶକ ଡ. ମାନସ କୁମାର ଚାନ୍ଦ, ଡ. ପ୍ରଜ୍ଞା ପାରମିତା ହରିଚନ୍ଦନ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦେବେନ୍ଦ୍ର ସୋଲାଙ୍କି, ଡ. ସଞ୍ଜୀବନୀ ପଟେଲ, ଡ. ସୁଶ୍ରୀ ମୋନାଲିସା ଖଟୁଆ, ଡ. ସମାପିକା ମହାପାତ୍ର ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଏହି ଦିବସ ପାଳନ ଅବସରରେ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟଠାରେ ଜଳାତଙ୍କ ରୋଗର ଟିକାକରଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ପ୍ରାଣୀପାଳକ ଓ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ, ଡାକ୍ତର, ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ଏକ ପଦଯାତ୍ରା ହୋଇଥିଲା। ଏହାକୁ ଡ. ରଶ୍ମିକାନ୍ତ ପାଲଟାସିଂ ଏବଂ ଡ. ପ୍ରଜ୍ଞା ହରିଚନ୍ଦନ ପରିଚାଳନା କରିଥିଲେ।

### ସତ୍ୟନାରାୟଣ ପରମାନନ୍ଦ କଲେଜ ପରିଚାଳନା କମିଟି ସଭାପତି

**ବୋଲଗଡ଼, ୨୯।୪ (ଡି.ଏନ୍.ଏ.)**



ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୭୭୬୦/ ୨୮.୪.୨୩ ଅନୁଯାୟୀ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ଡ. ସତ୍ୟନାରାୟଣ ରଥ ମନୋନୀତ ହୋଇଛନ୍ତି। ଏହି ପଦବୀ ଦୀର୍ଘଦିନ ଧରି ଖାଲି ରହିବା ଫଳରେ କଲେଜର ଶିକ୍ଷା ଓ ଉନ୍ନୟନ କ୍ଷେତ୍ରରେ ଅସୁବିଧା ହେଉଥିଲା। ରଥ ଏହି ମହାବିଦ୍ୟାଳୟରୁ ଆରମ୍ଭ କରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ନୟାଗଡ଼ ପ୍ରଜାମଣ୍ଡଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଜଣାଶୁଣା। ସେ ମଧ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ମାନ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ରଚନା କରିଛନ୍ତି।

# ‘ସୁସ୍ଥ ଜୀବନଯାପନ ଚାପକୁ ନିୟନ୍ତ୍ରଣ କରେ’

**ଖୋର୍ଦ୍ଧା ଅଫିସ,୨୯।୪**

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ବୃତ୍ତିରେ ମାନସିକ ଚାପ ନିୟନ୍ତ୍ରଣ ସମ୍ପର୍କିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଡିପିଏଚ୍‌ଓ ଡା. ପ୍ରଶାନ୍ତ କୁମାର ଦାସ, ମାନସିକ ରୋଗ ବିଶେଷଜ୍ଞ ଡା. ଆଲୋକ ଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ଷେତ୍ରରେ ଦେଖାଯାଉଥିବା ଦୈନନ୍ଦିନ ଚାପକୁ କିପରି ନିୟନ୍ତ୍ରଣ କରିବେ, ସେ ସମ୍ପର୍କରେ ବୁଝାଇଥିଲେ। ଜୀବନରେ ବହୁ ସମସ୍ୟା ଆସିପାରେ। ସମସ୍ୟାରୁ ମାନସିକ ଚାପ ବଢ଼ିଥାଏ। ତେବେ ଏଥିରେ ଭାଙ୍ଗି ନ ପଡ଼ି ସମସ୍ୟାର ସମ୍ମୁଖୀନ ହୁଅନ୍ତୁ। ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ଧୀର ସ୍ଥିର ଭାବେ ଶାନ୍ତ ଚିତ୍ତ ମନରେ କାମ କରନ୍ତୁ। ଅବସର ସମୟରେ ଉଦ୍ୟାନରେ ବୁଲିବା ଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ ଏବଂ କାମ କରିବାକୁ ଆନନ୍ଦ ଲାଗିଥାଏ। ମାନସିକ ଚାପର କିପରି ମୁକ୍ତି ପାଇବେ ସେ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ଆଲୋଚନା ସହ ପ୍ରୋଜେକ୍ଟ ମାଧ୍ୟମରେ ଏହାର ସମାଧାନ ସୂତ୍ର ସମ୍ପର୍କରେ ମାନସିକ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ବିଶେଷତଃ ସ୍ୱାସ୍ଥ୍ୟକର ଖାଦ୍ୟ, ନିୟମିତ ଶାରୀରିକ ପରିଶ୍ରମ, ଯୋଗ, ବ୍ୟାୟାମ ଅଭ୍ୟାସ, ପର୍ଯ୍ୟାପ୍ତ ମାତ୍ରାରେ ଶୋଇବା, କାର୍ଯ୍ୟରେ ମନ ନିୟୋଜିତ କଲେ ମାନସିକ ଚାପ କମିବା ସହ ଜଣେ ସୁସ୍ଥ ମଣିଷ ମାନସିକ ଚାପର ବଶବର୍ତ୍ତୀ ହେବେ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ସଙ୍ଗୀତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରକୁ ସମ୍ବିତ୍ କୁମାର ମହାପାତ୍ର ପରିଚାଳନା କରିଥିଲେ। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଏକାଧିକ ପ୍ରତିନିଧି ଉପସ୍ଥିତ ଥିଲେ।

# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଅଧିକାରୀ



ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ନିରାକାରପୁର,୨୯।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ରାଜଲକ୍ଷ୍ମୀ ପଣ୍ଡା ପରିଦର୍ଶନ କରି ଫେରିଛନ୍ତି। ସୂଚନା ମୁତାବକ, ୨୦୧୭ ମସିହାରୁ ଡିଆ ଏକ ନୂତନ ପଞ୍ଚାୟତଭାବେ କାର୍ଯ୍ୟକାରୀ ହୋଇଆସୁଥିଲେ ମଧ୍ୟ ଅଦ୍ୟାବଧି ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରହିଥିବା ମିଶନ ଶକ୍ତି ଗୃହରେ ଡିଆ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଛି। କିଛିଦିନ ପୂର୍ବେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଟାଙ୍ଗୀ ତହସିଲଦାରଙ୍କ ଉପସ୍ଥିତିରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିମନ୍ତେ ଜାଗା ଚିହ୍ନଟ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁଥିବା ବେଳେ ଆଜିପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ଏଥିସହ ଅଧିକାରୀମାନେ ଅମୃତ ସରୋବର ପୋଖରୀ କାର୍ଯ୍ୟ ବୁଲି ଦେଖିଥିଲେ। ଏନେଇ ବିଡିଓ ସାମନ୍ତରାୟ କୁହନ୍ତି, ପଞ୍ଚାୟତ ଗୃହ କାର୍ଯ୍ୟ କାହିଁକି ଆରମ୍ଭ ହୋଇପାରିନାହିଁ ତାହା ଦେଖିବାକୁ ଯାଇଥିଲି ବୋଲି ସେ କହିଛନ୍ତି।

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**ବାଲୁଗାଁ,୨୯।୪(ଡି.ଏନ୍.ଏ.)**

ବାଲୁଗାଁ ରେଲଷ୍ଟେଶନରୁ ସିଗ୍‌ନାଲ କେବୁଲ ତାର ଚୋରି ଅଭିଯୋଗରେ ରେଳ ସୁରକ୍ଷା ବାହିନୀ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲୁଗାଁ ଅଞ୍ଚଳର ମୋହନ ପ୍ରଧାନ ଏବଂ ଗଞ୍ଜାମ ଜିଲା ଭେଜିପୁଟ ଗ୍ରାମର ସୁନୀଲ ସାହୁ। ସୂଚନା ମୁତାବକ, ଗତ ଗୁରୁବାର ରାତିରେ ରେଲଓ୍ୱେ ଗୋଦାମ ଗୃହରୁ ସିଗ୍‌ନାଲ କେବୁଲ ଚୋରି ହୋଇଥିବା ନେଇ ଏକ ମାମଲା(ନଂ.୧/୨୩) ରୁଜୁ ହୋଇଥିଲା। ଆର୍‌ପିଏଫ୍ ଅଧିକାରୀ ଚନ୍ଦ୍ରକାନ୍ତ ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ ଜାରି ରଖିଥିଲା। ସିସି କ୍ୟାମେରାରୁ ଦୁର୍ବୃତ୍ତଙ୍କୁ ଚିହ୍ନଟ କରାଯାଇ ପ୍ରଥମେ ମୋହନଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ଏହି ଚୋରିରେ ସମ୍ପୃକ୍ତି ନେଇ ମୋହନ ସ୍ୱୀକାର କରିଥିଲା। ଏଥିସହ ମୋହନ ବିକ୍ରି କରିଥିବା ଭେଜିପୁଟ ଅଞ୍ଚଳର ସୁନୀଲଙ୍କଠାରୁ ମଧ କେବୁଲ ତାର ଜବତ କରାଯାଇଥିଲା। ପୂର୍ବରୁ ସାମଗ୍ରୀ ଚୋରି ହୋଇଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ଲାଗି ରେଲଓ୍ୱେ ପୋଲିସ ଉଦ୍ୟମ ଜାରି ରଖିଛି।

# ରାସେଶ୍ୱରୀ ଦେବୀଙ୍କ ସପ୍ତଦିବସୀୟ ପ୍ରବଚନ ଆରମ୍ଭ

**ଖୋର୍ଦ୍ଧା ଅଫିସ,୨୯।୪**



ବ୍ରଜ ଗୋପିକା ସେବା ମିଶନ ଖୋର୍ଦ୍ଧା ଏବଂ ଟାଙ୍ଗୀ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍‌ରେ ରାସେଶ୍ୱରୀ ଦେବୀଙ୍କ ସପ୍ତଦିବସୀୟ ପ୍ରବଚନର ଶୁଭାରମ୍ଭ ହୋଇଯାଇଛି। ରାଧେ ରାଧେ ଗୋବିନ୍ଦ ନାମ ସଂକୀର୍ତ୍ତନରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମାନବ ଜୀବନର ମହତ୍ୱ ଏବଂ ଈଶ୍ୱରତ୍ୱ ପ୍ରାପ୍ତି ସମ୍ପର୍କରେ ବୁଝାଇଥିଲେ ରାସେଶ୍ୱରୀ। ମାନବ ଜୀବନ ଶ୍ରେଷ୍ଠ ହୋଇଥିବା ବେଳେ କର୍ମ କରିବାର ଅଧିକାର ରହିଛି। ମନୁଷ୍ୟ ଭଲ ଓ ମନ୍ଦ ପରିଭାଷାକୁ ବୁଝିଥାଏ। ଭକ୍ତିରେ ସମର୍ପଣ ଭାବ ରହିଲେ ଈଶ୍ୱରତ୍ୱ ପ୍ରାପ୍ତି ହୋଇପାରିବ ବୋଲି କହିଥିଲେ। କର୍ମମୟ ଜୀବନରୁ ସମୟ ବାହାର କରି ପୂଜାପାଠ, ଧ୍ୟାନ କରନ୍ତୁ। ସମସ୍ତ ଦୁଃଖକଷ୍ଟ ଲାଘବ ହୋଇଯିବ। ଈଶ୍ୱରଙ୍କୁ ଭକ୍ତିରେ ଶକ୍ତି ରହିଛି ବୋଲି ବୁଝାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଡିଓ କ୍ଷୀରାବ୍ଧିତନୟା ସାହୁ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଦୀପ କୁମା ଦାସ, ଦୁର୍ଯ୍ୟୋଧନ ସାହୁ, ସୁଶାନ୍ତ ତ୍ରିପାଠୀ, ମନୋରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଇଜିଂ ଇଗଲ ବିଜୟୀ

**ବୋଲଗଡ଼,୨୯।୪(ଡି.ଏନ୍.ଏ.)**



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଫିଲ୍ଡ ଫାଇଟର ଓ ରାଇଜିଂ ଇଗଲ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫିଲ୍ଡ ଫାଇଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ବିନିମୟରେ ୭୯ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଇଗଲ ୮.୨ ଓଭରରେ ୩ ଉଇକେଟ ହରାଇ ୮୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ବୁବୁନା ଉତ୍ତମ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉମାକାନ୍ତ ମହାପାତ୍ର ଓ ବେବି ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ ଟୁର୍ନାମେଣ୍ଟ କମିଟି ପକ୍ଷରୁ ଡବ୍ଲୁ, ଟୁପୁନି, ମନ୍ଟୁ, କାଳିଆ, ଶିବୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ‘ପିଣ୍ଡି ଏକ ଦୁର୍ଗ ସଦୃଶ ରହିଥିଲା’

**ଖୋର୍ଦ୍ଧା ଅଫିସ,୨୯।୪**

- ସ୍ମୃତି ବଖାଣିଲେ ଚିତ୍ରଶିଳ୍ପୀ ସରୋଜ
- ଯୋଦ୍ଧା ବେଶରେ ରହିଛନ୍ତି ବକ୍ସି

ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା, ଏ ମାଟିର ଗର୍ବ ଓ ଗୌରବ। ଭାରତ ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଏହି ଐତିହାସିକ ସଂଗ୍ରାମ ପଛର ମହାନାୟକଙ୍କୁ ସମ୍ମାନ ଉଦ୍ଦେଶ୍ୟରେ ୧୯୯୯ ମସିହାରେ ଗଡ଼ଖୋର୍ଦ୍ଧା ଛକରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ସେହି ସମୟରେ ଏହି ପ୍ରତିମୂର୍ତ୍ତି ଏବଂ ପିଣ୍ଡି ନକ୍ସା ପ୍ରସ୍ତୁତ କରିଥିଲେ ଚିତ୍ରଶିଳ୍ପୀ ସରୋଜ ଭଞ୍ଜ। ଭୁବନେଶ୍ୱର ଖଣ୍ଡଗିରି କୋଲଥିଆ ଛକରେ ରୁହନ୍ତି ସରୋଜ। ଶନିବାର ଗଡ଼ଖୋର୍ଦ୍ଧା ଛକରୁ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ବେଳେ ଉପସ୍ଥିତ ଥିଲେ ସରୋଜ। ସେ ଅଭୁଲା ସ୍ମୃତିକୁ ସାଉଁଟିଥିଲେ। ଏନେଇ ସରୋଜ କୁହନ୍ତି, ତତ୍କାଳୀନ ଖୋର୍ଦ୍ଧା ବିଧାୟକ ଦିଲୀପ ଶ୍ରୀଚନ୍ଦନଙ୍କ ପରାମର୍ଶକ୍ରମେ ଏହି ପ୍ରତିମୂର୍ତ୍ତିର ନକ୍ସା, ଡାଏଗ୍ରାମ ପ୍ରସ୍ତୁତ କରିଥିଲି। ଏହାକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ୬ ମାସ ଲାଗିଥିଲା। ଯେପରି ମୂର୍ତ୍ତି ନିର୍ମାଣରେ କୌଣସି ଭୁଲ ରହି ନ ଯାଏ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇଥିଲି। ସେହି ସମୟରେ ଓଡ଼ିଶା ଓ ଖୋର୍ଦ୍ଧା ଇତିହାସ ଉପରେ ଗବେଷଣା କରୁଥିବା ବହୁ ଗବେଷକଙ୍କ ସହ ଆଲୋଚନା କରାଯାଇଛି। ବହୁ ଘାତପ୍ରତିଘାତ ପରେ ସମସ୍ତ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିର ଶେଷ ସ୍ପର୍ଶ ଦେଇଥିଲି। ଏହି ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଗଡ଼ଖୋର୍ଦ୍ଧା ଛକରେ ୮ ଫୁଟର ପିଣ୍ଡି ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ମାଟିରେ ପୋତି ହୋଇଯାଇଛି। ପଞ୍ଚ ପାଇକ ବସିଥିବା ପିଣ୍ଡି ଦେଖିବାକୁ ଏକ ଦୁର୍ଗ ସଦୃଶ। ମଝିରେ ବକ୍ସିଙ୍କ ପ୍ରତିମୂର୍ତ୍ତି ତଳେ ଲାଗିଥିବା ସ୍ମାରକୀ ଫଳକ ଦୁର୍ଗ ଗମ୍ବୁଜ ଆକାର ରହିଛି। ଦୂରରୁ ଦେଖିଲେ ଯେପରି ଏକ ଦୁର୍ଗ ଉପରେ ପଞ୍ଚ ପାଇକ ବସିଛନ୍ତି, ସେପରି ପ୍ରତୀୟମାନ ହେବ। ଏହି ପିଣ୍ଡି ସେ ସମୟରେ ନରଣଗଡ଼ର ଖଣ୍ଡେଲାଇଟ ପଥରରେ ନିର୍ମାଣ କରାଯାଇଥିଲା।

ସେହିପରି ପଲ୍ଲା ଛକରେ ବକ୍ସିଙ୍କ ଘୋଡ଼ା ଉପରେ ଯୋଦ୍ଧା ବେଶରେ ଆକ୍ରମଣାତ୍ମକ ଭଙ୍ଗିରେ ନିର୍ମାଣ କରାଯାଇଛି। ଘୋଡ଼ା ପ୍ରାୟ ୪ ଫୁଟ ଏବଂ ସମ୍ପୂର୍ଣ୍ଣ ମୂର୍ତ୍ତି ୧୦ଫୁଟ ହେବ। ଘୋଡ଼ା ଉପରେ ବକ୍ସି ଜଂଘ ପାଖରେ ବେଙ୍ଗପାଟିଆ ବେଲ୍ଟ, ବାଜୁ ବନ୍ଧ, ଫେରିକଛା, ନାଗର ଜୋତା, ଛାତିରେ ସାଞ୍ଜୁ, ଗୋଟିଏ ପାର୍ଶ୍ୱରେ ଧାରୁଆ ଖଣ୍ଡା ଏବଂ ଅନ୍ୟ ପାର୍ଶ୍ୱରେ ଯୁଦ୍ଧକୁ ଯିବା ବେଳେ ଭାଲାକୁ ହାତରେ ଧରିଥିବା ଅବସ୍ଥାରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହାକୁ ନିକଟରୁ ଅନୁଧ୍ୟାନ କଲେ, ବକ୍ସି ଯୋଦ୍ଧା ବେଶରେ ରହିଛନ୍ତି। ୨୦୦୬ରେ ଦିଲ୍ଲୀ ସଂସଦ ଭବନରେ ବକ୍ସିଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସୁଯୋଗ ମିଳିଥିଲା। ଏହାର ସମ୍ପୂର୍ଣ୍ଣ ନକ୍ସା ପ୍ରସ୍ତୁତ କରିଥିଲି। ତେବେ ପରବର୍ତ୍ତୀ ସମୟରେ ସମ୍ଭବ ହୋଇପାରି ନ ଥିଲା ବୋଲି ସରୋଜ କହିଛନ୍ତି।

## କାର୍ ଧକ୍କାରେ ଯୁବକ ମୃତ

ସାଲେପୁର,(ଡି.ଏନ.ଏ.):ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ନାଦୋଳଗଡ଼ା ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବହୁଗ୍ରାମ ପଞ୍ଚାୟତ ସିଂହମାପୁର ଗ୍ରାମର ସ୍ମୃତି ରଞ୍ଜନ ମହାନ୍ତି (୨୫) । ସେ ବିଳମ୍ବିତ ରାତ୍ରିର ନିଜ ବାଇକ୍‌ରେ ସାଲେପୁରରୁ ଘରକୁ ଫେରୁଥିବା ବେଳେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର୍ ତାଙ୍କ ବାଇକକୁ ଧକ୍କା ଦେଇଥିଲା । ଏଥିରେ ସ୍ମୃତିରଞ୍ଜନ ଗୁରୁତର ଆହତ ହୋଇଥିଲେ । ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ପରେ ଖସି ଯାଇଥିବା କାର୍‌କୁ ପୋଲିସ ଜବତ କରିଛି । ହେଲେ ଚାଳକ ଫେରାର ହୋଇଯାଇଛନ୍ତି । ସ୍ମୃତି ରଞ୍ଜନଙ୍କ ଏକ ଦେଢ଼ ବର୍ଷର ଶିଶୁ ପୁତ୍ର ଅଛନ୍ତି ।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

କଣ୍ଟାପଡ଼ା, ୨୯।୪(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁରସ୍ଥିତ ପଶ୍ଚିମାମୁଖୀ ଦକ୍ଷିଣେଶ୍ୱର ମହାଦେବଙ୍କ ପୀଠରେ ୭ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଶନିବାର ହୋଇଛି। ଏହି ମହାଯଜ୍ଞର ବିଭିନ୍ନ ଦିନରେ ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ରୁଦ୍ରନାରାୟଣ ପୂଜା, ନବଶକ୍ତି ପୂଜା ଆଦି କରାଯାଇଥିଲା। ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦକ୍ଷିଣେଶ୍ୱର ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଣ୍ଡିତ ବଂଶୀଧର ନାଥ ରଥଶର୍ମା, ରମାକାନ୍ତ ମିଶ୍ର, କବିପ୍ରସାଦ ଦାଶ, ବିଷ୍ଣୁଚରଣ ମିଶ୍ର ଯଜ୍ଞକୁଣ୍ଡରେ ଆହୁତି ଦେଇଥିଲେ। ଦୁର୍ଗାଚରଣ ଦାଶ ଏଥିରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ସବୁଠି ଶନିଶ୍ଚରଙ୍କ ଜଳାଭିଷେକ

କଟକ ସଦର/ଚୌଦ୍ୱାର /ନିଶ୍ଚିନ୍ତକୋଇଲି/ ମାହାଙ୍ଗା,୨୯।୪ (ସ୍ୱ.ପ୍ର.): କଟକ ଜିଲାର ବିଭିନ୍ନ ସ୍ଥାନରେ ଗ୍ରହରାଜ ଶନିଶ୍ଚରଙ୍କ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ଶନିବାର ଶ୍ରଦ୍ଧାଳୁମାନେ କଳସୀରେ ଜଳ ନେଇ ଶନିଶ୍ଚରଙ୍କୁ ଜଳାଭିଷେକ କରାଇଥିଲେ। କିଶନନଗର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଶନିଦେବଙ୍କ ମନ୍ଦିରରେ ଶନିବାର ବହୁସଂଖ୍ୟକ ଭକ୍ତ ଜଳାଭିଷେକ କରିଥିଲେ। ମହାନଦୀରୁ ପାଣି ଆଣି ଶନି ଶିଳାରେ ଅର୍ପଣ କରିଥିଲେ। ମନ୍ଦିର କମିଟି ପକ୍ଷରୁ ନଦୀର କେଉଁ ଜାଗାରେ ସ୍ନାନ ପରେ ପାଣି ଉଠାଯିବ ତାହା ପୂର୍ବରୁ ଚିହ୍ନଟ କରାଯାଇଥିଲା। ଏପରି କି ଡାକବାଜି ଯନ୍ତ୍ରଯୋଗେ ନଦୀ ଭିତର ଚୋରା ବାଲି ପାଖକୁ ନ ଯିବା ପାଇଁ ସତର୍କ କରାଯାଇଥିଲା। ଏଥିସହ ଅଗ୍ନିଶମ କର୍ମଚାରୀମାନେ ସ୍ନାନଘାଟ ନିକଟରେ ସତର୍କ ଦୃଷ୍ଟି ରଖିଥିଲେ। ସେହିପରି ଚୌଦ୍ୱାର ପୌରପାଳିକା ୪ନଂ. ୱାର୍ଡ ଅନ୍ତର୍ଗତ ବେଉରା ସାହିସ୍ଥିତ ଶନିଦେବଙ୍କ ପୀଠରେ ଭକ୍ତମାନେ ଜଳ ଲାଗି କରିଥିଲେ। ପୀଠରେ ମହାଯଜ୍ଞ, ନାମ ସଂକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ କପାଳେଶ୍ୱର, ୧୭ ନଂ. ୱାର୍ଡ ନୂଆସାହି, ଗଉଡ଼ସାହି, ନଖରା ପଞ୍ଚାୟତର ଚାଞ୍ଚୋ ଗ୍ରାମ, ଆଗ୍ରାହାଟ, ଶାଳଗାଁ ପଞ୍ଚାୟତର ନୂଆଗାଁ ଓ କୟଳପଡ଼ା ଡିହସାହିସ୍ଥିତ ଶନି ମନ୍ଦିରରେ ପୂଜାର୍ଚ୍ଚନା ସହ ମେଳା ଅନୁଷ୍ଠିତ ହୋଇଥିଲା। ନିଶ୍ଚିନ୍ତକୋଇଲିସ୍ଥିତ ଶ୍ୱେତବଟସ୍ଥିତ ଶନିଶ୍ଚର ମଠ ବାବା ନିତ୍ୟନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ପରିଚାଳନା କମିଟି ସହଯୋଗରେ ଯଜ୍ଞ ସମ୍ପନ୍ନ କରାଯାଇଥିଲା। ଏଥିରେ ମୁଖ୍ୟ ପୂଜକ ନିର୍ମଳ ଚନ୍ଦ୍ର ମିଶ୍ର , କର୍ତ୍ତା ଭାବେ ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନିଶ୍ଚିନ୍ତକୋଇଲି ମା'ବେଲେଶ୍ୱରୀଙ୍କ ପୀଠ, ସରପଡ଼ା ଶନିଶ୍ଚର, ଜିଗ୍ନିପୁର ଶନିଶ୍ଚର, ବାବୁଜଙ୍ଗ ଶନିଶ୍ଚର,ରାଣୀପଡା, ଅସୁରେଶ୍ୱର,ଜନାର୍ଦ୍ଦନପୁର, କେନ୍ଦୁପାଟଣା ଆଦି ସ୍ଥାନରେ ଶନିଶ୍ଚରଙ୍କ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ସେହିପରି ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଶନିଶ୍ଚରଙ୍କ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି । ମୂଳବସନ୍ତ ପଞ୍ଚାୟତ ଗୁଣ୍ଡପୁର ଶନିଶ୍ଚର ମନ୍ଦିରରେ ଜଳାଭିଷେକ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ବିରୂପାରୁ ଜଳ ଆଣି ଶନିଦେବଙ୍କ ଜଳାଭିଷେକ କରିଥିଲେ । ତ୍ରିବେଣୀଶ୍ୱର, ଅମରେଶ୍ୱର, ଅନନ୍ତେଶ୍ୱର, ପଶୁଲୁଣ୍ଡା ସିଦ୍ଧ ମହାପୁରୁଷ, ଜହଳ ବଟମହାପୁରୁଷ, କୁହୁଣ୍ଡା ଅମିନାବାଗ ଆଦି ସ୍ଥାନରେ ଥିବା ଶନିଶ୍ଚର ମନ୍ଦିରରେ ଜଳାଭିଷେକ କରାଯାଇଥିଲା।

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ନାଳ

■ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ
■ ବର୍ଷାରେ ଚାଷ ଜମି ଜଳମଗ୍ନ ହେବା ଆଶଙ୍କା
■ ତହସିଲଦାରଙ୍କ ନିକଟରେ ଅଭିଯୋଗ


ତହସିଲଦାରଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗପତ୍ର ଦିଆଯାଉଛି ।

ଆଠଗଡ଼,୨୯।୪(ସ୍ୱ.ପ୍ର.)

ପୁରୁଣା କଟକ ସମ୍ବଲପୁର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଛି। ଏହି କାର୍ଯ୍ୟ ଆଠଗଡ଼ ବ୍ଲକ ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତର ହରିପୁର, ଦହିସରା, ମଞ୍ଜାରୀପଦା ଗ୍ରାମ ଦେଇଚାଲିଛି। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାବେଳେ ଏହା କଡ଼ରେ ଥିବା ସରକାରୀ ନାଳ ପୋତି ହୋଇଯାଉଛି। ଆଉ କିଛି ସ୍ଥାନରେ କେତେଜଣ ଜବରଦଖଲକାରୀ ଜଳ ନିଷ୍କାସନ ନାଳ ପୋତି ଜବରଦଖଲ କରିଛନ୍ତି। ହରିପୁର, ଦହିସରା ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହାକୁ ବିରୋଧ କରି ଆଠଗଡ଼ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପରେ ଏହାର ନକଲ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜିଲାପାଳ, ଉପଜିଲାପାଳ ଆଠଗଡ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ଆସନ୍ତା ବର୍ଷାଦିନ ପୂର୍ବରୁ ଏହି ସରକାରୀ ନାଳକୁ ପୁନରୁଦ୍ଧାର କରା ନ ଗଲେ ମହାକାଳବସ୍ତ ପଞ୍ଚାୟତ ହରିପୁର, ଦହିସରା, ମଞ୍ଜାରିପଦା ସମେତ ତରଡିଙ୍ଗ ପଞ୍ଚାୟତର ତରଡିଙ୍ଗ ଓ ବାଇଲୋ ଗ୍ରାମ ଜଳମଗ୍ନ ହେବା ଆଶଙ୍କା ରହିଛି। ଫଳରେ ବହୁ ହେକ୍ଟର ଜମି ଜଳମଗ୍ନ ହେବା ସହ ଅନେକ ଧନଜୀବନ ନଷ୍ଟ ହେବ ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବଂଶୀଧର ରାଉତ, ସୁଜିତ ରାଉତ, ଲକ୍ଷ୍ମୀଧର ଦାସ, ପ୍ରଶାନ୍ତ କୁମାର ଦାସ, ନୀଳମଣି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ମୌଲାନାଙ୍କ ନାଁରେ ଆଉ ୨୦ ଲକ୍ଷର ଠକେଇ ଅଭିଯୋଗ

### ପୁଣି ୨ ମାମଲା

କଟକ ଅଫିସ,୨୯।୪

କଟକ ରାଣୀହାଟ ଅଞ୍ଚଳର ଜଣେ ମହିଳାଙ୍କଠାରୁ ୬୨ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମଙ୍ଗଳାବାଗ ପୋଲିସ ସ୍ଥାନୀୟ କେଶରପୁର ଅଞ୍ଚଳର ମୌଲାନା କୈଫି ଖାନ୍(୨୭)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହିଭଳି ଭାବେ ସେ ଅନେକଙ୍କୁ ଠକି ଥିବା ଜଣାପଡ଼ିଛି। ତାଙ୍କର କାରନାମା ଭଦ୍ରକ ପର୍ଯ୍ୟନ୍ତ ବ୍ୟାପିଛି। ତେବେ ଶନିବାର ତାଙ୍କ ନାଁରେ ଆଉ ଦୁଇଟି ମାମଲା ମଙ୍ଗଳାବାଗ ଥାନାରେ ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଭଦ୍ରକ ବହୁଦରଡ଼ା ଅଞ୍ଚଳର ସେକ୍ ଜହରୁନ୍ ଇସ୍‌ଲାମଙ୍କଠାରୁ କୈଫି ୫ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏନେଇ ସେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା(ନଂ. ୧୧୫/୨୩) ରୁଜୁ ହୋଇଛି। ରାଣୀହାଟ ଅଞ୍ଚଳର ମହିଳାଙ୍କୁ ଠକିବା ଭଳି ଅନୁରୂପ ଢଙ୍ଗରେ ଘରୁ ଦୁଷ୍ଟଶକ୍ତି ବାହାର କରିଦେବାକୁ ସେ ଜହରୁନ୍‌ଙ୍କୁ କହି ଉକ୍ତ ଟଙ୍କା ନେଇଥିଲେ । ସେହିପରି କଟକ ଜିଲା କିଶୋର ନଗର ସୋମପୁର ଅଞ୍ଚଳର ଶବ୍‌ନମ୍ ଆରା ବେଗମ୍‌ଙ୍କୁ ଚାକିରି ଦେବାକୁ କହି କୈଫି ୧୫ ଲକ୍ଷ ଟଙ୍କା ଠକି ନେଇଥିଲେ । ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୧୭/୨୩) ରୁଜୁ କରିଛି। ଏ ସମ୍ପର୍କରେ ମଙ୍ଗଳାବାଗ ଥାନାଧିକାରୀ ସୁଧାଂଶୁ ଶେଖର ଜେନା କହିଛନ୍ତି, ମୌଲାନାଙ୍କ ନାମରେ ମୋଟ ୩ଟି ମାମଲା ରୁଜୁ ହୋଇଛି । ତଦନ୍ତ ଜାରି ରହିଛି । ଏହି କାରନାମାରେ ସମ୍ପୃକ୍ତ ଥିବା ଏକାଧିକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଛି।

# ଯଜ୍ଞସ୍ଥଳରେ ଜନସମାଗମ: ମନ ମୋହୁଛି ମିନାବଜାର

### ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞର ସପ୍ତମ ଦିବସ



ରଘୁନାଥପୁର,୨୯।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞର ସପ୍ତମ ଦିବସ ସମ୍ପନ୍ନ ହୋଇଛି। ରବିବାର ଯଜ୍ଞ ପୂର୍ଣ୍ଣାହୁତି ଓ ଅଷ୍ଟପ୍ରହର ନାମଯଜ୍ଞର ହରିହାଟ ମଉଛବ ଅନୁଷ୍ଠିତ ହେବ। ଦୀର୍ଘଦିନ ପରେ ଯଜ୍ଞ ଆହୂତି ଦର୍ଶନ କରି ଶ୍ରଦ୍ଧାଳୁମାନେ କୃତାର୍ଥ ଅନୁଭବ କରୁଛନ୍ତି। ପୀଠ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଯୁବକ ସଂଘ ଉଦ୍ୟମରେ ଆୟୋଜିତ ହୋଇଥିବା ମିନାବଜାର ଦର୍ଶକଙ୍କ ମନମୋହୁଛି। ସନ୍ଧ୍ୟା ପରଠୁ ମିନାବଜାରରେ ଦେଖଣାହାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି। ଶୃଙ୍ଖଳା ଓ ପରିଚାଳନା ଦାୟିତ୍ୱ ୨୫ ଜଣିଆ କମିଟି ଉପରେ ନ୍ୟସ୍ତ କରାଯାଇବେଳେ, ସମସ୍ତ କାର୍ଯ୍ୟ କମିଟି ସଭାପତି ଆଲୋକ ପଣ୍ଡା ଓ ସମ୍ପାଦକ ବିଜ୍ଞାନ ଦାସଙ୍କ ତତ୍ତ୍ୱାବଧାନରେ କରାଯାଉଛି। ରବିବାର ପୂର୍ଣ୍ଣାହୁତି ଅବସରରେ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସମସ୍ତ ବନ୍ଦୋବସ୍ତ ଆପାତତଃ ଶେଷ ହୋଇଛି। ତେବେ ସୀମିତ ପୋଲିସ ବ୍ୟବସ୍ଥା ଆଇନଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଏଡ଼ାଇବାରେ ପର୍ଯ୍ୟାପ୍ତ ହୋଇ ନ ପାରେ ବୋଲି ମିନାବଜାର କମିଟି ସଭାପତି ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ସ୍ଥାନୀୟ ଯୁବକସଂଘ ଓ ରାହାଡିଙ୍ଗା କ୍ଲବର ସଦସ୍ୟମାନେ ପ୍ରସାଦ ସେବନ ବ୍ୟବସ୍ଥାକୁ ସୁଚାରୁ ରୂପେ ନିର୍ବାହ କରୁଛନ୍ତି। ଗ୍ରାମ୍ୟ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଦିଲୀପ କୁମାର ସ୍ୱାଇଁ, ରମେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନର କାର୍ଯ୍ୟ ସମ୍ପନ୍ନ କରାଯାଉଛି। ପୂଜକ ଦିଲୀପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଗୋଲେଖ ବିହାରୀ ଦାଶଙ୍କ ସହ ଅନ୍ୟ ସମସ୍ତ କୋଠ ପାଳିଆ ସେବକମାନେ ପ୍ରଭୁଙ୍କ ନୀତିକାନ୍ତି ଓ ପ୍ରସାଦ ପ୍ରସ୍ତୁତି ଦାୟିତ୍ୱରେ ରହିଛନ୍ତି।

# ମା'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ସାଲେପୁର,୨୯।୪(ଡି.ଏନ.ଏ)

ସାଲେପୁର ବ୍ଲକ ଭୀମଦାସପୁର ପଞ୍ଚାୟତ ପାଟୁଆହାଟସ୍ଥିତ ମା'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ଶିକ୍ଷା ବିକାଶ ସମିତି ସମ୍ପାଦକ ସୁବାସ ଚନ୍ଦ୍ର ପାଇତଲ ଓ ସମ୍ମାନିତ ଅତିଥିଭାବେ ଭୀମଦାସପୁର ପଞ୍ଚାୟତ ସରପଞ୍ଚ ନଳିନୀପ୍ରଭା ନାୟକ, ସମିତି ସଭ୍ୟା ପ୍ରଭାତୀ ସେଠୀ, ବିଦ୍ୟାଳୟ ପରିଚାଳନା ସଭାପତି ମନୋଜ କୁମାର ବିଶ୍ୱାଳ, ଖଗେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଚାରକ ମଣ୍ଡଳୀଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ମାଧବ ଚରଣ ପଣ୍ଡା, ନାଟ୍ୟକାର ହଳଧର ବାରିକ, ସଙ୍ଗୀତକାର ବସନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଶିଶୁମନ୍ଦିରର କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅଭିନୟ, ସଙ୍ଗୀତ,ନୃତ୍ୟ ଆଦି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷା, କ୍ରୀଡ଼ା, କଳା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର କୋଷାଧକ୍ଷ ମହେନ୍ଦ୍ର କୁମାର ବେହେରା, ସମ୍ପାଦକ ସନ୍ତୋଷ କୁମାର ପରିଡ଼ା, ଦିଲୀପ କୁମାର ମହାନ୍ତଙ୍କ ସହ ବିଦ୍ୟାଳୟ କମିଟି ସଦସ୍ୟ ଓ ଗୁରୁମା ଓ ଗୁରୁଜୀ ଏଥିରେ ସହଯୋଗ କରିଥିଲେ।

# ସରିଲା ରାମଲୀଳା ପରିବେଷଣ

ଆଠଗଡ଼,୨୯।୪ (ସ୍ୱ.ପ୍ର.)

ରଘୁନାଥ ଜୀଉ ରାମଲୀଳା ନାଟ୍ୟସଂଘର ୭୫ତମ ପୂର୍ତ୍ତି ପାଳନ ଉପଲକ୍ଷେ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ରାମଲୀଳା ଶେଷ ହୋଇଛି। ଅନ୍ତିମ ଦିନରେ ରଘୁନାଥ ଜୀଉ ରାମଲୀଳା ନାଟ୍ୟସଂଘ ପକ୍ଷରୁ ରାମଲୀଳା ପରିବେଷଣ କରାଯାଇଥିଲା। କଳାକାରମାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ସହ ଶ୍ରୀଜୀଉଙ୍କ ଫଟୋଚିତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ରାମଲୀଳା ମହାସଂଘ ସଭାପତି ରୁଦ୍ରନାରାୟଣ ମହାନ୍ତି, ଅନୁଷ୍ଠାନର ପୂର୍ବତନ କଳାକାର ତଥା ଆଠଗଡ ଅଞ୍ଚଳର ଜଣାଶୁଣା ରାମଲୀଳା ଗୁରୁ ସଦାନନ୍ଦ ସାହୁ, କଳାକାର ବସନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ରାମଲୀଳା ପରିବେଷଣ କରିଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ଜୀଉ ରାମଲୀଳା ନାଟ୍ୟସଂଘ, ଆଠଗଡ, ମା'ଚଣ୍ଡୀ ଯୁବକଳା ପରିଷଦ କନ୍ତୋଲ, ଅମରେଶର ରାମଲୀଳା ପରିଷଦ, କଦଳୀବାଡି, ବାଙ୍କୀ, ଆଙ୍ଗୁଲା ରାମଲୀଳା ସମିତି, ଲକ୍ଷ୍ମୀ ନାରାୟଣପୁର ରାମଲୀଳା ନାଟ୍ୟସଂଘ, ଗୁଣ୍ଡିଚାପୁର ରାମଲୀଳା ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ଶିବଶଙ୍କର ଜେନାଙ୍କ ସଂଯୋଜନାରେ ବରିଷ୍ଠ ସଭ୍ୟ ପ୍ରଦୀପ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ସହ ସମ୍ପାଦକ ସୁଧାଂଶୁ ଶେଖର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରୀଷ୍ମ ଅବକାଶକାଳୀନ ପାଠପଢ଼ାକୁ ଗୁରୁତ୍ୱ

■ ଦେୟମୁକ୍ତ ଟେଲିଫୋନ୍ ନମ୍ବର ଜାରି
■ ମେ' ୧ରୁ ଆରମ୍ଭ, ଛୁଟିଦିନ ବାଦ୍
■ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିୟୋଜିତ ରହିବେ ୮ ଶିକ୍ଷକ

କଟକ ଅଫିସ,୨୯।୪

ଗ୍ରୀଷ୍ମ ଅବକାଶକାଳୀନ ପାଠପଢ଼ାକୁ କଟକ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ଗୃହକାର୍ଯ୍ୟ ସମ୍ବନ୍ଧିତ ସମସ୍ୟା ସମାଧାନ ନିମନ୍ତେ ଜିଲା ସମଗ୍ର ଶିକ୍ଷା ପକ୍ଷରୁ ଦେୟମୁକ୍ତ ଟେଲିଫୋନ୍ ନମ୍ବର ୧୮୦୦-୩୪୫-୯୫୩୪ ଜାରି କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମରେ ଅନୁଭୂତ ବିଭିନ୍ନ ସମସ୍ୟାର ସରଳ ସମାଧାନ ଓ ସ୍ୱଷ୍ଟୀକରଣ ନିମନ୍ତେ ୮ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଆସନ୍ତା ମେ' ୧ରୁ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ ଦିନରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଶିକ୍ଷକମାନେ ଉପରୋକ୍ତ ଟେଲିଫୋନ୍ ନମ୍ବରରେ ଉପଲବ୍ଧ ରହିବେ। ତେଣୁ ନିର୍ଦ୍ଧାରିତ ସମୟରେ ସେମାନଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସମଗ୍ର ଶିକ୍ଷା ଶୈକ୍ଷିକ ସଂଯୋଜିକା ସରିତା ଶତପଥୀ ଏବଂ ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ ନନ୍ଦଙ୍କୁ ନିୟୋଜିତ କରାଯାଇଛି।

କଟକ ଜିଲାରେ ଚଳିତ ଗ୍ରୀଷ୍ମ ଅବକାଶ ସମୟରେ ଶିକ୍ଷାର୍ଥୀମାନେ ଆନନ୍ଦରେ ବିଭିନ୍ନ ବିଷୟଭିତ୍ତିକ କାର୍ଯ୍ୟ କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ଓ କୌଶଳର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଛୁଟିବେଳେ ଗୃହରେ ସମ୍ପାଦିତ ପାଠ୍ୟକ୍ରମ ଗୃହକାର୍ଯ୍ୟ ଭାବେ ସେମାନଙ୍କୁ ପ୍ରଦାନ କରାଯିବ। ଫଳରେ ଛାତ୍ରୀଛାତ୍ରମାନେ ଖୁସିରେ ଅବସର ସମୟକୁ ଉପଯୁକ୍ତ ଭାବରେ ବିନିଯୋଗ କରି ମୌଳିକ ଧାରଣାଗୁଡ଼ିକୁ ଶିଖି ପାରିବେ। ଏହାଦ୍ୱାରା ଶିକ୍ଷାର୍ଥୀମାନେ ପୂର୍ବ ଶ୍ରେଣୀର ଧାରଣାଗୁଡ଼ିକୁ ଦୃଢ଼ କରିପାରିବେ। ଯାହାକି ଗ୍ରୀଷ୍ମଛୁଟି ପରେ ନୂତନ ଶ୍ରେଣୀର ପାଠକୁ ଶିଖିବାରେ ସହାୟକ ହେବ ବୋଲି ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏଭଳି ଅଭିନବ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ ଓ ଅଭିଭାବକମାନେ ତତ୍ପରତା ଦେଖାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ଚୌଦ୍ୱାର ପୌର କାଉନ୍‌ସିଲ ବୈଠକ

ଚୌଦ୍ୱାର,୨୯।୪(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକାର କାଉନ୍‌ସିଲ ବୈଠକ ଶନିବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୌଣସି ନୂତନ ପ୍ରସ୍ତାବ ନେଇ ଆଲୋଚନା ହୋଇ ନ ଥିବାବେଳେ ପୂର୍ବରୁ ପାରିତ ହୋଇଥିବା କିଛି ପ୍ରସ୍ତାବକୁ ଦୃଢ଼ୀକରଣ କରି ଶେଷ ହୋଇଥିଲା। ଏହାକୁ ନେଇ କାଉନ୍‌ସିଲରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୌରପାଳିକାର ୮, ୧୧ ଓ ୧୨ନଂ. ୱାର୍ଡ ଓଟିଏମ୍ ଜମିରେ ଥିବାରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିଲା। ହେଲେ ଏବେ ଏହା ଲିକ୍ୟୁଡେଟରଙ୍କ ହାତରୁ ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲେ ସୁଦ୍ଧା ଉନ୍ନୟନ କାର୍ଯ୍ୟ କରିବାରେ କାହିଁକି ବାଧା ଉପୁଜୁଛି ବୋଲି ବୈଠକରେ ୧୨ନଂ. ୱାର୍ଡ କାଉନସିଲର ପ୍ରଶ୍ନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଏହାର ଉତ୍ତର ରଖିଥିଲେ। ହେଲେ ଏଥିରେ ଅସନ୍ତୁଷ୍ଟ ହୋଇ କାଉନ୍‌ସିଲର କକ୍ଷତ୍ୟାଗ କରିବାକୁ ବାହାରିଥିବାବେଳେ ନିର୍ବାହୀ ଅଧିକାରୀ ବୁଝାଶୁଝା କରି ଏକ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇ ଦେଇଥିଲେ। ଉକ୍ତ ବୈଠକରେ ଏ ନେଇ କୌଣସି ନିର୍ଯାସ ବାହାରି ପାରି ନ ଥିଲା। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡାଙ୍କ ସମେତ ସମସ୍ତ କାଉନ୍‌ସିଲର ଓ ଅଧିକାର ଯୋଗଦେଇଥିଲେ।

# ବ୍ୟାଙ୍କ ଲୁଟ୍ ରୋକିବାକୁ ଆଇନ ପ୍ରଣୟନ ହେଉ


ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ, ୨୯।୪

ରାଷ୍ଟ୍ରୀୟ ବ୍ୟାଙ୍କର ଘରୋଇକରଣ, ବ୍ୟାଙ୍କଗୁଡିକରେ ଖାଲି ପଡିଥିବା ଶୂନ୍ୟସ୍ଥାନ ପୂରଣ ନ କରିବା, କର୍ମଚାରୀଙ୍କ ଅଧିକାର ଉପରେ ଆକ୍ରମଣ ଓ ଦାବି ପୂରଣ ନ କରିବା ବିରୋଧରେ ଦେଶବ୍ୟାପୀ ବ୍ୟାଙ୍କ କର୍ମଚାରୀଙ୍କ ସଂଗ୍ରାମ ଜାରି ରହିଛି। ଆଗାମୀ ଦିନରେ ଏହା ଆହୁରି ବ୍ୟାପକ ହେବ ବୋଲି ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଇଏ)ର ସଭାପତି ରାଜନ ନାଗର କହିଛନ୍ତି। ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ଦ୍ୱାଦଶ ସମ୍ମିଳନୀ କଟକ ଶହୀଦ ଭବନରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ନାଗର ଉଦ୍‌ଘାଟନ କରି କହିଥିଲେ, ଭାରତବର୍ଷର ବ୍ୟାଙ୍କଗୁଡିକ ଗତ ୪ ବର୍ଷରେ ୧୦ଲକ୍ଷ କୋଟି ଟଙ୍କାର ବକେୟା ଋଣ କର୍ପୋରେଟ୍‌ମାନଙ୍କୁ ଛାଡ କରିଛନ୍ତି। କର୍ପୋରେଟମାନଙ୍କ ବ୍ୟାଙ୍କ ଲୁଟ୍ ରୋକିବା ପାଇଁ କଠୋର ଆଇନ ପ୍ରଣୟନ କରିବାକୁ ସେ ଦାବି କରିଥିଲେ। ରମେଶ ଚନ୍ଦ୍ର ମାନସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ଦେଶର ବ୍ୟାଙ୍କ ବ୍ୟବସ୍ଥାକୁ ଶ୍ରେଣୀ ବ୍ୟାଙ୍କରୁ ଗଣବ୍ୟାଙ୍କରେ ପରିଣତ କରିବାରେ ଏଆଇବିଇଏର ଅବଦାନ ଉଲ୍ଲେଖନୀୟ। ମୁଖ୍ୟ ଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ କହିଥିଲେ, ଭାରତବର୍ଷର ବ୍ୟାଙ୍କ ଓ ଆର୍ଥିକ ବ୍ୟବସ୍ଥାକୁ ଘରୋଇ ମାଲିକାନା ହାତରେ ଟେକିଦିଆଗଲେ ଦେଶର ଅର୍ଥନୀତି ଦୁର୍ବଳ ହୋଇପଡ଼ିବ। ଏଥିରେ ମୁଖ୍ୟବକ୍ତା ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ କିଶୋର ଜେନାଙ୍କ ଦ୍ୱାରା ସଂକଳିତ ୫୦ ବର୍ଷରେ ଏଆଇବିଇଏ, ସ୍ମୃତି ଓ ସଂଗ୍ରାମର ଇତିହାସ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏଆଇବିଇଏର ସର୍ବଭାରତୀୟ ସହ ସମ୍ପାଦକ ଅନିରୁଦ୍ଧ କୁମାର, ଏଆଇବିଓଏର ରାଜ୍ୟ ସାଧାରଣ ସମ୍ପାଦକ ଅଭୟ କୁମାର ରାଉତରାୟ, ବ୍ୟାଙ୍କ ମିତ୍ରମାନଙ୍କର ସର୍ବଭାରତୀୟ ସଭାପତି ସଞ୍ଜିତ ଚାଟାର୍ଜୀ ଉପସ୍ଥିତ ଥିଲେ। ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଅତିଥି ପରିଚୟ, ଅଭ୍ୟର୍ଥନା କମିଟି ସମ୍ପାଦକ ସୁଭାଷ ଚନ୍ଦ୍ର ବୋଷ କାର୍ଯ୍ୟକ୍ରମ ପରିଚାଳନା ଓ ଉପସାଧାରଣ ସମ୍ପାଦକ ସନ୍ଦୀପ ପତି ଧନ୍ୟବାଦ ଦେଇଥିଲେ।

# ରାସ୍ତା ନିର୍ମାଣରେ ଅନିୟମିତତା

### କଟରପଡ଼ା-କୁଳବଡ଼କ୍ଷୀର ରାସ୍ତା

■ ନିମ୍ନମାନର କାମ ଚାଲିଥିବା ଅଭିଯୋଗ
■ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ
■ ତଦାରଖ କରୁନାହାନ୍ତି ବିଭାଗୀୟ ଅଧିକାରୀ

ନିଶ୍ଚିନ୍ତକୋଇଲି,୨୯।୪(ସ୍ୱ.ପ୍ର.)

ଗମନାଗମନର ସୁବିଧା ପାଇଁ ସରକାର ରାସ୍ତାଗୁଡିକୁ ପ୍ରଶସ୍ତୀକରଣ ଓ ଦୋହରାକରଣ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି। ଏ ନେଇ ପଞ୍ଚାୟତର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କଟକ ଜିଲା ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା କଟରପଡା-କୁଳବଡକ୍ଷୀର ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବା ନେଇ ସ୍ଥାନୀୟ ଲୋକପ୍ରତିନିଧିମାନେ ଲିଖିତ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ପଞ୍ଚାୟତ ପଟ୍ଟନାୟକ ରାସ୍ତାଠାରୁ କଟରପଡା ଭାୟା କୁଳବଡ଼କ୍ଷୀର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଦୋହରାକରଣ ନିମନ୍ତେ ୫ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଛି। ମାତ୍ର ସମ୍ପୃକ୍ତ ଠିକାଦାର ବ୍ୟୟ ଅଟକଳ ଅନୁଯାୟୀ ରାସ୍ତା ନିର୍ମାଣ କରୁନାହାନ୍ତି। ନିର୍ମାଣ କାର୍ଯ୍ୟରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ଠିକାଦାର ମନମୁଖିଭାବେ ଏହି କାର୍ଯ୍ୟ କରୁଥିଲାବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁ ନ ଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ରାସ୍ତା ମଝିରେ ନିର୍ମାଣ ସାମଗ୍ରୀ ବିକ୍ଷିପ୍ତଭାବେ ପକାଇଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଏହି ରାସ୍ତା ନିର୍ମାଣବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ସୂଚନା ଫଳକ ଲଗାଯାଇ ନ ଥିବା ବେଳେ ଜମିଅଧିଗ୍ରହଣ ମଧ୍ୟ କରାଯାଇନାହିଁ। ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର କରାଯାଇନାହିଁ। ଏହାଛଡ଼ା ରାସ୍ତା ପାର୍ଶ୍ୱରେ ପୋଲ ଓ ଗାର୍ଡୱାଲ ନିର୍ମାଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ଉପରେ ସ୍ଥାନୀୟ କଟରପଡା, ସୁକରପଡା, କେଣ୍ଟାଳୋ, କଟିକଟା, ଅସୁରେଶ୍ୱର, ବାଲିଆପଦା ଆଦି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣରେ ଗୁଣବତ୍ତା କିପରି ଠିକ୍ ରହିବ,ତାହାକୁ ନିରୀକ୍ଷଣ କରିବା ପାଇଁ ସରପଞ୍ଚ ତୃପ୍ତିମୟୀ ନାୟକ, କଟରପଡା ପଞ୍ଚାୟତର ରାକେଶ କୁମାର ସାମଲଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ନିର୍ବାଚିତ ଲୋକପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ରାଜ୍ୟ ମାନନିର୍ଦ୍ଧାରଣ ଅଧିକାରୀ, ୫-ଟି ସଚିବ, କଟକ ଜିଲାପାଳ, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣଙ୍କୁ ପଚାରିବାରୁ ଅଭିଯୋଗ ପରେ କାର୍ଯ୍ୟ ବନ୍ଦ ରହିଛି। ଏ ସମ୍ପର୍କରେ ଠିକାଦାର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମସ୍ୟା ସମାଧାନ ହେବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ମତବ୍ୟକ୍ତ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଏପ୍ରିଲ, ୨୦୨୩

**ଅତିରିକ୍ତ ଜିଲାପାଳଙ୍କୁ ସମ୍ବର୍ଦ୍ଧନା**

ପୁରୀ ଅଫିସ : ପୁରୀର ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଥିବା ଦିଲୀପ କୁମାର ମହାପାତ୍ରଙ୍କର ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଥିବାରୁ ତାଙ୍କୁ ଶନିବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ତାଙ୍କ ସ୍ଥାନରେ ଅବକାରୀ ବିଭାଗର ଯୁଗ୍ମ କମିଶନର ଭାବେ କାର୍ଯ୍ୟ କରୁଥିବା ଡ. ଶରତ ଚନ୍ଦ୍ର ମହାପାତ୍ର ନୂତନ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଭାବେ ଯୋଗଦେଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଛି। ସର୍କିଟ ହାଉସରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପିକେଡିଏ ସଚିବ ଲଲାଟେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ରହି ବିଦାୟ ସମ୍ବର୍ଦ୍ଧନା ଓ ସ୍ୱାଗତ କରିଥିଲେ।



## ସଂକ୍ଷେପରେ

### ନବୋଦୟ ପରୀକ୍ଷା ଦେଲେ ୨୯୦ ଛାତ୍ରୀଛାତ୍ର

ଡେଲାଙ୍ଗ,୨୯।୪(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକର ମୋଟ ୨୯୦ ଜଣ ପରୀକ୍ଷାର୍ଥି ଶନିବାର ନବୋଦୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ବ୍ଲକର ସମସ୍ତ ବିଦ୍ୟାଳୟ ଗୁଡିକରୁ ପଞ୍ଚମ ଶ୍ରେଣୀରୁ ଉତ୍ତିର୍ଣ୍ଣ କରିଥିବା ମେଧାବୀ ଛାତ୍ରୀଛାତ୍ର ମାନେ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ବ୍ଲକର ୨ଟି କେନ୍ଦ୍ରରେ ମୋଟ ୩୧୯ ଜଣ ଛାତ୍ରୀଛାତ୍ର ନବୋଦୟ ପରୀକ୍ଷା ଦେବାକୁଥିବା ବେଳେ ୨୯ ଜଣ ଛାତ୍ରୀଛାତ୍ରଅନୁପସ୍ଥିତ ରହିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଡେଲାଙ୍ଗ ବ୍ଲକ ଅଧିନ ବେରବୋଇ ଉଚ୍ଚବିଦ୍ୟାଳୟ ରେ୨୧୬ ପରୀକ୍ଷାର୍ଥୀ ପରିକ୍ଷା ଦେବାକୁ ଥିବାବେଳେ ୨୧ଜଣ ପିଲା କେନ୍ଦ୍ରରେ ଅନୁପସ୍ଥିତ ଥିଲେ। ସେହିପରି ରାଧାକାନ୍ତ ବିଦ୍ୟାପୀଠରେ ମୋଟ ୧୦୩ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୮ଜଣ ଅନୁପସ୍ଥିତ ଥିବା ବ୍ଲକ ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ସୂଚନା ଦେଇଛନ୍ତି।ଏହି ପରୀକ୍ଷାରେ ଉତ୍ତିର୍ଣ୍ଣ ପରେ କୋଣାର୍କ ସ୍ଥିତ ନବୋଦୟ ସରକାରୀ ବିଦ୍ୟାଳୟରେ ମାଗଣା ପାଠପଢା ସହିତ ସମସ୍ତ ସୁବିଧାପାଇ ପାରିବେ ବୋଲି ଜଣାପଡିଛି। ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ହୋଇଥିବା ପରୀକ୍ଷା କେନ୍ଦ୍ର ଦ୍ୱୟରୁ ସୂଚନା ମିଳିଛି।

### ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶକ ହେଉଛନ୍ତି ଶିକ୍ଷକ

ଗୋପ,ତା,୨୯,୪(ଡିଏନଏ) ଶିକ୍ଷକ ଶିକ୍ଷୟିତ୍ରୀ ହେଉଛନ୍ତି ସମାଜର ଦର୍ପଣ ହୋଇଥିବା ବେଳେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କର ମାର୍ଗଦର୍ଶକ ବୋଲି ଶନିବାର ଅନୁଷ୍ଠିତ ଗୋପ ବ୍ଲକ ଅନ୍ତର୍ଗତ କୁଆଁପଡା ପଞ୍ଚାୟତ ଅଧୀନ ଚଢେଇ ଗାଁ ଜଗନ୍ନାଥ ନୋଡାଲ ସ୍କୁଲରେ ଅନୁଷ୍ଠିତ ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ପ୍ରତିହାରୀଙ୍କ ଅବସରକାଳୀନ ଉତ୍ସବ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ତଥା ଶିକ୍ଷାବିତ ପ୍ରଶାନ୍ତ କୁମାର ବରାଳ ଯୋଗଦେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭାକର ମଲ୍ଲିକ, ହାଡୁବନ୍ଧୁ ମଙ୍ଗରାଜ ଯୋଗଦେଇ ବରିଷ୍ଠ ହିନ୍ଦୀ ଶିକ୍ଷକ ଦୀର୍ଘ ୩୩ ବର୍ଷ ଶିକ୍ଷକତା ଜୀବନରେ ଅନେକ ଉଦୟମାନ ଛାତ୍ରୀଛାତ୍ର ବଡ଼ମଣିଷ କରିପାରିଛନ୍ତି ବୋଲି କହିଥିଲେ। ଶିକ୍ଷକ ମହେନ୍ଦ୍ର କୁମାର ଦାଶ, ଚଢ଼େଇ ଗାଁ ଗାଁ ସଭାପତି ହୃଦାନନ୍ଦ ପ୍ରଧାନ, ଦିଲୀପ କୁମାର ଜେନା ଯୋଗଦେଇ ଆଜିର ଗୁଣାତ୍ମକ ଶିକ୍ଷା ସହିତ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ସମ୍ପର୍କରେ ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରାମ କିଶୋର ଭୋଳ, ଲକ୍ଷ୍ମୀପ୍ରିୟା ଦଳାଇ ପରିଚାଳନା କରିଥିଲେ।

### ଯୋଗ ସହ ବ୍ୟାୟାମ ହେଉଛି ମଣିଷର ଏକ ଅଙ୍ଗ



ଗୋପ,୨୯।୪ (ଡି.ଏନ୍.ଏ.)- ଯୋଗ୍ୟାଭାସ ସହିତ ବ୍ୟାୟାମ ମଣିଷର ଶରୀର ବୃଦ୍ଧି କ୍ଷେତ୍ରରେ ସହାୟକ ହେଉଥିବା ବେଳେ ଯୁବକ, ଯୁବତୀମାନଙ୍କ ଲାଗି ଏହା ନିହାତି ଆବଶ୍ୟକ ବୋଲି ଶନିବାର ଗୋପ ପଞ୍ଚାୟତସ୍ଥିତ କୁଶୁପୁରୁ କ୍ଲବରେ ଯୋଗ, ବ୍ୟାୟାମ କେନ୍ଦ୍ର ଉଦ୍‌ଘାଟନ କରି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ। ଶ୍ରାଶତ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଶିକ୍ଷାବିତ କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଯୋଗ, ବ୍ୟାୟାମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିବା ପରେ ୩୨ ଲକ୍ଷ ଟଙ୍କା ବ୍ୟୟରେ ଆସିଥିବା ବିଭିନ୍ନ ପ୍ରକାରର ବ୍ୟାୟାମ ଜିନିଷ ବୁଲି ଦେଖିବା ସହ କେତେକ ବ୍ୟାୟାମ ସରଞ୍ଜାମରେ ବ୍ୟାୟାମ ମଧ କରିଥିଲେ।

# ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

## ବୈଶାଖ ମାସ ଶେଷ ଶନିବାର

କୋଣାର୍କ, ୨୯।୪(ଡି.ଏନ୍.ଏ.)



ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଚାଲିଛି ।

ବୈଶାଖ ମାସ ଶେଷ ଶନିବାର ଅବସରରେ କୋଣାର୍କସ୍ଥିତ ନବଗ୍ରହ ପୀଠରେ ଶ୍ରଦ୍ଧାଳୁମାନଙ୍କ ଆଶାତୀତ ଭିଡ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଶେଷ ଶନିବାର ଥିବାରୁ ପରିବାର ସଦସ୍ୟଙ୍କ ଗ୍ରହ ଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା ବେଳେ ଗ୍ରହରାଜଙ୍କ ପୂଜାର୍ଚ୍ଚନା କରିଥିଲେ। ନବଗ୍ରହ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ କରିଥିଲେ। ଶାରିରିକ ଓ ମାନସିକ ଭାବେ ବିକଳାଙ୍ଗ ପିଲାମାନଙ୍କୁ ନବଗ୍ରହ ପୀଠସ୍ଥିତ ବାଲିରେ ଗାତ ଖୋଳି ପୋତିଲେ ଉପଶମ ମିଳେ ବୋଲି ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ଶତାଧିକ ଶ୍ରଦ୍ଧାଳୁ ନିଜର ଶାରିରିକ ଓ ମାନସିକ ଭାବେ ବିକୃତ ପିଲାଙ୍କୁ ଗାତ ଖୋଳି ପୋତୁଥିବା ଦେଖାଯାଇଥିଲା। ଏହି ଧାର୍ମିକ ପରମ୍ପରା ଅନୁଯାୟୀ ନବଗ୍ରହ ପୀଠରେ ଶତାଧିକ ମାନସିକ ଉପବାସଧାରୀ ମହିଳା ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ସମ୍ପାଦନ କରି ପରିବାରର କଲ୍ୟାଣ ନିମନ୍ତେ ଆଶିଷ ଭିକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ନବଗ୍ରହ ପୀଠରେ ବୈଶାଖ ମାସ ଶେଷ ଶନିବାର ଅବସରରେ ଲୋକାରଣ୍ୟ ହୋଇଥିଲା। ହୋମଯଜ୍ଞ ଆଦି କାର୍ଯ୍ୟ ଅବସରରେ ନବଗ୍ରହ ପୀଠରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟ ନାରାୟଣ ଇ.ଡି.ସି ମହାସଂଘର ସଭାପତି ଭାଗୀରଥି ସ୍ୱାଇଁ ସମ୍ପାଦକ ବିଶ୍ୱଜିତ ନାୟକଙ୍କ ସହାୟତାରେ ଉକ୍ତ ପୀଠରେ ଜଳ ଛାତ୍ର ସହ ସୁବାସିତ ଦହିପଣାର ବ୍ୟବସ୍ଥା କରାଯାଇଥିଲା। ଫଳରେ ପ୍ରଚଣ୍ଡ ଖରାରେ ହଜାର ହଜାର ଶ୍ରଦ୍ଧାଳୁ ପିଇବା ପାଇଁ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା। ମହାସଂଘର ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।



ପୁରୀ ବାର୍ ଆସୋସିଏଶନ ପକ୍ଷରୁ ଆଇନଜୀବୀ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଆଇନଜୀବୀମାନେ ।

# ୨ ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ



ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରୁଛନ୍ତି ।

ପୁରୀ ଅଫିସ, ୨୯।୪:

ପୁରୀ ସହରରେ ଶନିବାର ଦୁଇଟି ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଲୋକନାଥ ରୋଡ ଛପନ ଛକ ଏବଂ ପେଣ୍ଠକଟାସ୍ଥିତ ଆଇନ କଲେଜ ନିକଟରେ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ପ୍ରାଥମିକ ଚିକିତ୍ସା କେନ୍ଦ୍ର ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି। ଏହି ଦୁଇଟି ଚିକିତ୍ସା କେନ୍ଦ୍ରରେ ପାଖାପାଖି ୨୦ହଜାରରୁ ଉର୍ଦ୍ଧ୍ୱ ଲୋକ ଚିକିତ୍ସିତ ହେବା ସହ ଡାକ୍ତରୀ ପରାମର୍ଶ ନେଇପାରିବେ। ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କ ସମେତ ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ।

# ଜେସିବି- ଅଟୋ ଧକ୍କା, ୨ ଗୁରୁତର

ପିପିଲି,୨୯।୪(ସ୍ୱ.ପ୍ର.)

ଭୁବନେଶ୍ୱର-ପୁରୀ ୩୧୬ନଂ. ଜାତୀୟ ରାଜପଥର ଶିଉଳା ଛକ ନିକଟରେ ଶନିବାର ଅପରାହ୍ନ ସମୟରେ ଜେସିବି ସହିତ ଏକ ଅଟୋ ଧକ୍କା ହେବାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେଥିମଧ୍ୟରୁ ଜଣେ ପିପିଲି ଏନଏସି ଅଞ୍ଚଳର ଜୟପୁର ଗ୍ରାମର ଅଟୋ ଚାଳକ ରିତେଶ ସ୍ୱାଇଁ ଓରଫ ଚିଣ୍ଟୁ(୨୨), ଅନ୍ୟ ଗୁରୁତର ଜଣକ ପିପିଲି ବଜାରର ରବୀନ୍ଦ୍ର ଅଗ୍ରୱାଲ (୩୭)। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରବୀନ୍ଦ୍ର ନିଜର ବ୍ୟବସାୟ ପାଇଁ ଏକ ମାଲବାହୀ ଅଟୋ (ନଂ- ଓଡି ୦୨ ବିଏଲ ୭୩୭୧)ରେ ସାମଗ୍ରୀ ଆଣି ଭୁବନେଶ୍ୱରରୁ ପିପିଲି ଅଭିମୁଖେ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ଜେସିବି ସହ ଜୋର୍‌ରେ ପିଟି ହୋଇଥିଲା। ଧକ୍କା ହେବା ଫଳରେ ଅଟୋ ଚାଳକ ଚିଣ୍ଟୁ ଓ ରବୀନ୍ଦ୍ର ଉଭୟ ଜେସିବି ପଛରେ ଚାପି ହୋଇ ରହିଯାଇଥିଲେ। ଖବରପାଇ ପିପିଲି ଦମକଳ ବାହିନୀ, ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଓ ପିପିଲି ଥାନା ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମକଳ ବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଟୋର ସାମନା ଭାଗକୁ ତାଡି ଗୁରୁତର ଦୁଇ ଜଣଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ଘଟିବା ପରେ ଉକ୍ତ ଜେସିବି ଘଟଣାସ୍ଥଳରୁ ପଳାଇଯାଇଥିଲା। ପିପିଲି ଥାନାର ଏସଆଇ ସନ୍ଦୀପ କୁମାର ଦାସଙ୍କ ସହିତ ପୋଲିସ ଟିମ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିବା ସହ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ପିପିଲି ଥାନା ଏସ୍‌ଆଇ ସନ୍ଦିପ କୁମାର ଦାସ କହିଛନ୍ତି।

# ତ୍ରିଲୋଚନ କାନୁନ୍‌ଗୋ ସ୍ମୃତି ସଂସଦ ପକ୍ଷରୁ ସ୍ମୃତିସଭା

ନିମାପଡ଼ା,୨୯।୪(ଡି.ଏନ୍.ଏ.)

ବିଶିଷ୍ଟ ରାଜନେତା, ଅର୍ଥନୀତିଜ୍ଞ, ଶିକ୍ଷାବିତ ତ୍ରିଲୋଚନ କାନୁନଗୋଙ୍କ ବିୟୋଗ ଅବସରରେ ରାଜନେତା ତ୍ରିଲୋଚନ କାନୁନଗୋ ସ୍ମୃତି ସଂସଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସମାରୋହ ଚାରିଛକ ଥାନା ଅନ୍ତର୍ଗତ ଗଣେଶ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଥିଲା। ଏହିସମାରୋହରେ ଅତିଥି ଭାବେ ଶିକ୍ଷାବିତ ପ୍ରଫେସର ଗୋପୀନାଥ କର, ଡ.ସନ୍ତୋଷ କୁମାର ମିତ୍ର, ଚାରିଛକ ପ୍ରେସ୍ କ୍ଲବ ସଭାପତି ପ୍ରଫୁଲ୍ଲ କର, ବ୍ୟବସାୟୀ ସଂଘ ସଭାପତି ମହେନ୍ଦ୍ର କୁମାର ନାୟକ, ଏକାନ୍ତ ଆଶ୍ରମର ସଭାପତି ଲକ୍ଷ୍ମୀଧର ନାୟକ, ପ୍ରଦୀପ୍ତ ନାୟକ, କୃଷକ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ ମୁରଲୀଧର ଭାରତୀ, ଡ.କେଦାରନାଥ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ସମାରୋହରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବହୁ ଶିକ୍ଷାବିତ, ଲୋକ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ୍ସ-ରେ ମେଶିନ ଅଚଳ

ପୁରୀ ଅଫିସ, ୨୯।୪:

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଦୂର ହୋଇପାରୁନାହିଁ। ମୁଖ୍ୟ ଚିକିତ୍ସାଳୟରେ ଏକ୍ସରେ ମେଶିନ୍ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଫଳରେ ରୋଗୀମାନେ ଏହି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନ ଅନୁଯାୟୀ, ଟାଉନ ଥାନା ଅନ୍ତର୍ଗତ ଦାଣ୍ଡମାଳ ସାହିର ଅନନ୍ତ ସିଂଙ୍କ ଗୋଡ଼ ଖରାପ ଥିବାରୁ ଶୁକ୍ରବାର ସନ୍ଧ୍ୟାରେ ସେ ତାଙ୍କ ସହଯୋଗୀ ଶଙ୍କର ସରକାରଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଗୋଡ଼ର ଏକ୍ସରେ କରିବା ପାଇଁ ସେ ଦୀର୍ଘ ସମୟ ଧରି ମୁଖ୍ୟ ଚିକିତ୍ସାଳୟରେ ଅପେକ୍ଷା କରିଥିଲେ। ତେବେ ମୁଖ୍ୟ ଚିକିତ୍ସାଳୟର ଏକ୍ସରେ ମେଶିନ୍ ଖରାପ ଅଛି, ବାହାରେ ଏକ୍ସରେ କରାଇବାକୁ ଡାକ୍ତର ତାଙ୍କୁ କହିଥିଲେ।

ଅନନ୍ତ ଏ ସମ୍ପର୍କରେ ଅନ୍ୟମାନଙ୍କୁ ପଚାରି ବୁଝିଥିଲେ। ୨୦ ଦିନ ହେବ ଏକ୍ସରେ ମେଶିନ ଅଚଳ ଅବସ୍ଥାରେ ଥିବା ସେ ଜାଣିବା ପରେ ସିଡିଏମ୍‌ଓଙ୍କୁ ଫୋନ କରି ଜଣାଇଥିଲେ। ତେବେ ଏ ବିଷୟରେ ଜାଣି ନ ଥିବା ସିଡିଏମ୍‌ଓ କହିବା ସହ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଆଇଡିଏର୍‌ରେ ସମାନ ସ୍ଥିତି ବୋଲି ଜାଣିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏପରିସ୍ଥିଳେ ବହୁ ପଦବୀ ଖାଲିପଡ଼ିଛି। ସେହିପରି ଅଚଳ ମେଶିନ୍ କାହିଁକି ମରାମତି କରାଯାଉନାହିଁ ତାହା ବୁଝାପଡୁନାହିଁ। ମେଶିନ ଖରାପ ଥିବା ଆଳରେ ରୋଗୀଙ୍କୁ ଘରୋଇ କ୍ଲିନିକ୍‌କୁ ପଠାଯାଉଥିବା ଶୁଣିବାକୁ ମିଳୁଛି। ଆଗକୁ ରଥଯାତ୍ରା ଥିବାରୁ ପୁରୀରେ ପ୍ରବଳ ଜନ ସମାଗମ ହେବ। ତାହା ପୂର୍ବରୁ ମେଡିକାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ସହ ଆଧୁନିକ ଯନ୍ତ୍ରପାତି ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ବାଲିଗୁଆଳିରେ ଆଇନ ସଚେତନତା ଶିବିର

ପୁରୀ ଅଫିସ, ୨୯।୪:

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଶିତିକଣ୍ଠ ସାମଲଙ୍କ ଆଦେଶ ଅନୁସାରେ ବାଲିଗୁଆଳି ପଞ୍ଚାୟତ ହଲରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ପୀଡ଼ିତା କ୍ଷତିପୂରଣ, ନ୍ୟାୟ ସଂଯୋଗ, ସମ୍ମୁଖ କାର୍ଯ୍ୟାଳୟ, ମଧ୍ୟସ୍ଥତା କେନ୍ଦ୍ର ଉପରେ ସେ ସୂଚନା ଦେବା ସହିତ ଆଇନ ସେବା ଅଧିନିୟମ ଅନ୍ତର୍ଭୁକ୍ତ ବିଭିନ୍ନ ଆଇନ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜିତେନ୍ଦ୍ର ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏସ୍. ଆଚାର୍ଯ୍ୟ ଏବଂ ଡି. ଐଶ୍ୱର୍ଯ୍ୟା ଯୋଗଦେଇ ଆଇନ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟାବଳୀ ତଥା ଏଫ୍‌ଆଇଆର୍, ବେଲ୍, ୱାରେଣ୍ଟି, ସମନ୍, ପ୍ଲିଏ ବାର୍ଗେନିଂ ସମେତ ବିଭିନ୍ନ ସରକାରୀ ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କ ପାଇଁ ନିଶାମୁକ୍ତ ଅଭିଯାନ

ପୁରୀ ଅଫିସ ୨୯।୪

ବର୍ତ୍ତମାନ ସମୟରେ ଅନେକ ଛାତ୍ରୀଛାତ୍ର ନିଶା କବଳରେ ପଡୁଛନ୍ତି। ଏହାକୁ ଲକ୍ଷ୍ୟ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ନବଚେତନା ଆରମ୍ଭ କରାଯାଇଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ପୁରୀ ଜିଲାର ବିଭିନ୍ନ ସ୍କୁଲରୁ ୫୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନବଚେତନା ପ୍ରଶିକ୍ଷଣ ଦିଆଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ପୁରୀ ଜିଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର ଉଦଘାଟନ କରି ନିଶାମୁକ୍ତ ଛାତ୍ର ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ତୃତୀୟ ପର୍ଯ୍ୟାୟରେ ସାମାଜିକ ସଙ୍ଗଠନଗୁଡ଼ିକ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା କହିଥିଲେ। ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବେ ଭୁବନେଶ୍ୱର ଏସ୍‌ଏଲ୍‌ସିଏର ନିବେଦିତା ମହାନ୍ତି ଓ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ଶିବିରକୁ ଶିଶିର କୁମାର ସାହୁ, ଦିପକ୍ ପଲେଇ, ଶୁଭସ୍ମିତା ମୋହିନୀ ଜେନା, ପ୍ରଭୁ ପ୍ରସାଦ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ରଥ, ଶୋଭା ବୋଙ୍ଗାରି ଏବଂ ବର୍ଷା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଫ୍ରେଣ୍ଡସ୍ କ୍ରିକେଟ କ୍ଲବ୍‌ର ନାଇଟ ମ୍ୟାଚ ଉଦ୍‌ଘାଟିତ



ଅତିଥିଙ୍କ ସହ ଖେଳାଳିମାନେ ।

ଡେଲାଙ୍ଗ,୨୯।୪(ଡି.ଏନ୍.ଏ.)

ଫ୍ରେଣ୍ଡସ୍ କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ବାର୍ଷିକ ନାଇଟ୍ ମ୍ୟାଚ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଡେଲାଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଅନିଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡେଲାଙ୍ଗ ବ୍ଲକ ଅଧୀନ ଉଦୟପୁର ଖେଳ ପଡିଆରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ଚାଲିବାକୁ ଥିବା ଏହି ନାଇଟ ମ୍ୟାଚରେ ଡେଲାଙ୍ଗ ବ୍ଲକରୁ ମୋଟ ୧୬ଟି ଟିମ ଯୋଗଦେଇଥିଲେ। ପ୍ରଥମ ରାତ୍ରରେ ୧୬ଟି ଯାକ ଟିମ ମଧ୍ୟରେ ସମସ୍ତ ଲିଗ ମ୍ୟାଚ ଖେଳାଯିବ। ରବିବାର ସେମି ଫାଇନାଲ ଓ ପରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି। ଉତ୍ସବରେ କ୍ଲବର କର୍ମକର୍ତ୍ତା ସ୍ୱାଗତ ବରାଳ, ସନ୍ତୋଷ କୁମାର ବିଶ୍ୱାଳ, ଅଭିଜିତ ବିଶ୍ୱାଳ, ସୁମନ୍ତ ଜେନା,ରମେଶ ବିଶ୍ୱାଳ,ବିଶ୍ୱଜିତ ବିଶ୍ୱାଳ,ବିକାଶ ଚନ୍ଦ୍ର ବଳ,ସୁରେଶ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

# ଏସ୍‌ସିଏସ୍ କଲେଜରେ ଆଲୋଚନାଚକ୍ର

ପୁରୀ ଅଫିସ, ୨୯।୪:

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ, ଏମ୍‌ଏଫ୍‌ସି ଓ ବିବିଏ ବିଭାଗ ଆନୁକୂଲ୍ୟରେ ତଥା ଏନ୍‌ଆଇଟିଟିଆର୍ କୋଲକତା ସହଯୋଗରେ ଆୟୋଜିତ 'ଇଫେକ୍ଟିଭ ଟିଚିଂ ଲର୍ନିଂ ପ୍ରୋସେସ୍ ୟୁଜିଂ ଇନ୍‌ଷ୍ଟ୍ରକ୍‌ଶନ ମିଡିଆ' ଶୀର୍ଷକ ଅଧ୍ୟାପକ ପ୍ରଶିକ୍ଷଣ ଓ ବିକାଶ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର, ଏମ୍‌ବିଏ, ଏମ୍‌ଏଫ୍‌ସି ଏବଂ ବିବିଏ ବିଭାଗ ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ, ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଯୋଗଦେଇଥିଲେ। ସେମାନେ ମୁଖ୍ୟ ପ୍ରଶିକ୍ଷକ ତଥା ଏନ୍‌ଆଇଟିଟିଆର୍ ଓଡ଼ିଶା ଶାଖା ସଂଯୋଜକ ପ୍ରଫେସର ଡ. ସୁବ୍ରତୋ ଚଟ୍ଟୋପାଧ୍ୟାୟ ଏବଂ ସହପ୍ରଶିକ୍ଷକ ତଥା ପୁରୀ ଜିଲା ଇନଫର୍ମେଟିକ୍ସ ଅଫିସର ବୈଜ୍ଞାନିକ ବିଶ୍ୱନାଥ ପଣ୍ଡାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଏସ୍‌ସିଏସ୍ କଲେଜ ସମେତ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ୪୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ବିଭାଗୀୟ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ପ୍ୟାରୀମୋହନ ଜେନା, ଅଭିଷେକ ଶତପଥୀ, ରାଜେଶ ତ୍ରିପାଠୀ, ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ ଓ ସୌମ୍ୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଟ ପାଇଁ ପ୍ରାର୍ଥୀଙ୍କ ଜୋର୍‌ଦାର ପ୍ରଚାର

## ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ

ଗୋପ,୨୯।୪(ଡି.ଏନ୍.ଏ.)

୨୦୧୨ରେ ଜିଲା ପରିଷଦ ନିର୍ବାଚନ ରଣାଙ୍ଗନରେ ଭାଜପା ପ୍ରାର୍ଥୀ ରାଜକିଶୋର ମଲ୍ଲିକ ମାତ୍ର ୨୫୦ ଖଣ୍ଡ ଭୋଟ ପାଇଥିବା ବେଳେ ୨୦୧୭ରେ ସନ୍ଧ୍ୟାରାଣୀ ସେନାପତି ୬, ୬୭୦ ଖଣ୍ଡ ଭୋଟ ପାଇଥିଲେ। ସେହିଭଳି ଗତ ଜିଲା ପରିଷଦ ନିର୍ବାଚନ ରଣାଙ୍ଗନରେ ନିରଞ୍ଜନ ମହାପାତ୍ର ୯,୮୬୮ ଖଣ୍ଡ ଭୋଟ ପାଇଥିଲେ। ଆସନ୍ତା ମେ ୨ ତାରିଖରେ ହେବାକୁ ଥିବା ଜିଲା ପରିଷଦ ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରମୋଦ କୁମାର ରାୟ ସର୍ବାଧିକ ଭୋଟ ପାଇ ବିଜୟ ହେବେ ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶନିବାର ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ ପାଇଁ ଅନୁଷ୍ଠିତ ବାଇକ୍ ଶୋଭାଯାତ୍ରାରେ ଯାଇଥିବା ବେଳେ ଏହି ଦମ୍ଭୋକ୍ତି କରିଛନ୍ତି। ଏହି ଶୋଭାଯାତ୍ରାରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପ୍ରଭାତୀ ପରିଡ଼ା, ଦିଲୀପ କୁମାର ନାୟକଙ୍କ ସହ ଜିଲା ପରିଷଦ ପ୍ରାର୍ଥୀ ପ୍ରମୋଦ କୁମାର ରାୟ ଏହି ନିର୍ବାଚନରେ ଅନ୍ତର୍ଭୁକ୍ତ ୭ଟି ପଞ୍ଚାୟତ ବୁଲିଥିଲେ। ଏମ୍‌ପି ଅପରାଜିତା ଗୋପ ବ୍ଲକର ଗଣେଶ୍ୱରପୁର ପଞ୍ଚାୟତରୁ ବାହାରି ରାହାଙ୍ଗୋରଡା, ଡଭାର ପଞ୍ଚାୟତ ଦେଇ ନୁଆଖୋଲମରା ପଞ୍ଚାୟତରେ ପହଞ୍ଚିବା ବେଳେ ଅନ୍ଧାର ହୋଇଥିଲା। ଏହା ସତ୍ତ୍ୱେ କିଛିଟା କିଛି ଜାଗାକୁ ଯାଇ ଭୋଟ ପ୍ରଚରା କରିଥିଲେ।ସେହିପରି ବିଜେଡି ଦଳ ପକ୍ଷରୁ ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ନିଜ ପ୍ରାର୍ଥୀଙ୍କ ସହ ପୁରୀ ସଦର ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଥିବା ୭ଟି ପଞ୍ଚାୟତରେ ଘର ଘର ବୁଲି ନିର୍ବାଚନ ପ୍ରଚାର କରିଥିବା ବେଳେ କଂଗ୍ରେସ ମଧ୍ୟ ବିଭିନ୍ନ ପଞ୍ଚାୟତରେ ଭୋଟରଙ୍କ ନିକଟରେ ପହଞ୍ଚିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ୧୧ ନମ୍ବର ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପରେ ଏହି ଜୋନରେ ଉପନିର୍ବାଚନ କରାଯାଉଛି।




ଏମ୍‌ପି ଅପରାଜିତା ଷଡଙ୍ଗୀ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।

# 'ସୈନିକଙ୍କ ବଳିଦାନ ଦେଶବାସୀଙ୍କ ହୃଦୟରେ ବଞ୍ଚିଥାଏ'

## ଶହୀଦ ଦେବାଶିଷ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ, ୨୮।୪(ଡି.ଏନ୍.ଏ./ସ୍ୱ.ପ୍ର.)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ସତ୍ୟବାଦୀର ଶହୀଦ ଦେବାଶିଷ ବିଶ୍ୱାଳଙ୍କ ନିମନ୍ତେ ଶନିବାର ବକୁଳବନ ମହୋତ୍ସବ କମିଟି ପକ୍ଷରୁ ଅଳଗୁମ ଦନେଇ ବାଙ୍କସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ କବି ଡ. ପ୍ରସନ୍ନ କୁମାର ପାଟଶାଣି, ମୁଖ୍ୟ ବକ୍ତା ରୂପେ ଡ. ପ୍ରତିଭା ମହାରଥୀ, ସମ୍ମାନିତ ଅତିଥି ଭାବେଶ ସଚିକାନ୍ତ ବିଶ୍ୱାଳ,ଇଞ୍ଜିନିୟର ରାଜେଶ କୁମାର ମିଶ୍ର, କବି ସଚ୍ଚିକାନ୍ତ ବିଶ୍ୱାଳ, ମହୋତ୍ସବର ସଭାପତି ସାଧୁଚରଣ ବେହେରା, ଉପସଭାପତି ଲକ୍ଷ୍ମୀ ନାରାୟଣ ମିଶ୍ର ଓ ସମିତି ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଅତିଥିମାନେ ଶହୀଦ ବିଶ୍ୱାଳଙ୍କ ବାସଭବନକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସ୍ମୃତିଚାରଣ କରିଥିଲେ। ଜନ୍ମଭୂମି ଓ ସ୍ୱଜାତିକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଯେଉଁ ଜାଗ୍ରତ ପ୍ରହରୀ ମାନେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି, ସେମାନଙ୍କ ମଧ୍ୟରୁ ସହୀଦ ଦେବାଶିଷ ବିଶାଳ ଅନ୍ୟତମ। ଏପରି ଜଣେ ନିର୍ଭୀକ,ଧର୍ଯ୍ୟବାନ, କର୍ତ୍ତବ୍ୟନିଷ୍ଠ ପୁତ୍ରକୁ ଜନ୍ମ ଦେଇ ବାପ,ମା, କୁଟୁମ୍ବ,ପରିଜନଙ୍କ ସହ ସାଙ୍ଗସାଥୀମାନେ ଆଜି ଗର୍ବିତ। ପ୍ରତ୍ୟେକ ସୈନିକଙ୍କର ଦୁଇଟି ମା। ଗୋଟେ ମାଆର ପଣତକାନି ତଳେ ବଢ଼ିଥାଏ, ଆଉ ଗୋଟେ ମାଆର ପଣତ କାନିରେ ଶୋଇଯାଏ ଶାନ୍ତିର ନିଦରେ ଚିରଦିନ ପାଇଁ। କିନ୍ତୁ ତା'ର କର୍ମର ବଳିଦାନ ଦେଶବାସୀଙ୍କ ହୃଦୟରେ ବଞ୍ଚିଥାଏ ବୋଲି ମୁଖ୍ୟ ବକ୍ତା ପ୍ରତିଭା ମହାରଥୀ କହିଥିଲେ। ଏହି ଅବସରରେ କବୟିତ୍ରୀ ବିଶାଖା ଦେବୀ, ସୁଜାତା ଦେବୀ, କବି ଯୋଗେନ୍ଦ୍ର ନାୟକ, ଦିନକୃଷ୍ଣ ପ୍ରଧାନ, ପାଣ୍ଡ ମହାରଣା, କୃପାନିଧି ପ୍ରଧାନ, ଜିତେନ୍ଦ୍ର ପଣ୍ଡା, ଅଭୟ ଚରଣ ସାହୁ ଓ ଫକୀର ଚନ୍ଦ୍ର ଦାସଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପ୍ରମୁଖ ଶହୀଦଙ୍କ ଉପରେ ଲିଖିତ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରସାଦ ପାଣି, ସମ୍ପାଦକ ଯଯାତି କେଶରୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସ୍ଥାନୀୟ ଆଚାର୍ଯ୍ୟ ହରିହର ଶିଶୁ ଭବନ ସାକ୍ଷୀଗୋପାଳର ଅନ୍ତେବାସିନୀ ଓ କର୍ମକର୍ତ୍ତାମାନେ ଶହୀଦ ଦେବାଶିଷଙ୍କ ଉଦ୍ଦେଶ୍ୟରେ ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ମହମବତୀ ଜାଳି ସାମୂହିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ପଡ଼ି ଯୁବକ ମୃତ

ଭୁବନେଶ୍ୱର,୨୯।୪(ବ୍ୟୁରୋ): ବାଣୀ ବିହାର ଷ୍ଟେଶନ ନିକଟରେ ଟ୍ରେନ୍‌ରୁ ଖସି ପଡି ଜଣେ ଯୁବକଙ୍କ ଶନିବାର ରାତିରେ ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗର ମନିରୁଲ ଇସଲାମ (୧୯)। ଖବରପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି । ଏହାସହ ତାଙ୍କ ପକେଟରୁ ଏକ ମୋବାଇଲ, ବହୁ ଏଟିଏମ କାର୍ଡ ମଧ ଜବତ କରିଛି। ପରିବାର ଲୋକଙ୍କ ଉପସ୍ଥିତିରେ ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ମନିରୁଲ ପଡିଗଲେ ନା କିଏ ଠେଲି ଦେଲେ ତାହାର ତଦନ୍ତ ଚଳାଇଛି ପୋଲିସ। ସୂଚନାନୁସାରେ ମୃତକ ମନିରୁଲ ଓ ତାଙ୍କ ସାଙ୍ଗ ପଶ୍ଚିମବଙ୍ଗରୁ ଟ୍ରେନ ଯୋଗେ କେରଳ ଯାଉଥିଲେ। ପ୍ରବଳ ଭିଡ ଥିବାରୁ ମନିରୁଲ ଟ୍ରେନର ଦ୍ୱାରରେ ବସିଥିଲେ। ବାଣୀବିହାର ଷ୍ଟେସନ ପାର ହେବା ପରେ ହଠାତ ଟ୍ରେନ୍‌ରୁ ଗଳି ପଡିଥିଲେ। ଏନେଇ ଯାତ୍ରୀମାନେ ଚିତ୍କାର କରିବାରୁ ତାଙ୍କ ସାଙ୍ଗ ଖୋଜି ନ ପାଇବାରୁ ସେ ଷ୍ଟେଶନରୁ ଓହ୍ଲାଇ ଚାଲି ଚାଲି ଆସି ଦେଖିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କ କହିବାରୁ ସେମାନେ ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେବା ପରେ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା ।

### ଦୋକାନରୁ ୩୦ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି

ଭୁବନେଶ୍ୱର,୨୯।୪ (ବ୍ୟୁରୋ) : ରାଜଧାନୀରେ ପୁଣି ବଡ଼ଧରଣର ଚୋରି। ମୋବାଇଲ ଦୋକାନକୁ ଟାର୍ଗେଟ କରିବା ସହ ଶର୍ଟର୍ କାଟି ୩୦ରୁ ଊର୍ଦ୍ଧ୍ୱ ଦାମୀ ମୋବାଇଲ ଫୋନ ସହ ଲାପଟପ ନେଇଯାଇଛନ୍ତି ଦୁର୍ବୃତ୍ତ। ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବ ବିହାର ବିଜୁ ପଟ୍ଟନାୟକ କଲେଜ ନିକଟସ୍ଥ ବନଶ୍ରୀ ମୋବାଇଲ ଦୋକାନରୁ ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟିଥିବା ଜଣାପଡିଛି। ଚୋରି ହୋଇଥିବା ସାମଗ୍ରୀର ମୋଟ ଦାମ ପ୍ରାୟ ୫ଲକ୍ଷରୁ ଅଧିକ ହେବ। ତେବେ ଲୁଟ୍ ବେଳର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏନେଇ ଦୋକାନ ମାଲିକଙ୍କ ଅଭିଯୋଗ ଆଧାରରେ ନୟାପଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି। ଅନ୍ୟପଟେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଅଞ୍ଚଳରୁ କେତେଜଣ ଦୁର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ୩୦ରୁ ଅଧିକ ମୋବାଇଲ ନେଇଥିବା ବେଳେ ପୁଣି ସମାନଧରଣର ମୋବାଇଲ ଦୋକାନରୁ ଲୁଟ କରିଛନ୍ତି ଦୁର୍ବୃତ୍ତ।

### ନନ୍ଦନକାନନ ପାଳିଲା ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ବାରଙ୍ଗ,୨୯।୪(ଡି.ଏନ.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୩ ପାଳିତ ହୋଇଯାଇଛି। ପ୍ରାଣୀ ଚିକିତ୍ସା ବୃତ୍ତିରେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରାଯାଇଛି। ଏହି ଉପଲକ୍ଷେ ପ୍ରକୃତି ଚେତନା କେନ୍ଦ୍ର ସାମ୍ନାରେ ଏକ ସଚେତନତା କାର୍ଯ୍ୟକ୍ରମ ନନ୍ଦନକାନନ ପ୍ରାଣୀ ଚିକିତ୍ସାକେନ୍ଦ୍ର ପକ୍ଷରୁ କରାଯାଇଥିଲା। ନନ୍ଦନକାନନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ପ୍ରାଣୀଚିକିତ୍ସା ବୃତ୍ତି, ଜୀବଜନ୍ତୁଙ୍କ ପରିଚାଳନା, ଉଦ୍ଧାର ହୋଇଆସୁଥିବା ହିଂସ୍ର ଜୀବଜନ୍ତୁଙ୍କ ସୁରକ୍ଷା ଓ ଚିକିତ୍ସା ଉପରେ ବୁଝାଯାଇଥିଲା। ସନ୍ଧ୍ୟାରେ ଏହାକୁ ଉଦ୍‌ଯାପନୀ କରାଯାଇଥିବା ବେଳେ ନନ୍ଦନକାନନରେ ବିଗତଦିନରେ କାର୍ଯ୍ୟ କରିଯାଇଥିବା ୧୪ଜଣ ପ୍ରାଣୀ ଚିକିତ୍ସକ ଯାହାଙ୍କ ମଧ୍ୟରେ ୨ଜଣ ଟେକନିକାଲ କମିଟି ସଭ୍ୟ ଓ ୧୨ଜଣ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ସମ୍ମାନିତ କରାଯାଇଥିଲା।

# ବହୁତଳ ପାର୍କିଂ ଖାଲିପଡୁଛି
# ଗଳିକନ୍ଦିରେ ଗାଡ଼ି ରହୁଛି





ଭୁବନେଶ୍ୱର,୨୯।୪(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଗାଡିମୋଟର ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ଲୋକେ ରାସ୍ତା ଓ ନୋ ପାର୍କିଂ ଜୋନ୍‌ରେ ଗାଡି ରଖୁଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହରର ସବୁଠାରୁ ଜନଗହଳିପୂର୍ଣ୍ଣ ଅଞ୍ଚଳ କୁହାଯାଉଥିବା

### ଅଧିକ ପାର୍କିଂ ଫି' ଭାରି ବାଧୁଛି

ରାଜମହଲ ଓ ଶହୀଦ ନଗରରେ ଏହି ସମସ୍ୟାକୁ କମ୍ କରିବା ପାଇଁ ନିର୍ମାଣ ହୋଇଛି ବହୁତଳ ବିଶିଷ୍ଟ ପାର୍କିଂ(ଏମ୍ଏଲ୍‌ସିପି)। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପକ୍ଷରୁ ନିର୍ମିତ ଏହି ଦୁଇ ବହୁତଳ ପାର୍କିଂ ଏବେ ଖାଲି ପଡୁଥିବାବେଳେ ଲୋକେ ଗଳିକନ୍ଦି, ରାସ୍ତା କଡ଼ ଓ ଏଠିସେଠି ପାର୍କିଂ କରୁଛନ୍ତି। ଫଳରେ ବହୁତଳ ପାର୍କିଂ ଯୋଜନାର ଲକ୍ଷ୍ୟ ବିଫଳ ହେବା ସହ ଟ୍ରାଫିକ୍ ସ୍ଥିତି ସୁଧୁରି ପାରୁନି। ଅଧିକ ପାର୍କିଂ ଫି' ଯୋଗୁ ଲୋକେ ଏଭଳି ବେଆଇନ ପାର୍କିଂ କରୁଥିବା ଜଣାପଡିଛି। ରାଜମହଲସ୍ଥିତ ବହୁତଳ ପାର୍କିଂରେ ୪୦୦ କାର୍ ଓ ୭୦୦ ବାଇକ୍ ରହିବାର ବ୍ୟବସ୍ଥା ରହିଛି। ମାତ୍ର ଉଦ୍‌ଘାଟନକୁ ପ୍ରାୟ ୬ମାସ ବିତିଥିଲେ ମଧ କୌଣସି ଗୋଟିଏ ଦିନ ପାର୍କିଂ ଅଞ୍ଚଳ ପୂରଣ ହେଉନାହିଁ। ସେହିପରି ଶହୀଦନଗର ବହୁତଳ ପାର୍କିଂରେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଏଠାରେ ୧୯୬ କାର୍ ଓ ୩୯୮ ବାଇକ୍ ପାର୍କିଂ କ୍ଷମତା ରହିଥିଲେ ମଧ ଲକ୍ଷ୍ୟ ହାସଲ ହୋଇପାରୁ ନାହିଁ। ଫଳରେ ଏ ବାବଦକୁ ଖର୍ଚ୍ଚ ହୋଇଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିବା ପରି ମନେ ହେଉଛି। ପାର୍କିଂ ଫି' କମାଇବା ସହ ସହରର ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ଏପରି ପାର୍କିଂ ବ୍ୟବସ୍ଥା କରିବା ପାଇଁ ମତ ପ୍ରକାଶ ପାଉଛି।



### 'ସୁରକ୍ଷିତ ପାର୍କିଂ ପାଇଁ ଧାର୍ଯ୍ୟ ଫି' ଆଦୌ ଅଧିକ ନୁହେଁ

ବହୁତଳ ପାର୍କିଂ ବ୍ୟବସ୍ଥା ଦ୍ୱାରା ସହରର ଟ୍ରାଫିକ୍ ସମସ୍ୟା ଅନେକାଂଶରେ କମ୍ ହୋଇପାରିଛି। ଗାଡ଼ି ଏଣେତେଣେ ପାର୍କିଂ ନ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ପାର୍କିଂ ଫି' ଆଦାୟ କରୁଥିବା ଏଜେନ୍ସି, ପାର୍କିଂସ୍ଥଳର ରକ୍ଷଣାବେକ୍ଷଣ ତଥା ଆଲୋକୀକରଣ ଆଦିରେ ଯେଉଁ ଖର୍ଚ୍ଚ ହେଉଛି ସେ ତୁଳନାରେ ଆଦାୟ ହେଉଥିବା ଦେୟ ବିଶେଷ ଅଧିକ ନୁହେଁ। ସହରର ଅନ୍ୟ ଅଞ୍ଚଳରେ ବହୁତଳ ପାର୍କିଂ ନେଇ ବର୍ତ୍ତମାନ କୌଣସି ଯୋଜନା ନାହିଁ। ଆସନ୍ତା ଜୁନ୍‌ରେ ଏନେଇ ଚିନ୍ତା କରାଯିବ। ରାଜମହଲ ଅଞ୍ଚଳରେ ବେଆଇନ ପାର୍କିଂ କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପରେ ବର୍ତ୍ତମାନ ସେମାନେ ପାର୍କିଂ ସ୍ଥଳରେ ଗାଡ଼ି ରଖୁଛନ୍ତି। ତେବେ ଶହୀଦନଗର ଅଞ୍ଚଳରେ ଏବେ ଅନେକ ଅମାନିଆ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ସେଠାରେ ମଧ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦାମୀ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ପାଇଁ ସୁରକ୍ଷିତ ପାର୍କିଂ ପାଇଁ ଧାର୍ଯ୍ୟ ଫିସ୍ ଆଦୌ ଅଧିକ ନୁହେଁ।

- ସୁବ୍ରତ କୁମାର ବେହେରା,
ଜେନେରାଲ ମ୍ୟାନେଜର(ଆଡମିନ୍ ଆଣ୍ଡ ଟେକ୍ନୋଲୋଜି), ବିଏସ୍‌ସିଏଲ୍



" ସହରରେ ଘରେ ଘରେ କାର୍ ବାଇକ୍ ରହିଛି। ନିଜ ଗାଡ଼ିରେ ଯିବାଆସିବା କରିବାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ରାଜମହଲ ବା ଶହୀଦନଗର ଅଞ୍ଚଳରେ ବହୁତଳ ପାର୍କିଂ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ଫି' ଅଧିକ ରହୁଛି। ଏହାବ୍ୟତୀତ ଅନ୍ୟ ସ୍ଥାନରେ ଏପରି ପାର୍କିଂର ବ୍ୟବସ୍ଥା କରାଯିବା ଆବଶ୍ୟକ। ସେହିପରି ପାର୍କିଂ ଫି' ମଧ କମାଇବା ଆବଶ୍ୟକତା ରହିଛି। ପ୍ରତିଦିନ ପାର୍କିଂ କରିବାକୁ ଚାହୁଁଥିବା ଲୋକ ଏହାଦ୍ୱାରା ଉପକୃତ ହେବେ।

- ସଂଘମିତ୍ରା ମହାନ୍ତି, ଶିକ୍ଷୟିତ୍ରୀ



" କାର୍ ପାର୍କିଂ ଫି' ସର୍ବନିମ୍ନ ୨ ଘଣ୍ଟା ପ୍ରତି ୪୦ ଟଙ୍କା ରହିଛି । ୫ ମିନିଟ୍ ଅଧିକ ହେଲେ ଆଉ ୨୦ ଟଙ୍କା ଦେବାକୁ ପଡୁଛି। ନିୟମିତ ଗାଡ଼ି ପାର୍କିଂ କରୁଥିବା ଲୋକ ପାର୍କିଂ ପିଛା ମାସିକ ଖର୍ଚ୍ଚ ଅତ୍ୟଧିକ ରହୁଥିବାରୁ ସମସ୍ୟା ହେଉଛି। ଏହି ଫି' କମାଇବାର ଆବଶ୍ୟକତା ରହିଛି। ନଚେତ୍ ପରିସ୍ଥିତି ଏପରି ହେବ ପାର୍କିଂ ଅଞ୍ଚଳ ଖାଲିପଡ଼ିବ,ଲୋକେପୂର୍ବପରିବେଆଇନପାର୍କିଂକରିବାକୁବାଧହେବେ।

- ସରିତା ମଙ୍ଗରାଜ, ଗୃହିଣୀ



" ପାର୍କିଂ ଫି' ବହୁତ ଅଧିକ ରହିଛି। ସହରବାସୀଙ୍କ ସୁବିଧା ପାଇଁ ଯଦି ଏହି ପାର୍କିଂ ବ୍ୟବସ୍ଥା କରାଯାଇଛି, ତେବେ ଏହା ନିଃଶୁଳ୍କ କରାଯିବାର ଥିଲା। ନଚେତ୍ ସବୁ ବର୍ଗର ଲୋକଙ୍କୁ ସୁହାଇଲା ଭଳି ଫି' ନିର୍ଦ୍ଧାରଣ କରିବା ଉଚିତ୍। ସେହିପରି ନିୟମିତ ଗାଡ଼ି ରଖୁଥିବା ଲୋକଙ୍କ ପାଇଁ ରିହାତି ଦରରେ ପାସ୍ ବ୍ୟବସ୍ଥା କରାଯାଇପାରିଲେ ସେମାନେ ଉପକୃତ ହେବା ସହ ବାହାରେ ପାର୍କିଂ କରିବାକୁ ଇଚ୍ଛା ପ୍ରକାଶ କରନ୍ତେ ନାହିଁ।

-ଚିନ୍ମୟ ଦାସ, ସହରବାସୀ




ଓୟୁଏଟି ପକ୍ଷରୁ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ଉଦ୍ୟୋଗୀ ଅନିତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପଦଯାତ୍ରାରେ ପ୍ରାଣୀ ସହ ସାମିଲ ହେଲେ ପ୍ରାଣୀପାଳକ

ଭୁବନେଶ୍ୱର,୨୯।୪(ବ୍ୟୁରୋ)

### ଓୟୁଏଟିରେ ପ୍ରାଣୀ ଚିକିତ୍ସା ଦିବସ

ଓୟୁଏଟି ଅଧୀନ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ପକ୍ଷରୁ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପଦଯାତ୍ରାରେ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ପ୍ରାଣୀପାଳକମାନେ ବିଭିନ୍ନ ପ୍ରଜାତିର ପୋଷା ପ୍ରାଣୀଙ୍କ ସହ ସାମିଲ ହୋଇଥିଲେ। ଅଶ୍ୱାରୋହୀ ଓ ବିଭିନ୍ନ ପୋଷା ପ୍ରାଣୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଉତ୍ସବରେ ବିଏମସି ମେୟର ସୁଲୋଚନା ଦାସ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ପ୍ରାଣୀପାଳକ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା କେନେଲ କ୍ଲବର ସଭାପତି ସୁବ୍ରତ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁକୁରଙ୍କ ପାଇଁ ଏକ ନିଃଶୁଳ୍କ ଟିକାକରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଅତ୍ୟାଧୁନିକ ପାଥୋଲୋଜି ଓ ବିଏସ୍ଏଲ-୨ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ଯୋଗ ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ସ୍ୱାମୀନାଥନ୍ ପ୍ରେକ୍ଷାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କୁଳପତି ରାଉଳ ପ୍ରାଣୀ ଓ ପ୍ରାଣୀଚିକିତ୍ସାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଭାରତୀୟ ଭେଷଜ ମହାସଂଘର ରାଜ୍ୟ ଶାଖା ସମ୍ପାଦକ ଡ. ବି.କେ. ଦାଶ, ଓଡ଼ିଶା ପ୍ରାଣୀ ଚିକିତ୍ସା ପରିଷଦର ସଭାପତି ଡ. ରୁଦ୍ର ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରାଣୀ ଚିକିତ୍ସା ଉଦ୍ୟୋଗୀ ଡ. ଦେବାଶିଷ ଦାଶ ଓ ପ୍ରାଣୀ ପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନିତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଣୀ ପାଳନ ଉଦ୍ୟୋଗ ସମ୍ପର୍କିତ କର୍ମଶାଳାରେ ଜାଭିୟର ବିଶ୍ୱବିଦ୍ୟାଳୟର ଡିନ୍ ଡ. ନିରଜ କୁମାର ଯୋଗଦେଇ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ସୁସେନ୍ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନ, ପ୍ରାଣୀ ଚିକିତ୍ସାଳୟର ନିର୍ଦ୍ଦେଶକ ବିଜୟ କୁମାର ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ବଡ଼ଗଡ଼ରେ ହେରିଟେଜ ଗେଟ୍ ନିର୍ମାଣ କାର୍ଯ୍ୟ ପାଇଁ କଟକଣା ଜାରି

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ସ୍ଥାନୀୟ ବଡ଼ଗଡ଼ ବଜାର ଛକ ପାଖରେ ହେରିଟେଜ ଗେଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେଣୁ ଜନସାଧାରଣଙ୍କ ନିରାପତ୍ତା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି କଳ୍ପନା ଛକ ପଟୁ ବଡ଼ଗଡ଼ ଆଡ଼କୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହାନ ପାରାମାଉଣ୍ଟ ଛକଠାରୁ ବଡ଼ଗଡ଼ କେନାଲ ବ୍ରିଜ ମଧ୍ୟରେ ବଡ଼ଗଡ଼ ରାସ୍ତାରେ ଯିବାଆସିବା କରିପାରିବେ ନାହିଁ। ସେମାନେ ପାରାମାଉଣ୍ଟ ଛକଠାରୁ ଡାହାଣ ମୋଡ଼ ନେଇ ବିଜେବି ନଗର (ଆଖଣ୍ଡଳମଣୀ ଛକ) ଠାରୁ ବାମ ମୋଡ଼ ନେଇ ମହିଷୀଖାଲ ଛକ ଏବଂ ସେଠାରୁ ବାମ ମୋଡ଼ ନେଇ ବଡ଼ଗଡ଼ କେନାଲ ବ୍ରିଜ ରାସ୍ତା ଦେଇ ବଡ଼ଗଡ଼ ଯାଇପାରିବେ। ସେହିପରି ବଡ଼ଗଡ଼ ପଟୁ କଳ୍ପନା ଆଡ଼କୁ ଯିବାକୁ ଚାହୁଁଥିବା ଯାନବାହାନ ସେହି ରାସ୍ତାକୁ ବ୍ୟବହାର କରିପାରିବେ ନାହିଁ। ଏହି କଟକଣା ହେରିଟେଜ ଗେଟର ନିର୍ମାଣ କାର୍ଯ୍ୟ ନିମନ୍ତେ ଆସନ୍ତା ୦୫.୦୫.୨୦୨୩ ରିଖଠାରୁ ତା. ୦୫.୦୬.୨୦୨୩ ରିଖ ପର୍ଯ୍ୟନ୍ତ ଲାଗୁ କରାଯିବ। ଏହି କଟକଣା ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଧାରା ୨୮ (ଓଡ଼ିଶା ଆକ୍ଟ ୨୦୦୭ ର ଧାରା ୮) ଏବଂ ପୋଲିସ କମିଶନରେଟ, ଭୁବନେଶ୍ୱର କଟକ ଟ୍ରାଫିକ ରୁଲ ୨୦୦୮ ଧାରା ୩୬ ନିମ୍ନଲିଖିତ କଟକଣା ଜାରି କରାଯାଇଛି।

### ଜେଇଇ ମେନ୍-୨ ଫଳ
### ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଆଇଆଇଟି ସମେତ ଦେଶର ବିଭିନ୍ନ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ଜେଇଇ ମେନ୍ (ସେସନ୍-୨) ଫଳ ପ୍ରକାଶ ପାଇଥିବାବେଳେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଛାତ୍ର ସଂକେତ ଦାଶ ୯୯.୯୧ ସ୍କୋର ହାସଲ କରି କରି ସ୍କୁଲ ଟପ୍ପର ହୋଇଛନ୍ତି। ସଂକେତ ପଦାର୍ଥବିଜ୍ଞାନରେ ୯୯.୮୭୨, ରସାୟନ ବିଜ୍ଞାନରେ ୯୭.୮୫୭ ଏବଂ ଗଣିତରେ ୯୯.୯୭୬ ପର୍ସେଣ୍ଟାଇଲ୍ ରଖିଛନ୍ତି। ସେହିଭଳି ଏହି ସ୍କୁଲର ଛାତ୍ର ଦେବାଶିଷ ପଟ୍ଟନାୟକ ୯୯.୮୯୬, ସ୍ନେହିଲ୍ ସଂଯୋଗ ୯୯.୮୩୭, ସଂକେତ ରାଉତ ୯୯.୮୦୯ ପର୍ସେଣ୍ଟାଇଲ୍ ରଖିଛନ୍ତି। ୧୨ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଥିବାବେଳେ ୨୦ ଜଣ ୯୫ ପର୍ସେଣ୍ଟାଇଲ୍‌ରୁ ଅଧିକ ଏବଂ ୩୧ ଜଣ ଛାତ୍ରୀଛାତ୍ର ୯୦ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଜେଇଇ ମେନ୍‌ରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ର ଅମ୍ରିତାଂଶୁ ମହାନ୍ତି ୯୯.୯୭୪ ପର୍ସେଣ୍ଟାଇଲ୍ ରଖି ଜେଇଇ ମେନ୍ (ସେସନ୍-୧)ରେ ଓଡ଼ିଶା ଟପ୍ପର ହୋଇଥିଲେ।

### ଓଡ଼ିଶା ଟପ୍ପରଙ୍କୁ ଡ. ଅଚ୍ୟୁତ ସାମନ୍ତଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

#### କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା

କିଟ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀ ପ୍ରିୟଙ୍କା ସର ଜେଇଇ ମେନ୍ ସେସନ-୨ ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଥିବାବେଳେ ୧୭ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। କିଟ୍ ଓ କିସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ପ୍ରିୟଙ୍କାଙ୍କ ସମେତ ଅନ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡ. ସାମନ୍ତ କହିଛନ୍ତି, ଏହି ସଫଳତା ଦ୍ୱାରା ପ୍ରିୟଙ୍କା କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ସହ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିପାରିଛନ୍ତି। ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯିବା ଫଳରେ ସ୍କୁଲର ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ଅନ୍ୟ ସମସ୍ତ କ୍ଷେତ୍ରରେ ଲଗାତର ସଫଳତା ହାସଲ କରିଆସୁଛନ୍ତି ବୋଲି ଡ. ସାମନ୍ତ କହିଛନ୍ତି। ଏଥିସହ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ ଓ ଅଧକ୍ଷ ଡ. ସଞ୍ଜୟ ସୁଆର ତଥା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଅପରପକ୍ଷରେ ପ୍ରିୟଙ୍କା ଓ ତାଙ୍କ ଅଭିଭାବକ ଏହି ସଫଳତା ପାଇଁ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।




ଓଡ଼ିଶା ଆସୋସିଏଶନ୍ ଫର୍ ବ୍ଲାଇଣ୍ଡର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇଥିବା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## 'ସ୍ପେଶାଲ କ୍ରାଇମ ୟୁନିଟ୍' ହେଲା ଥାନା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

#### ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ



ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା 'ସ୍ପେଶାଲ କ୍ରାଇମ ୟୁନିଟ୍' ଏବେ ଥାନା ହୋଇଛି। ଏହି 'ୟୁନିଟ୍' ଏବେ 'ସ୍ପେଶାଲ କ୍ରାଇମ ୟୁନିଟ ଥାନା' ଭାବେ କାର୍ଯ୍ୟ କରିବ ବୋଲି ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଅନୁଯାୟୀ, କମିଶନରେଟ ପୋଲିସରେ ଏହି କ୍ରାଇମ ୟୁନିଟ୍ ଖୋଲିବା ପାଇଁ ୨୦୨୧ ଡିସେମ୍ବର ୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ପରେ ଏହି ୟୁନିଟ୍ କମିଶନରେଟ ମୁଖ୍ୟାଳୟରେ କାର୍ଯ୍ୟ କରୁଥିଲା। କଟକ ଓ ଭୁବନେଶ୍ୱରରେ ହେଉଥିବା ସଂଘଠିତ ଅପରାଧ, ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଘଟଣା ଆଦିରେ ବିଭିନ୍ନ ଥାନାରେ ରୁଜୁ ହେଉଥିବା ମାମଲାର ତଦନ୍ତରେ ଏହି ୟୁନିଟ୍ ସହଯୋଗ କରୁଥିଲା। ଉକ୍ତ ୟୁନିଟ୍‌ର ମୁଖ୍ୟ ଭାବେ ଜଣେ କ୍ରାଇମ୍ ଡିସିପି କାର୍ଯ୍ୟ କରୁଛନ୍ତି। ପୋଲିସ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ନୂଆ ଥାନା ଏବେ ମାମଲା ରୁଜୁ କରି ତଦନ୍ତ କରିପାରିବ। ସେହିପରି ଏହି ଥାନାରେ ଆଗାମୀ ଦିନରେ ଅନ୍ୟାନ୍ୟ ଅଧିକାରୀଙ୍କୁ ମଧ ନିଯୁକ୍ତ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କମିଶନରେଟ ପୋଲିସର କ୍ରାଇମ ଡିସିପି ଭାବେ କାର୍ଯ୍ୟ କରୁଥିବା ସୁଦାମ ଚରଣ ସାହୁ ଶନିବାର ଅବସର ଗ୍ରହଣ କରିଛନ୍ତି। ତେଣୁ କିଛିଦିନ ମଧ୍ୟରେ ତାଙ୍କ ସ୍ଥାନରେ ଆଉ ଜଣେ ଅଧିକାରୀଙ୍କୁ କ୍ରାଇମ ଡିସିପି ଭାବେ ନିଯୁକ୍ତ କରାଯିବ ବୋଲି ସୂଚନା ମିଳିଛି।

# ‘ଶ୍ରୀମନ୍ଦିରରେ ଧାର୍ଯ୍ୟ ସମୟରେ ହେଉନି ନୀତି’

**ପୁରୀ ଅଫିସ, ୨୯।୪**

ଶ୍ରୀମନ୍ଦିରରେ ଧାର୍ଯ୍ୟ ସମୟ ତଥା ନୀତିନିର୍ଘଣ୍ଟ ଅନୁଯାୟୀ ନୀତିକାନ୍ତି ହେଉନାହିଁ। ଏପରି କି ଅନେକ ସମୟରେ ଆନନ୍ଦ ବଜାରରେ ଶୃଙ୍ଖଳା ରହୁନାହିଁ। ଫଳରେ ମହାପ୍ରଭୁଙ୍କ ଦର୍ଶନ ସମେତ ମହାପ୍ରସାଦ ପାଇବାରେ ଭକ୍ତ ହଇରାଣ ହେଉଛନ୍ତି ବୋଲି ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ଅଭିଯୋଗ ଆଣିଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ନିଯୋଗ ପକ୍ଷରୁ ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଛି।

ନିଯୋଗ ପକ୍ଷରୁ ପ୍ରଦତ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୮ ତାରିଖରେ ଅନୁଷ୍ଠିତ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ନିଷ୍ପତ୍ତିକ୍ରମେ ଚୂଡ଼ାନ୍ତ ଦୈନନ୍ଦିନ ନୀତିନିର୍ଘଣ୍ଟ ସମୟ ସାରଣୀ ସ୍ଥିର ହୋଇଥିଲା। କିନ୍ତୁ ସମ୍ପ୍ରତି ମହାପ୍ରଭୁଙ୍କ ସକାଳ ମଙ୍ଗଳ ଆଳତି ଠାରୁ ଆରମ୍ଭ କରି ପ୍ରଥମ ଭୋଗମଣ୍ଡପ ଓ ଦ୍ୱିତୀୟ ଭୋଗମଣ୍ଡପ ନୀତି ନିର୍ଘଣ୍ଟ ମୁତାବକ ହେଉନାହିଁ। ମହାପ୍ରଭୁଙ୍କ ନୀତିରେ ଅହେତୁକ ବିଳମ୍ବ ପରିଲକ୍ଷିତ ହେଉଛି। ଫଳରେ ଭକ୍ତ ଧାର୍ଯ୍ୟ ସମୟରେ ମହାପ୍ରସାଦ ପାଇପାରୁନାହାନ୍ତି। ଅପରପକ୍ଷରେ ସୂପକାରମାନେ ଆବଶ୍ୟକ ପରିମାଣର ଭୋଗ ରନ୍ଧନ କରି ମଧ ଭକ୍ତଙ୍କୁ ଯୋଗାଇ ନ ପାରି ଦୁଃଖ ପ୍ରକାଶ କରୁଛନ୍ତି। ସେହିପରି ଭକ୍ତମାନେ ବରାଦି ଭୋଗ ବରାଦ କଲେ ମଧ୍ୟ ପଛ ଭୋଗମଣ୍ଡପ ବହୁ ବିଳମ୍ବରେ ହେଉଥିବାରୁ ଧାର୍ଯ୍ୟ ସମୟରେ ମହାପ୍ରସାଦ ନ ପାଇପାରି ଫେରିଯାଉଥିବାରୁ ସୂପକାରମାନେ ପ୍ରତ୍ୟେକ ଦିନ ବହୁ କ୍ଷତି ସହୁଛନ୍ତି। ତେଣୁ ସୂପକାରମାନେ ମହାପ୍ରସାଦ ଭୋଗଜନିତ କ୍ଷତି ଭରଣା ପାଇଁ ସୁଆର ମହାସୁଆର ନିଯୋଗଠାରେ ଦାବି କରୁଛନ୍ତି। ସେହିପରି ଭକ୍ତଙ୍କ ସୁବିଧା ଓ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ପାଇଁ ଆନନ୍ଦ ବଜାର ଶୃଙ୍ଖଳା ସମ୍ବନ୍ଧରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ପତ୍ର ମାଧ୍ୟମରେ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲେ ମଧ୍ୟ ସନ୍ତୋଷଜନକ ପଦକ୍ଷେପ ନିଆଯାଉନାହିଁ। ଶୃଙ୍ଖଳା ନିମନ୍ତେ ୧୨ଜଣ ସୂପକାର ସଭ୍ୟଙ୍କୁ ଏଯାବତ୍ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନିଯୁକ୍ତି ଦିଆଯାଇପାରିନାହିଁ। ଅବଢ଼ା ମହାପ୍ରସାଦ ଦୋକାନ ଓ ଖଜା ଦୋକାନର ପୃଥକ ଭାବେ ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇନାହିଁ। ଫଳରେ କୋଇଲି ବୈକୁଣ୍ଠରେ ଅନୁଚିତ ଭାବେ ମହାପ୍ରସାଦ ବିକ୍ରି କରାଯିବାରୁ ବିଭିନ୍ନ ବିଶୃଙ୍ଖଳା ଦେଖାଦେଉଛି। ଉତ୍ତରଦ୍ୱାର ନିକଟରେ କୌଣସି ସୁବ୍ୟବସ୍ଥା କରା ନ ଯିବାରୁ ଭକ୍ତମାନେ ହକରମାନଙ୍କ ପ୍ରାଦୁର୍ଭାବର ଶିକାର ହେଉଛନ୍ତି। ଉପଯୁକ୍ତ ପ୍ରଶାସନିକ ପଦକ୍ଷେପ ଅଭାବରୁ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଲାଣି। ତେଣୁ ଏହି ସମସ୍ୟାକୁ ଅନୁଧ୍ୟାନ କରି ସମାଧାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି ବୋଲି ସମ୍ପାଦକ ନାରାୟଣ ମହାସୁଆର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



**ଆନନ୍ଦ ବଜାରରେ ରହୁନି ଶୃଙ୍ଖଳା**

- ଅଭିଯୋଗ ଆଣିଲା ସୁଆର ମହାସୁଆର ନିଯୋଗ
- ପଦକ୍ଷେପ ନେବାକୁ ମୁଖ୍ୟ ପ୍ରଶାସକ, ଜିଲାପାଳଙ୍କୁ ଚିଠି

# ଅଢ଼େଇ ଘଣ୍ଟା ନୀତି ବିଳମ୍ବ

**ପୁରୀ ଅଫିସ, ୨୯।୪**

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ନୀତି ବିଳମ୍ବ ହୋଇଛି। ଶ୍ରୀବିଗ୍ରହମାନଙ୍କ ଚନ୍ଦନ ଲାଗି ନୀତିରେ ପ୍ରାୟ ଅଢ଼େଇ ଘଣ୍ଟା ନୀତି ବିଳମ୍ବ ଘଟିଥିଲା। ଫଳରେ ମହାପ୍ରଭୁଙ୍କ ଅନ୍ୟ ନୀତି ମଧ୍ୟ ବିଳମ୍ବରେ ସରିଥିଲା। ପୂଜାପଣ୍ଡା ଓ ସିଂହାରୀ ସେବକଙ୍କ ମଧ୍ୟରେ ବିବାଦ ଏହାର କାରଣ ବୋଲି ଜଣାପଡ଼ିଛି। ଏନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଭୋଗମଣ୍ଡପ ଅପରାହ୍ନ ୧ଟା ୨୫ରେ ସରି ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ୨ଟା ୩୦ରେ ଆଳଟ ଲାଗିହୋଇଥିଲା। ପରେ ଚନ୍ଦନ ବିଜେ ହୋଇ ମହାପ୍ରଭୁଙ୍କ ଚନ୍ଦନ ଲାଗି ନୀତି ଅନୁଷ୍ଠିତ ହୋଇଥାନ୍ତା। ମାତ୍ର ଏହି ସମୟରେ ମହାପ୍ରଭୁଙ୍କ ତ୍ରିମୁଣ୍ଡିରେ ଚନ୍ଦନ ଲଗାଇବାକୁ ନେଇ ପୂଜାପଣ୍ଡା ଓ ସିଂହାରୀ ସେବାୟତଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ନୀତି ନ ହୋଇପାରି ଅଟକି ରହିଥିଲା। ପରମ୍ପରା ଅନୁଯାୟୀ, ଚନ୍ଦନ ଲାଗି ସମୟରେ ଶ୍ରୀବିଗ୍ରହମାନଙ୍କ ତ୍ରିମୁଣ୍ଡି ବା ମସ୍ତକରେ ଚନ୍ଦନ ଲଗାଯାଏ। ମହାପ୍ରଭୁଙ୍କ ଆଳଟ ଲାଗି ସମ୍ପନ୍ନ ପରେ ଘଣ୍ଟ, ଛତା, କାହାଳୀ ସହ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ଯାଇ ଚନ୍ଦନଘରୁ ତିନୋଟି ରୁପାପିଙ୍ଗଣରେ ଚନ୍ଦନ ଆଣି ମହାପ୍ରଭୁଙ୍କ ନିକଟକୁ ନେଇଥାନ୍ତି। ସେଠାରେ ସିଂହାସନ ଉପରେ ତିନିଜଣ ପାଳିଆ ସିଂହାରୀ ତିନିବାଡ଼ରେ ରହିଥାନ୍ତି। ଅପରପକ୍ଷରେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ବାଡ଼ରେ ମୁଦିରସ୍ତ, ଦେବୀ ସୁଭଦ୍ରାଙ୍କ ବାଡ଼ରେ ପତି ମହାପାତ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ପୂଜାପଣ୍ଡା ସାମନ୍ତ ରହିଥାନ୍ତି। ପ୍ରଥମେ ମହାପ୍ରଭୁଙ୍କ ତ୍ରିମୁଣ୍ଡି ବା ମସ୍ତକରେ ଚନ୍ଦନ ଲଗାଯାଇଥାଏ। ସିଂହାରୀମାନେ ଶ୍ରୀବିଗ୍ରହଙ୍କ ତ୍ରିମୁଣ୍ଡିରେ ଚନ୍ଦନ ଲଗାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ମହାପ୍ରଭୁଙ୍କ ତ୍ରିମୁଣ୍ଡିରେ ପୂଜାପଣ୍ଡାମାନେ ଚନ୍ଦନ ଲଗାଇଥାନ୍ତି ବୋଲି କୁହା ଯାଉଥିବାବେଳେ ସିଂହାରୀମାନଙ୍କ ଏହି ଅଧିକାର ରହିଛି ବୋଲି ଦାବି କରାଯାଉଥିଲା। ଏହାକୁ ନେଇ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଶନିବାର ଏହି ବିବାଦ ଉଗ୍ର ହୋଇଥିଲା। ଘଟଣାର ସମାଧାନ ନ ହେବା ପର୍ଯ୍ୟନ୍ତ ନୀତି ନ କରିବାକୁ ପୂଜାପଣ୍ଡା ନିଯୋଗ ଅଡ଼ି ବସିଥିଲା। ପ୍ରଶାସନ ଖବର ପାଇ ଉଭୟ ନିଯୋଗ ସହ ଆଲୋଚନା କରିଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ପୁଣି ନୀତି ଆରମ୍ଭ ହୋଇଥିଲା। ଚନ୍ଦନଲାଗି ହୋଇ ଅନ୍ୟାନ୍ୟ ନୀତି ବଢିଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଠାକୁରମାନେ ଚନ୍ଦନ ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ ହୋଇଥିଲେ।

ନୀତି ବିଳମ୍ବ ନେଇ ଶ୍ରୀମନ୍ଦିର ଦଇତାପତି ସେବକ ତଥା ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସ ମହାପାତ୍ର କହିଛନ୍ତି, ଶୁକ୍ରବାର ଶ୍ରୀମନ୍ଦିରରେ ନୀଳାଦ୍ରୀ ମହୋଦୟ ନୀତି ରହିଥିଲା। ବିଶେଷ ନୀତି ରହିଥିବାରୁ ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ପହୁଡ଼ ହୋଇଥିଲା। ଫଳରେ ଶନିବାର ମହାପ୍ରଭୁଙ୍କ ନୀତିରେ କିଛି ବିଳମ୍ବ ପରିଲକ୍ଷିତ ହୋଇଥିଲା। ତେବେ ସିଂହାରୀ ଏବଂ ପୂଜାପଣ୍ଡା ସେବକଙ୍କ ମଧ୍ୟରେ ଯେଉଁ ବିବାଦ ଦେଖାଦେଇଥିଲା, ତାହା ଉପରେ ୧୨ବର୍ଷ ତଳେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସେହି ବିବାଦ ହେବା କଥା ନୁହେଁ। ମାତ୍ର ଗତ ଅକ୍ଷୟ ତୃତୀୟା ଦିନ ବିବାଦ ସୃଷ୍ଟି ହୋଇଥିଲା। ତାହାର ସମାଧାନ ଆଗାମୀ ଦିନରେ ଆଲୋଚନା ମାଧ୍ୟମରେ କରାଯିବ। ଅନ୍ୟପକ୍ଷରେ ନୀତି ବିଳମ୍ବ ନେଇ ଉଭୟ ନିଯୋଗ ପକ୍ଷରୁ ମତାମତ ମିଳିପାରିନାହିଁ।




| ୨୯।୪।୨୦୨୩ | |
|---|---|
| ୨,୮୯,୯୫୬ ଟଙ୍କା | |
| ସୁନା | ୨.୮୯୦ ଗ୍ରାମ୍ |
| ରୁପା | ୧୮୦ ଗ୍ରାମ୍ |

# ନୀଳାଦ୍ରି ହରିଚନ୍ଦନ, ଅର୍ଚ୍ଚନା ନାୟକ ପାଇବେ ସାରଳା ସମ୍ମାନ

**କଟକ ଅଫିସ, ୨୯।୪:** ସାରସ୍ୱତ ସାଧକ ପ୍ରଫେସର ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ ଓ କଥାଶିଳ୍ପୀ ଡ. ଅର୍ଚ୍ଚନା ନାୟକ ଯଥାକ୍ରମେ ୨୦୨୨ ଏବଂ ୨୩ ମସିହା ପାଇଁ ସାରଳା ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ମେ’ ୪ରେ କଟକ ସାରଳା ଭବନରେ ହେବାକୁଥିବା ସଂସଦର ୪୨ତମ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧ ଲକ୍ଷ ଟଙ୍କା, ମାନପତ୍ର ଓ ଉତ୍ତରୀୟ ଦିଆଯିବ ବୋଲି ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଶନିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ



ପ୍ରଶାସନ ପକ୍ଷରୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଶ୍ରୀମନ୍ଦିର ଫଟୋଚିତ୍ର ପ୍ରଦାନ କରାଯାଉଛି।

**ପୁରୀ ଅଫିସ, ୨୯।୪**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସସ୍ତ୍ରୀକ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶନିବାର ସକାଳେ ମୁଖ୍ୟମନ୍ତ୍ରୀ ସୋରେନ୍ ଓ ତାଙ୍କ ସହଧର୍ମିଣୀ କଳ୍ପନା ସୋରେନ୍ କଡ଼ା ସୁରକ୍ଷା ବଳୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ପୁରୀ ଏସ୍‌ପି କନଓ୍ୱର ବିଶାଲ ସିଂ ଉଭୟଙ୍କୁ ସ୍ୱାଗତ କରିଥିଲେ। ପରେ ସୋରେନ୍ ସସ୍ତ୍ରୀକ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିର ଭିତରବେଢାରେ ଥିବା ମା’ ବିମଳା, ମା’ ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସହ ଅନ୍ୟ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଅତିବାହିତ କରି ଫେରିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ସହ ଫଟୋ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସୋରେନ କହିଥିଲେ, ମହାପ୍ରଭୁଙ୍କ ଦର୍ଶନ ବହୁତ ଭଲ ଲାଗିଲା। ଓଡ଼ିଶାରୁ ଅନେକ କିଛି ଶିଖିବାର ଅଛି। ଓଡ଼ିଶା ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ପୂର୍ବ ଭଳି ସମନ୍ୱୟ ରହିବ ବୋଲି ସେ ଆଶା ପ୍ରକାଶ କରିବା ସହ ଝାଡ଼ଖଣ୍ଡରେ ଲୋକଙ୍କ ପାଇଁ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଛତିଶଗଡ଼ ନକ୍ସଲ ଆକ୍ରମଣ ଘଟଣାକୁ ସେ ନିନ୍ଦା କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ମାଓବାଦୀ ସମସ୍ୟା ଦୂର କରାଯାଇପାରିବ ବୋଲି ସେ ମତ ଦେଇଥିଲେ।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ୫-ଟି ସଚିବ

**ପୁରୀ ଅଫିସ, ୨୯।୪:** ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଶନିବାର ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ପାଣ୍ଡିଆନ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିବା ପରେ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଥିଲେ। ପରେ ସିଂହଦ୍ୱାର ସମ୍ମୁଖରେ ନିର୍ମାଣ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଲେଭଲିଂ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଖଣ୍ଡୋଲାଇଟ ପଥରରେ ନିର୍ମିତ ରାସ୍ତାକୁ ଦେଖି ଖୁସି ବ୍ୟକ୍ତ କରିଥିଲେ। ପରେ ଏମାର ମଠ ଓ କାକୁଡ଼ିଖାଇ ଛକ ଅଞ୍ଚଳରେ ବୁଲି ନିର୍ମାଣ କାର୍ଯ୍ୟ ଦେଖିବା ସହ ଖଣ୍ଡୋଲାଇଟ ପଥରରେ ନିର୍ମିତ ପ୍ରାଚୀର ସମ୍ପର୍କରେ ପଚାରି ବୁଝିଥିଲେ। କାକୁଡ଼ିଖାଇ ଛକରୁ ଦକ୍ଷିଣ ଦ୍ୱାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିର୍ମାଣ ସହ ପଶ୍ଚିମଦ୍ୱାରରେ ଭକ୍ତଙ୍କ ପାଇଁ ହେଉଥିବା ବିଶ୍ରାମ ଗୃହ, ଟଏଲେଟ, ସେବାୟତଙ୍କ ପାଇଁ ବିଶ୍ରାମ ଗୃହ ଓ ଇଲେକ୍ଟ୍ରିକ ସବଷ୍ଟେଶନର ନିର୍ମାଣ ଆଦିର ଅନୁଧ୍ୟାନ କରିଥିଲେ। ପଶ୍ଚିମ ଦ୍ୱାରରୁ ଉତ୍ତର ଦ୍ୱାରକୁ ସଂଯୋଗ କରୁଥିବା ରାସ୍ତା, ଉତ୍ତର ଦ୍ୱାର ନିକଟରେ ନିର୍ମାଣାଧୀନ ଡ୍ରେନେଜ, ଜ୍ଞାନ କେନ୍ଦ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୌଳିକ ସୁବିଧା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଆସନ୍ତା ରଥଯାତ୍ରା ପୂର୍ବରୁ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।



**ରଥଖଳାରୁ....**

ମହାରଣାମାନେ ରଥ ଅଖ ପାଇଁ ଡୁମ୍ବରେ ବିନ୍ଧ କରୁଛନ୍ତି।

# ଡୁମ୍ବରେ ବିନ୍ଧ ଅନୁକୂଳ କଲେ ମହାରଣା

**୪୨ ଗୋଲେଇ ଡୁମ୍ବରେ ସୂତାବାଡ଼ିଆ ଶେଷ**

**ପୁରୀ ଅଫିସ, ୨୯।୪**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ରଥ ନିର୍ମାଣର ଷଷ୍ଠ ଦିବସ ଶନିବାର ସନ୍ଧ୍ୟା ସୁଦ୍ଧା ତିନିରଥର ୪୨ଟି ଗୋଲେଇ ଡୁମ୍ବରେ ସୂତାବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ଏଥିସହ ବାକି ଥିବା ୯ଟି ଗୋଲେଇ ଡୁମ୍ବରେ ସୂତାବାଡ଼ିଆ କାର୍ଯ୍ୟ ତଳି ମହାରଣା ଏବଂ ସୂତାର ମହାରଣାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଛି। ତିନିରଥର ମୁଖ୍ୟ ମହାରଣାମାନେ ନାହାକା ଡୁମ୍ବରେ ମାହାର୍ଦ୍ଦ ରଖି ନଡ଼ିଆ ବାଡେଇ ଅନୁକୂଳ ପୂଜା କରିବା ପରେ ଡୁମ୍ବଗୁଡ଼ିକରେ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିଲା। ତିନିରଥ ଡୁମ୍ବଗୁଡିକରେ ପ୍ରାୟ ୮ ଯୋଡ଼ାରୁ ଊର୍ଦ୍ଧ୍ୱ ବିନ୍ଧ କାର୍ଯ୍ୟ ସରିଛି। ଏତଦ୍‌ବ୍ୟତୀତ କରତି ସେବକମାନେ ତିନିରଥର ଗୋଟିଏ ଲେଖାଏ ଡୁମ୍ବର ଘେର କାଟି ଯୋଗାଇଛନ୍ତି। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ବା କମାର ସେବକମାନେ ଲୁହାରଡ଼ କାଟି ଅରକଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ମାନସିକ ପ୍ରଭାବ ପକାଏ




‘ଯୁବ ଓ ପ୍ରଯୁକ୍ତିବିଦ୍ୟା’ କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ, ବକୁଳ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ ମହାପାତ୍ର ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୯।୪(ବ୍ୟୁରୋ)**

**ପ୍ରତି ମାସରେ ‘ଯୁବ ଓ ପ୍ରଯୁକ୍ତିବିଦ୍ୟା’ କାର୍ଯ୍ୟକ୍ରମ**

ପ୍ରଯୁକ୍ତିବିଦ୍ୟା ଆମ ସହ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇଯାଇଛି। ପ୍ରତି କ୍ଷେତ୍ରରେ ଏବେ ଆମେ ଏହାର ବ୍ୟବାହର କରୁଛୁ। ତେଣୁ ଦିନକୁ ଦିନ ଏହାର ବ୍ୟବହାର ବଢ଼ିଚାଲିଛି। କୃଷି କ୍ଷେତ୍ର କୁହ କି ପେମେଣ୍ଟ କରିବା ହେଉ କି ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ରହିଛି। ସରକାର ମଧ୍ୟ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଏବେ ସେବା ପ୍ରଦାନ କରୁଛନ୍ତି। କିଛି ଡାଟା ପାଇବା ପାଇଁ ମଧ୍ୟ ଆମେ ଏହା ଉପରେ ନିର୍ଭରଶୀଳ। ପ୍ରଯୁକ୍ତିବିଦ୍ୟା ଆମେ କରୁଥିବା କାମ ଓ ଜୀବନକୁ ସରଳ କରିଥାଏ ବୋଲି ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ପ୍ରକାଶ କରିଛନ୍ତି। ଶନିବାର ବକୁଳ ଫାଉଣ୍ଡେଶନ ଏବଂ ଓଡ଼ିଆ ଫାଉଣ୍ଡେଶନ ପକ୍ଷରୁ ବକୁଳ ପାଠାଗାରାଠାରେ ଆରମ୍ଭ ହୋଇଥିବା ‘ଯୁବ ଓ ପ୍ରଯୁକ୍ତିବିଦ୍ୟା’ କାର୍ଯ୍ୟକ୍ରମର ପ୍ରଥମ ସେସନରେ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ଯୁବପିଢ଼ିଙ୍କୁ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ଟେକ୍ନୋଲୋଜି ପାଇଁ ଡାଟା ସିଷ୍ଟମରେ ରହିଥାଏ। ଏହି ଡାଟାର ଅପବ୍ୟବାହର କେବଳ ଶାରୀରିକ ନୁହେଁ ମାନସିକ କ୍ଷେତ୍ରରେ ଅଧିକ ପ୍ରଭାବ ପକାଇଥାଏ। ବିଶେଷ କରି ମହିଳାମାନେ ଏସବୁକୁ ଅଧିକ ସାମ୍ନା କରିଥାନ୍ତି। ଅନ୍ୟପକ୍ଷେ ଗାଁ ଗହଳିରେ ଘଟୁଥିବା ଅନେକ ଶିକ୍ଷଣୀୟ ଓ ଗୁରୁତ୍ୱପୂର୍ଣ୍ଣ କଥା ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ହିଁ ଆଖି ସାମ୍ନାକୁ ଆସିପାରିଥାଏ। ଯୁବପିଢ଼ି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଠିକ୍ ଦିଗରେ କରିବା ସହ ଏହାର କିଭଳି ଅଧିକ ବିକାଶ ହୋଇପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ। କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ପରିଚାଳନା କରି କହିଛନ୍ତି, ଏହି ଅଧିବେଶନ ପ୍ରତିମାସରେ ଅନୁଷ୍ଠିତ ହେବ। ପ୍ରଯୁକ୍ତିବିଦ୍ୟା ସହ ଯୁବପିଢ଼ି ହିଁ ଅଧିକ ସଂଶ୍ଳିଷ୍ଟ। ତେଣୁ ସେମାନଙ୍କୁ ଏହି କ୍ଷେତ୍ରରେ ଅଧିକ ବ୍ୟାପକ କରିବାକୁ ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶିକ୍ଷାର୍ଥୀ ଓ ଯୁବପିଢ଼ି ଉପସ୍ଥିତ ରହି ପଟ୍ଟନାୟକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ଅନେକ ମତ ମଧ୍ୟ ରଖିଥିଲେ।

# ଲାଇଟ୍ ଶୋ’ରେ ପ୍ରାଚୀନ ଶାସନ ପଦ୍ଧତି

**କୋଣାର୍କ, ୨୯।୪(ଡି.ଏନ.ଏ.)**

କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୦୦ତମ ମନ୍ କି ବାତ୍ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୋଣାର୍କ ବ୍ୟତୀତ ଦେଶର ୧୩ଟି ଐତିହ୍ୟ ସ୍ଥଳୀରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୂର୍ଯ୍ୟମନ୍ଦିରର ପାଦଦେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଲେଜର ଲାଇଟ୍ ଶୋ ମାଧ୍ୟମରେ ପର୍ଯ୍ୟଟକ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ନେହେରୁ ଯୁବ କେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାଚୀନ ସମୟର ଶାସନ ପଦ୍ଧତି, ସାମ୍ପ୍ରତିକ ସମୟର ଚାଲିଚଲଣ, ସ୍ୱଚ୍ଛତା, ଲୋକାଭିମୁଖୀ ଶାସନ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନକଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ମନ୍ଦିର ଗାତ୍ରରେ ଉଲ୍ଲେଖନୀୟ ପଦକ୍ଷେପମାନ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସମଗ୍ର ପୁରୀ ଜିଲାର ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ଏନସିସି, ସ୍କାଉଟ, ଗାଇଡ୍ ଛାତ୍ରୀଛାତ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ନାଭାଲ ୟୁନିଟ, ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକ ଓ ପୁରୀ ଜିଲା ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ସମେତ ୮୦୦ରୁ ଊର୍ଦ୍ଧ୍ୱ ଯୁବ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ୭ଟା ୩୦ମିନିଟରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ର, ପର୍ଯ୍ୟଟକ ଓ ସ୍ୱେଚ୍ଛାସେବୀ ମନଭରି ଉପଭୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ସମେତ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

**ସୂର୍ଯ୍ୟ ମନ୍ଦିର ପାଦ ଦେଶରେ ମନ୍ କି ବାତ୍**



ସୂର୍ଯ୍ୟମନ୍ଦିରରେ ଲାଇଟ୍ ଶୋ।



ଲାଇଟ୍ ଶୋ’କୁ ଉପଭୋଗ କରୁଛନ୍ତି ଛାତ୍ରୀଛାତ୍ର।

# ଗୋକୁଳମ୍‌କୁ ହରାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୨୯।୪
(ସ୍ପୋର୍ଟ୍ସ ବ୍ୟୁରୋ)

କେରଳର କୋଝିକୋଡ ସ୍ଥିତ ଇଏମ୍‌ଏସ୍ କର୍ପୋରେସନ୍ ଷ୍ଟାଡିୟମରେ ଅନୁଷ୍ଠିତ ଏଏଫ୍‌ସି କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଗୋକୁଳମ୍ କେରଳକୁ ୩-୧ଗୋଲରେ ପରାସ୍ତ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଆଇଏସ୍‌ଏଲ ଗୋଲ୍ଡେନ ବୁଟ ବିଜେତା ତଥା ସୁପର୍ କପ୍‌ରେ ଓଏଫ୍‌ସିର ହାଇଏଷ୍ଟ ସ୍କୋରର ରହିଥିବା ଡିଏଗୋ ମରିସିଓ(୧୮, ୩୧ ଓ ୫୩ ମିନିଟ) ଦଳ ପକ୍ଷରୁ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଶନିବାର ମ୍ୟାଚରେ ବିଜୟ ସହିତ ଏଏଫ୍‌ସି କପ୍ ୨୦୨୩-୨୪ ପାଇଁ ଓଏଫ୍‌ସି ଯୋଗ୍ୟତା ଅର୍ଜନ କରିଛି।

## ଏଏଫ୍‌ସି କ୍ୱାଲିଫାଇଂରେ ମରିସିଓଙ୍କ ହ୍ୟାଟ୍ରିକ୍

ଶନିବାର ମ୍ୟାଚରେ ୪ ଫରୱାର୍ଡ ଖେଳାଳିଙ୍କ ସହିତ ପଡିଆକୁ ଓହ୍ଲାଇଥିଲା ଓଏଫ୍‌ସି। ମ୍ୟାଚ୍‌ର ପ୍ରଥମ ମିନିଟରୁ ହିଁ ସୁପର କପ୍ ଚାମ୍ପିୟନ ଓଏଫ୍‌ସି ଆକ୍ରମଣାତ୍ମକ ଫୁଟବଲ ଖେଳିବା ସହିତ ଆଇ ଲିଗ୍ ଚାମ୍ପିୟନ ଦଳକୁ ଚାପରେ ରଖିଥିଲା। ୧୮ ତମ ମିନିଟରେ ଓଡ଼ିଶାକୁ ପ୍ରଥମ ସଫଳତା ମିଳିଥିଲା। ନନ୍ଦ କୁମାର ଶେକର, ଭିକ୍ଟର ରୋଡ୍ରିଗୁଏଜ୍ ଓ ଡିଏଗୋ ମରିସିଓଙ୍କ ମଧ୍ୟରେ ଚମତ୍କାର ତାଳମେଳ ଦେଖିବାକୁ ମିଳିଥିଲା। ପ୍ରଥମେ


ଗୋଲ୍‌ସ୍କୋର କରିବା ପରେ ଡିଏଗୋ ମରିସିଓ।

ନନ୍ଦକୁମାରଙ୍କ ଠାରୁ ଭିକ୍ଟରଙ୍କୁ ପାଶ ମିଳିଥିଲା। ତେବେ ସ୍କୋରିଂ ପୋଜିଶନରେ ଥିବା ମରିସିଓଙ୍କୁ ଭିକ୍ଟର ବଲ୍ ପାଶ କରିବା ସହିତ ଓଏଫ୍‌ସି ୧-୦ରେ ଆଗୁଆ ରହିଥିଲା। ୨୯ ତମ ମମିନିଟରେ ଭିକ୍ଟରଙ୍କୁ ମିଳିଥିବା ଫ୍ରି କିକ୍ କ୍ରସ୍ ବାରରେ ବାଜିଥିଲା। ଏହାର ଦୁଇ ମିନିଟ ମଧ୍ୟରେ ମରିସିଓ ଓଏଫ୍‌ସି ପକ୍ଷରୁ ଆଉ ଏକ ଗୋଲ ସ୍କୋର କରିଥିଲେ। ମରିସିଓ ବକ୍ସ ବାହାରୁ ବଲ୍‌କୁ ନିୟନ୍ତ୍ରଣରେ ନେବା ସହିତ ଗୋକୁଳମ୍ ଡିଫେନ୍ସକୁ ଭେଦ କରି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ୪୦ ତମ ମିନିଟରେ ଗୋକୁଳମ କେରଳ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ ନୁର୍। ଥାହିର ଜମାନଙ୍କ ଠାରୁ ମିଳିଥିବା ପାଶ୍‌କୁ ନୁର୍ ଗୋଲରେ ପରିରତ କରିଥିଲେ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ମଧ୍ୟ ଓଏଫ୍‌ସି ଆରମ୍ଭରୁ ଆକ୍ରମଣ କରି ଖେଳିଥିଲା। ମ୍ୟାଚର ୫୩ ତମ ମିନିଟରେ ଗୋକୁଳମ ଖେଳାଳିଙ୍କ ଫାଉଲ୍ କାରଣରୁ ଓଏଫ୍‌ସିକୁ ଏକ ସ୍ପଟ୍ କିକ୍ ମିଳିଥିଲା। ଏହି ସ୍ପଟ୍ କିକ୍‌କୁ ମାରି ମରିସିଓ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଉଭୟ ଦଳ ପକ୍ଷରୁ ଗୋଲ ସ୍କୋର କରିବାର ପ୍ରୟାସ କରାଯାଇଥିଲେ ମଧ୍ୟ ଆଉ ଗୋଲ୍ ହୋଇନଥିଲା। ବିଜୟ ସହିତ ଓଏଫ୍‌ସି ୨୦୨୩-୨୪ ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲ କରି ନେଇଛି।

# କଟକ, ଆର୍‌ଏସ୍‌ପି, ଯାଜପୁର, କେନ୍ଦୁଝର ବିଜୟୀ


କଟକ ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୨୯।୪
(ସ୍ପୋର୍ଟ୍ସ ବ୍ୟୁରୋ)

## ସାହାଣୀ କପ୍ ଫୁଟବଲ

ଚଳିତ ୬୨ତମ ପୁରୁଷ ସିନିୟର ଆନ୍ତଃ ଜିଲା ଚାମ୍ପିୟନଶିପ୍ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ୪ଟି ମ୍ୟାଚ କଟକ, ଆର୍‌ଏସ୍‌ପି, ଯାଜପୁର, କେନ୍ଦୁଝର ବିଜୟୀ ହୋଇଛନ୍ତି। କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କଟକ ୭-୧ ଗୋଲ୍‌ରେ ଦେବଗଡ଼କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବିଜୟ ବେହେରା, ଦୀନବନ୍ଧୁ ଦାସ ୨ଟି ଲେଖାଏ ଗୋଲ ଦେଇଥିବା ବେଳେ ରାଜେଶ ନାୟକ, ପ୍ରକାଶ ନାୟକ ଓ ବାପୁନୀ ବିନ୍ଧାଣୀ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି) ୧-୦ ଗୋଲରେ ସୁବର୍ଣ୍ଣପୁରକୁ ହରାଇ ଦେଇଛି। ଦଳ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ସମେର କେରକେଟା ସ୍କୋର କରିଥିଲେ। ସେହିପରି ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଯାଜପୁର ୨-୧ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। ବିଜୟୀ ଦଳର ସୁନୀଲ ସର୍ଦ୍ଦାର ୨ଟି ଗୋଲ ଦେଇଥିବା ବେଳେ ବିପକ୍ଷ ଦଳର ନ୍ୟୁଟ୍ରାଲ ବୋତ୍ରା ଗୋଟିଏ ଗୋଲ ସ୍କୋର କରିଥିଲେ। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ କେନ୍ଦୁଝର ୧୪-୦ ଗୋଲ୍‌ରେ ରାୟଗଡ଼ା ବିପକ୍ଷରେ ବିପୁଳ ବିଜୟ ହାସଲ କରିଛି। ଦଳ ପକ୍ଷରୁ ପଙ୍କଜ ସର୍ଦ୍ଦାର ସର୍ବାଧିକ ୪ ଗୋଲ ଦେଇଥିବା ବେଳେ ରାଉତ ମୁଣ୍ଡା ୩, ଅଭିମନ୍ୟୁ ମହାକୁଡ଼ ୩, ଅଜୟ ତୁତି ୨ ଏବଂ ତ୍ରିନାଥ ନାଗ ଓ ମଙ୍ଗଳମୁଣ୍ଡା ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ।

# ଓଡ଼ିଶା ପୋଷ୍ଟାଲ ଇ-ଲିଗ୍ ଚାମ୍ପିୟନ


ଅତିଥିଙ୍କ ସହିତ ଚାମ୍ପିୟନ ଦଳର ଖେଳାଳି।

ଭୁବନେଶ୍ୱର,୨୯।୪
(ସ୍ପୋର୍ଟ୍ସ ବ୍ୟୁରୋ)

ମଞ୍ଚେଶ୍ୱରସ୍ଥିତ ଇଡ୍‌କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଇ-ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଓଡ଼ିଶା ପୋଷ୍ଟାଲ। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଇକୋର୍ସାକୁ ୫ ଉଇକେଟରେ ପରାସ୍ତ କରିଛି ଓଡ଼ିଶା ପୋଷ୍ଟାଲ। ଟସ୍ ଜିତି ଇକୋର୍ସା ପ୍ରଥମେ ବ୍ୟାଟିଂ କରିଥିଲା। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୨ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ ସମୀର ମହାନ୍ତି(୨୨) ଓ ସୁଶୀଲ ବାରିକ(୨୨) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ଉଭୟ ଆଉଟ ହେବା ସହିତ ଦଳ ୨୬.୧ ଓଭରରେ ୮୩ ରନରେ ଅଲଆଉଟ ହୋଇଥିଲା। ଶୁଭମ ନାୟକ ୪ ଉଇକେଟ ନେଇଥିବା ବେଳେ ସାଇ ପ୍ରସାଦ ଆଚାର୍ଯ୍ୟ ୩ ଓ ଧୀରଜ ସିଂ ୨ ଉଇକେଟ ନେଇଥିଲେ। ୪୦ ଓଭରରେ ୮୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଓଡ଼ିଶା ପୋଷ୍ଟାଲ ୫୦ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ଶୁଭମ ନାୟକ(୨୮*) ଓ ଦେବାଶିଷ ସାମନ୍ତରାୟ(୧୮*)ଙ୍କ ଇନିଂସ ବଳରେ ଦଳ ୧୬.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଇକୋର୍ସା ପକ୍ଷରୁ ଜୟନ୍ତ ବେହେରା ୪ ଉଇକେଟ ନେଇଥିବା ବେଳେ ଅଭିଷେକ ଯାଦବ ଗୋଟିଏ ଉଇକେଟ ନେଇଥିଲେ। ଶୁଭମ ନାୟକଙ୍କୁ ପ୍ଲେୟର ଅଫ୍ ଦ ଫାଇନାଲ ଓ ଅନୁରାଗ ଷଡଙ୍ଗୀଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ପ୍ରଭଞ୍ଜନ ମଲିକ୍ ଓ ଓଡ଼ିଶା ପୋଷ୍ଟାଲ ସହକାରୀ ନିର୍ଦ୍ଦେଶକ ଆସିଫ ଜେକ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

# ମୁମ୍ବାଇ ବିପକ୍ଷରେ ରାଜସ୍ଥାନ ଫେଭରିଟ୍

ମୁମ୍ବାଇ,୨୯।୪(ପି.ଟି)

ଆଇପିଏଲ୍‌ର ୪୨ତମ ମ୍ୟାଚରେ ପରସ୍ପରକୁ ଭେଟିବେ ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ। ଟେବୁଲ ଟପ୍‌ରେ ଥିବା ରାଜସ୍ଥାନ ଏହି ମ୍ୟାଚରେ ଫେଭରିଟ୍ ରହିବ। ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ଏଯାବତ୍ ଆଖିଦୃଶିଆ ହୋଇ ନ ଥିବା ବେଳେ ରାଜସ୍ଥାନ ଏପର୍ଯ୍ୟନ୍ତ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଆସିଛି। ଅବଶ୍ୟ ଦଳ ଏହାର ଅନ୍ତିମ ୩ ମ୍ୟାଚ୍‌ରୁ ଦୁଇଟିରେ ପରାଜିତ ହୋଇଛି। ତେବେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ବିଜୟ ସଞ୍ଜୁ ସାମ୍‌ସନଙ୍କ ଦଳକୁ ଆତ୍ମବିଶ୍ୱାସ ପ୍ରଦାନ କରିବ। ତେବେ ମୁମ୍ବାଇ ପାଇଁ ଏକାଧିକ ସମସ୍ୟା ରହିଛି। ଦଳର ଡେଥ୍ ବୋଲିଂ ଅତ୍ୟନ୍ତ ଦୁର୍ବଳ ଲାଗୁଛି। ପଞ୍ଜାବ କିଙ୍ଗ୍ସ ବିପକ୍ଷ ଅନ୍ତିମ ମ୍ୟାଚ୍‌ରେ ଦଳ ଶେଷ ୫ ଓଭରରେ ୯୬ ରନ୍ ବ୍ୟୟ କରିଥିଲା। ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ଅନ୍ତିମ ୪ ଓଭରରେ ଦଳ ୭୦ ରନ୍ ବ୍ୟୟ କରିଥିଲା। ସେହିପରି ମୁମ୍ବାଇର ଟପ୍ ଅର୍ଡର ବ୍ୟାଟିଂ ଏଯାଏ ଫର୍ମରେ ଦେଖିବାକୁ ମିଳିନାହିଁ। ଜୋଫ୍ରା ଆର୍ଚରଙ୍କୁ ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିପାରେ। ନିଜ ପୂର୍ବ ଫ୍ରାଞ୍ଚାଇଜି ବିପକ୍ଷରେ ଆର୍ଚରଙ୍କ ନିକଟରୁ ଭଲ ପ୍ରଦର୍ଶନ ଆଶା କରିବ ମୁମ୍ବାଇ। ୭ ମ୍ୟାଚ୍‌ରୁ


ମୁମ୍ବାଇର ସୂର୍ଯ୍ୟକୁମାର ଯାଦବ।

ମାତ୍ର ଦୁଇଟିରେ ସେ ଖେଳିଥିବା ବେଳେ ଏହା ମୁମ୍ବାଇକୁ ଅଧିକ କ୍ଷତି ପହଞ୍ଚାଇଛି। ଦଳର ବୋଲିଂ ଲାଇନ୍ ଅପ୍‌ରେ ଅଭିଜ୍ଞ ପୀୟୂଷ ଚାୱଲାଙ୍କୁ ଛାଡିଦେଲେ ଅନ୍ୟ କେହି ଭଲ ପ୍ରଦର୍ଶନ କରିନାହାନ୍ତି। ଅନ୍ୟପକ୍ଷରେ ରାଜସ୍ଥାନର ବ୍ୟାଟିଂ ଲାଇନ୍ ଅପ୍ ବେଶ୍ ଶକ୍ତିଶାଳୀ ରହିଛି। ଜୋସ ବଟଲର ଓ ଯଶସ୍ୱୀ ଜୟସ୍ୱାଲ ନିଜ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଥିବା ବେଳେ ମିଡଲ ଅର୍ଡରରେ ସଞ୍ଜୁ ସାମସନ୍, ସିମ୍‌ରନ୍ ହେଟମେୟର ଓ ଧ୍ରୁବ ଜୁରେଲ ଫର୍ମରେ ରହିଛନ୍ତି।

# ଇଣ୍ଡିଆନ୍ ଓମେନ୍ସ ଲିଗ୍: ସ୍ପୋର୍ଟ୍ସ ଓଡ଼ିଶା ପରାସ୍ତ

ଅହମ୍ମଦାବାଦ, ୨୯।୪ (ପି.ଟି.)

ଗତଥରର ଚାମ୍ପିୟନ ଗୋକୁଳମ କେରଳ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ଗ୍ରୁପ୍ 'ଏ'ରେ ଏହାର ଦ୍ୱିତୀୟ ମ୍ୟାଚରେ ୮-୧ ଗୋଲ୍‌ରେ ସ୍ପୋର୍ଟ୍ସ ଓଡ଼ିଶାକୁ ହରାଇ ଦେଇଛି। ଦଳର ଏହା ହେଉଛି ଆଉ ଏକ ବୃହତ୍ ବିଜୟ। ଲିଗ୍‌ରେ ଦଳ ଏହାର ପ୍ରଥମ ମ୍ୟାଚରେ କୋଲକାତାର ଇଷ୍ଟବେଙ୍ଗଲ ଏଫ୍‌ସିକୁ ୮-୨ ଗୋଲରେ ପରାସ୍ତ କରିଥିଲା। ଫର୍ମରେ ଥିବା ସବିତ୍ରା ଭଣ୍ଡାରି ଏହି ମ୍ୟାଚରେ ୫ଟି ଗୋଲ୍ ସ୍କୋର କରିଥିଲେ। ସେ ସ୍ପୋର୍ଟ୍ସ ଓଡ଼ିଶା ବିପକ୍ଷରେ ୪ ଗୋଲ କରି ତାଙ୍କ ଗୋଲ୍ ସଂଖ୍ୟା ୯କୁ ବୃଦ୍ଧି କରିଛନ୍ତି। ଆଇଡବ୍ଲ୍ୟୁଏଲ୍ ପଦାର୍ପଣରେ ପ୍ରଥମ ମ୍ୟାଚ ହାରିଥିବା ଇଷ୍ଟବେଙ୍ଗଲ ଏଫ୍‌ସି ଏହାର ଦ୍ୱିତୀୟ ମ୍ୟାଚରେ କାହାନୀ ଏଫ୍‌ସିକୁ ୧-୦ ଗୋଲରେ ହରାଇ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଛି। ପ୍ରତିଯୋଗିତାରେ ପ୍ରଥମ ଥର ଅଂଶଗ୍ରହଣ କରିଥିବା ଅନ୍ୟ ଏକ ଦଳ ମୁମ୍ବାଇ ନାଇଟ୍ସ ସାହିବାଗ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ୧-୦ ଗୋଲ୍‌ରେ ମାତା ରୁକ୍ମଣୀ ଏଫସିକୁ ପରାସ୍ତ କରିଛି। ଟ୍ରାନ୍ସଷ୍ଟାଡିଆଠାରେ ହପ୍ସ ଏଫ୍‌ସି ୧-୦ ଗୋଲରେ ମିସ୍କା ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ବିଜୟ ହାସଲ କରିଛି।









# ଇସ୍ତଫା ଦେବେନି ବ୍ରିଜ୍‌ଭୂଷଣ

ନୂଆଦିଲ୍ଲୀ,୨୯।୪(ପି.ଟି.)

ଯୌନ ନିର୍ଯାତନ ଅଭିଯୋଗ ନେଇ ଦୁଇ ଦୁଇଟି ଏଫ୍‌ଆଇଆର ହେବା ପରେ ମଧ୍ୟ ଭାରତୀୟ କୁସ୍ତି ଯୋଦ୍ଧା ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ସଭାପତି ତଥା ଗୋଣ୍ଡାରୁ ଭାଜପାର ଏମ୍‌ପି ରହିଥିବା ବ୍ରିଜ୍‌ଭୂଷଣ ଶରଣ ସିଂ ଇସ୍ତଫା ଦେବାକୁ ମନା କରିଛନ୍ତି। ଯେ କୌଣସି ତଦନ୍ତ ପାଇଁ ମୁଁ ପ୍ରସ୍ତୁତ, ମାତ୍ର ମୋ ପଦରୁ ମୁଁ ଇସ୍ତଫା ଦେବି ନାହିଁ। ଇସ୍ତଫା ଦେବା ଦ୍ୱାରା ଯୌନ ଶୋଷଣ ଅଭିଯୋଗକୁ ମୁଁ ଗ୍ରହଣ କରୁଛି ବୋଲି ଅନ୍ୟମାନେ ମାନି ନେବେ ବୋଲି ସେ କହିଛନ୍ତି। ଦିଲ୍ଲୀ ପୋଲିସ ଓ ସୁପ୍ରିମକୋର୍ଟଙ୍କ ତଦନ୍ତ ପ୍ରକ୍ରିୟା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି, ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଏବଂ ଯେ କୌଣସି ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି କହିଛନ୍ତି ବ୍ରିଜ୍ ଭୂଷଣ। ଡବ୍ଲ୍ୟୁଏଫ୍‌ଆଇର ସଭାପତି ଭାବରେ ଇସ୍ତଫା ଦେବା ବଡ କଥା ନୁହେଁ ମାତ୍ର ଜଣେ ଅପରାଧୀ ଭାବରେ ମୁଁ ଇସ୍ତଫା ଦେବି ନାହିଁ ବୋଲି ସେ କହିଛନ୍ତି।

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ରେସ୍‌ଲରମାନଙ୍କୁ ଯନ୍ତରମନ୍ତରରେ ଭେଟିବା ପରେ ବ୍ରିଜ୍ ଭୂଷଣ ଏହା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ମୁଁ ପୂର୍ବରୁ ମଧ୍ୟ ଏହାକୁ ଏକ ଷଡଯନ୍ତ୍ର ବୋଲି କହିଥିଲି। କଂଗ୍ରେସ ଓ ଜଣେ ଶିଳ୍ପପତି ଏହା ପଛରେ ଥିବା ନେଇ ବ୍ରିଜ୍ ଭୂଷଣ ଅଭିଯୋଗ କରିଥିଲେ। ଆଜିର ବୈଠକ ପରେ ଏହି ଷଡଯନ୍ତ୍ରର ପରଦା ପଛର ମୁଖ୍ୟ ଖଳନାୟକ କିଏ ତାହା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଇସ୍ତଫା ଦାବି କରି ରେସ୍‌ଲରମାନେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନରେ ବସିଛନ୍ତି। ୩ ମାସ ପୂର୍ବରୁ ମଧ୍ୟ ଖେଳାଳିମାନେ ଆନ୍ଦୋଳନରେ ବସିଥିଲେ। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖେଳାଳିମାନଙ୍କୁ ବୁଝାଇ ଆନ୍ଦୋଳନରୁ ବିରତ ରଖାଯାଇଥିଲା। ପରେ ବକ୍ସର


ବ୍ରିଜ୍‌ଭୂଷଣ ଶରଣ ସିଂ

ଏମ୍. ସି. ମେରୀ କମ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ୮ ଜଣିଆ ଟିମ୍ ୩୦ ଦିନ ମଧ୍ୟରେ ନିଜ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏଭଳି ସମ୍ଭବ ନ ହେବାରୁ ଖେଳାଳିମାନେ ପୁନର୍ବାର ଧାରଣାକୁ ଓହ୍ଲାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ବ୍ରିଜ୍‌ଭୂଷଣଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଜଣେ ନାବାଳିକା ମହିଳା ଆଥ୍‌ଲେଟଙ୍କ ଅଭିଯୋଗ ଅନୁସାରେ ପୋକ୍ସୋ ଆକ୍ଟ ଆଧାରରେ ମାମଲା ରୁଜୁ କରାଯାଇଛି। ଅନ୍ୟ ମାମଲାଟି ଖେଳାଳିଙ୍କ ସମ୍ମାନ ହାନି କାରଣରୁ କରାଯାଇଛି। ବ୍ରିଜ୍‌ଭୂଷଣଙ୍କ ବୟାନ ଅନୁସାରେ ମୋ ବିରୋଧରେ ଏଫ୍‌ଆଇଆର ରୁଜୁ ହୋଇ ସାରିଥିବା ବେଳେ ଖେଳାଳିମାନେ କାହିଁକି ଧାରଣାରେ ବସିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ସଭାପତି ଭାବରେ ବ୍ରିଜ୍‌ଭୂଷଣ ୧୨ ବର୍ଷ ହେଲାଣି ଦାୟିତ୍ୱରେ ରହିଛନ୍ତି। ସେ ଓଲଟା ପ୍ରଶ୍ନ କରିଛନ୍ତି ଯଦି ଖେଳାଳିମାନେ ୧୨ ବର୍ଷ ହେଲାଣି ଶୋଷଣର ଶିକାର ହେଉଥିଲେ ଏ ନେଇ କାହିଁକି ଅଭିଯୋଗ କରୁ ନ ଥିଲେ। ଆନ୍ଦୋଳନରତ ଆଥ୍‌ଲେଟମାନେ ଖେଳକୁ ବଞ୍ଚାଇବାର ନାରା ଦେଉଛନ୍ତି, ମାତ୍ର ବାସ୍ତବରେ ସେମାନେ ଖେଳକୁ କ୍ଷତି ପହଞ୍ଚାଉଛନ୍ତି ବୋଲି କହିଛନ୍ତି ସିଂ। ଖେଳାଳିମାନଙ୍କ ଦାବି ପ୍ରତିଦିନ ବଦଳିବାରେ ଲାଗିଛି। ପ୍ରଥମେ ମୋ ବିରୋଧରେ ଏଫ୍‌ଆଇଆର ଦାବି କରାଯାଉଥିଲା। ବର୍ତ୍ତମାନ ଗିରଫର ଦାବି ବଢିବାରେ ଲାଗିଛି। ମୋ ନିର୍ବାଚନମଣ୍ଡଳୀର ଭୋଟ ବଳରେ ମୁଁ ଏମ୍‌ପି ହୋଇଛି, ଭିନେଶ ଫୋଗତଙ୍କ ଭୋଟରେ ନୁହେଁ। ଏହା ସହିତ ସମଗ୍ର ୟୁପି ଓ ହରିୟାଣାର ଆଖଡାମାନଙ୍କ ସମର୍ଥନ ତାଙ୍କ ପ୍ରତି ରହିଥିବା ବେଳେ କେବଳ ଗୋଟିଏ ପରିବାରର ଆଖଡା ତାଙ୍କୁ ବିରୋଧ କରୁଛନ୍ତି ବୋଲି ସେ କହିଛନ୍ତି। ଦେଶର ଆଇନ ବ୍ୟବସ୍ଥା ଉପରେ ମୋର ପୂର୍ଣ୍ଣ ଭରସା ରହିଛି ଏବଂ ଖୁବ୍ ଶୀଘ୍ର ସତ ସାମ୍ନାକୁ ଆସିବ ବୋଲି କହିଛନ୍ତି ବ୍ରିଜ୍‌ଭୂଷଣ।


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ